# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଅଗଷ୍ଟ ୯/୨୦୨୫ (୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, August 9/2025 Page 14 ₹ 7.00

୫୧ଶ ଭାଗ ୨୫୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 255 ମୂଲ୍ୟ₹୭/-



DSPL-197



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ସୁଭଦ୍ରା

## କଥା ଦେଇ କଥା ରଖିଲେ ଲୋକଙ୍କ ସରକାର

ମୁଖ୍ୟମନ୍ତ୍ରୀ
ଶ୍ରୀ ମୋହନ ଚରଣ ମାଝୀଙ୍କ
କରକମଳରେ

## ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ
# ସୁଭଦ୍ରାର
## ତୃତୀୟ କିସ୍ତି ପ୍ରଦାନ

ମହିଳା ସଶକ୍ତିକରଣକୁ ମିଳୁଛି ଗତି



୧ କୋଟି
ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ
୫ ହଜାର କୋଟି ଟଙ୍କା ପ୍ରଦାନ

୯ ଅଗଷ୍ଟ ୨୦୨୫ । ଜୟପୁର, କୋରାପୁଟ

OIPR-33001/13/0105/2526

www.subhadra.odisha.gov.in । ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର । ଦେୟମୁକ୍ତ ସହାୟତା ନମ୍ବର ୧୪୬୭୮

## ୨୦୨୪ରେ ନାଗରିକତା ଛାଡ଼ିଥିଲେ ୨ ଲକ୍ଷ ଭାରତୀୟ

ଗତବର୍ଷ ୨ ଲକ୍ଷ ୬ ହଜାର ୩୭୮ ଭାରତୀୟ ନାଗରିକତା ତ୍ୟାଗ କରିଥିବା ଶୁକ୍ରବାର ଲୋକ ସଭାରେ କେନ୍ଦ୍ର ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ ସିଂ ସୂଚନା ଦେଇଛନ୍ତି। ୨୦୨୩ରେ ୨ ଲକ୍ଷ ୧୬ ହଜାର ୨୧୯ ଭାରତୀୟ ନାଗରିକତ୍ୱ ଛାଡ଼ିଥିଲେ। ବିଭିନ୍ନ ବ୍ୟକ୍ତିଗତ କାରଣରୁ ଲୋକେ ଭାରତୀୟ ନାଗରିକତା ଛାଡ଼ି ବିଦେଶୀ ନାଗରିକତ୍ୱ ଗ୍ରହଣ କରିଥିବା ରାଷ୍ଟ୍ରମନ୍ତ୍ରୀ ସିଂ କହିଛନ୍ତି।

# ଗାଜା ଦଖଲ ଯୋଜନାକୁ ଇସ୍ରାଏଲ୍‌ର ମଞ୍ଜୁରୀ

ଜେରୁଜେଲମ୍,୮।୮ (ପି.ଟି.)

ଗାଜାର ଶାସକ ହମାସ୍ ଆତଙ୍କବାଦୀଙ୍କ ବିରୋଧରେ ୨୨ ମାସ ଧରି ଯୁଦ୍ଧ ଚଳାଇଥିବା ଇସ୍ରାଏଲ୍ ଏବେ ଗାଜା ସିଟିକୁ ସମ୍ପୂର୍ଣ୍ଣ ସେନା ଅକ୍ତିଆରକୁ ନେବା ପାଇଁ ଯାଉଛି। ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ଏହି ଯୋଜନାକୁ ଦେଶର ସୁରକ୍ଷା କ୍ୟାବିନେଟ୍ ମଞ୍ଜୁରୀ ପ୍ରଦାନ କରିଛି। ଏଭଳି ନିଷ୍ପତ୍ତି ଫଳରେ ସେଠାରେ ଉତ୍ତେଜନା ଆହୁରି ବଢ଼ିବାକୁ ଯାଉଛି। ତୁରନ୍ତ ଯୁଦ୍ଧ ବନ୍ଦ କରିବା ସହ ଗାଜାରେ ରହିଯାଇଥିବା ଅବଶିଷ୍ଟ ୫୦ ପ୍ରତିଶତ ପଣବନ୍ଦୀଙ୍କୁ ଫେରାଇଆଣିବା ଦାବିରେ ଇସ୍ରାଏଲ୍‌ରେ ସରକାର ବିରୋଧୀ ବିକ୍ଷୋଭ ବ୍ୟାପକ ରୂପ ନେଇଥିବା ସତ୍ତ୍ୱେ ଗାଜା ସିଟି ଅକ୍ତିଆର ପାଇଁ ନେତାନ୍ୟାହୁ ବିବାଦୀୟ ନିଷ୍ପତ୍ତି ନେଇଛନ୍ତି। ନିର୍ଣ୍ଣାୟକ ସଂଖ୍ୟାଗରିଷ୍ଠ ସୁରକ୍ଷା କ୍ୟାବିନେଟ୍ ମନ୍ତ୍ରୀମାନଙ୍କ ବିଶ୍ୱାସ ଯେ, ବିକଳ୍ପ ଯୋଜନା ହମାସ୍‌କୁ ପରାଜିତ କରିବା କିମ୍ବା ପଣବନ୍ଦୀଙ୍କୁ ଫେରାଇଆଣିବାରେ ସଫଳ ହେବ ନାହିଁ। ତେବେ ବିକଳ୍ପ ଯୋଜନା କ'ଣ ତାହା ସ୍ପଷ୍ଟ ହୋଇନାହିଁ। ସୁରକ୍ଷା କ୍ୟାବିନେଟ ମଞ୍ଜୁରୀ ଦେଇଥିବା ଯୋଜନାରେ ୫ଟି ସିଦ୍ଧାନ୍ତ ରହିଛି। ସେଗୁଡ଼ିକ ହେଲା ହମାସ୍‌କୁ ଅସ୍ତ୍ରଶୂନ୍ୟ କରିବା, ସମସ୍ତ ପଣବନ୍ଦୀଙ୍କୁ ଫେରାଇ ଆଣିବା, ଗାଜାକୁ ସାମରିକୀକରଣରୁ ମୁକ୍ତ କରିବା, ଗାଜାକୁ ଇସ୍ରାଏଲୀ ସୁରକ୍ଷା ନିୟନ୍ତ୍ରଣରେ ରଖିବା ଏବଂ ହମାସ୍ କିମ୍ବା ପାଲେଷ୍ଟିନୀୟ କର୍ତ୍ତୃପକ୍ଷ ବିନା ଏକ ନାଗରିକ ପ୍ରଶାସନ ସ୍ଥାପନ କରିବା। ଗାଜା ସିଟିକୁ ନିୟନ୍ତ୍ରଣକୁ ନେବା ଲାଗି ଇସ୍ରାଏଲୀ ସେନା ପ୍ରସ୍ତୁତି ଚଳାଇଥିବା ନେତାନ୍ୟାହୁଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

ଗାଜା ନିୟନ୍ତ୍ରଣ ପାଇଁ ଇସ୍ରାଏଲ୍‌ର ନିଷ୍ପତ୍ତିକୁ ଜାତିସଂଘ ଦୃଢ଼ ବିରୋଧ କରିଛି। ତୁରନ୍ତ ଏହି ଯୋଜନା ପ୍ରତ୍ୟାହାର କରିନେବା ପାଇଁ ଜାତିସଂଘ ମାନବାଧିକାର ମୁଖ୍ୟ ଭୋଲ୍‌କେର ଟୁର୍କ କହିଛନ୍ତି। ଏହା ବଦଳରେ ଇସ୍ରାଏଲ୍ ପୂରାଦମ୍‌ରେ ମାନବୀୟ ସହାୟତା ଯୋଗାଇ ଦେବା ସହ ପାଲେଷ୍ଟିନୀୟ ସଶସ୍ତ୍ର ଗୋଷ୍ଠୀ ବିନା ସର୍ତ୍ତରେ ପଣବନ୍ଦୀଙ୍କୁ ମୁକ୍ତ କରିଦେବା ଉଚିତ ବୋଲି ସେ କହିଛନ୍ତି। ଚାଇନା ଏବଂ ଜର୍ମାନୀ ମଧ୍ୟ ଇସ୍ରାଏଲ୍‌ର ନିଷ୍ପତ୍ତିକୁ ବିରୋଧ କରିଛନ୍ତି। ଗାଜା ବିରୋଧରେ ବ୍ୟବହାର ପାଇଁ ଜର୍ମାନୀର ସାମରିକ ସରଞ୍ଜାମ ରପ୍ତାନିକୁ ଅନୁମତି ଦେବ ନାହିଁ ବୋଲି ଏହାର ଚାନ୍ସେଲର ଫ୍ରେଡ୍‌ରିଚ୍ ମେର୍ଜ କହିଛନ୍ତି। ଗାଜା ସିଟି ଦଖଲ ସମ୍ପର୍କରେ ଇସ୍ରାଏଲୀ କ୍ୟାବିନେଟ୍ ଘୋଷଣା କରିବା ପରେ ବହୁ ଦଶନ୍ଧି ଧରି ଏହାକୁ ସମର୍ଥନ କରିଆସିଥିବା ଜର୍ମାନୀ ପ୍ରଥମେ ଅସ୍ତ୍ର ରପ୍ତାନି ବନ୍ଦ କରିବ ବୋଲି କହିଛି।



ଗାଜା ଷ୍ଟ୍ରିପ୍ ସୀମାରେ ଇସ୍ରାଏଲୀ ସୈନ୍ୟ ସାମରିକ ଉପକରଣଗୁଡ଼ିକୁ ଏକାଠି କରିବା ସହ ଏକ ଯାନ ଉପରେ ଛିଡ଼ାହୋଇଛନ୍ତି।

## ଆୟକର ବିଲ୍ ପ୍ରତ୍ୟାହୃତ

### ସୋମବାର ଆସିବ ନୂଆ ବିଲ୍

ନୂଆଦିଲ୍ଲୀ,୮।୮

ବର୍ତ୍ତମାନର ପ୍ରଚଳିତ ଆୟକର ଆଇନ, ୧୯୬୧ ସ୍ଥାନରେ କାର୍ଯ୍ୟକାରୀ କରିବା ଲାଗି ଗତ ଫେବୃଆରୀ ୧୩ରେ ଲୋକ ସଭାରେ ଆଗତ ହୋଇଥିବା ଆୟକର ବିଲ୍, ୨୦୨୫କୁ ସରକାର ପତ୍ୟାହାର କରିନେଇଛନ୍ତି। ଆୟକର ବିଲ୍‌ର ନୂଆ ସଂସ୍କରଣ ସୋମବାର ପାର୍ଲାମେଣ୍ଟରେ ଉପସ୍ଥାପନ କରାଯିବ। ଭାଜପା ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଗଠିତ ସଂସଦୀୟ ସିଲେକ୍ଟ କମିଟିର ଅଧିକାଂଶ ସୁପାରିସ୍‌କୁ ନୂଆ ବିଲ୍‌ରେ ସ୍ଥାନିତ କରାଯାଇଛି। ଏକାଧିକ ସଂସ୍କରଣକୁ ନେଇ ଦ୍ୱନ୍ଦ୍ୱ ନ ହେବା ପାଇଁ ତଥା ସମସ୍ତ ପରିବର୍ତ୍ତନ ସହ ଏକ ସ୍ୱଷ୍ଟ ଓ ସଂଶୋଧିତ ଭର୍ସନ ପ୍ରଦାନ ନିମନ୍ତେ ପୂର୍ବ ବିଲ୍‌କୁ ଫେରାଇ ନିଆଯାଇଛି। ନୂଆ ବିଲ୍ ଗୃହୀତ ହୋଇ କାର୍ଯ୍ୟକାରୀ ହେଲେ ବହୁଦଶନ୍ଧିର ଟିକସ ଢାଞ୍ଚାରେ ପରିବର୍ତ୍ତନ ହେବା ସହ ଆଇନଗତ ଦ୍ୱନ୍ଦ୍ୱ ହ୍ରାସ ପାଇବ। ଟିକସଦାତା ଅଯଥା ବିବାଦରୁ ମୁକ୍ତ ହେବାରେ ଏହା ସହାୟକ ହେବ। ବର୍ତ୍ତମାନ ପ୍ରଚଳିତ ୧୯୬୧ର ଆୟକର ଆଇନରେ ୪,୦୦୦ରୁ ଊର୍ଦ୍ଧ୍ୱ ଥର ସଂଶୋଧନ କରାଗଲାଣି। ୫ ଲକ୍ଷରୁ ଊର୍ଦ୍ଧ୍ୱ ଶବ୍ଦ ବିଶିଷ୍ଟ ଏହି ଆଇନ ଅତ୍ୟନ୍ତ ଜଟିଳ। ନୂଆ ବିଲ୍‌ରେ ଶବ୍ଦ ସଂଖ୍ୟା ପାଖାପାଖି ୫୦% କମାଇଦିଆଯିବା ସହ ଏହାକୁ ସରଳ କରାଯାଇଛି।

## ୩୦ ହଜାର କୋଟିର ଏଲ୍‌ପିଜି ସବ୍‌ସିଡିକୁ କ୍ୟାବିନେଟ୍ ମଞ୍ଜୁରୀ

ନୂଆଦିଲ୍ଲୀ, ୮।୮

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ୫୨,୬୬୭ କୋଟିର ଆବଣ୍ଟନକୁ ମଞ୍ଜୁରୀ ମିଳିଛି। ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକୁ ୩୦ ହଜାର କୋଟିର ଏଲ୍‌ପିଜି ସବସିଡିକୁ ମଞ୍ଜୁରୀ ମିଳିଥିବା କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଘୋଷଣା କରିଛନ୍ତି। ଦେଶର ମଧ୍ୟବିତ୍ତ ପରିବାରଗୁଡ଼ିକ ପାଇଁ ଘରୋଇ ଏଲ୍‌ପିଜି ଗ୍ୟାସ୍‌ର ଦରକୁ ଶସ୍ତା ଓ ସୁଲଭ କରିବା ଉଦ୍ଦେଶ୍ୟରେ କ୍ୟାବିନେଟ ଏହି ନିଷ୍ପତ୍ତି ନେଇଛି। ସେହିପରି ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାକୁ ସୁଦୃଢ଼ କରିବା ପାଇଁ ୧୨,୦୬୦ କୋଟି ଟଙ୍କାର ପ୍ୟାକେଜକୁ ମଞ୍ଜୁରୀ ମିଳିଛି। ଶିକ୍ଷା କ୍ଷେତ୍ରରେ ବୈଷୟିକ ପ୍ରତିଷ୍ଠାନର ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ୪୨୦୦ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ଆସାମ ଓ ତ୍ରିପୁରାର ବିକାଶ ପାଇଁ ୪୨୫୦ କୋଟିର ଉନ୍ନୟନ ପ୍ୟାକେଜକୁ ମଞ୍ଜୁରୀ ମିଳିଛି।

## ଚାଇନାରେ ବର୍ଷା, ଭୂସ୍ଖଳନରେ ୧୭ ମୃତ

ବେଜିଂ, ୮।୮ (ପି.ଟି.)

ଚାଇନାର ବିଭିନ୍ନ ସ୍ଥାନରେ ଗତ ୪୮ ଘଣ୍ଟା ମଧ୍ୟରେ ଲଗାଣ ବର୍ଷା ଏବଂ ଭୂସ୍ଖଳନ ଘଟି ୧୭ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩୩ ଜଣ ନିଖୋଜ ରହିଛନ୍ତି। ଏନେଇ ଚାଇନାର ସରକାରୀ ଗଣମାଧ୍ୟମ ଏଜେନ୍ସି ଜିନ୍‌ହୁଆ ପକ୍ଷରୁ ସୂଚନା ଦିଆଯାଇଛି। ଉତ୍ତର-ପଶ୍ଚିମ ଚାଇନାର ଗାନ୍ସୁ ପ୍ରଦେଶର ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନ ଘଟି ୧୦ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୩୩ ଜଣ ନିଖୋଜ ହୋଇଛନ୍ତି। ସେହିପରି ଦକ୍ଷିଣ ଚାଇନାର ଗୁଆଙ୍ଗ୍‌ଡୋଙ୍ଗ୍ ପ୍ରଦେଶର ରାଜଧାନୀ ଗୁଆଙ୍ଗ୍‌ଝୋରେ ଲଗାଣ ବର୍ଷା ଯୋଗୁ ଭୂସ୍ଖଳନ ଘଟି ୭ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୭ ଜଣ ଆହତ ହୋଇଛନ୍ତି। ଉଦ୍ଧାର କାର୍ଯ୍ୟକୁ ତ୍ୱରିତ କରିବା ପାଇଁ ଚାଇନା ରାଷ୍ଟ୍ରପତି ସି ଜନପିଙ୍ଗ୍ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ପୁଟିନ୍‌ଙ୍କ ସହ କଥାହେଲେ ମୋଦି

ନୂଆଦିଲ୍ଲୀ,୮।୮(ପି.ଟି.)



ଭ୍ଲାଡିମିର ପୁଟିନ୍ ଓ ନରେନ୍ଦ୍ର ମୋଦି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଫୋନ୍ ଯୋଗେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ସହ କଥା ହୋଇଛନ୍ତି। ଭାରତ ଓ ରୁଷିଆ ମଧ୍ୟରେ ସ୍ୱତନ୍ତ୍ର ତଥା ବିଶେଷାଧିକାରପ୍ରାପ୍ତ ରଣନୈତିକ ସମ୍ପର୍କକୁ ଆହୁରି ବଢ଼ାଇବା ନିମନ୍ତେ ୨ ନେତା ସେମାନଙ୍କ ପ୍ରତିଶ୍ରୁତିକୁ ଦୋହରାଇଛନ୍ତି। ୟୁକ୍ରେନ୍ ସହ ଚାଲିଥିବା ଯୁଦ୍ଧ ସମ୍ପର୍କରେ ପୁଟିନ୍ ମୋଦିଙ୍କୁ ଅବଗତ କରାଇଥିବାବେଳେ ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ଭାରତର ଆଭିମୁଖ୍ୟକୁ ପ୍ରଧାନମନ୍ତ୍ରୀ ଦୋହରାଇଥିଲେ। ରୁଷିଆରୁ ତୈଳ କିଣା ବନ୍ଦ ପାଇଁ ଭାରତ ଉପରେ ଚାପ ପକାଇବା ନିମନ୍ତେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ନୂଆଦିଲ୍ଲୀରୁ ଆମଦାନୀ ସାମଗ୍ରୀ ଉପରେ ୫୦ ପ୍ରତିଶତ ଟାରିଫ୍ ଲଗାଇଥିବାବେଳେ ଏନେଇ ମୋଦି ଓ ପୁଟିନ୍ ଆଲୋଚନା କରିଛନ୍ତି। Xରେ ଏକ ପୋଷ୍ଟ ଜରିଆରେ ମୋଦି କହିଛନ୍ତି, ମୋ ବନ୍ଧୁ ରାଷ୍ଟ୍ରପତି ପୁଟିନ୍‌ଙ୍କ ସହ ଏକ ଉତ୍ତମ ତଥା ସବିଶେଷ ଆଲୋଚନା ହୋଇଛି। ୟୁକ୍ରେନ୍ ଉପରେ ସଦ୍ୟତମ ଘଟଣାକୁ ସେ ଶେୟାର କରିଥିଲେ। ଆମ ଦ୍ୱିପାକ୍ଷିକ କାର୍ଯ୍ୟସୂଚୀର ଅଗ୍ରଗତି ସମୀକ୍ଷା କରିବା ସହ ଭାରତ-ରୁଷିଆ ରଣନୈତିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ନିମନ୍ତେ ପ୍ରତିଶ୍ରୁତିକୁ ଦୋହରାଇଥିଲେ ବୋଲି ମୋଦି Xରେ ଲେଖିଛନ୍ତି। ଚଳିତ ବର୍ଷ ଶେଷ ଭାଗରେ ରାଷ୍ଟ୍ରପତି ପୁଟିନ୍‌ଙ୍କ ଭାରତ ଗସ୍ତକୁ ସେ ଅପେକ୍ଷା କରିଛନ୍ତି। ଏହା ୨୩ତମ ଭାରତ-ରୁଷିଆ ବାର୍ଷିକ ସମିଟ୍ ହେବ ବୋଲି ମୋଦି କହିଛନ୍ତି।

# ଆମେରିକାରୁ ଅସ୍ତ୍ର କିଣା ଯୋଜନା ସ୍ଥଗିତ ରଖିଲା ଭାରତ

ନୂଆଦିଲ୍ଲୀ,୮।୮

ଭାରତରୁ ଆମଦାନୀ କରୁଥିବା ସାମଗ୍ରୀ ଉପରେ ୫୦ ପ୍ରତିଶତ ଟାରିଫ୍ ଲଗାଇବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଘୋଷଣା କରିବା ପରେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ଅନେକ ଦଶନ୍ଧି ମଧ୍ୟରେ ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ଏହାର ପ୍ରତିବାଦରେ କେନ୍ଦ୍ର ଆମେରିକାରୁ ଅସ୍ତ୍ରଶସ୍ତ୍ର ଏବଂ ଯୁଦ୍ଧବିମାନ କିଣିବା ଯୋଜନାକୁ ସ୍ଥଗିତ ରଖିଥିବା ଜଣାପଡ଼ିଛି। ଏହି ଘଟଣା ସହ ଜଡ଼ିତ ୩ ଜଣ ବରିଷ୍ଠ ଅଧିକାରୀ ଉପରୋକ୍ତ ସୂଚନା ଦେଇଥିବା ରଏଟର୍ସ ରିପୋର୍ଟରେ ପ୍ରକାଶ ପାଇଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କୁ ଆଗାମୀ ସପ୍ତାହରେ ୱାଶିଂଟନ ପଠାଇବାକୁ ଭାରତ ଯୋଜନା କରିଥିଲା। ସେଠାରେ ସେ ନୂଆ କ୍ରୟ ସମ୍ପର୍କରେ ଘୋଷଣା କରିଥାନ୍ତେ। ତେବେ ଉକ୍ତ ଗସ୍ତକୁ ବାତିଲ କରିଦିଆଯାଇଥିବା ୨ ଜଣ ଅଧିକାରୀ କହିଛନ୍ତି। ଅନ୍ୟପକ୍ଷରେ ପ୍ରତିରକ୍ଷା ମନ୍ତ୍ରଣାଳୟ ଶୁକ୍ରବାର ରଏଟର୍ସର ଉପରୋକ୍ତ ରିପୋର୍ଟକୁ ଖଣ୍ଡନ କରିଛି। ଏହା ମିଥ୍ୟା ଏବଂ ମନଗଢ଼ା ଖବର ବୋଲି ମନ୍ତ୍ରଣାଳୟ କହିଛି।

ଭାରତୀୟ ସାମଗ୍ରୀ ଉପରେ ଟ୍ରମ୍ପ୍ ପୂର୍ବରୁ ୨୫ ପ୍ରତିଶତ ଟାରିଫ୍ ଲଗାଇଥିବାବେଳେ ରୁଷିଆରୁ ତେଲ କିଣା ଜାରି ରଖିଥିବାରୁ ଗତ ୬ ତାରିଖରେ ଅତିରିକ୍ତ ୨୫% ଶୁଳ୍କ ଲାଗୁ କରିଥିଲେ। ଫଳରେ ଭାରତୀୟ ରପ୍ତାନି ଉପରେ ଆମେରିକାର ମୋଟ ଟାରିଫ୍ ପରିମାଣ ୫୦%ରେ ପହଞ୍ଚିଛି, ଯାହାକି ଅନ୍ୟ ବାଣିଜ୍ୟ ସହଯୋଗୀଙ୍କ ଉପରେ ଲାଗୁ ହୋଇଥିବା ଟାରିଫ୍ ତୁଳନାରେ ସର୍ବାଧିକ। ଟାରିଫ୍ ନିଷ୍ପତ୍ତିରେ ପରିବର୍ତ୍ତନ ପାଇଁ ୱାଶିଂଟନ ସହ ଆଲୋଚନା ଜାରି ରହିଛି। ଟାରିଫ୍ ସମ୍ପର୍କିତ ସ୍ପଷ୍ଟତା ମିଳିବା ଏବଂ ଦ୍ୱିପାକ୍ଷିକ ସମ୍ପର୍କରେ ଉନ୍ନତି ଦେଖାଦେଲେ ପ୍ରତିରକ୍ଷା କିଣା ଆଗକୁ ବଢ଼ିପାରେ। ତେବେ ଏତେଶୀଘ୍ର ତାହା ହେବା ଆଶା କରାଯାଉ ନାହିଁ ବୋଲି ଜଣେ ଅଧିକାରୀ କହିଥିଲେ। ୱାଶିଂଟନର ଏହି ପଦକ୍ଷେପ ଅନୁଚିତ, ଅଯଥାର୍ଥ ଏବଂ ଅକାରଣ ବୋଲି ନୂଆଦିଲ୍ଲୀ ଦର୍ଶାଇଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସିଧାସଳଖ ଟ୍ରମ୍ପ୍‌ଙ୍କ ସହ କଥା ହୋଇନାହାନ୍ତି। ତେବେ କୃଷକମାନଙ୍କ ସ୍ୱାର୍ଥ ସହ ଆଦୌ ସାଲିସ୍ କରାଯିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ ଗୁରୁବାର କହିଥିଲେ। ଭାରତରେ କୃଷିରେ ସର୍ବାଧିକ ଲୋକ ନିୟୋଜିତ ଥିବାବେଳେ ବାଣିଜ୍ୟ ବୁଝାମଣାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ବିନ୍ଦୁ ହୋଇ ରହିଆସିଛି।

ଗତବର୍ଷ ଭାରତ ଏହାର ମୋଟ ଅଶୋଧିତ ତୈଳ ଆବଶ୍ୟକତାର ପାଖାପାଖି ୩୬ ପ୍ରତିଶତ ରୁଷିଆରୁ ଆମଦାନୀ କରିଥିଲା। ଏହାଦ୍ୱାରା ଭାରତର ବହୁ ବିଲିୟନ ଡଲାର ସଞ୍ଚୟ ହୋଇଥିଲା ଏବଂ ଘରୋଇ ବଜାରରେ ତେଲ ଦର ସ୍ଥିର ରଖିବାରେ ସହାୟକ ହୋଇଥିଲା। ରୁଷିଆ ପରିବର୍ତ୍ତେ ଅନ୍ୟ ଦେଶରୁ ତେଲ କିଣିଲେ ଭାରତକୁ ଅଧିକ ବ୍ୟୟ କରିବାକୁ ପଡ଼ିବ ଏବଂ ନ କଲେ ଭାରତର ରପ୍ତାନି ବାଧାପ୍ରାପ୍ତ ହେବ। ଆମେରିକାର ଅତିରିକ୍ତ ଟାରିଫ୍ ଯୋଗୁ ଅଧିକାଂଶ ବ୍ୟବସାୟ କରିବା ସମ୍ଭବ ହେବ ନାହିଁ ବୋଲି ଫେଡେରେଶନ ଅଫ୍ ଇଣ୍ଡିଆନ୍ ଏକ୍ସପୋର୍ଟସ୍ ଅର୍ଗାନାଇଜେଶନ୍ସ ପକ୍ଷରୁ ସତର୍କ କରିଦିଆଯାଇଛି। ଅନ୍ୟପକ୍ଷରେ ଟ୍ରମ୍ପ୍‌ଙ୍କ ଚାପରୁ ବର୍ତ୍ତିବା ଲାଗି ଭାରତ ଅନ୍ୟ ସହଯୋଗୀ ଦେଶଗୁଡ଼ିକ ସହ ସମ୍ପର୍କ ବଢ଼ାଇବାକୁ ଉଦ୍ୟମ କରିଛି। ଗୁରୁବାର ପ୍ରଧାନମନ୍ତ୍ରୀ ବ୍ରାଜିଲ ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଡା ସିଲ୍‌ଭାଙ୍କ ସହ ଫୋନ୍ ଯୋଗେ କଥା ହୋଇଥିଲେ। ବହୁପାକ୍ଷିକବାଦ ବିରୋଧରେ ଲଢ଼ିବା ଆବଶ୍ୟକତାକୁ ନେଇ ସେମାନେ ରାଜି ହୋଇଥିବା ଜଣାପଡ଼ିଛି। ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ମସ୍କୋ ଗସ୍ତରେ ଯାଇଥିବାବେଳେ ଖୁବ୍‌ଶୀଘ୍ର ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଭାରତ ଆସିବେ ବୋଲି କହିଛନ୍ତି। ଅଗଷ୍ଟ ଶେଷ ଭାଗରେ ପ୍ରଧାନମନ୍ତ୍ରୀ ଚାଇନା ଗସ୍ତରେ ଯିବା କାର୍ଯ୍ୟକ୍ରମ ରହିଛି।

## ୧୬ ସୁଦ୍ଧା ଜାଲ୍ ଭୋଟର ପରିଚୟପତ୍ର ଫେରାଅ

### ତେଜସ୍ୱୀଙ୍କୁ ଇସିଙ୍କ ନିର୍ଦ୍ଦେଶ

ପାଟନା,୮।୮(ପି.ଟି.)

ସରକାରୀ ଦସ୍ତାବିଜ୍‌ର ଜାଲିଆତି କରି ଏହାକୁ ବ୍ୟବହାର କରିବା ଏକ ଅପରାଧ ବୋଲି ନିର୍ବାଚନ କମିଶନ ଶୁକ୍ରବାର ଆର୍‌ଜେଡି ନେତା ତେଜସ୍ୱୀ ଯାଦବଙ୍କୁ କହିବା ସହ ତାଙ୍କ ପାଖରେ ଥିବା ଜାଲ୍ ଭୋଟର ପରିଚୟପତ୍ର (ଇପିଆଇସି କାର୍ଡ)କୁ ଆସନ୍ତା ୧୬ ତାରିଖ ସୁଦ୍ଧା ଦାଖଲ କରିବାକୁ ଶେଷ ତାରିଖ ଧାର୍ଯ୍ୟ କରିଛନ୍ତି। ଏନେଇ ବିହାର ବିଧାନସଭାର ବିରୋଧୀ ଦଳ ନେତା ତେଜସ୍ୱୀଙ୍କ ନିକଟକୁ ପାଟନା ସଦର ଏସ୍‌ଡିଏମ୍ ତଥା ଦୀଘା ନିର୍ବାଚନ ମଣ୍ଡଳୀର ଇଲେକ୍ଟୋରାଲ ରେଜିଷ୍ଟ୍ରେଶନ ଅଫିସର ସାନି ପତ୍ର ଲେଖିଛନ୍ତି। ସରକାରୀ ଭାବେ ଆର୍‌ଜେଡି ନେତାଙ୍କୁ ଏଭଳି ଇପିଆଇସି କାର୍ଡ ଇସ୍ୟୁ ହୋଇ ନ ଥିବାବେଳେ ଉକ୍ତ ଭୋଟର କାର୍ଡକୁ ତଦନ୍ତ ପାଇଁ ହସ୍ତାନ୍ତର କରିବାକୁ ପୂର୍ବରୁ ନିର୍ଦ୍ଦେଶ ଦିଆଯାଇଥିଲା।

# ଇସିଙ୍କ ସତ୍ୟପାଠ ଆହ୍ୱାନକୁ ନିନ୍ଦାକଲେ ରାହୁଲ

ନୂଆଦିଲ୍ଲୀ,୮।୮

ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଶୁକ୍ରବାର ପୁନର୍ବାର 'ଭୋଟ ଚୋରି' ଅଭିଯୋଗକୁ ଦୋହରାଇବା ସହ ନିର୍ବାଚନ କମିଶନ (ଇସି)ଙ୍କଠାରୁ ସମ୍ପୂର୍ଣ୍ଣ ଇଲେକ୍ଟ୍ରୋନିକ୍ ଭୋଟର ତାଲିକା ଦାବି କରିଛନ୍ତି। ବେଙ୍ଗାଲୁରୁରେ 'ଭୋଟ ଅଧିକାର ରାଲି'କୁ ସମ୍ବୋଧିତ କରି ରାହୁଲ କହିଛନ୍ତି, ସେ ପାର୍ଲାମେଣ୍ଟ ଭିତରେ ସମ୍ବିଧାନ ଉପରେ ଶପଥ ନେଇଥିଲେ। ଏବେ ଭୋଟ ଚୋରି ଅଭିଯୋଗ ଉପରେ ଇସି ତାଙ୍କୁ ଶପଥ ନେବାକୁ କହୁଛନ୍ତି। ନିର୍ବାଚନ କମିଶନଙ୍କ ଏଭଳି ଆହ୍ୱାନକୁ କଂଗ୍ରେସ ନେତା ନିନ୍ଦା କରିଛନ୍ତି। ସୂଚନାଯୋଗ୍ୟ, ବିଭିନ୍ନ ରାଜ୍ୟରେ ଭୋଟର ତାଲିକାରେ ଜାଲିଆତି କରାଯାଇ ବହୁସଂଖ୍ୟାରେ ନିର୍ବାଚନ ପୂର୍ବରୁ ନୂଆ ଭୋଟରଙ୍କୁ ସାମିଲ କରାଯାଇଥିବା କିମ୍ବା ବାଦ୍ ଦିଆଯାଇଥିବା ରାହୁଲ ଅଭିଯୋଗ କରିଥିଲେ। ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ରାହୁଲ ଏକ ସ୍ୱାକ୍ଷରିତ ଘୋଷଣାନାମା ସହ ଉକ୍ତ ନାଁଗୁଡ଼ିକୁ ଶେୟାର କରିବା ପାଇଁ ୩ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ ଗୁରୁବାର କହିଥିଲେ। ନିର୍ବାଚନ ନିୟମାବଳୀ ଓ ଆଚରଣ ଅନୁଯାୟୀ ସ୍ୱାକ୍ଷରିତ ଘୋଷଣାନାମା ସହ ନୂଆ ସାମିଲ ହୋଇଥିବା ବା ବାଦ୍ ପଡ଼ିଥିବା ଭୋଟରଙ୍କ ତାଲିକା ଦେବା ଆବଶ୍ୟକ, ନଚେତ୍ ସେ ଦେଶବାସୀଙ୍କୁ ବିଭ୍ରାନ୍ତ କରିବା ବନ୍ଦ କରନ୍ତୁ ଓ ଭିତ୍ତିହୀନ ଅଭିଯୋଗ ଆଣିବାରୁ କ୍ଷାନ୍ତ ରୁହନ୍ତୁ ବୋଲି ଇସି ସୂତ୍ରରୁ କୁହାଯାଇଥିଲା।



ବେଙ୍ଗାଲୁରୁରେ ଶୁକ୍ରବାର ଅନୁଷ୍ଠିତ 'ଭୋଟ ଅଧିକାର ରାଲି'ରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସହ କର୍ନାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟ, ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର, ଏଆଇସିସି ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ଓ ରଣଦୀପ୍ ସିଂ ସୁର୍ଜେୱାଲା ପ୍ରମୁଖ ଯୋଗ ଦେଇଛନ୍ତି।

## ବିଏନ୍‌ଏସ୍‌ରେ ଥିବା ଦେଶଦ୍ରୋହ ବ୍ୟବସ୍ଥାର ବୈଧତାକୁ ଚ୍ୟାଲେଞ୍ଜ

### କେନ୍ଦ୍ରକୁ ଜବାବ ମାଗିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୮।୮(ପି.ଟି.)

ଉପନିବେଶୀୟ ଯୁଗର ଆଇନ ବଦଳରେ ୨୦୨୩ରେ ଅଣାଯାଇଥିବା ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍)ରେ ରହିଥିବା ଦେଶଦ୍ରୋହ ଆଇନର ସାମ୍ବିଧାନିକ ବୈଧତାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ସର୍ବୋଚ୍ଚ ଅଦାଲତ ଏହାକୁ ଅନୁଧ୍ୟାନ କରିବା ନିମନ୍ତେ ଶୁକ୍ରବାର ରାଜି ହୋଇଥିବାବେଳେ କେନ୍ଦ୍ର ସରକାରଙ୍କୁ ଏହା ଉପରେ ଜବାବ ମାଗିଛନ୍ତି। ବିଶିଷ୍ଟ ସେବା ମେଡାଲ ପାଇଥିବା ଅବସରପ୍ରାପ୍ତ ମେଜର ଜେନେରାଲ ଏସ୍.ଜି. ଭୋମ୍ବାଟକେରେ ବିଏନ୍‌ଏସ୍‌ରେ ଥିବା ଧାରା ୧୫୨ (ଦେଶଦ୍ରୋହ)ର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଖଲ କରିଥିଲେ। ପ୍ରଧାନ ବିଚାରପତି ବି.ଆର୍. ଗବଇ, ଜଷ୍ଟିସ୍ କେ. ବିନୋଦ ଚନ୍ଦ୍ରନ ଏବଂ ଏନ୍.ଭି. ଅଞ୍ଜାରିଆଙ୍କୁ ନେଇ ଗଠିତ ଖଣ୍ଡପୀଠ ଉକ୍ତ ପିଆଇଏଲ୍ ଉପରେ କେନ୍ଦ୍ରକୁ ନୋଟିସ୍ ଜାରି କରିଛନ୍ତି। ପୂର୍ବରୁ ରହିଥିବା ଭାରତୀୟ ଦଣ୍ଡ ସଂହିତା (ଆଇପିସି)ର ଧାରା ୧୨୪ଏ (ଦେଶଦ୍ରୋହ)କୁ ନେଇ ବିଚାରାଧୀନ ଥିବା ପିଟିଶନକୁ ମଧ୍ୟ ଏଥିରେ ଯୋଡ଼ିବା ପାଇଁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

ଦେଶର ସାର୍ବଭୌମତ୍ୱ, ଏକତା ଏବଂ ଅଖଣ୍ଡତା ପ୍ରତି ବିପଦ ସୃଷ୍ଟି କରୁଥିବା କାର୍ଯ୍ୟ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବିଏନ୍‌ଏସ୍‌ରେ ଧାରା ୧୫୨ର ବ୍ୟବସ୍ଥା ରହିଛି। ଏହି କାର୍ଯ୍ୟରେ ଲିପ୍ତ ବ୍ୟକ୍ତିଙ୍କୁ ଆଜୀବନ ଜେଲଦଣ୍ଡ କିମ୍ବା ୭ ବର୍ଷ ପର୍ଯ୍ୟନ୍ତ କାରାବାସ ଓ ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଥାଏ।

## ୨୦୨୯ ମାର୍ଚ୍ଚ ସୁଦ୍ଧା ଭାରତର ତୃତୀୟ ଲଞ୍ଚ୍‌ପ୍ୟାଡ୍

ନୂଆଦିଲ୍ଲୀ, ୮।୮

୨୦୨୯ ମାର୍ଚ୍ଚ ସୁଦ୍ଧା ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ରରେ ଭାରତର ତୃତୀୟ ଲଞ୍ଚ୍‌ପ୍ୟାଡ୍ କାର୍ଯ୍ୟକ୍ଷମ ହେବ। ଏହାସହ ମହାକାଶ କ୍ଷେତ୍ରରେ ଭାରତର ଶକ୍ତି ଆହୁରି ବୃଦ୍ଧି ହେବ ବୋଲି ଶୁକ୍ରବାର ମହାକାଶ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଭାରତର ପରବର୍ତ୍ତୀ ପିଢ଼ିର ଲଞ୍ଚ୍ ଯାନଗୁଡ଼ିକର ଉତ୍‌କ୍ଷେପଣ ନିମନ୍ତେ ଏହି ତୃତୀୟ ଲଞ୍ଚ୍‌ପ୍ୟାଡ୍ ଏକ ପ୍ରାଥମିକ ସ୍ଥାନ ଭାବରେ କାର୍ଯ୍ୟ କରିବ ଏବଂ ଏଲ୍‌ଭିଏମ୍୩ ଭଳି ବିଦ୍ୟମାନ ଭାରି ଲଞ୍ଚ୍ ଯାନର ଉତ୍‌କ୍ଷେପଣ ନିମନ୍ତେ ଏହା ବ୍ୟାକ୍‌ଅପ୍ ଭାବେ କାର୍ଯ୍ୟ କରିବ। ୨୦୨୮ ମେ' ସୁଦ୍ଧା ଏହି ଲଞ୍ଚ୍‌ପ୍ୟାଡ୍‌ର ନିର୍ମାଣ କାର୍ଯ୍ୟ ସମାପ୍ତ ହେବ, ଜୁଲାଇ ସୁଦ୍ଧା ଏହାର ଫ୍ଲୁଇଡ୍ ସିଷ୍ଟମ ଏବଂ ପ୍ରପେଲାଣ୍ଟ ଷ୍ଟୋରେଜ୍ ସ୍ଥାପନ ହେବ।

## ଜଙ୍ଗଲୀ ଘୁଷୁରିର ନୀଳରଙ୍ଗ ମାଂସ

ୱାଶିଂଟନ୍, ୮।୮

କାଲିଫର୍ନିଆର ମେଣ୍ଟୋରି କାଉଣ୍ଟିସ୍ଥିତ ପାହାଡ଼ିଆ ଅଞ୍ଚଳରେ ଏକ ଆଶ୍ଚର୍ଯ୍ୟଜନକ ଆବିଷ୍କାର ବନ୍ୟପ୍ରାଣୀ ବିଶେଷଜ୍ଞଙ୍କୁ ଚିନ୍ତାରେ ପକାଇଛି। ସାଲିନାସ୍ ସହରର ପଶୁଧରାଳି ତଥା ଅର୍ବାନ ଟ୍ରାପିଂ ୱାଇଲ୍ଡ ଲାଇଫ୍ କଣ୍ଟ୍ରୋଲର ମାଲିକ ଡାନ୍ ବର୍ଟନ ପ୍ରଥମେ ଶିକାର କରାଯାଇଥିବା ଜଙ୍ଗଲୀ ଘୁଷୁରିଗୁଡ଼ିକର ମାଂସ ଗାଢ଼ ନୀଳରଙ୍ଗ ହୋଇଥିବାର ଦେଖିବାକୁ ପାଇଥିଲେ। ଏହାର ସାମ୍ପଲଗୁଡ଼ିକୁ କାଲିଫର୍ନିଆସ୍ଥିତ ମତ୍ସ୍ୟ ଏବଂ ବନ୍ୟପ୍ରାଣୀ ବିଭାଗର ପରୀକ୍ଷାଗାରକୁ ପଠାଯାଇଥିଲା। ଡିଫାସିନୋନ୍ ନାମକ ଆଣ୍ଟିକୋଆଗୁଲାଣ୍ଟ ରୋଡେଣ୍ଟିସାଇଡ୍ କୀଟନାଶକର ସଂସ୍ପର୍ଶରେ ଆସି ଜଙ୍ଗଲୀ ଘୁଷୁରିଙ୍କ ମାଂସ ନୀଳ ରଙ୍ଗରେ ପରିଣତ ହୋଇଥିବା ନେଇ ମତ୍ସ୍ୟ ଏବଂ ବନ୍ୟପ୍ରାଣୀ ବିଭାଗ କହିଛି। ଚାଷଜମିଗୁଡ଼ିକରେ ମୂଷା ମାରିବା ପାଇଁ ଉକ୍ତ କୀଟନାଶକକୁ ବ୍ୟବହାର କରାଯାଇଥାଏ। ଘୁଷୁରିଗୁଡ଼ିକ ଆହାର କରୁଥିବା ସମୟରେ ଡିଫାସିନୋନ୍ କୀଟନାଶକର ସଂସ୍ପର୍ଶରେ ଆସିଥାଇପାରନ୍ତି। ଶିକାର କରାଯାଉଥିବା ଅନ୍ୟ ପ୍ରାଣୀମାନଙ୍କ ମାଂସ ମଧ୍ୟ ଏହିପରି ସଂକ୍ରମିତ ହୋଇଥାଇପାରେ ବୋଲି ଅଧିକାରୀମାନେ ସ୍ଥାନୀୟ ପଶୁଧରାଳିଙ୍କୁ ସତର୍କ କରାଇଛନ୍ତି। କାଲିଫର୍ନିଆର ୫୮ କାଉଣ୍ଟି ମଧ୍ୟରୁ ୫୬ କାଉଣ୍ଟିରେ ଜଙ୍ଗଲୀ ଘୁଷୁରି ରହୁଥିବା ନେଇ ମତ୍ସ୍ୟ ଏବଂ ବନ୍ୟପ୍ରାଣୀ ବିଭାଗ ସୂତ୍ରରୁ ପ୍ରକାଶ।



# ଫ୍ରେଣ୍ଡ୍ ରିକ୍ୱେଷ୍ଟରୁ ୮.୭ କୋଟି ଠକେଇ

ମୁମ୍ବାଇ, ୮।୮

ମୁମ୍ବାଇରେ ଜଣେ ୮୦ ବର୍ଷୀୟ ବ୍ୟକ୍ତି ଫେସ୍‌ବୁକ୍‌ରେ ଜଣେ ଅଜଣା ମହିଳାଙ୍କ ଫ୍ରେଣ୍ଡ୍ ରିକ୍ୱେଷ୍ଟ ଗ୍ରହଣ କରି ୨ ବର୍ଷ ମଧ୍ୟରେ ୮.୭ କୋଟି ଟଙ୍କା ଠକେଇର ସମ୍ମୁଖୀନ ହୋଇଛନ୍ତି। ଜଣେ ବ୍ୟକ୍ତି ନିଜକୁ ୪ ଭିନ୍ନ ମହିଳାଙ୍କ ପରିଚୟ ଦେଇ ୭୩୪ ଥର ଅନ୍‌ଲାଇନ ଟଙ୍କା ନେଣଦେଣ ମାଧ୍ୟମରେ ୮.୭ କୋଟି ଟଙ୍କା ଠକିଛନ୍ତି।

ଗତ ଏପ୍ରିଲ ୨୦୨୩ରେ ଶାର୍‌ଭି ନାମ୍ନୀ ଜଣେ ଅଜଣା ମହିଳାଙ୍କୁ ବୃଦ୍ଧ ବ୍ୟକ୍ତି ଜଣଙ୍କ ଫେସ୍‌ବୁକ୍‌ରେ ଫ୍ରେଣ୍ଡ୍ ରିକ୍ୱେଷ୍ଟ ପଠାଇଥିଲେ। ଶାର୍‌ଭି ପ୍ରଥମେ ବନ୍ଧୁତା ନିବେଦନକୁ ଅସ୍ୱୀକାର କରିଥିଲେ। କିଛିଦିନ ପରେ ସେ ବୃଦ୍ଧ ବ୍ୟକ୍ତିଙ୍କୁ ଫ୍ରେଣ୍ଡ୍ ରିକ୍ୱେଷ୍ଟ ପଠାଇଥିଲେ, ଯାହାକୁ ବୃଦ୍ଧ ଜଣକ ଗ୍ରହଣ କରିନେଇଥିଲେ। ଏହାପରେ ଉଭୟେ ପ୍ରଥମେ ଫେସ୍‌ବୁକ ଓ ପରେ ହ୍ୱାଟ୍ସଆପ୍‌ରେ ଚାଟିଂ କରିବା ଆରମ୍ଭ କରିଥିଲେ। ସେ ନିଜ ସ୍ୱାମୀଙ୍କଠାରୁ ଅଲଗା ହୋଇଯାଇଛନ୍ତି ଏବଂ ନିଜ ପିଲାଙ୍କ ସହ ଏକା ରହୁଥିବା ନେଇ ଶାର୍‌ଭି ବୃଦ୍ଧ ଜଣଙ୍କୁ କହିଥିଲେ। ଧୀରେ ଧୀରେ ପିଲାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନ ଥିବା କହି ସେ ବୃଦ୍ଧଙ୍କଠାରୁ ଟଙ୍କା ନେବା ଆରମ୍ଭ କରିଥିଲେ। କିଛିଦିନ ପରେ କବିତା ନାମ୍ନୀ ଜଣେ ମହିଳା ହ୍ୱାଟ୍ସଆପ୍‌ରେ ବୃଦ୍ଧ ବ୍ୟକ୍ତିଙ୍କୁ ମେସେଜ୍ କରିଥିଲେ। ସେ ଶାର୍‌ଭିଙ୍କୁ ଜାଣିଛନ୍ତି ଏବଂ ତାଙ୍କ ସହ ବନ୍ଧୁତା କରିବାକୁ ଚାହୁଁଛନ୍ତି ବୋଲି କବିତା ବୃଦ୍ଧ ବ୍ୟକ୍ତିଙ୍କୁ କହିଥିଲେ। ବୃଦ୍ଧଙ୍କ ବିଶ୍ୱାସ ଜିତିବା ପାଇଁ କବିତା ତାଙ୍କୁ ଅଶ୍ଳୀଳ ମେସେଜ୍ ପଠାଉଥିଲେ। ଶାର୍‌ଭିଙ୍କ ପରି ସେ ମଧ୍ୟ ବୃଦ୍ଧଙ୍କୁ ଟଙ୍କା ମାଗିବା ଆରମ୍ଭ କରିଦେଇଥିଲେ। ଗତବର୍ଷ ଡିସେମ୍ବରରେ ଦିନାଜ୍ ନାମ୍ନୀ ଜଣେ ମହିଳା ମେସେଜ୍ କରି ନିଜକୁ ଶାର୍‌ଭିଙ୍କ ଭଉଣୀର ପରିଚୟ ଦେଇଥିଲେ। ଦିନାଜ୍ ଶାର୍‌ଭି ଏବଂ ବୃଦ୍ଧଙ୍କ ମଧ୍ୟରେ ହୋଇଥିବା ହ୍ୱାଟ୍ସଆପ୍ ଚାଟ୍‌ର ସ୍କ୍ରିନ୍‌ସଟ୍ ପଠାଇ ଟଙ୍କା ପୈଠ କରିବାକୁ ଧମକ ଦେଇଥିଲେ। କିଛିଦିନ ମଧ୍ୟରେ ଯସ୍ମିନ୍ ନାମ୍ନୀ ଜଣେ ମହିଳା ବୃଦ୍ଧଙ୍କୁ ମେସେଜ୍ କରିଥିଲେ। ସେ ଦିନାଜ୍‌ଙ୍କ ବାନ୍ଧବୀ ଏବଂ ଅସୁବିଧାରେ ପଡ଼ିଥିବାରୁ ତାଙ୍କୁ ଟଙ୍କା ଆବଶ୍ୟକ ବୋଲି ଯସ୍ମିନ୍ କହିଥିଲେ। ବୃଦ୍ଧ ଜଣଙ୍କ ତାଙ୍କୁ ମଧ୍ୟ ଟଙ୍କା ଦେଇଥିଲେ।

ନିଜର ସବୁ ସଞ୍ଚୟ ସରିଯିବା ପରେ ସେ ତାଙ୍କ ପୁଅଙ୍କୁ ୫ ଲକ୍ଷ ଟଙ୍କା ମାଗିଥିଲେ। ସନ୍ଦେହ ବଢ଼ିବାରୁ ଘଟଣା ସମ୍ପର୍କରେ ବୃଦ୍ଧ ବ୍ୟକ୍ତିଙ୍କୁ ତାଙ୍କ ପୁଅ ପଚାରିଥିଲେ। ସେ ଏକ ସାଇବର ଠକେଇର ଶିକାର ହୋଇଥିବା ନେଇ ବୃଦ୍ଧ ବ୍ୟକ୍ତିଙ୍କୁ ତାଙ୍କ ପୁଅ କହିଥିଲେ। ନିଜର ସମସ୍ତ ସଞ୍ଚୟ ହରାଇ ସାରିଥିବା ଜାଣି ବୃଦ୍ଧ ବ୍ୟକ୍ତି ଜଣଙ୍କ ଉଦାସରେ ଡିମେନ୍ସିଆ ରୋଗରେ ପୀଡ଼ିତ ହୋଇଥିଲେ ଏବଂ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଗତ ଜୁଲାଇ ୨୨ରେ ବୃଦ୍ଧ ବ୍ୟକ୍ତି ଓ ତାଙ୍କ ପୁଅଙ୍କ ଅଭିଯୋଗ ଆଧାରରେ ମୁମ୍ବାଇ ସାଇବର କ୍ରାଇମ ପୋଲିସ ଏକ ମାମଲା ରୁଜୁ କରିଛି। ଘଟଣାକୁ ନେଇ ସାଇବର କ୍ରାଇମ ପୋଲିସର ତଦନ୍ତ ଜାରି ରହିଛି।



# ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ଶନିବାର, ଅଗଷ୍ଟ ୯/୨୦୨୫ Bhubaneswar, Saturday, August 9/2025





**ସ୍ୱଳ୍ପ ବୟସ୍କା ଏମ୍‌ବୋକୋ ଚାମ୍ପିୟନ**
ନ୍ୟାଶନାଲ ବ୍ୟାଙ୍କ୍ ଓପନ ମହିଳା ସିଙ୍ଗଲ୍ସ ଟେନିସ ଚାମ୍ପିୟନ ହୋଇଛନ୍ତି କାନାଡାର ୧୮ ବର୍ଷୀୟା ଭିକ୍ଟୋରିଆ ଏମ୍‌ବୋକୋ।

୧୨

୦୨

**‘ନୋ ଏଣ୍ଟ୍ରି ୨’ରେ ଦିଲ୍‌ଜିତ**
ଅଭିନେତା ଦିଲ୍‌ଜିତ ଦୋସାଞ୍ଜ ୨୦୦୫ର ସୁପରହିଟ ଫିଲ୍ମ ‘ନୋ ଏଣ୍ଟ୍ରି’ର ସିକ୍ୱେଲ ‘ନୋ ଏଣ୍ଟ୍ରି ୨’ ପାଇଁ ସାଇନ୍ କରିଛନ୍ତି।



# ୧୩ରେ ରାଜ୍ୟ କ୍ୟାବିନେଟ୍
## ଆସିପାରେ ୮ରୁ ଅଧିକ ପ୍ରସ୍ତାବ

ଭୁବନେଶ୍ୱର,୮।୮ (ରବିନାରାୟଣ ଜେନା)

ଅଗଷ୍ଟ ୧୩ରେ ରାଜ୍ୟ କ୍ୟାବିନେଟ୍‌ର ୨୪ତମ ବୈଠକ ଅନୁଷ୍ଠିତ ହେବ। ଲୋକସେବାଭବନର ତୃତୀୟ ମହଲାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ଏହି କ୍ୟାବିନେଟ୍ ବୈଠକରେ ୭ ବିଭାଗର ୮ଟିରୁ ଉର୍ଦ୍ଧ୍ୱ ପ୍ରସ୍ତାବ ଆସିପାରେ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ସୂଚନା ଅନୁଯାୟୀ, ରାଜ୍ୟରେ ବନ୍ୟଜନ୍ତୁ ଓ ମଣିଷ ଲଢ଼େଇ ବୃଦ୍ଧି ପାଉଛି। ଜଙ୍ଗଲର ସୁରକ୍ଷା ସହିତ ବନ୍ୟପ୍ରାଣୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ବିଭାଗ ପକ୍ଷରୁ ଆସିବାକୁ ରହିଛି। ଏହାସହିତ ରାଜସ୍ୱ, ଅର୍ଥ, ଗୃହ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମଧ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଆସିପାରେ। ରାଜ୍ୟରେ ସମ୍ପ୍ରତି ଦେଖାଦେଇଥିବା ଆଇନଶୃଙ୍ଖଳା ସ୍ଥିତିକୁ କିଭଳି ନିୟନ୍ତ୍ରଣ କରାଯାଇପାରିବ ଏବଂ ମହିଳାଙ୍କୁ ସ୍ୱାବଲମ୍ବୀ ସହିତ ବୃଦ୍ଧାବୃଦ୍ଧଙ୍କୁ ନିରାପତ୍ତା ବଳୟ ଭିତରକୁ ଅଣାଯାଇପାରିବ ସେନେଇ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବରେ କ୍ୟାବିନେଟ୍ ବୈଠକ ମୋହର ମାରିବ ବୋଲି ଜଣାଯାଇଛି।

ଆଜିର ସମ୍ପାଦକୀୟ
ଗୁଣ୍ଡାରଣର ପ୍ରଭାବ

# ଆଜି ୩ୟ କିସ୍ତି ସୁଭଦ୍ରା ଟଙ୍କା



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶୁକ୍ରବାର କୋଟିଆରେ ଏସ୍‌ଏଚ୍‌ଜି ସଦସ୍ୟାଙ୍କ ସହ ଆଲୋଚନା କରୁଛନ୍ତି।

ପଟ୍ଟାଙ୍ଗି,୮।୮ (ଶରତ କୁମାର ଧଳ)

ରାଜ୍ୟ ସରକାରଙ୍କ ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ଶନିବାର ରକ୍ଷାବନ୍ଧନ ଅବସରରେ ପ୍ରଦାନ କରାଯିବ। ଜୟପୁରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ କୋଟିଏରୁ ଉର୍ଦ୍ଧ୍ୱ ମହିଳା ହିତାଧିକାରୀଙ୍କୁ ଏହି ଟଙ୍କା ଦିଆଯିବ। ☞ପୃଷ୍ଠା-୨

# ପୋଲିସ ବୋଲି ଗିରଫ ହେଉନାହାନ୍ତି
## ନାବାଳିକାଙ୍କୁ ପ୍ରେମ ବିବାହ ପରେ ନିର୍ଯାତନା

ଜଗତ୍‌ସିଂହପୁର, ୮।୮ (ପ୍ରମୋଦ କୁମାର ନାୟକ)



ଅମିତ୍ ପାଢ଼ୀ

ଜଗତ୍‌ସିଂହପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ପ୍ରେମ ବିବାହ ପରେ ପ୍ରତାରଣା କରିଛନ୍ତି ଜଣେ ପୋଲିସ ସବ୍ ଇନ୍ସପେକ୍ଟର (ଏସ୍‌ଆଇ)। ସେ ହେଉଛନ୍ତି ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା ରତେଇ ଗାଁର ଅମିତ୍ ପାଢ଼ୀ। ନାବାଳିକାଙ୍କ ☞ପୃଷ୍ଠା-୨

# ତାମିଲନାଡୁ ଆଣିଲା ନିଜସ୍ୱ ଶିକ୍ଷାନୀତି

**୨୦୨୦ ଜୁଲାଇ ୨୯ରେ କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ନୂତନ ଜାତୀୟ ଶିକ୍ଷା ନୀତି (ଏନ୍‌ଇପି) ଆଣିଥିଲା। ଭାରତର ଶିକ୍ଷା ବ୍ୟବସ୍ଥାରେ ବଡ଼ ପରିବର୍ତ୍ତନ ଆଣି ଏକବିଂଶ ଶତାବ୍ଦୀରେ ଆହ୍ୱାନଗୁଡ଼ିକର ମୁକାବିଲା ପାଇଁ ଛାତ୍ରୀଛାତ୍ରଙ୍କୁ ସକ୍ଷମ କରିବା ଲକ୍ଷ୍ୟରେ ଏନ୍‌ଇପି-୨୦୨୦ ପ୍ରଣୟନ କରାଯାଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଥିଲା। ତେବେ ଏଥିରେ ଥିବା ୩-ଭାଷା ସୂତ୍ରରେ ହିନ୍ଦୀକୁ ଅତ୍ୟଧିକ ଗୁରୁତ୍ୱ ଦିଆଯାଉଥିବାରୁ ଅନେକ ରାଜ୍ୟ ଏହାକୁ ବିରୋଧ କରିଆସୁଛନ୍ତି। ଏଦିଗରେ ସବା ଆଗରେ ଥିବା ତାମିଲନାଡୁ ପ୍ରଥମ ରାଜ୍ୟ ଭାବେ ଶୁକ୍ରବାର ନିଜସ୍ୱ ଶିକ୍ଷା ନୀତି ଆଣିଛି। ରାଜ୍ୟ ଶିକ୍ଷା ନୀତି (ଏସ୍‌ଇପି)ରେ ତାମିଲ ଓ ଇଂଲିଶ୍ ଭାଷାରେ ଶିକ୍ଷାଦାନର ବ୍ୟବସ୍ଥା ରହିଛି। କେନ୍ଦ୍ରର ଏନ୍‌ଇପି ସାମାଜିକ ନ୍ୟାୟବିରୋଧୀ ଏବଂ ଅଣହିନ୍ଦୀଭାଷୀ ରାଜ୍ୟଗୁଡ଼ିକ ଉପରେ ହିନ୍ଦୀକୁ ଲଦିଦେବା ପାଇଁ ଉଦ୍ଦିଷ୍ଟ ବୋଲି ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଏସ୍‌ଇପି ଅନାବରଣ ଅବସରରେ କହିଛନ୍ତି। ଷ୍ଟାଲିନ୍‌ଙ୍କ ଏହି ପଦକ୍ଷେପ ଅନ୍ୟ ରାଜ୍ୟଗୁଡ଼ିକୁ ନିଜସ୍ୱ ଶିକ୍ଷା ନୀତି ଆଣିବା ପାଇଁ ବାଟ ଦେଖାଇବ ବୋଲି କୁହାଯାଉଛି।**

## ଏନ୍‌ଇପିକୁ ଚ୍ୟାଲେଞ୍ଜ, ହିନ୍ଦୀକୁ ବିରୋଧ

ଚେନ୍ନାଇ,୮।୮(ପି.ଟି.)

କେନ୍ଦ୍ରର ଏନ୍‌ଇପି ବିରୋଧରେ ତାମିଲାନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଶୁକ୍ରବାର ରାଜ୍ୟର ନୂଆ ଶିକ୍ଷାନୀତି ଉନ୍ମୋଚନ କରିଛନ୍ତି। ଏନ୍‌ଇପି ସାମାଜିକ ନ୍ୟାୟ ବିରୋଧୀ ଥିଲା ଏବଂ ରାଜ୍ୟରେ ହିନ୍ଦୀ ଭାଷାକୁ ଲଦିଦେବା ଲକ୍ଷ୍ୟ ରହିଥିଲା ବୋଲି ଷ୍ଟାଲିନ୍ ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି, ମାତୃଭାଷା ତାମିଲ ଆମ ପରିଚୟ ଓ ଗର୍ବ। ରାଜ୍ୟରେ କେବଳ ତାମିଲ ଏବଂ ଇଂଲିଶ ଦ୍ୱିଭାଷୀ ନୀତି କାର୍ଯ୍ୟକାରୀ ହେବ। ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ପାଇଁ ନୂଆ ରାଜ୍ୟ ଶିକ୍ଷାନୀତି (ଏସ୍‌ଇପି) ଅଣାଯାଇଛି। ଏଥିରେ ବିଜ୍ଞାନ, କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଏବଂ ଇଂଲିଶକୁ ପ୍ରାଧାନ୍ୟ ଦିଆଯାଇଛି।

ନୂଆ ଚିଠା ଶିକ୍ଷାନୀତି ପ୍ରସ୍ତୁତି ଲାଗି ୨୦୨୨ରେ ତାମିଲନାଡୁ ସରକାର ଅବସରପ୍ରାପ୍ତ ବିଚାରପତି ମୁରୁଗେସନଙ୍କ ଅଧ୍ୟକ୍ଷତାରେ ୧୪ ଜଣିଆ କମିଟି ଗଠନ କରିଥିଲେ। କମିଟି ଗତମାସରେ ମୁଖ୍ୟମନ୍ତ୍ରୀଙ୍କୁ ଏନେଇ ସୁପାରିସ୍ କରିଥିଲାବେଳେ ଶୁକ୍ରବାର କୋଟ୍ଟୁରପୁରମ୍‌ସ୍ଥିତ ଆନ୍ନା ସେଣ୍ଟେନାରି ଲାଇବ୍ରେରି ଅଡିଟୋରିୟମ୍‌ରେ ଉକ୍ତ ଶିକ୍ଷାନୀତିକୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରାଯାଇଛି। କେନ୍ଦ୍ର ସରକାରଙ୍କ



ଚେନ୍ନାଇସ୍ଥିତ ଆନ୍ନା ସେଣ୍ଟେନାରି ଲାଇବ୍ରେରିରେ ଶୁକ୍ରବାର ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଓ ଉପମୁଖ୍ୟମନ୍ତ୍ରୀ ଉଦୟନିଧି ଷ୍ଟାଲିନ୍ ରାଜ୍ୟ ଶିକ୍ଷାନୀତିକୁ ଅନାବରଣ କରୁଛନ୍ତି ।

ଜାତୀୟ ଶିକ୍ଷାନୀତିରେ ଥିବା ତ୍ରିଭାଷୀ ସୂତ୍ରକୁ ରାଜ୍ୟ ଶିକ୍ଷାନୀତିରେ ପ୍ରତ୍ୟାଖ୍ୟାନ କରାଯାଇଛି। ସାଧାରଣ ପ୍ରବେଶିକା ପରୀକ୍ଷା ପରିବର୍ତ୍ତେ ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀର ମିଳିତ ନମ୍ବର ଆଧାରରେ କଳା ଓ ବିଜ୍ଞାନ ଅଣ୍ଡରଗ୍ରାଜୁଏଟ୍ ପାଠ୍ୟକ୍ରମରେ ନାମଲେଖା ପାଇଁ ଏଥିରେ ସୁପାରିସ କରାଯାଇଛି। ସେହିପରି ତୃତୀୟ, ପଞ୍ଚମ ଏବଂ ଅଷ୍ଟମ ଶ୍ରେଣୀରେ ସାଧାରଣ ପରୀକ୍ଷା ପାଇଁ ଏନ୍‌ଇପିରେ ଥିବା ପ୍ରସ୍ତାବକୁ ରାଜ୍ୟ ଶିକ୍ଷାନୀତିରେ ବିରୋଧ କରାଯାଇଛି। ଏଭଳି ପରୀକ୍ଷା ସାମାଜିକ ନ୍ୟାୟ ବିରୋଧୀ ଏବଂ ଅଧିକ ସଂଖ୍ୟାରେ ପିଲାମାନେ ପାଠପଢ଼ା ଛାଡ଼ିବାର ସମ୍ଭାବ୍ୟ କାରଣ ତଥା ଶିକ୍ଷାର ବ୍ୟବସାୟୀକରଣ ବୋଲି ଏନ୍‌ଇପିରେ ଉଲ୍ଲେଖ ରହିଛି। କମିଟି ବିଜ୍ଞାନ, ଏଆଇ ଏବଂ ଇଂଲିଶକୁ ସର୍ବାଧିକ ପ୍ରାଧାନ୍ୟ ଦେବା ସହ ରାଜ୍ୟ ଶିକ୍ଷାନୁଷ୍ଠାନଗୁଡ଼ିକରେ ପର୍ଯ୍ୟାପ୍ତ ପୁଞ୍ଜିନିବେଶ ଲାଗି ପ୍ରସ୍ତାବ ଦେଇଛି। ଶିକ୍ଷାକୁ ଯୁଗ୍ମ ତାଲିକାରୁ ରାଜ୍ୟ ତାଲିକାକୁ ଫେରାଇ ଆଣିବାକୁ କମିଟି ସୁପାରିସ କରିଛି।

ସିବିଏସ୍‌ଇ, ଆଇସିଏସ୍‌ଇ, ରାଜ୍ୟ ବୋର୍ଡ ସମେତ ସମସ୍ତ ବୋର୍ଡରେ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନେ ତାମିଲ ଭାଷା ପଢ଼ିବେ ବୋଲି ତାମିଲନାଡୁ ଶିକ୍ଷାମନ୍ତ୍ରୀ ଅନବିଲ୍ ମହେଶ କହିଛନ୍ତି। ଏହି ଶିକ୍ଷାନୀତି ପ୍ରସ୍ତୁତ ପାଇଁ କମିଟିକୁ ଗୋଟିଏ ବର୍ଷ କଠିନ ପରିଶ୍ରମ କରିବାକୁ ପଡ଼ିଥିଲା। ☞ପୃଷ୍ଠା-୨







# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ବ୍ରେନ୍ସ ଆଇକନିକ ଚାରିଟେବଲ ଟ୍ରଷ୍ଟ ଉଦ୍‌ଘାଟନ, ସ୍ଥାନ: ଗୀତ ଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୦ଟା।
- ଅଗଷ୍ଟ କ୍ରାନ୍ତି ଦିବସ ଓ ଅଭିଲେଖ ପ୍ରଦର୍ଶନୀ, ସ୍ଥାନ: ଓଡ଼ିଶା ରାଜ୍ୟ ଅଭିଲେଖାଗାର, ସମୟ: ପୂର୍ବାହ୍ନ ୧୧ଟା।
- କେନ୍ଦ୍ରାପଡ଼ା ଜିଲା ବିକାଶ ପରିଷଦ ପକ୍ଷରୁ 'କେନ୍ଦ୍ରାପଡ଼ା ଉତ୍ସବ-୨୦୨୫', ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୪ଟା।
- ହାପି ଫର୍ ଅଲ୍ ପକ୍ଷରୁ ଦୃଷ୍ଟିହୀନ ଛାତ୍ରୀଛାତ୍ରଙ୍କୁ ନେଇ ରକ୍ଷା ବନ୍ଧନ ଉତ୍ସବ, ସ୍ଥାନ: ଓଡ଼ିଶା ଦୃଷ୍ଟିହୀନ ଆସୋସିଏଶନ ସମ୍ମିଳନୀ କକ୍ଷ, ଖାରବେଳନଗର, ସମୟ: ଅପରାହ୍ନ ୫ଟା ୩୦।
- ଓଡ଼ିଶାର ପ୍ରଥମ ମହିଳା ସ୍ୱାଧୀନତା ସଂଗ୍ରାମୀ ସରଳା ଦେବୀଙ୍କ ୧୨୨ତମ ଜନ୍ମଦିବସ ଓ ଅଗଷ୍ଟକ୍ରାନ୍ତି ଦିବସ ପାଳନ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

## କଟକ

- ୨ ଦିନିଆ ଜିଲାସ୍ତରୀୟ ଯୁବ ଅହମ୍ମଦିୟା ଇଜ୍‌ତମା, ସ୍ଥାନ: ଜମାତ ଅହମ୍ମଦିୟା, ପଙ୍କାଳ, ଜାମା ମସ୍‌ଜିଦ, ତିଗିରିଆ, ସମୟ: ସକାଳ ୯ଟା।
- ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ବଣ୍ଟନ କାର୍ଯ୍ୟକ୍ରମରେ ଯୋଗଦେବେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ସ୍ଥାନ: ଇନ୍‌ଡୋର ଷ୍ଟାଡ଼ିୟମ, କଟକ, ସମୟ: ସକାଳ ୯ଟା ୪୫।
- ମା' ଭଗବତୀ ପୂଜା ସଂକୀର୍ତ୍ତନ ସମିତିର ୪୪ତମ ବାର୍ଷିକ ଉତ୍ସବ ଅବସରରେ ସଂକୀର୍ତ୍ତନ ସମାରୋହ, ସ୍ଥାନ: ଚାନ୍ଦିନୀଚୌକ ମେଲଣ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ ପ୍ରାୟୋଜିତ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଶତବାର୍ଷିକୀ ସମାରୋହ, ସ୍ଥାନ: ସାରଳା ଭବନ, ସମୟ: ସନ୍ଧ୍ୟା ୬ଟା।
- ଚିତ୍ତରଞ୍ଜନ ମହାନ୍ତିଙ୍କ 'ସମ୍ପୂର୍ଣ୍ଣ କ୍ରାନ୍ତିର ପଥେ' ପୁସ୍ତକର ଉନ୍ମୋଚନ , ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା।

## ପୁରୀ

- ରକ୍ଷା ବନ୍ଧନ ଉତ୍ସବ, ସ୍ଥାନ: ଘୋଡ଼ାବଜାର ସରସ୍ୱତୀ ଶିଶୁ ମନ୍ଦିର, ସମୟ: ସକାଳ ୭ଟା।
- ହାପିନେସ ଫାଉଣ୍ଡେଶନ ପକ୍ଷରୁ ଅନାଥ ପିଲାଙ୍କ ସହିତ ରକ୍ଷାବନ୍ଧନ କାର୍ଯ୍ୟକ୍ରମ, ସ୍ଥାନ: ଉତ୍କଳ ବାଳାଶ୍ରମ, ସମୟ: ସକାଳ ୮ଟା।
- ନୟାସବେରା ନିମାପଡ଼ା ୟୁଥ୍ ଟ୍ରଷ୍ଟ ପକ୍ଷରୁ ଚତୁର୍ଥ ରାଜ୍ୟସ୍ତରୀୟ ସାହିତ୍ୟ ସମ୍ମିଳନୀ ଓ ଗହ୍ମା ପୂର୍ଣ୍ଣିମା ମହୋତ୍ସବ, ସ୍ଥାନ: ଶହୀଦ ଭବନ (ଟାଉନ ହଲ୍), ନିମାପଡ଼ା, ସମୟ: ସକାଳ ୯ଟା।
- ରକ୍ଷା ବନ୍ଧନ ଉତ୍ସବ, ସ୍ଥାନ: ହରଚଣ୍ଡୀ ସାହି ଶିଶୁ ମନ୍ଦିର, ସମୟ: ସକାଳ ୯ଟା ୩୦।
- ପାରମ୍ପରିକ ନଡ଼ିଆ ଲଢ଼େଇ ପ୍ରତିଯୋଗିତା, ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର, ସ୍ଥାନ: ଦୋଳବେଦୀ ଛକ, ସମୟ: ଅପରାହ୍ନ ୩ଟା।
- ସଂକଳ୍ପ ଫାଉଣ୍ଡେଶନ ପକ୍ଷରୁ ରାଖୀ ପୂର୍ଣ୍ଣମୀ କାର୍ଯ୍ୟକ୍ରମ, ସ୍ଥାନ: ଖଡ଼ିପଦା, ସମୟ: ଅପରାହ୍ନ ୩ଟା ୩୦।
- ଶ୍ରୀଜଗନ୍ନାଥ ଭକ୍ତ ସମାଜ ପକ୍ଷରୁ ବଳଭଦ୍ରଙ୍କ ଜୟନ୍ତୀ ସମ୍ପର୍କିତ ଆଲୋଚନାଚକ୍ର, ସ୍ଥାନ: ଭକ୍ତ ସାଲବେଗ ପୀଠ, ସମୟ: ଅପରାହ୍ନ ୩ଟା ୩୦।
- ଶ୍ରୀକ୍ଷେତ୍ର ଶିଶୁ ସାହିତ୍ୟ ସଂସଦର ସ୍ୱନକ୍ଷତ୍ର ଉତ୍ସବ ଓ ଗଙ୍ଗାଧର ମେହେରଙ୍କ ଜୟନ୍ତୀ, ସ୍ଥାନ: ଭଗବତୀ ବିଦ୍ୟାମନ୍ଦିର, ଅଠରନଳା, ସମୟ: ଅପରାହ୍ନ ୪ଟା ୩୦।
- ପୁରୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଶାସ୍ତ୍ରୀୟ ନୃତ୍ୟ ସନ୍ଧ୍ୟା କାର୍ଯ୍ୟକ୍ରମ, ସ୍ଥାନ: ସଂସ୍କୃତି ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ସାକ୍ଷୀଗୋପାଳ ଠାକୁରଙ୍କ ରକ୍ଷାବନ୍ଧନ ଦେବନୀତି, ରତ୍ନ ସିଂହାସନ, ଅପରାହ୍ନ ୪ଟା ଏବଂ ଗହ୍ମାବେଦିକୁ ବିଜେ, ସ୍ଥାନ: ସାକ୍ଷୀଗୋପାଳ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା

- ମା' ସନ୍ତୋଷୀ ଦେବୀଙ୍କ ଜନ୍ମବାର୍ଷିକୀ ଉତ୍ସବ, ସ୍ଥାନ: ବାବା ଆଖଣ୍ଡଳମଣିଙ୍କ ମନ୍ଦିର ପରିସର, ରାମଚନ୍ଦ୍ରପୁର ବଜାର, ଜଟଣୀ, ସମୟ: ସକାଳ ୮ଟା ୫୨।
- ସୁଭଦ୍ରା ଟଙ୍କା ବଣ୍ଟନ କାର୍ଯ୍ୟକ୍ରମ, ଖୋର୍ଦ୍ଧା ଟାଉନ ହଲ, ପୂର୍ବାହ୍ନ ୧୦ଟା।
- ଜାଗୃତି ଅନୁଷ୍ଠାନ ପକ୍ଷରୁ ପ୍ରକୃତି ବନ୍ଧନ କାର୍ଯ୍ୟକ୍ରମ, ଟିଏଲ୍‌ସି ରୋଡ୍, ପୂର୍ବାହ୍ନ ୧୦ଟା।
- ଜଟଣୀ ଗୋସେବା ଶିବିର ପକ୍ଷରୁ ବ୍ରହ୍ମାଉତ୍ସବ ଓ ଗୋପୂଜା, ସ୍ଥାନ: ସେଞ୍ଚୁରିଆନ କଲେଜ ରୋଡ୍, ଜଟଣୀ, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର

- ଅନ୍ତେବାସୀଙ୍କ ସହ ରକ୍ଷା ବନ୍ଧନ ଉତ୍ସବ, ସ୍ଥାନ: ଉତ୍କଳ ବାଳାଶ୍ରମ, ସହଦେବଖୁଣ୍ଟା, ବାଲେଶ୍ୱର, ସମୟ: ସକାଳ ୮ଟା ୩୦।
- ସୁଭଦ୍ରା କାର୍ଯ୍ୟକ୍ରମ, ସ୍ଥାନ: ଆୟୁଷ୍ମାନ କଲ୍ୟାଣ ମଣ୍ଡପ, ବାଲେଶ୍ୱର, ସମୟ: ସକାଳ ୯ଟା ୩୦।

## ଭଦ୍ରକ

- ଭାଜପା ପକ୍ଷରୁ ରକ୍ଷାବନ୍ଧନ କାର୍ଯ୍ୟକ୍ରମ, ସ୍ଥାନ: ଚାନ୍ଦବାଲି, ସମୟ: ସକାଳ ୮ ଟା।
- ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ବଣ୍ଟନର ଜିଲାସ୍ତରୀୟ କାର୍ଯ୍ୟକ୍ରମ, ସ୍ଥାନ: ଶହୀଦ ସ୍ମୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ ଟା।
- ହିନ୍ଦୁ ଜାଗରଣ ମଞ୍ଚ ଚାନ୍ଦବାଲି ଖଣ୍ଡ ପକ୍ଷରୁ ରକ୍ଷାବନ୍ଧନ କାର୍ଯ୍ୟକ୍ରମ, ସ୍ଥାନ: ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ ଟା।
- ହର ଘର ତ୍ରିରଙ୍ଗା ପାଇଁ ଭାଜପାର ପ୍ରସ୍ତୁତି ବୈଠକ, ସ୍ଥାନ: ଭାଜପା କାର୍ଯ୍ୟାଳୟ, ଚାନ୍ଦବାଲି, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର

- ରକ୍ଷାବନ୍ଧନ ଉତ୍ସବ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବଡ଼ବିଲ, ସମୟ: ସକାଳ ୮ଟା।

## ମୟୂରଭଞ୍ଜ

- ରକ୍ଷା ବନ୍ଧନ ଓ ଗୋ ପୂଜନ ଉତ୍ସବ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବେଲପାଳ, ବଡ଼ସାହି,ସମୟ: ପୂର୍ବାହ୍ନ ୧୧ଟା।
- ଯୋଗାସନ ପ୍ରତିଯୋଗିତା, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ଅପରାହ୍ନ ୩ଟା।

## ବ୍ରହ୍ମପୁର

- ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ,ସ୍ଥାନ: ଭଞ୍ଜ ବିହାର ବିଜୁ ପଟ୍ଟନାୟକ ଅଡିଟୋରିୟମ, ସମୟ: ପୂର୍ବାହ୍ନ ୧୧ଟା।
- ଆଇଜରର ସମାବର୍ତ୍ତନ ଉତ୍ସବ,ସ୍ଥାନ: ବ୍ରହ୍ମପୁର କ୍ୟାମ୍ପସ,ସମୟ: ଅପରାହ୍ନ ୩ଟା।

## ଗଞ୍ଜାମ

- ବଳଦେବ ଠାକୁରଙ୍କ ଜନ୍ମୋତ୍ସବ, ସ୍ଥାନ: ବୁଗୁଡ଼ା ବଳଦେବ ମନ୍ଦିର, ସମୟ: ସକାଳ ୯ ଟା।

## କନ୍ଧମାଳ

- ବିଶ୍ୱ ଆଦିବାସୀ ଦିବସ, ସ୍ଥାନ: କୁଇ କୂଳ ସମିତି କାର୍ଯ୍ୟାଳୟ ଦାରିଙ୍ଗବାଡ଼ି, ସମୟ: ପୂର୍ବାହ୍ନ ୧୦ ଟା।
- ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ଖାକି ସହିତ ରାକ୍ଷୀ କାର୍ଯ୍ୟକ୍ରମ, ସ୍ଥାନ: ପୋଲିସ ଷ୍ଟେଶନ ବାଲିଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା୩୦।

## ଗଜପତି

- ସୁଭଦ୍ରା କିସ୍ତି ପ୍ରଦାନର ସିଧା ପ୍ରସାରଣ, ସ୍ଥାନ: ପାରଳାଖେମୁଣ୍ଡିସ୍ଥିତ ଗଜପତି ଷ୍ଟାଡିୟମ,ସମୟ: ସକାଳ ୯ଟା ୩୦।

## ଢେଙ୍କାନାଳ

- ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ପ୍ରଦାନ ଉତ୍ସବ, ସ୍ଥାନ: ପୁରୁଣା ଜିଲା ପରିଷଦ ହଲ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା।
- ସିଦ୍ଧ ଶ୍ରୀଶ୍ରୀ ବଳରାମ ମହାପ୍ରଭୁଙ୍କ ଜନ୍ମ ଉତ୍ସବ, ସ୍ଥାନ: ଶ୍ରୀ ସିଦ୍ଧ ବଳରାମ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।

## ଅନୁଗୋଳ

- ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ପ୍ରଦାନ, ସ୍ଥାନ: ଅନୁଗୋଳ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର

- ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆଶ୍ରମ ପକ୍ଷରୁ କୋଷ୍ଟଗାର୍ଡ ଯବାନଙ୍କ ପାଇଁ ରକ୍ଷାବନ୍ଧନ କାର୍ଯ୍ୟକ୍ରମ, ସ୍ଥାନ: କୋଷ୍ଟଗାର୍ଡ ମୁଖ୍ୟାଳୟ, ମଧୁବନ, ପାରାଦୀପ, ସମୟ: ସକାଳ ୮ଟା।

## କେନ୍ଦ୍ରାପଡ଼ା

- ଗାନ୍ଧୀ ସ୍ମୃତି ସ୍ମାରକୀ ପରିଷଦ ପକ୍ଷରୁ ପଦଯାତ୍ରା ଓ ସଭା, ସ୍ଥାନ: ଗରାପୁର, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୮ଟା।
- ଶ୍ରୀବଳଦେବଜୀଉଙ୍କ ଜନ୍ମୋତ୍ସବ ଉପଲକ୍ଷେ ଭଜନ ସମାରୋହ ପରିଷଦ ପକ୍ଷରୁ ଭଜନ ସମାରୋହ, ସ୍ଥାନ: ରଥଦାଣ୍ଡ, ଶ୍ରୀବଳଦେବଜୀଉ ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୫ଟା।

## ଯାଜପୁର

- ୮୩ତମ ଶହୀଦ ଦିବସ ସମାରୋହ ୨୦୨୫,ସ୍ଥାନ: କଳାମାଟିଆ ଶହୀଦ ପୀଠ,ବରୀ,ଯାଜପୁର, ସମୟ: ସକାଳ ୯ଟା୩୦ ।

## ନୟାଗଡ଼

- ଝୁଲଣ ଯାତ୍ରାର ଉଦ୍‌ଯାପନ ଉତ୍ସବ, ସ୍ଥାନ: ଖଣ୍ଡପଡା ବ୍ଲକ ଗୋକୁଳାନନ୍ଦ ପୀଠ ସିଦ୍ଧାମୂଳା, ନୟାଗଡ ପୁରୁଣା ସହରର ଗୋପୀନାଥ ମନ୍ଦିର, ଓଡଗାଁ ରଘୁନାଥ ମନ୍ଦିର , ସମୟ: ସନ୍ଧ୍ୟା ୭ଟା। ସ୍ଥାନ: ଶରଣକୁଳ ଲଡୁବାବାଙ୍କ ମନ୍ଦିର, ସମୟ: ସନ୍ଧ୍ୟା ୭ଟା ୩୦। ସ୍ଥାନ:କଣ୍ଟିଲୋ ରାଧାମୋହନ ପୀଠ, ସମୟ: ସନ୍ଧ୍ୟା ୮ଟା । ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ଖଣ୍ଡପଡା ଜଗନ୍ନାଥ ମନ୍ଦିର, ସମୟ: ରାତି ୯ଟା।

## ରାୟଗଡ଼ା

- ବିଶ୍ୱ ଆଦିବାସୀ ଦିବସ, ସ୍ଥାନ: ଗୁଣପୁର ଟାଉନ ହଲ, ମୁନିଗୁଡ଼ା କନକା ପରମେଶ୍ୱରୀ ମନ୍ଦିର, ଚନ୍ଦ୍ରପୁର ହାଇସ୍କୁଲ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ସୁଭଦ୍ରା ୩ ୟ କିସ୍ତି ବଣ୍ଟନ, ସ୍ଥାନ: ରାୟଗଡ଼ା ବିଜୁ ପଟ୍ଟନାୟକ ଅଡିଟୋରିୟମ୍, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର

- କ୍ରାନ୍ତି ଦିବସ ଉପଲକ୍ଷେ ମଶାଲ ପ୍ରଜ୍ୱଳନ, ସ୍ଥାନ: ବ୍ରିଟିଶ ସମୟର ଜେଲ ତଥା ବର୍ତ୍ତମାନର ତହସିଲ କାର୍ଯ୍ୟାଳୟ ପରିସର, ସମୟ : ପୂର୍ବାହ୍ନ ୯ଟା।
- ଉପମୁଖ୍ୟ ମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସମୀକ୍ଷା, ସ୍ଥାନ: ନବରଙ୍ଗପୁର, ସମୟ: ଅପରାହ୍ନ ୪ ଟା ୩୦।

## କୋରାପୁଟ

- ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ, ସ୍ଥାନ: ହରିଶ୍ଚନ୍ଦ୍ର ବକ୍ସିପାତ୍ର ଉଦ୍ୟାନ ପାରାବେଢ଼ା, ଜୟପୁର, ସମୟ: ପୂର୍ବାହ୍ନ ୧୦ଟା ୩୫।
- ସୁଭଦ୍ରା କିସ୍ତି ବଣ୍ଟନ କାର୍ଯ୍ୟକ୍ରମରେ ଯୋଗଦେବେ ମୁଖ୍ୟମନ୍ତ୍ରୀ, ସ୍ଥାନ: ବାଙ୍କ ବିଜା, ଜୟପୁର, ସମୟ: ପୂର୍ବାହ୍ନ ୧୧ଟା।

## ମାଲକାନଗିରି

- ବିଶ୍ୱ ମୂଳ ଆଦିବାସୀ ଦିବସ ଉପଲକ୍ଷେ ବିଭିନ୍ନ ଆଦିବାସୀ ସଂଘ ପକ୍ଷରୁ ଶୋଭାଯାତ୍ରା, ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ:ଡିଏନ୍‌କେ ଖେଳ ପଡିଆ, ବ୍ଲକ ପଡିଆ, ମାଲକାନଗିରି, ସମୟ:ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରସ୍ଥ ସ୍ୱଭାବ କବିଙ୍କ ପ୍ରତିମୂର୍ତ୍ତି ସ୍ଥଳ, ସମୟ: ସକାଳ ୮ଟା ୩୦।
- ଜିଏମୟୁ ଆୟୋଜନରେ ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତୀ କାର୍ଯ୍ୟକ୍ରମ, ସ୍ଥାନ: ଅମୃତ ବିହାର ପରିସରସ୍ଥ ଅଧ୍ୟାପନା ପ୍ରକୋଷ୍ଠ-୧, ସମୟ: ପୂର୍ବାହ୍ନ ୧୦ଟା।

## ବଲାଙ୍ଗୀର

- ମାସିକ ରଚନା ସନ୍ଧ୍ୟା ଆଲୋଚନା 'ମୋ ଦୃଷ୍ଟିରେ କବି ଗଙ୍ଗାଧର', ସ୍ଥାନ: ପି. ପି ଏକାଡେମୀ ସଭାଗୃହ, ବଲାଙ୍ଗୀର, ସମୟ: ଅପରାହ୍ନ ୫ଟା ୩୦ ।

## ରାଉରକେଲା

- ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ରକ୍ଷାବନ୍ଧନ ପର୍ବ ପାଳନ, ସ୍ଥାନ: ସେକ୍ଟର-୬, ସମୟ: ପୂର୍ବାହ୍ନ ୧୧ଟା।

## ସୁନ୍ଦରଗଡ଼

- ସୁଭଦ୍ରା ଯୋଜନା ଅନ୍ତର୍ଗତ ତୃତୀୟ କିସ୍ତି ପ୍ରଦାନ ପାଇଁ ଜିଲା ସ୍ତରୀୟ ସମାରୋହ, ସ୍ଥାନ: ସଂସ୍କୃତି ଭବନ,ପୂର୍ବାହ୍ନ ୧୦ଟା।

## ବରଗଡ଼

- ଅଗଷ୍ଟ କ୍ରାନ୍ତି ଦିବସରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଯୋଗଦାନ, ସ୍ଥାନ: ପାଣିମୋରା, ସୋହେଲା, ସମୟ: ଅପରାହ୍ନ ୩ଟା।

## କଳାହାଣ୍ଡି

- ସିଆର୍‌ପିଏଫ୍ କ୍ୟାମ୍ପରେ ସାମୂହିକ ରକ୍ଷାବନ୍ଧନ କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣା ଅଟଙ୍ଗାଗୁଡା କ୍ୟାମ୍ପ, ସମୟ: ସକାଳ ୯ଟା।

## ବୌଦ୍ଧ

- ବୃକ୍ଷ ରକ୍ଷା ବନ୍ଧନ, ସ୍ଥାନ: ପଞ୍ଚାୟତ ମହାବିଦ୍ୟାଳୟ ବୌଦ୍ଧ, ସମୟ: ସକାଳ ୮ଟା ।

## ଦେବଗଡ଼

- ଦେବଗଡ଼ ଜିଲା ଯୁବ ଏକତା ମଞ୍ଚର ପକ୍ଷରୁ ଲୋକଙ୍କୁ ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟର ସ୍ଥିତି ସମ୍ପର୍କରେ ସଚେତନ ପାଇଁ ଦସ୍ତଖତ ଅଭିଯାନ, ସ୍ଥାନ: ଦେବଗଡ଼ ପୌରାଞ୍ଚଳର ବିଭିନ୍ନ ୱାର୍ଡ, ସମୟ: ସକାଳ ୯ଟା।

## ସୁବର୍ଣ୍ଣପୁର

- ରାଜ୍ୟସ୍ତରୀୟ ଗୋ-ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ସୁବର୍ଣ୍ଣପୁର ସହର ହାତୀଶାଳ ସ୍ଥିତ ପୌରପାଳିକା କଲ୍ୟାଣ ମଣ୍ଡପ, ସମୟ: ସକାଳ ୯ଟା।
- ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଉତ୍ସବ, ସ୍ଥାନ: ସୋନପୁର ବ୍ଲକ ସମ୍ମିଳନୀ କକ୍ଷ, ସମୟ: ସକାଳ ୯ଟା।

## ନୂଆପଡ଼ା

- ପବିତ୍ର ରକ୍ଷାବନ୍ଧନ କାର୍ଯ୍ୟକ୍ରମ, ସ୍ଥାନ: ମଦର ଟେରେସା ସେବା ସଂଗଠନ ପଣ୍ଡରାପଥର ଗାଁ, ସମୟ: ସକାଳ ୯ଟା।
- ଜିଲା ଆଦିବାସୀ କଲ୍ୟାଣ ସଂଘ ନୂଆପଡ଼ା ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ପାଳନ, ସ୍ଥାନ: କୋମନା ବ୍ଲକ ଦର୍ଲିପଡ଼ା ପଞ୍ଚାୟତ ସିଲେଟପାଣି ଗାଁ, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କର୍ମକ୍ଷେତ୍ରରେ ହେଉ କିମ୍ବା ପାରିବାରିକ ସମସ୍ୟାକୁ ସୁଧାରି ନେବାର ପ୍ରଯତ୍ନ କରିବେ। ଆବଶ୍ୟକତା ପୂରଣ ସକାଶେ ଧାର କରଜ କରିବାକୁ ବନ୍ଧୁଙ୍କୁ ଅନୁରୋଧ କରିପାରନ୍ତି। ଆଗାମୀ ଆନୁଷ୍ଠାନିକ କାର୍ଯ୍ୟ ପାଇଁ ଘରସଜାରେ ମଜ୍ଜିରହିପାରନ୍ତି। ବନ୍ଧୁଙ୍କ ଗହଣରେ ନୂତନ ସ୍ଥାନ ପରିଦର୍ଶନରେ ଯିବାକୁ ମନ ବଳାଇବେ।

**ବୃଷ** ଆଗାମୀ ଆନୁଷ୍ଠାନିକ କାମ ସକାଶେ ବିଶେଷ ଭାବେ ଧାଁ ଦଉଡ଼ କରିବାକୁ ପଡ଼ିବ। ଘରକୁ ଆସୁଥିବା ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହୋଇପାରେ। ଶିଳ୍ପ,ବାଣିଜ୍ୟ ଏବଂ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହେବାର ଆଶା ରହିଛି। ନିକଟ ସମ୍ପର୍କୀୟମାନଙ୍କ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**ମିଥୁନ** ଯୁକ୍ତିତର୍କ ଓ ବିବାଦୀୟ ସ୍ଥିତିଜନିତ ସହକର୍ମୀଙ୍କ ସହ ସମ୍ପର୍କରେ ହ୍ରାସ ଘଟିବ। ଏହା ସାଙ୍ଗକୁ ପାରିବାରିକ ସମସ୍ୟାକୁ କେନ୍ଦ୍ରକରି ମାନସିକ ସ୍ଥିରତା ରହିବନାହିଁ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ବାଧାପ୍ରାପ୍ତ ହୋଇପାରେ। ମାଲିମକଦ୍ଦମାରେ ବିଚାର ବିଳମ୍ବିତ କିମ୍ବା ଆର୍ଥିକ ଅନଟନ ଲାଗିରହିବା କାରଣରୁ ବିଚଳିତବୋଧ କରିପାରନ୍ତି।

**କର୍କଟ** କର୍ମଜଞ୍ଜାଳ ବୃଦ୍ଧି ସାଙ୍ଗକୁ କଠିନ ଶ୍ରମଜନିତ ସ୍ୱାସ୍ଥ୍ୟ ସମସ୍ୟା ବିଗିଡ଼ି ଯାଇପାରେ। ପରିବାରର କୌଣସି ଅତୀତ ଘଟଣା ପ୍ରତି ସିଂହାବଲୋକନ କରି ଅନୁତାପ କରିପାରନ୍ତି। ଦୀର୍ଘଦିନରୁ ଅଟକି ରହିଥିବା କର୍ମକ୍ଷେତ୍ରର ସ୍ଥିତି ଅନୁକୂଳ ହୋଇପାରେ। ଆଜିର ଫେରନ୍ତା ବାଟରେ କୌଣସି ମୂଲ୍ୟବାନ୍ ଦ୍ରବ୍ୟଲାଭର ସମ୍ଭାବନା ରହିଛି।

**ସିଂହ** ଆଜି ପ୍ରତ୍ୟେକ କାମରେ ସଫଳତାଜନିତ ବନ୍ଧୁମାନଙ୍କ ସୌହାର୍ଦ୍ଧ୍ୟଲାଭ କରିପାରନ୍ତି। ପରିବାରର ଆବଶ୍ୟକତା ଅନୁଯାୟୀ ଗୃହକୁ ସୌଖୀନ ଦ୍ରବ୍ୟ କ୍ରୟ କରିବେ। ଆକସ୍ମିକ ଭାବରେ କୌଣସି ନୂତନ କାର୍ଯ୍ୟରେ ହାତଦେବାକୁ ସ୍ଥିର କରିପାରନ୍ତି। ବନ୍ଧୁମାନଙ୍କ ସହ ଭ୍ରମଣରେ ଯିବାକୁ ପରିବାରରୁ ପୂର୍ଣ୍ଣ ସମର୍ଥନ ପାଇବେ ନାହିଁ।

**କନ୍ୟା** ସମସ୍ୟାବହୁଳ କର୍ମକ୍ଷେତ୍ର ହେତୁ ମାନସିକ ସ୍ଥିତି ସେତେଟା ଭଲ ରହି ନ ପାରେ। ତରବର ନ ହୋଇ କାମକଲେ ସମସ୍ୟା ସମାଧାନରେ ଅସୁବିଧା ରହିବ ନାହିଁ। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟକୁ ଯିବା ପୂର୍ବରୁ ସ୍ଥଗିତ ରହିଯାଇପାରେ। ବନ୍ଧୁଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହୋଇପାରନ୍ତି।

**ତୁଳା** ସମସ୍ତ ସୁବିଧା ଥାଇ ମଧ ପାରିବାରିକ ସ୍ତରରେ ଅସୁବିଧା ଭିତରେ ଗତିକରିବାକୁ ପଡ଼ିବ। ଆଜି ଦିନଟିରେ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହେବ। କୌଣସି ଜିନିଷ କ୍ରୟ ସକାଶେ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ପଡ଼ିପାରେ। ଘରକୁ ଆସିଥିବା ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିବାର ସୂଚନା ରହିଛି।

**ବିଛା** ସ୍ୱାସ୍ଥ୍ୟ ଭଲ ନ ରହିବା କାରଣରୁ କୌଣସି କାମରେ ମନଯୋଗୀ ହୋଇପାରିବେ ନାହିଁ। କାର୍ଯ୍ୟକୁ ତ୍ୱରାନ୍ୱିତ କରିବାରେ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ଘର ମାଲିକଙ୍କ ସହ ଘରଭଡ଼ାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହୋଇପାରନ୍ତି। ପୂର୍ବ ବିବାଦକୁ କେନ୍ଦ୍ରକରି ଗୁପ୍ତ ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ପାଇବାର ସୂଚନା ରହିଛି।

**ଧନୁ** ପ୍ରତିବନ୍ଧକ ଲାଗିରହିଥିଲେ ମଧ ଉଚ୍ଚବର୍ଗଙ୍କ ସହାୟତାରେ ଆଜି କାର୍ଯ୍ୟଟି ସମ୍ପନ୍ନ ହେବ। ପରିବାରର ଆବଶ୍ୟକତାକୁ ଉପଲବ୍ଧି କରି ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତା ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ବ୍ୟବସାୟ, ପରିବହନ, ସଭାସମିତି ଓ ଆନୁଷ୍ଠାନିକ କାମରୁ ଖୁସି ରହିବେ।

**ମକର** ବନ୍ଧୁଙ୍କ ସହାୟତାରେ ସ୍ଥଗିତ ଥିବା କାମ ସୁବିଧାରେ ସମ୍ପନ୍ନ ହେବ। ଦିନଚର୍ଯ୍ୟା ମଧ୍ୟରେ ପ୍ରତ୍ୟେକ କ୍ଷେତ୍ରରେ ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ। ବନ୍ଧୁମାନଙ୍କ ସହ ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡ଼ିବେ। କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର ତଥା ରଚନାତ୍ମକ କାର୍ଯ୍ୟରେ ପ୍ରଶଂସିତ ହୋଇପାରନ୍ତି।

**କୁମ୍ଭ** ଯଥା ସମ୍ଭବ ସତର୍କତା ଅବଲମ୍ବନ କରୁଥିଲେ ମଧ ସ୍ୱାସ୍ଥ୍ୟହାନି ଦୁଶ୍ଚିନ୍ତାର କାରଣ ହେବ। ନିଜ ଲୋକ ଯେତେ ସମସ୍ୟା ସୃଷ୍ଟି କଲେ ମଧ କୌଣସି ଅସୁବିଧା ହେବ ନାହିଁ । ବ୍ୟବସାୟ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହେବ। ଦୀର୍ଘ ଦିନରୁ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିହୋଇଯିବାର ସୂଚନା ରହିଛି।

**ମୀନ** ପାରିବାରିକ କ୍ଷେତ୍ରରେ କିଛିଟା ଅଭାବ ଓ ଅସୁବିଧା ମନକୁ ଭାରାକ୍ରାନ୍ତ କରିବ। କର୍ମକ୍ଷେତ୍ରରେ ସତର୍କରେ ନ ଚଳିଲେ ବିବାଦ ଭିତରକୁ ଟାଣି ହୋଇଯିବେ। ବନ୍ଧୁମାନଙ୍କ ହସ୍ତକ୍ଷେପ ଫଳରେ ପରିସ୍ଥିତିକୁ ସୁଧାରି ନେଇପାରନ୍ତି। କୌଣସି ବିବାଦୀୟ ପରିସ୍ଥିତିରେ ଆତ୍ମୀୟଙ୍କ ପ୍ରେରଣାରୁ ଉପକୃତ ହେବାର ସମ୍ଭାବନା ରହିଛି।

ଆଜି ରକ୍ଷାବନ୍ଧନ, ଶ୍ରାବଣ ମାସର ଝୁଲଣ ପୂର୍ଣ୍ଣିମା ଶନିବାର, ଦିବା ଘ.୦୧.୨୪ ଗତେ, ଭାଦ୍ରବ କୃଷ୍ଣ ପ୍ରତିପଦା, ଶ୍ରୀବଳଦେବ ଜନ୍ମ, ଗହ୍ମାପର୍ବ, ଉତ୍କଳେ ସର୍ବତ୍ର ଝୁଲଣ ଯାତ୍ରା ଶେଷ, ବୋଲ୍‌ବମ୍ ଯାତ୍ରା ଶେଷ, ଅଗଷ୍ଟ ୯ ତାରିଖ, ବିଶ୍ୱ ଜନଜାତି ଦିବସ, ଭାରତଛାଡ଼ ଦିବସ, ନାଗାଶାକି ଦିବସ, ସଦ୍‌ଗୁରୁ ଶ୍ରୀନିଗମାନନ୍ଦ ଓ ସ୍ୱଭାବ କବି ଜୟନ୍ତୀ, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପ୍ରତିପଦାର ପାର୍ବଣ ଶ୍ରାଦ୍ଧ। ଦିବା ଘ.୧୦.୧୬ ଗତେ ଘ.୦୧.୦୮ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଦିବା ଘ.୦୮.୪୦ ଗତେ ଘ.୧୦.୧୬ ମଧ୍ୟେ ରାହୁକାଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମାଧିଆ ଭାଇ;
ସବୁ କଥାକୁ ହୋଇ ହୋଇ ।**

ଯେଉଁ ବ୍ୟକ୍ତିଠାରେ ନିଜର କୌଣସି ସ୍ୱତନ୍ତ୍ରତା ନ ଥାଏ ସେ ସମସ୍ତଙ୍କ ହଁ ରେ ହଁ ମିଳାଉଥିବାର ଦେଖିବାକୁ ମିଳିଥାଏ। ଏପରି ଚରିତ୍ରର ବ୍ୟକ୍ତି ଆମ ସମାଜରେ ଦେଖିବାକୁ ମିଳୁଥିବାବେଳେ ସେମାନଙ୍କୁ ଆକ୍ଷେପ କରି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ମୁଣ୍ଡ ଦେଇଥିଲେ ତୁଣ୍ଡ ଖାଏ,
ପର ଦେଇଥିଲେ ଉଘଉଥାଏ ।**

ନିଜ ପରିଶ୍ରମର ଫଳ ଖାଇଲେ ମନରେ ଯେଉଁ ସରସତା ଆସେ, ତାହା ଅନ୍ୟ କେହି ହାତ ଟେକା କରି ଦେଲେ ସେତିକି ତୃପ୍ତି ବୋଧ ହୁଏନାହିଁ। ପରଲୋକ ଯାହା ଦିଅନ୍ତି ପଛରେ ବେଳ ପଡ଼ିଲେ ଉଘେଇଥାନ୍ତି, ସେଥିରେ ଆତ୍ମାକୁ ବାଧେ ବା କଷ୍ଟ ହୁଏ। ତେଣୁ ନିଜ ରୋଜଗାରରେ ନିଜେ ପୋଷିହେବା ଶ୍ରେୟସ୍କର ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# 'ନୋ ଏଣ୍ଟ୍ରି ୨'ରେ ଦିଲ୍‌ଜିତ



ମୁମ୍ବାଇ: ଏକ ରିପୋର୍ଟ ଅନୁଯାୟୀ ଅଭିନେତା ଦିଲ୍‌ଜିତ ଦୋସାଞ୍ଜ ୨୦୦୫ର ସୁପରହିଟ୍ ଫିଲ୍ମ 'ନୋ ଏଣ୍ଟ୍ରି'ର ସିକ୍ୱେଲ 'ନୋ ଏଣ୍ଟ୍ରି ୨' ପାଇଁ ସାଇନ୍ କରିଛନ୍ତି। ଆସନ୍ତା ଅକ୍ଟୋବରରୁ ଏହି ଫିଲ୍ମର ଶୁଟିଂ ଆରମ୍ଭ ହେବ ବୋଲି ରିପୋର୍ଟରେ କୁହାଯାଇଛି। ଫିଲ୍ମର ଶୁଟିଂ ଭାରତ ସମେତ ଗ୍ରୀସ୍ ଏବଂ ଇଟାଲୀରେ ହେବ। ଫିଲ୍ମ ନିର୍ମାତା ବୋନି କପୁରଙ୍କ ଦ୍ୱାରା ନିର୍ମାଣ ହେବାକୁଥିବା ଏହି ଫିଲ୍ମରେ ଅଭିନେତ୍ରୀ ତମନ୍ନା ଭାଟିଆ ଏବଂ ଅଭିନେତା ବରୁଣ ଧାୱନ ମୁଖ୍ୟ ଭୂମିକାରେ ନଜରକୁ ଆସିବେ ବୋଲି ରିପୋର୍ଟରେ ପ୍ରକାଶ ପାଇଛି। ଅନୀଶ ବଜ୍‌ମୀ ଏହି ଫିଲ୍ମର ନିର୍ଦ୍ଦେଶନା ଦେବେ। ନିକଟରେ ନିଜ ଫିଲ୍ମ 'ସର୍ଦ୍ଦାର ଜୀ ୩'ରେ ପାକିସ୍ତାନୀ ଅଭିନେତ୍ରୀ ହାନିଆ ଆମିରଙ୍କ ସହ କାର୍ଯ୍ୟ କରିବାରୁ ଦିଲ୍‌ଜିତଙ୍କୁ ସୋସିଆଲ ମିଡିଆରେ ଟ୍ରୋଲ୍ କରାଯାଇଥିଲା। ଭାରତରେ ରିଲିଜ୍ ନେଇ 'ସର୍ଦ୍ଦାର ଜୀ ୩'କୁ ଅନୁମତି ମିଳି ନ ଥିଲା। ଫଳରେ ଉକ୍ତ ଫିଲ୍ମ ବିଦେଶର ବିଭିନ୍ନ ସିନେମା ହଲ୍‌ରେ ରିଲିଜ୍ ହୋଇଥିଲା। ପ୍ରକାଶ ଯେ, ୨୦୦୫ରେ ରିଲିଜ୍ ହୋଇଥିବା 'ନୋ ଏଣ୍ଟ୍ରି' ଫିଲ୍ମ ବକ୍ସ ଅଫିସ୍‌ରେ ସୁପରହିଟ୍ ହୋଇଥିଲା।

# ପ୍ରଥମ ପୃଷ୍ଠାରୁ...

## ପୋଲିସ ବୋଲି ...

ଅଭିଯୋଗ ଅନୁଯାୟୀ, ସାମାଜିକ ଗଣମାଧ୍ୟମରୁ ପ୍ରେମ ଓ ପରେ ବିବାହ କରି ଅମିତ୍ ତାଙ୍କୁ ନିଜ ଘରେ ରଖିଥିଲେ। ମାତ୍ର ପରେ ନାବାଳିକାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ତାଙ୍କ ଘରେ ଛାଡ଼ି ଦେଇଛନ୍ତି। ଏନେଇ ଜଗତ୍‌ସିଂହପୁର ଥାନାରେ ମାମଲା (ନଂ.୨୯୦/୨୫) ରୁଜୁ ହୋଇଛି। ଅମିତ୍‌ଙ୍କୁ ନିଲମ୍ବନ କରାଯାଇଥିଲେ ମଧ ଅଭିଯୋଗ ପ୍ରାୟ ୪ ମାସ ପରେ ପୋଲିସ ଗିରଫ କରୁନାହିଁ ବୋଲି ନାବାଳିକା ଓ ତାଙ୍କ ମା' ଶୁକ୍ରବାର ଗଣମାଧ୍ୟମ ଆଗରେ କହିଛନ୍ତି। ଏପରିକି ତାଙ୍କ ଅଗୋଚରରେ ଝିଅକୁ ଅମିତ ବିବାହ କରିଥିବା ନାବାଳିକାଙ୍କ ମା' ପ୍ରକାଶ କରିଛନ୍ତି।

**ଅଭିଯୁକ୍ତ ଏସ୍‌ଆଇଙ୍କୁ ଫେରାର ଦର୍ଶାଇଲେ ଏସ୍‌ପି**

ନାବାଳିକା ୧୦ମ ଶ୍ରେଣୀରେ ପଢୁଥିବାବେଳେ ଫେସ୍‌ବୁକ୍‌ରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ସେତେବେଳେ ଏସ୍‌ଆଇ ପାଢ଼ୀ ପୁରୀରେ କାର୍ଯ୍ୟରତ ଥିଲେ। ଉଭୟେ ପ୍ରଥମେ ମନ୍ଦିର ଓ ପରେ ଏକ ହୋଟେଲରେ ବିବାହ କରିଥିବା କୁହାଯାଉଛି। ବିବାହ ପରେ ବୋହୂ ହିସାବରେ ନାବାଳିକା ତାଙ୍କ ଶାଶୁଘରେ ରହୁଥିଲେ। କିନ୍ତୁ ପରେ ଶାଶୁ, ଶ୍ୱଶୁର ଓ ସ୍ୱାମୀ ନିର୍ଯାତନା ଦେଇ ତାଙ୍କୁ ଘରକୁ ପଠାଇ ଦେଇଥିବା ନେଇ ସେ ଦର୍ଶାଇଛନ୍ତି। ଜଗତ୍‌ସିଂହପୁର ଥାନାରେ ଅଭିଯୋଗ କରିବା ସତ୍ତ୍ୱେ ପୋଲିସ କୋର୍ଟକୁ ଚାର୍ଜଶିଟ୍ ଦେଉ ନ ଥିବା ପୀଡ଼ିତା ତାଙ୍କ ମା ଅଭିଯୋଗ କରିଛନ୍ତି। ଏସ୍‌ପି ଭବାନୀଶଙ୍କର ଉଦ୍‌ଗାତା କହିଛନ୍ତି, ଅମିତ ପୁରୀରେ ତାଲିମ ନେଉଥିବାବେଳେ ପୀଡ଼ିତା ଏହି ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ ପରେ ଜଗତ୍‌ସିଂହପୁର ଥାନା ଅତିରିକ୍ତ ଆଇଆଇସିଙ୍କ ମାଧ୍ୟମରେ ତଦନ୍ତ ଚଳାଇଛି। ନାବାଳିକା ଥାନାରେ ଅଭିଯୋଗ କରିବା ପୂର୍ବରୁ ଅମିତଙ୍କୁ ଏବିଷୟରେ ଜଣାଇଥିଲେ। ଏହାପରେ ଅଭିଯୁକ୍ତ ଏସ୍‌ଆଇ ପୁରୀରୁ ଫେରାର ହୋଇଯାଇଥିଲେ। ଏ ନେଇ ଏସ୍‌ପି ଉଦ୍‌ଗାତା ପୁରୀ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ସେବେଠାରୁ ଅମିତ ଫେରାର ଅଛନ୍ତି। ତାଙ୍କୁ ଧରିବା ପାଇଁ ଯୋଜନା ଚାଲିଛି। ଏହା ଭିତରେ ଅମିତଙ୍କ ପରିବାର ଲୋକେ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ତଳ କୋର୍ଟରୁ ଜାମିନ ପାଇଛନ୍ତି। କେବଳ ଅମିତଙ୍କୁ ଗିରଫ କରାଯିବା ବାକି ରହିଛି। ଏବେ ବିବାହ କେଉଁଠି ଓ କିପରି ହୋଇଛି ସେନେଇ ଅନୁଧ୍ୟାନ ଚାଲିଛି। ନାବାଳିକାଙ୍କ ମା'ଏ ବିବାହ ବିଷୟରେ ଜାଣିଥିଲେ କି ନାହିଁ ସେନେଇ ତଦନ୍ତ ଚାଲିଥିବା ଏସ୍‌ପି ଉଦ୍‌ଗାତା କହିଛନ୍ତି।

## ତାମିଲନାଡୁ ଆଣିଲା ...

ଏହା ଅନ୍ୟ କୌଣସି ରାଜ୍ୟରୁ ଉଧାର ଅଣାଯାଇ ନ ଥିବା ସେ କହିଛନ୍ତି। ପୂର୍ବତନ ରାଜ୍ୟପାଳ ତଥା ବରିଷ୍ଠ ଭାଜପା ନେତ୍ରୀ ତାମିଲିସାଇ ସୌନ୍ଦରରାଜନ ତାମିଲନାଡୁ ଶିକ୍ଷାନୀତିକୁ 'ରାଜ୍ୟ ଅହଂକାରୀ ନୀତି' କହି ନିନ୍ଦା କରିଛନ୍ତି। ପାଣ୍ଠି ମଞ୍ଜୁରୀକୁ ନେଇ କେନ୍ଦ୍ର-ରାଜ୍ୟ ଉତ୍ତେଜନା ଲାଗିରହିଥିବାବେଳେ ଷ୍ଟାଲିନ୍ ସରକାର ନୂଆ ଶିକ୍ଷାନୀତି ଆଣିଛନ୍ତି। ଡିଏମ୍‌କେ ସରକାର ଏନ୍‌ଇପି ଲାଗୁ କରିବାକୁ ମନା କରିବାରୁ ସମଗ୍ର ଶିକ୍ଷା ଯୋଜନାରୁ କେନ୍ଦ୍ର ୨,୧୫୨ କୋଟି ଟଙ୍କା ପ୍ରତ୍ୟାହାର କରିନେଇଥିବା ତାମିଲନାଡୁ ଅଭିଯୋଗ କରିଥିଲା। ରାଜ୍ୟ ସରକାର ଏନ୍‌ଇଇଟିକୁ ଗ୍ରହଣ କଲେ ପାଣ୍ଠି ମଞ୍ଜୁର କରାଯିବ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ। ତେବେ ସେମାନେ ଯଦି ୧,୦୦୦ କୋଟି ଦିଅନ୍ତି, ତଥାପି ଆମେ ଏନ୍‌ଇପି ଲାଗୁ କରିବୁ ନାହୁଁ ବୋଲି ଉଦୟନିଧି ଷ୍ଟାଲିନ୍ କହିଥିଲେ।

## ଆଜି ୩ୟ କିସ୍ତି ...

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ କୋଟିଆ ପଞ୍ଚାୟତରେ ପହଞ୍ଚି ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତିର ଲାଭ ପାଇଥିବା ୧୭୦୦ରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ସୁଭଦ୍ରା ଟଙ୍କାରେ ସେମାନେ କ'ଣ କ'ଣ କାର୍ଯ୍ୟ କରିଛନ୍ତି ପଚାରି ବୁଝିଥିଲେ। ଶନିବାର ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ତୃତୀୟ କିସ୍ତି ପ୍ରଦାନ କାର୍ଯ୍ୟକ୍ରମ ରହିଛି। ଯୋଜନାରୁ ବଞ୍ଚିତ ଥିବା ମହିଳାମାନଙ୍କ ସମସ୍ୟା ସମାଧାନ କରିବାକୁ ରାଜ୍ୟ ସରକାର ତତ୍ପର ଥିବା ସେ କହିଛନ୍ତି। ଏଥିସହ କୋଟିଆରେ ଲକ୍ଷପତି ଦିଦି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସ୍ୱୟଂସହାୟକ ଗୋଷ୍ଠୀ ମହିଳାମାନଙ୍କ ସହ ଆଲୋଚନା କରି ସହକାରୀ ବାସଗୃହ ସହ ପ୍ରାଣୀ ଚିକିତ୍ସାଳୟ ଉଦ୍‌ଘାଟନ କରିଥିଲେ। ପରେ ଦେଓମାଳୀ ଯାଇ ସେଠାରେ ପର୍ଯ୍ୟଟନର ବିକାଶ ନେଇ ସମୀକ୍ଷା କରିଥିଲେ। ବ୍ଲକ୍ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି କରାଯାଇଥିବା ଢେମସା ନାଚରେ ଉପମୁଖ୍ୟମନ୍ତ୍ରୀ ସାମିଲ ହୋଇଥିଲେ। ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ କେତେକ ସ୍ୱୟଂସହାୟକ ଗୋଷ୍ଠୀକୁ ଚେକ୍ ପ୍ରଦାନ କରିଥିଲେ। ଏହି ସମୟରେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସଚିବ ସୁଭା ସର୍ମା, ଡବ୍ଲ୍ୟୁସିଡି ଅତିରିକ୍ତ ସଚିବ କୃତିବାସ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

**ସରିଲା ବିଜୁ ଯୁବ ଓ ଛାତ୍ର ଜନତା ଦଳର ଆନ୍ଦୋଳନ**

ଭୁବନେଶ୍ୱର,(ସୁନିତ୍ ମିଶ୍ର): ଛାତ୍ରୀ ଓ ମହିଳା ନିର୍ଯାତନା ପ୍ରତିବାଦରେ ବିଜୁ ଯୁବ ଓ ଛାତ୍ର ଜନତା ଦଳର କାର୍ଯ୍ୟକ୍ରମ ଅଗଷ୍ଟ ୧ରୁ ୮ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଚାଲିଥିବା ଆନ୍ଦୋଳନ ଶୁକ୍ରବାର ଶେଷ ହୋଇଛି। ଶେଷ ଦିନରେ ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ରାସ୍ତାକୁ ଓହ୍ଲାଇବା ସହ କାର୍ଯ୍ୟାନୁଷ୍ଠାନ ଦାବିରେ ପୋଲିସ ଡିଜିଙ୍କ ଉଦ୍ଦେଶ୍ୟରେ ନିକଟସ୍ଥ ଥାନା ଓ ଏସ୍‌ପି ଅଫିସରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଭାଜପା ସରକାରରେ ମହିଳାଙ୍କ ସୁରକ୍ଷା ସହ ଆଇନ ଓ ଶାସନ ବ୍ୟବସ୍ଥା ଉପରେ ମଧ୍ୟ ପ୍ରଶ୍ନ ଉଠାଇଛି। ଛାତ୍ରୀଙ୍କ ଉପରେ ବଢ଼ୁଥିବା ବର୍ବରତା ବିରୋଧରେ ଦିଆଯାଇଥିବା ଆନ୍ଦୋଳନକୁ ବିପୁଳ ସମର୍ଥନ ମିଳିଛି। ଏଥିପାଇଁ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ବ୍ୟୋମକେଶ ରାୟ ଏବଂ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।




# ବିଶ୍ୱ ଆଦିବାସୀ ଦିବସରେ ପ୍ରତିବାଦ ସଭା, ଶାନ୍ତିଭଙ୍ଗଙ୍କୁ ନେଇ ନୋଟିସ

## ମା' ମାଟି ମାଳି ସୁରକ୍ଷା ମଞ୍ଚ, ନିୟମଗିରି ସୁରକ୍ଷା ସମିତିକୁ ପ୍ରଶାସନର ଚିଠି

ରାୟଗଡ଼ା,୮।୮(ସୁନିତ ମିଶ୍ର)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ସମେତ ପଡ଼ୋଶୀ କଳାହାଣ୍ଡି ଥୁଆମୂଳ-ରାମପୁର ଅଞ୍ଚଳର ଆଦିବାସୀ ସମାଜକୁ ଏକତ୍ରକରି ଶନିବାର ବିଶ୍ୱ ଆଦିବାସୀ ଦିବସ ପାଳନ କରାଯିବା ନେଇ ନିଷ୍ପତ୍ତି ହୋଇଛି। ଉକ୍ତ ଅଞ୍ଚଳର ଆଦିବାସୀଙ୍କୁ ଏକାଠି କରି କେତେଜଣ ବ୍ୟକ୍ତି ଓ ସଙ୍ଗଠନ କାଶୀପୁର ଅଞ୍ଚଳରେ ବେଦାନ୍ତ ପାଇଥିବା ସିଜିମାଇଲ ଖଣି ଖନନକୁ ବିରୋଧକରି ଶନିବାର ପ୍ରତିବାଦ ସଭାର ଆୟୋଜନ କରୁଥିବା ନେଇ ଜିଲା ପ୍ରଶାସନ ସୋସିଆଲ ମିଡିଆ ଓ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲା। ଏନେଇ ୫ ଜଣଙ୍କୁ ୬ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟର ନ୍ୟାୟିକ ଉପବିଭାଗ ପକ୍ଷରୁ ଚିଠି ନଂ. ୩୨୫୫/୬।୮।୨୫ରେ ନୋଟିସ ଜାରି କରାଯାଇଛି।

ନୋଟିସ କରାଯାଇଥିବା ୫ଜଣ ହେଲେ ମା' ମାଟି ମାଳି ସୁରକ୍ଷା ମଞ୍ଚ ସଭାପତି ସୁବାସ ମାଝି, ଉପସଭାପତି ଲାଲ ମାଝି, କଳାହାଣ୍ଡି ଜିଲା କାର୍ଲାପାଟ ଥାନା ଅନ୍ତର୍ଗତ ତଲାମପଦର ଗ୍ରାମ ନିବାସୀ ତଥା ମା' ମାଟି ମାଳି ସୁରକ୍ଷା ମଞ୍ଚ ସମ୍ପାଦକ ଲକ୍ଷ୍ମଣ ମାଝି, ନିୟମଗିରି ସୁରକ୍ଷା ସମିତି ସଭାପତି ଲଦ ସିକକା ଏବଂ ସଂଯୋଜକ ଲିଙ୍ଗରାଜ ଆଜାଦ୍। ସେମାନଙ୍କୁ ଜାରି ହୋଇଥିବା ନୋଟିସରେ ଉଲ୍ଲେଖ ରହିଛି, ଯଦି କୌଣସି ପ୍ରତିବାଦ ସଭା କରାଯାଉଛି ତେବେ ଏନେଇ କୌଣସି ସୂଚନା କାଶୀପୁର ବ୍ଲକ ପ୍ରଶାସନ କିମ୍ବା ଜିଲା ପ୍ରଶାସନକୁ ଦିଆଯାଇନାହିଁ। ତେଣୁ ୭ ତାରିଖ ସନ୍ଧ୍ୟା ସୁଦ୍ଧା ସୂଚନା ଦେବାକୁ ନିର୍ଦ୍ଦେଶ ରହିଛି। ଯଦି ବିନା ସୂଚନାରେ କୌଣସି ପ୍ରତିବାଦ ସଭା କରାଯାଏ ତେବେ ସମ୍ପୃକ୍ତ ବ୍ୟକ୍ତି ବା ସଂଗଠନ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସେହିପରି କାଶୀପୁର କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍‌ଙ୍କ କାର୍ଯ୍ୟାଳୟରୁ ମଧ୍ୟ ଦୁଇଟି ଚିଠି ନଂ. ୧୦୩ରେ ୧୧ଜଣଙ୍କୁ ଏବଂ ଚିଠି ନଂ.୧୦୭ରେ ୭ଜଣଙ୍କୁ ଅଞ୍ଚଳରେ ଶାନ୍ତି ଭଙ୍ଗ ଆଶଙ୍କାକୁ ଦୃଷ୍ଟିରେ ରଖି ଚିଠି ଜାରି କରାଯାଇ ଅଗଷ୍ଟ ୨୦ତାରିଖରେ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ଉପସ୍ଥିତ ହେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

## ଆଜି ଅତି ପ୍ରବଳ ବର୍ଷିବ

ଭୁବନେଶ୍ୱର,୮।୮(ଅନୁରାଧା ମହାରଣା)

ରାଜ୍ୟରେ ଶନିବାର ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ବିଭିନ୍ନ ଜିଲାକୁ ସତର୍କ ସୂଚନା ଜାରି କରାଯାଇଛି। ପୁରୀ ଜିଲାରେ ଅତି ପ୍ରବଳ ବର୍ଷା ଆଶଙ୍କା ଥିବାରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିପରି ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଥିବା ଜିଲାଗୁଡ଼ିକ ମଧ୍ୟରେ ଜଗତ୍‌ସିଂହପୁର, ଖୋର୍ଦ୍ଧା, କଟକ, ଗଞ୍ଜାମ, ଗଜପତି, କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲା ରହିଛି। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ନୟାଗଡ଼, ଝାରସୁଗୁଡ଼ା ସମେତ ଅନେକ ଜିଲାକୁ ବଜ୍ରପାତ ଭୟ ରହିଥିବାରୁ ଏହି ଜିଲାଗୁଡ଼ିକୁ ମଧ୍ୟ ୟେଲୋ ୱାର୍ନିଂ ଜାରି କରାଯାଇଛି।

# ୧୨ରେ ମିଳିବ ଅପାରଗ ବାବୁଙ୍କ ହିସାବ

## ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କେତେ ମାନିଛ: ମୁଖ୍ୟ ସଚିବ

ଭୁବନେଶ୍ୱର,୮।୮(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ୪୨ଟି ବିଭାଗରେ କେତେ ଅପାରଗ ବାବୁ ରହିଛନ୍ତି ତା'ର ହିସାବ କିତାବ ଚଳିତମାସ ୧୨ ତାରିଖରେ ହେବ। ମୁଖ୍ୟଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ସଚିବସ୍ତରୀୟ ବୈଠକରେ ଆଲୋଚନା ହେବ। ଏହାସହିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଭିନ୍ନ କ୍ଷେତ୍ରରେ ଦେଇଥିବା ନିର୍ଦ୍ଦେଶନାମା(ଆକ୍ସନ ଟେକେନ୍) ବିଭାଗୀୟ ମୁଖ୍ୟମାନେ କେତେଦୂର କାର୍ଯ୍ୟକାରୀ କରିଛନ୍ତି ତା' ଉପରେ ମଧ୍ୟ ମୁଖ୍ୟଶାସନ ସଚିବ ଟିକିନିଖି ହିସାବ ଲୋଡ଼ିବେ ବୋଲି ଜଣାଯାଇଛି।

ଏ ସଂକ୍ରାନ୍ତରେ ମୁଖ୍ୟଶାସନ ସଚିବଙ୍କ ପକ୍ଷରୁ ସମସ୍ତ ବିଭାଗ ସଚିବଙ୍କୁ ଗୁରୁବାର ପତ୍ର ଲେଖାଯାଇଛି। ପୂର୍ବରୁ ୭ତାରିଖ ସୁଦ୍ଧା ତଥ୍ୟ ଦେବାକୁ ମୁଖ୍ୟସଚିବଙ୍କ ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ(ଓଏସ୍‌ଡି) କଲ୍ୟାଣ କୁମାର ରଥ ଜୁଲାଇ ୩୧ରେ ସମସ୍ତ ବିଭାଗୀୟ ମୁଖ୍ୟଙ୍କୁ ପତ୍ର ଲେଖିଥିବା ବେଳେ ଗୁରୁବାର ଯୋଜନା ଓ ସଂଯୋଜନା ବିଭାଗ ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ(ଓଏସ୍‌ଡି) ତଥା ସ୍ୱତନ୍ତ୍ର ସଚିବ ଡି.କେ. ଜେନା ପୁନର୍ବାର ସମସ୍ତ ବିଭାଗ ମୁଖ୍ୟଙ୍କୁ ପତ୍ର ଲେଖି ହିସାବ ମାଗିଛନ୍ତି।

ସେ ପତ୍ରରେ ଦର୍ଶାଇଛନ୍ତି, ୧୨ରେ ଲୋକସେବା ଭବନର ଦ୍ୱିତୀୟ ମହଲା ସମ୍ମିଳନୀ କକ୍ଷରେ ସଚିବସ୍ତରୀୟ ବୈଠକ ଅନୁଷ୍ଠିତ ହେବ। ସମସ୍ତ ବିଭାଗର ବାଧ୍ୟତାମୂଳକ ଅବସର(ଅପାରଗ-ବାବୁ) ତଥା କେତେଜଣ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ତା' ଉପରେ ଆଲୋଚନା ହେବ।

ରାଜ୍ୟର କେଉଁ ବିଭାଗରେ କେତେ ଅପାରଗ ଅଧିକାରୀ(ବାବୁ) ଅଛନ୍ତି ଏବଂ ସେମାନଙ୍କ ମଧ୍ୟରୁ କେତେ ଜଣଙ୍କୁ ବାଧ୍ୟତାମୂଳକ ଅବସର ପ୍ରଦାନ କରାଯାଇଛି ତା'ର ଟିକିନିଖି ହିସାବ ସମ୍ପର୍କିତ ପାଠ 'ଧରିତ୍ରୀ'ରେ ପ୍ରକାଶ ପାଇଥିଲା। ଜୁଲାଇ ୩୧ରେ ମୁଖ୍ୟସଚିବଙ୍କ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ(ଓଏସ୍‌ଡି) କଲ୍ୟାଣ କୁମାର ରଥ ସମସ୍ତ ବିଭାଗର ସଚିବମାନଙ୍କୁ ପ୍ରଦାନ କରିଥିବା ପତ୍ରରେ ବିଭାଗରେ କେତେ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି, ସେନେଇ ତଥ୍ୟ ଲୋଡ଼ିଥିଲେ।

## ଏନ୍‌ଡିଏ ପ୍ରାର୍ଥୀଙ୍କୁ ସମର୍ଥନ କରିବନି ବିଜେଡି: ମହେଶ

ଭୁବନେଶ୍ୱର,୮।୮(ସୁନିତ୍ ମିଶ୍ର)

ଉପରାଷ୍ଟ୍ରପତି ନିର୍ବାଚନରେ ଏନ୍‌ଡିଏ ସମର୍ଥିତ ପ୍ରାର୍ଥୀଙ୍କୁ ବିଜେଡି ସମର୍ଥନ ଦେବନି ବୋଲି ପୂର୍ବତନ ଏମ୍‌ପି ମହେଶ ସାହୁ କହିଛନ୍ତି। ଦଳ ଏନ୍‌ଡିଏ ପ୍ରାର୍ଥୀଙ୍କୁ ସମର୍ଥନ କରିବ ନାହିଁ। ଏନ୍‌ଡିଏ ଯାହାଙ୍କୁ ଉପରାଷ୍ଟ୍ରପତି ନିର୍ବାଚନରେ ପ୍ରାର୍ଥୀ କରିବ, ବିଜେଡି ତାକୁ ସମର୍ଥନ କରିବ ନାହିଁ। ବିଗତ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାର ଝିଅ ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ କରିଥିବାରୁ ଆମେ ତାଙ୍କୁ ସମର୍ଥନ କରିଥିଲୁ। ହେଲେ ଏବେ ସେ ପରିସ୍ଥିତି ନାହିଁ। ୱକ୍‌ଫରେ କ'ଣ ହୋଇଥିଲା ତାହା ଏବେ ଆଲୋଚନାର ବିଷୟ ନୁହେଁ ବୋଲି ସେ କହିଛନ୍ତି।

# ସ୍କୁଲ ସମ୍ମୁଖରୁ ଛାତ୍ରୀଙ୍କୁ ଅପହରଣ

## ଅଭିଯୁକ୍ତ ଗିରଫ, ଅପହୃତା ଉଦ୍ଧାର

ଯାଜପୁର ରୋଡ୍,୮।୮ (ପବିତ୍ର ରଞ୍ଜନ ମହାନ୍ତି)

ଯାଜପୁର ରୋଡ୍ ଥାନା ଅନ୍ତର୍ଗତ ବ୍ୟାସନଗରରେ ଶୁକ୍ରବାର ଏକ ଇଂଲିଶ ମିଡିୟମ ସ୍କୁଲ ସମ୍ମୁଖରୁ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ କରାଯାଇଥିଲା। ଜଣେ ଯୁବକ ଛାତ୍ରୀଙ୍କୁ ଜବରଦସ୍ତ କାର୍‌ରେ ନେଇ ପଳାଇଯାଇଥିଲେ। ପୋଲିସ କାର୍‌କୁ ପିଛା କରି ଜବତ କରିବା ସହିତ ଛାତ୍ରୀଙ୍କୁ ଉଦ୍ଧାର କରିଛି। ସମ୍ପୃକ୍ତ ଯୁବକ ସୁକିନ୍ଦା ଗ୍ରାମର ଦୀପକ ବିଶ୍ୱାଳ (୨୬)ଙ୍କୁ ଗିରଫ କରିଛି। ସବୁଦିନ ପରି ଶୁକ୍ରବାର ପୂର୍ବାହ୍ନ ୧୦ଟା ସମୟରେ ଛାତ୍ରୀ ଅନ୍ୟମାନଙ୍କ ସହ ସ୍କୁଲ ବସ୍‌ରେ ଆସିଥିଲେ। ବସ୍‌ଟି ସ୍କୁଲ ଗେଟ୍ ସମ୍ମୁଖରେ ଅଟକିବା ପରେ ଛାତ୍ରୀଙ୍କ ସହିତ ଛାତ୍ରୀଛାତ୍ରମାନେ


ଜବତ କାର୍

ଓହ୍ଲାଇଥିଲେ। ହେଲେ ପୂର୍ବ ଯୋଜନା ଅନୁଯାୟୀ ସେଠାର ଏକ କାର୍ (ଓଡି୦୨ବିଜେଡ୍‌୦୩୨୮) ଧରି ଅପେକ୍ଷା କରିଥିବା ଦୀପକ ଛାତ୍ରୀଙ୍କୁ ଉଠାଇ ନେଇ ଫେରାର ହୋଇଯାଇଥିଲେ। ଉପସ୍ଥିତ ଅନ୍ୟ ଛାତ୍ରୀଛାତ୍ର ସ୍କୁଲ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ସ୍କୁଲ କର୍ତ୍ତୃପକ୍ଷ ପୋଲିସକୁ ଖବର ଦେବା ସହ ଛାତ୍ରୀଙ୍କ ପରିବାରକୁ ଅବଗତ କରାଇଥିଲେ। ଯାଜପୁରରୋଡ୍ ପୋଲିସ କାର୍‌କୁ ପିଛା କରିବା ସହିତ ନିକଟସ୍ଥ ଥାନାକୁ ଅବଗତ କରିଥିଲା। ଶେଷରେ ସାପଗାଡ଼ିଆ ନିକଟରୁ ପୋଲିସ କାର୍‌କୁ ଜବତ କରିବା ସହ ଛାତ୍ରୀଙ୍କୁ ଉଦ୍ଧାର କରିଛି। ଅପହରଣକାରୀ ଯୁବକ ଜଣକ ପୋଲିସକୁ ଦେଖି କାର୍ ଛାଡି ଦୌଡ଼ି ପଳାଉଥିଲେ। ହେଲେ ପୋଲିସ ତାଙ୍କୁ ମାଡ଼ି ବସିଥିଲା। ଏନେଇ ଛାତ୍ରୀଙ୍କ ପରିବାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା(ନଂ. ୪୬୨/୨୫) ରୁଜୁ କରି ତଦନ୍ତ ଚଳାଇଛି। ତେବେ ଅପହରଣର କାରଣ ସମ୍ପର୍କରେ ସ୍ପଷ୍ଟ ଜଣାପଡ଼ିନାହିଁ।

## ସାଚୁରେଶନ ମୋଡ୍‌ରେ କାର୍ଯ୍ୟ କରିବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୮।୮(ସୁନିତ୍ ମିଶ୍ର)

ଲୋକସେବା ଭବନ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ସମ୍ମିଳନୀ କକ୍ଷଠାରେ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାଏକ ବିଭାଗୀୟ ଯୋଜନାର କାର୍ଯ୍ୟ ସମୀକ୍ଷା କରିଛନ୍ତି। ବୈଠକରେ ମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ କାର୍ଯ୍ୟକ୍ରମଗୁଡ଼ିକୁ ସାଚୁରେଶନ୍ ମୋଡ୍‌ରେ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ ଅନ୍ତ୍ୟୋଦୟ ଗୃହ ଯୋଜନା, ହର୍ ଘର୍ ଜଲ୍, ବିକଶିତ ଗାଁ ବିକଶିତ ଓଡ଼ିଶା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ), ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଓ ନିର୍ମାଣାଧୀନ ପାନୀୟ ଜଳ ପ୍ରକଳ୍ପ ଗୁଡ଼ିକର ଅଗ୍ରଗତି ଆଦି ସମ୍ବନ୍ଧରେ ସବିଶେଷ ସମୀକ୍ଷା କରିଛନ୍ତି।

## କୋମ୍ବିଂ ବେଳେ ୨ ଯବାନ ଗୁରୁତର

ବଣାଇଁ,୮।୮(ପ୍ରଦୀପ ତ୍ରିପାଠୀ)

ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ସରଣ୍ଡା ହିନ୍ଦୁକୁଲି ଜଙ୍ଗଲରେ ମାଓବାଦୀଙ୍କ ଲ୍ୟାଣ୍ଡମାଇନ ବିସ୍ଫୋରଣରେ ଶୁକ୍ରବାର ୨ ଯବାନ ଗୁରୁତର ହୋଇଛନ୍ତି। କୋବ୍ରା ୨୦୩ ନମ୍ବର ବାଟାଲିୟନର ହେଡ୍ କନଷ୍ଟେବଲ ରାମ ପ୍ରବେଶ ସିଂ ଓ କନଷ୍ଟେବଲ ଛୋଟୁ କଚ୍ଛପଙ୍କୁ ସରଣ୍ଡା ଜଙ୍ଗଲସ୍ଥିତ ଦୀଘା ହେଲିପ୍ୟାଡ୍‌କୁ ଅଣାଯାଇଥିଲା। ସେଠାରୁ ବିମାନ ଯୋଗେ ସେମାନଙ୍କୁ ଉନ୍ନତ ଚିକିତ୍ସା ପାଇଁ ରାଞ୍ଚି ଏୟାର ଲିଫ୍ଟ କରାଯାଇଛି। ଏବେ ଉଭୟଙ୍କ ଅବସ୍ଥା ସ୍ଥିର ଥିବା ରାଞ୍ଚି ଆଇ. ଜି. ମନୋଜ କୌଶିକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହି ଘଟଣା ପରେ ସୁରକ୍ଷା ବାହିନୀ ପକ୍ଷରୁ ମାଓବାଦୀ ବିରୋଧୀ ଅଭିଯାନକୁ ଆହୁରି ଜୋରଦାର କରାଯିବ ବୋଲି ଆଇଜି କୌଶିକ ସ୍ପଷ୍ଟ କରିଛନ୍ତି।

## ବିଧାନସଭାର ନୂତନ ୱେବ୍‌ସାଇଟ୍ ଉନ୍ମୋଚିତ

### ଜନ ସମ୍ପୃକ୍ତିକୁ ପ୍ରୋତ୍ସାହିତ କରିବ: ବାଚସ୍ପତି

ଭୁବନେଶ୍ୱର,୮।୮(ରବିନାରାୟଣ ଜେନା)

ଓଡ଼ିଶା ବିଧାନସଭାର ଟିକିନିଖି ଖବର ରାଜ୍ୟବାସୀଙ୍କ ପାଖରେ ପହଞ୍ଚାଇବା ଏବଂ ସେମାନଙ୍କ ସମ୍ପୃକ୍ତିକୁ ଦୃଷ୍ଟିରେ ରଖି ଶୁକ୍ରବାର ବିଧାନସଭାର ନୂତନ ୱେବ୍‌ସାଇଟ୍ ଉନ୍ମୋଚିତ ହୋଇଯାଇଛି। ବାଚସ୍ପତି ସୁରମା ପାଢ଼ୀ ଏହି ଅବସରରେ କହିଛନ୍ତି, ଏଭଳି ପ୍ରୟାସ ଅଧିକ ସ୍ୱଚ୍ଛ ଓ ପାରଦର୍ଶିତା ଦିଗରେ ଆମ ଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଓଡ଼ିଶା ସରକାରଙ୍କ ଆଇଟି ଓ ଇଟି ବିଭାଗ ଏବଂ ଭାରତ ସରକାରଙ୍କ ଏନ୍‌ଆଇସିର ବୈଷୟିକ ପରାମର୍ଶରେ ବିକଶିତ ହୋଇଥିବା ଏହି ନୂତନ ୱେବ୍‌ସାଇଟ୍ ବିଧାନସଭା କାର୍ଯ୍ୟଧାରାକୁ ଜନସାଧାରଣଙ୍କ ପାଇଁ ଅଧିକ ସୁଗମ ଏବଂ ସ୍ୱଚ୍ଛତାର ସହ ପହଞ୍ଚାଇବ। ଏହା ନାଗରିକମାନଙ୍କୁ ବିଧାନସଭାର କାର୍ଯ୍ୟକଳାପ, ନିଷ୍ପତ୍ତି ଏବଂ ପଦକ୍ଷେପ ବିଷୟରେ ଠିକ୍ ଏବଂ ସବିଶେଷ ସୂଚନା ପ୍ରଦାନ କରିବ ବୋଲି ବାଚସ୍ପତି ପ୍ରକାଶ କରିଥିଲେ। ଏହା ସୁଶାସନ ଏବଂ ନାଗରିକ ସମ୍ପୃକ୍ତି ପାଇଁ ପ୍ରଯୁକ୍ତିର ଉପଯୋଗ କ୍ଷେତ୍ରରେ ପ୍ରତିବଦ୍ଧତାର ଏକ ନିଦର୍ଶନ। ଏହି ପ୍ଲାଟଫର୍ମ କେବଳ ବିଧାନସଭାର କାର୍ଯ୍ୟକାରିତାକୁ ବୃଦ୍ଧି କରିବ ତାହା ନୁହେଁ, ବରଂ ଓଡ଼ିଶାର ଜନସାଧାରଣଙ୍କ ଅଂଶଗ୍ରହଣ ଏବଂ ସମ୍ପୃକ୍ତିକୁ ମଧ୍ୟ ପ୍ରୋତ୍ସାହିତ କରିବ।

## ପ୍ରଫେସର ଶାନ୍ତନୁ କୁମାର ସ୍ୱାଇଁ ସିକ୍କିମ ବିଶ୍ୱବିଦ୍ୟାଳୟ କୁଳପତି

ଭୁବନେଶ୍ୱର,୮।୮(ସୁଚିସ୍ମିତା ସାହୁ)

ପ୍ରଫେସର ଶାନ୍ତନୁ କୁମାର ସ୍ୱାଇଁ ସିକ୍କିମ ବିଶ୍ୱବିଦ୍ୟାଳୟର ନୂତନ କୁଳପତି ଭାବେ ନିଯୁକ୍ତି ପାଇଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରଫେସର ସ୍ୱାଇଁଙ୍କୁ ଏହି ନିଯୁକ୍ତି ଦେଇଛନ୍ତି। ସେ ୫ ବର୍ଷ ପର୍ଯ୍ୟନ୍ତ ଏହି ଦାୟିତ୍ୱ ସମ୍ଭାଳିବେ। ପ୍ରଫେସର ସ୍ୱାଇଁଙ୍କ ଘର ପୁରୀ ଜିଲା ରୁଷିପଡ଼ା ଗ୍ରାମରେ। ଶିକ୍ଷା କ୍ଷେତ୍ରରେ ତାଙ୍କର ୪୩ ବର୍ଷର ଅଭିଜ୍ଞତା ରହିଛି। ସେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ (ବିଏଚ୍‌ୟୁ) ଶିକ୍ଷା ବିଭାଗର ଡିନ୍ ଭାବେ କାର୍ଯ୍ୟ କରୁଥିଲେ।



ତାଙ୍କ ନେତୃତ୍ୱରେ ୬୭ରୁ ଅଧିକ ଗବେଷକ ପିଏଚ୍.ଡି ଡିଗ୍ରୀ ଲାଭ କରିଛନ୍ତି। ଏଥିସହ ପ୍ରଫେସର ସ୍ୱାଇଁ ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓ କୋରାପୁଟର ଶିକ୍ଷା ପରିଷଦର ସଦସ୍ୟ ଭାବେ କାର୍ଯ୍ୟ କରିଥିଲେ।

## ୧୮ରେ ବରଗଡ଼ରେ ବିଜେଡିର ଚାଷୀ ସମାବେଶ

ଭୁବନେଶ୍ୱର,୮।୮(ସୁନିତ୍ ମିଶ୍ର)

ରାଜ୍ୟରେ ଭାଜପା ସରକାର ଚାଷୀକୁଳର ସ୍ୱାର୍ଥକୁ ଅଣଦେଖା କରିଛନ୍ତି, ଯେଉଁଥିପାଇଁ କୃଷକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ବିଜେଡି କହିଛି। ସରକାରଙ୍କ ଏହି ଚାଷୀମାରଣ ନୀତିକୁ ବିରୋଧକରି ଆସନ୍ତା ୧୮ରେ ବରଗଡ଼ଠାରେ ବିଜେଡି ପକ୍ଷରୁ ବିରାଟ ଚାଷୀ ସମାବେଶ କରାଯିବ ବୋଲି ଦଳ ଘୋଷଣା କରିଛି। ଦଳର କୃଷକ ସେଲ୍ ପକ୍ଷରୁ ଶଙ୍ଖ ଭବନଠାରେ ଶୁକ୍ରବାର ଏକ ରାଜ୍ୟସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୃଷକ ସେଲ୍‌ର ଆବାହକ ପ୍ରସନ୍ନ ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ। ଏଥିରେ ରାଜ୍ୟର ସବୁ ଜିଲାରୁ କୃଷକ ପ୍ରତିନିଧି ଯୋଗଦେଇଥିଲେ।

# ୨୨.୭୪ ଲକ୍ଷ ଚାଷୀ ନେଲେଣି ୧୭ହଜାର କୋଟିର ଶସ୍ୟଋଣ

## ବଣ୍ଟାହେଲାଣି ୩.୭୫ ଲକ୍ଷ କୁଇଣ୍ଟାଲ ବିହନ

ଭୁବନେଶ୍ୱର,୮।୮(ରବିନାରାୟଣ ଜେନା)

କୃଷକ ଓ ମହିଳାଙ୍କୁ ଆତ୍ମନିର୍ଭରଶୀଳ କରି ରାଜ୍ୟର ବିକାଶରେ ସାମିଲ କରିବା ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। 'ସୁଭଦ୍ରା' ଯୋଜନାରେ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାକୁ ଲକ୍ଷ୍ୟ ରଖିଥିବାବେଳେ କୃଷକଙ୍କ ଆୟ ବୃଦ୍ଧିକରି ସେମାନଙ୍କୁ ଆର୍ଥିକ ଦୃଷ୍ଟିରୁ ସଶକ୍ତ କରିବାକୁ ଯୋଜନା ରଖିଛନ୍ତି। ଚଳିତବର୍ଷ ଖରିଫ୍‌ଋତୁ ଲାଗି ସରକାରଙ୍କ ୧୭ହଜାରରୁ ଊର୍ଦ୍ଧ୍ୱ କୋଟି ଟଙ୍କାର ଶସ୍ୟଋଣ ଦିଆସରିଲାଣି। ଅଧିକ ଚାଷୀ କିଭଳି ସରକାରଙ୍କ ଯୋଜନାରେ ସାମିଲ ହେବେ ଏବଂ ଅଧିକ ପରିମାଣର ଶସ୍ୟଋଣ ବଣ୍ଟନ କରାଯିବା ସହ ଶସ୍ୟ ଉତ୍ପାଦନ ବଢ଼ିବ ତାକୁ ନେଇ କୃଷି ବିଭାଗ ପକ୍ଷରୁ ସ୍ୱତନ୍ତ୍ର ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯାଇଛି।

ଏହିକ୍ରମରେ ଅଗଷ୍ଟ ୪ ସୁଦ୍ଧା ୨୨ଲକ୍ଷ ୭୩ହଜାର ୬୫୩ ଚାଷୀଙ୍କୁ ୧୭ହଜାର ୬୫କୋଟି ଟଙ୍କାର ଶସ୍ୟଋଣ ପ୍ରଦାନ କରାଯାଇଛି ବୋଲି କୃଷି ବିଭାଗ ପ୍ରମୁଖ ସଚିବ ଡ. ଅରବିନ୍ଦ ପାଢ଼ୀଙ୍କ ସମୀକ୍ଷା ବୈଠକରୁ ଜଣାଯାଇଛି।

କୃଷି ବିଭାଗର ତଥ୍ୟ ଅନୁଯାୟୀ, ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୩-୨୪ ଆର୍ଥିକବର୍ଷରେ ଉଭୟ ଖରିଫ୍ ଓ ରବିଋତୁ ଲାଗି ଚାଷୀଙ୍କୁ ୧୮ହଜାର କୋଟି ଟଙ୍କାର ଶସ୍ୟଋଣ ଯୋଗାଇବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ୧୮ହଜାର ୫୭୬.୫୯କୋଟି ଟଙ୍କାର ଋଣ ସହାୟତା ଯୋଗାଇ ଦିଆଯାଇଥିଲା। ମାତ୍ର ଚଳିତବର୍ଷ କେବଳ ଖରିଫ୍‌ରେ ୧୭ହଜାର ୬୫ କୋଟି ଟଙ୍କାର ଶସ୍ୟଋଣ ବଣ୍ଟନ କରାଯାଇଥିବା ବେଳେ ଆଗାମୀ ୧୫ ତାରିଖ ସୁଦ୍ଧା ବିଭାଗ ୨୫ଲକ୍ଷ ଚାଷୀ ପଞ୍ଜୀକରଣ କରିବାକୁ ଲକ୍ଷ୍ୟ ରଖିଛି। ଯଦି ଚାଷୀଙ୍କ ସଂଖ୍ୟା ବଢ଼େ ଶସ୍ୟଋଣ ପରିମାଣ ମଧ୍ୟ ଆହୁରି ବଢ଼ିବ ବୋଲି କୃଷି ବିଭାଗ ପକ୍ଷରୁ ଜଣାଯାଇଛି।

ଅଗଷ୍ଟ ୪ ସୁଦ୍ଧା ୭ଲକ୍ଷ ୪୬ହଜାର ୯୦୯ ଚାଷୀ ପ୍ରଧାନମନ୍ତ୍ରୀ ଫସଲ ବୀମାରେ ପଞ୍ଜୀକରଣ କରିଛନ୍ତି। ଏଥିମଧ୍ୟରେ ୫ଲକ୍ଷ ୧୫ହଜାର ୧୫୬ ହେକ୍ଟର ଚାଷଜମି ବୀମାଭୁକ୍ତ ହୋଇଛି। ସେହିପରି ଗତବର୍ଷ ତୁଳନାରେ ଚାଷୀଙ୍କୁ ଚଳିତବର୍ଷ ଅଧିକ ପରିମାଣର ଧାନବିହନ ଯୋଗାଇ ଦିଆଯାଇଛି। ୨୦୨୪-୨୫ରେ ୩ଲକ୍ଷ ୪୫ହଜାର ୩୬୧ କୁଇଣ୍ଟାଲ ଧାନ ବିହନ ଦିଆଯାଇଥିବାବେଳେ ଚଳିତବର୍ଷ ୩ଲକ୍ଷ ୭୪ହଜାର ୫୨୧ କୁଇଣ୍ଟାଲକୁ ଛୁଇଁଛି। ଚଳିତବର୍ଷ ଚାଷୀଙ୍କୁ ୩ଲକ୍ଷ ୩୦ହଜାର ୪୦୫ କୁଇଣ୍ଟାଲ ଧାନ ବିହନ ଖରିଫରେ ଯୋଗାଇବାକୁ ରହିଥିବାବେଳେ ୪ ତାରିଖ ସୁଦ୍ଧା ୪୪ହଜାର ୧୧୬ କୁଇଣ୍ଟାଲ ଧାନ ବିହନ ଦିଆଗଲାଣି। ଫସଲ ଯେପରି ଅଧିକ ଅମଳ ହେବ ତାକୁ ଦୃଷ୍ଟିରେ ରଖି ସାର, କୀଟନାଶକ ଯୋଗାଣ ସହିତ ଅନ୍ୟାନ୍ୟ ଦିଗ ଉପରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି।






> ତୁମେ ଯଦି କେବଳ ସାମାଜିକ ଓ ସାମୂହିକ ନିୟମଗୁଡ଼ିକୁ ମାନିବାକୁ ତତ୍ପର ହେଉଥାଅ- ଜାଣିରଖ ଯେ, ତୁମେ ତତ୍କ୍ଷଣାତ୍ ସେହି ସବୁ ନିୟମର କ୍ରୀତଦାସ ହୋଇ ରହିବ। ଏବଂ ତାହା ହିଁ ତୁମ ରୂପାନ୍ତର ପଥରେ କାର୍ଯ୍ୟ କରିବା ଦିଗରେ ଯଥେଷ୍ଟ ବାଧା ସୃଷ୍ଟି କରିବ। -ଶ୍ରୀମା

# ଗୁଞ୍ଜରଣର ପ୍ରଭାବ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

କେତେକ ଘଟଣା ସମ୍ପର୍କିତ ରିପୋର୍ଟ ଗଣମାଧ୍ୟମରେ ସାମ୍ନାକୁ ନ ଆସିଲେ ମଧ୍ୟ ସେସବୁ କେବଳ ଗୁଞ୍ଜରଣ, ଲିଫ୍ଟର ପ୍ରତୀକ୍ଷାଳୟରେ ଆଲୋଚନା ଏବଂ ଡିନରରେ କାନକୁହା କଥା ଦ୍ୱାରା ବ୍ୟାପିଯାଏ। ଏବେ ସେଭଳି ଏକ ଘଟଣା ବ୍ୟାପିବାରେ ଲାଗିଛି, ଯାହା ୨ଜଣ ଛାତ୍ର କର୍ମକର୍ତ୍ତା, ଉଗ୍ରବାଦୀ କାର୍ଯ୍ୟକଳାପ ବିରୋଧୀ କାର୍ଯ୍ୟ ପାଇଁ ଜଣାଶୁଣା ଦିଲ୍ଲୀ ପୋଲିସର ଏକ ୟୁନିଟ୍ ଏବଂ ହାଜତ ନିର୍ଯାତନାର ଏକ କ୍ରୁର ଅଧ୍ୟାୟ ସହ ଜଡ଼ିତ। ଲକ୍ଷିତା ଏବଂ ଗୁର୍‌କିରାତଙ୍କ ଅନୁଯାୟୀ ସେମାନଙ୍କୁ ଚମଡ଼ା ଚାବୁକରେ ପିଟାଯାଇଛି। କୌଣସି ରାଜନୈତିକ ଉତ୍ତେଜନା କିମ୍ବା କ୍ଷତିକାରକ କାର୍ଯ୍ୟ ପାଇଁ ଏଭଳି କରାଯାଇ ନ ଥିଲା। ସେମାନେ କହନ୍ତି, ଜଣେ ପ୍ରତିଷ୍ଠିତ ପରିବାର ସହ ବ୍ୟକ୍ତିଗତ ବିବାଦରୁ ଏଭଳି ନିର୍ଯାତନା ଦିଆଯାଇଛି। ଅନୌପଚାରିକ ଭାବେ ମିଳିଥିବା ପ୍ରଶାସନିକ ତଥ୍ୟ ୧୯୯୫ ବ୍ୟାଚ୍‌ର ଜଣେ ବରିଷ୍ଠ ଅଧିକାରୀଙ୍କୁ ଇଙ୍ଗିତ କରୁଛି, ଯିଏ କି ନିକଟରେ ଜଳ କ୍ଷେତ୍ରରେ ଏକ ଜାତୀୟ ମିଶନର ନେତୃତ୍ୱ ନେଉଛନ୍ତି। ଅବଶ୍ୟ ଏଫ୍‌ଆଇଆର୍‌ରେ ତାଙ୍କ ନାମ ନାହିଁ। ଗୁରୁତ୍ୱପୂର୍ଣ୍ଣ କଥା ଯେ, ଏକ ଘରୋଇ ଅଭିଯୋଗରେ ସ୍ୱତନ୍ତ୍ର ପୋଲିସ ୟୁନିଟ୍ ଦ୍ୱାରା ବେଆଇନ ଭାବେ ଅଟକ ରଖି ଶାରୀରିକ ନିର୍ଯାତନା ଦିଆଯାଇଥିବା ଦିନଗୁଡ଼ିକର ଘଟଣାଗୁଡ଼ିକୁ ଦର୍ଶାଯାଇଥିବା ଜଣାପଡ଼ିଛି, ଯାହା ପୋଲିସ ପାଇଁ ବିପଦର କାରଣ ପାଲଟିଛି। କୌଣସି ଆନ୍ଦୋଳନ ନାହିଁ କି ଗଣମାଧ୍ୟମ ରିପୋର୍ଟ ନାହିଁ; କେବଳ ଲୋକଙ୍କ ଦ୍ୱାରା ଖବର ବ୍ୟାପୁଛି। ଦିଲ୍ଲୀରେ,ଗୁଞ୍ଜରଣ ଔପଚାରିକ ପ୍ରେସ୍ ରିଲିଜଠାରୁ ସବୁବେଳେ ଅଧିକ କିଛି କହେ। କ୍ଷମତା ଯେତେବେଳେ ଘଟଣାକୁ ସର୍ବସାଧାରଣରେ ପ୍ରକାଶ କରିବାକୁ ଚାହେଁ ନାହିଁ ସେତେବେଳେ ତାହାର ଅବସ୍ଥା କ'ଣ ହୁଏ ତାହା ସମସ୍ତେ ଜାଣନ୍ତି। ଘଟଣାକୁ କେବେ ବି ନିୟନ୍ତ୍ରଣରେ ରଖିହୁଏ ନାହିଁ।

### ଅସ୍ଥାୟୀ ନିଯୁକ୍ତି

ନିକଟରେ ଦିଲ୍ଲୀ ପୋଲିସ କମିଶନର ଭାବେ ଅତିରିକ୍ତ ଦାୟିତ୍ୱରେ ବରିଷ୍ଠ ଆଇପିଏସ୍ ଅଧିକାରୀ ଏସ୍.ବି.କେ. ସିଂଙ୍କୁ ଅବସ୍ଥାପିତ କରାଯାଇଛି। ଏହା ନିଶ୍ଚିତ ଯେ, ଦିଲ୍ଲୀ ପୋଲିସର ଶୀର୍ଷ ପଦବୀଗୁଡ଼ିକରେ ବାହାରୁ ଆସି ବସିଯିବା ଘଟଣା ଅନେକ ବର୍ଷ ହେଲା ଗଡ଼ିଚାଲିଛି। ହେଲେ ଶେଷରେ ଏବେ ଏଜିଏମ୍‌ୟୁଟି କ୍ୟାଡର ଅଧିକାରୀମାନେ ସେମାନଙ୍କର ଜଣେ ନିଜ ଲୋକଙ୍କୁ ପଦବୀରେ ରହିବା ଦେଖିବାକୁ ପାଇଛନ୍ତି। ୧୯୮୮ ବ୍ୟାଚ୍ ଅଧିକାରୀ ସିଂ ବ୍ୟବସ୍ଥାକୁ ଭଲ ଭାବେ ଜାଣନ୍ତି ଓ ତାଙ୍କର ସଂସ୍ଥାଗତ ଅଭିଜ୍ଞତା ଅଛି। ଏଭଳି ନିଯୁକ୍ତିରୁ ଜଣାପଡୁଛି , ବ୍ୟବସ୍ଥା ତାହାର ପୁରୁଣା ଧାରାକୁ ଫେରୁଛି। କିନ୍ତୁ ଏଠାରେ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ନିଯୁକ୍ତିରେ ଅତିରିକ୍ତ ଦାୟିତ୍ୱ, ୬ ମାସ କାର୍ଯ୍ୟକାଳ ଏବଂ ପାଖାପାଖିରେ ଅବସର ନେଉଥିବା ବିଷୟ ସମସ୍ତଙ୍କ ନଜରକୁ ଆସେନାହିଁ। କିନ୍ତୁ ଏସବୁ ସମସ୍ତେ ଅନୁଭବ କରୁଛନ୍ତି। ଯେଉଁମାନେ ଅତୀତର ଘଟଣାଗୁଡ଼ିକୁ ଦେଖିଥିବେ ସେମାନେ ଅସ୍ଥାୟୀ କମିଶନର ଏସ୍.ଏନ୍. ଶ୍ରୀବାସ୍ତବଙ୍କ କଥା ମନେରଖିଥିବେ, ଯାହାଙ୍କୁ ସେବାନିବୃତ୍ତିର ଠିକ୍ ପୂର୍ବରୁ ପଦୋନ୍ନତି ଦିଆଯାଇଥିଲା। ଏବେ ସୁଦ୍ଧା ସେଭଳି ଧାରାର ଅନ୍ତ ଘଟିନାହିଁ। ଏହାର ରହସ୍ୟ କ'ଣ ? କାହିଁକି ଏଭଳି ଅସ୍ଥାୟୀ ବ୍ୟବସ୍ଥା ? କେହି ଏହା ବିରୋଧରେ ସ୍ୱର ଉଠାଉନାହାନ୍ତି। କିନ୍ତୁ ବାହାରକୁ ଜଣାଇବା ଲାଗି କେବଳ ନିଯୁକ୍ତି କରାଯାଉଥିବାବେଳେ ବାସ୍ତବରେ ବିବାଦ ବା ସମସ୍ୟାରୁ ଦୂରେଇ ରହିବାକୁ ତାହା କରାଯାଉଥିବା ଜଣାପଡୁଛି। ଅସ୍ଥାୟୀ ନିଯୁକ୍ତିରେ ଶୀର୍ଷ ପୋଲିସ ଅଧିକାରୀଙ୍କୁ ଯେତେବେଳେ ଏକ ସୀମିତ ସମୟରେ ଦାୟିତ୍ୱସମ୍ପନ୍ନ କରିବାକୁ ପଡ଼ିଥାଏ ସେତେବେଳେ ଏକ ଦୀର୍ଘ ମିଆଦୀ ଯୋଜନା କରିବା କଷ୍ଟକର ହୋଇପଡ଼େ। ତେବେ ଏବେ ଦିଲ୍ଲୀ ପୋଲିସକୁ ଜଣେ ଜଣାଶୁଣା ଅଧିକାରୀ ମିଳିଛି। ଏହା ସ୍ଥାୟୀ ନେତୃତ୍ୱ ହେଉଛି କି ନାହିଁ ତାହା ଆଗକୁ ଜଣାପଡ଼ିବ।

### ନେତୃତ୍ୱରେ ମହିଳା

ଭାରତୀୟ ବନସେବା (ଆଇଏଫ୍‌ଏସ୍) ସଂଘର ସାଧାରଣ ବୈଠକକୁ ନେଇ ଏବେ ଚର୍ଚ୍ଚା ଜାରି ରହିଛି। ପ୍ରଥମ ଥର ପାଇଁ ଏହାର ଜାତୀୟ କାର୍ଯ୍ୟକାରିଣୀରେ ସବୁ ମହିଳା ସ୍ଥାନ ପାଇଛନ୍ତି। ଏହା କେବଳ ଏକ ଛୋଟ ଖବର ଭାବେ ପ୍ରକାଶ ପାଇନାହିଁ, ବରଂ ଏକ ପ୍ରମୁଖ ପ୍ରବନ୍ଧ ଭାବେ ସ୍ଥାନିତ ହୋଇଛି। ସେବାରେ ବେଶ୍ ଜଣାଶୁଣା ତଥା ଜଣେ ସଫଳ ଅଧିକାରୀ ଭାବେ ଜ୍ୟୋତ୍ସ୍ନା ସିଟ୍‌ଲିଙ୍ଗ ଏବେ ପୃଷ୍ଠପୋଷକ ଭାବେ ରହିଛନ୍ତି। ଅନିତା କରଣ ସଭାପତି, ମୋନାଲିସା ଦାଶ ମହାସଚିବ ଅଛନ୍ତି। କାର୍ଯ୍ୟକାରିଣୀରେ ଥିବା ଅନ୍ୟ ଯୋଗ୍ୟ ମହିଳାମାନେ ହେଲେ ସୁରଭି ରାୟ, ସୁଭେନା ଠାକୁର ଏବଂ ଚେଷ୍ଟା ସିଂ। ଏହା କେବଳ ଏକ ଟିମ୍ ନୁହେଁ, ଏକ ଦକ୍ଷତା, ପ୍ରତିବଦ୍ଧତା ଏବଂ ସବୁ ଲିଙ୍ଗରେ ନେତୃତ୍ୱ ଦକ୍ଷତାର ଘୋଷଣା। ଏହି ମହିଳାମାନେ କେବଳ ଅମଲାତନ୍ତ୍ରୀ ନୁହନ୍ତି, ସେମାନେ ଦକ୍ଷତାର ସହ ପ୍ରକୃତ ଜଙ୍ଗଲରେ କାମ କରିଛନ୍ତି। ସେମାନେ ଜଙ୍ଗଲ ସଂରକ୍ଷଣର ନେତୃତ୍ୱରେ ରହି କାର୍ଯ୍ୟ କରିବା ସହ ବନାଗ୍ନି ନିୟନ୍ତ୍ରଣ ଏବଂ ପରିବେଶ ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ପ୍ରମୁଖ ଭୂମିକା ନେଇଛନ୍ତି। ଏହି ସେବାରେ ଦୀର୍ଘଦିନରୁ ଖାକିଧାରୀ ପୁରୁଷଙ୍କ ପ୍ରାଧାନ୍ୟ ରହିଆସିଥିବାବେଳେ ଏହି ପରିବର୍ତ୍ତନ କିଛି କମ୍ କଥା ନୁହେଁ। ଏହା ମଧ୍ୟ ଠିକ୍ ସମୟରେ ହୋଇଛି। ଜଳବାୟୁ ସଙ୍କଟ ବୃଦ୍ଧିପାଇବା ସହ ଜୈବ ବିବିଧତା କ୍ଷୟ ହେଉଥିବା ସମୟରେ ବନସେବା ଦୃଢ଼ ନେତୃତ୍ୱର ସହ କାମ କରିବା ଆବଶ୍ୟକ। ଏହି ଟିମ୍ ତାହା କରିବା ପାଇଁ ଅଗ୍ରସର ହେଉଥିବା ମନେହେଉଛି। ଏଣୁ ଭାରତୀୟ ବନସେବା ଇତିହାସ ରଚିଛି। କିନ୍ତୁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି,ଭବିଷ୍ୟତରେ ମଧ୍ୟ ଏହା ପୁଣି ଇତିହାସ ସୃଷ୍ଟିକରିପାରେ।

Email: dilipcherian@gmail.com

# ରାକ୍ଷୀ: ସମ୍ପର୍କର ଡୋର



ମୋହନ ଚରଣ ମାଝୀ

ଜୟ ଜଗନ୍ନାଥ

ଆଜି ପବିତ୍ର ରକ୍ଷା ବନ୍ଧନ। ଭାଇ ଭଉଣୀଙ୍କ ପବିତ୍ର ସମ୍ପର୍କକୁ ପୁଣି ରାକ୍ଷୀର ଡୋରରେ ବାନ୍ଧି ସେଇ ଅତୁଟ ବନ୍ଧନକୁ ଆଉଥରେ ମନେ ପକେଇବାର ଦିନ। ଏହି ପବିତ୍ର ଦିନରେ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବରେ ନୁହେଁ, ଜଣେ ସାଧାରଣ ଆଦିବାସୀ ଓ ଓଡ଼ିଆ ଭାଇ ଭାବରେ ରାଜ୍ୟର ସମ୍ପୂର୍ଣ୍ଣ ନାରୀ ସମାଜକୁ ହୃଦୟରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ଆପଣ ଓ ଆପଣଙ୍କ ପରିବାରର ସୁଖ ଶାନ୍ତି ଓ ସମୃଦ୍ଧି କାମନା କରୁଛି। ରାକ୍ଷୀ ପୂରା ସମାଜକୁ ସମ୍ପର୍କର ଡୋରରେ ବାନ୍ଧୁ, ଆଜି ଏହି ପବିତ୍ର ଦିନରେ ମହାପ୍ରଭୁଙ୍କ ପାଖରେ ପ୍ରାର୍ଥନା।

ଆଜି ପବିତ୍ର ରକ୍ଷାବନ୍ଧନର ଦିନ, ଓଡ଼ିଆ ସଭ୍ୟତା ଓ ସଂସ୍କୃତିର ମହାନ୍ ପରମ୍ପରାର ଏକ ଗୁରୁତ୍ୱପୂର୍ଣ୍ଣ ଦିନ। ଆଜି ଓଡ଼ିଆ ଜାତିର ପରମ ଆରାଧ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କର ମାନବୀୟ ଲୀଳାର ଅଂଶସ୍ୱରୂପ ଭଉଣୀ ସୁଭଦ୍ରାଙ୍କ ହାତରୁ ରାକ୍ଷୀ ବାନ୍ଧିବେ। ରକ୍ଷାବନ୍ଧନ ସହିତ ଆଜି ଦିନ ପବିତ୍ର ଗହ୍ମା ପୂର୍ଣ୍ଣିମା ଭାବରେ ପାଳିତ। ଆଜି ହଳ-ଲଙ୍ଗଳଧାରୀ ବଡ଼ ଠାକୁର ବଳଭଦ୍ରଙ୍କର ପବିତ୍ର ଜନ୍ମଦିନ। ଶ୍ରୀମନ୍ଦିର ହେଉ ବା କେନ୍ଦୁଝର ଓ କେନ୍ଦ୍ରାପଡ଼ା ତଥା ରାଜ୍ୟର ବିଭିନ୍ନ ସ୍ଥାନର ବଳଦେବଜୀଉଙ୍କ ମନ୍ଦିରରେ ବଡ଼ ଠାକୁରଙ୍କ ଜନ୍ମୋତ୍ସବ ଧୁମ୍‌ଧାମ୍‌ରେ ମଧ୍ୟ ପାଳିତ ହେବ।

ଗୋଟିଏ ପଟେ ରାକ୍ଷୀ ଭଉଣୀ ପାଇଁ ଉତ୍ସର୍ଗୀକୃତ ଦିନଟିଏ। ତା' ସହିତ ଆଜିର ଦିନଟି କୃଷି ଅର୍ଥନୀତିର ପ୍ରତୀକ ହଳ-ଲଙ୍ଗଳଧାରୀ ବଡ଼ ଠାକୁର ବଳଦେବଙ୍କର ଆରାଧନାର ଦିନ। କାହିଁ କେଉଁ ଅନନ୍ତ କାଳରୁ ଓଡ଼ିଆ ଜାତି ନିଜର କୃଷି ଅର୍ଥନୀତି ସର୍ବସ୍ୱ ଜୀବନ ବ୍ୟବସ୍ଥାରେ କୃଷି ଓ ଗୋ ସମ୍ପଦକୁ ସମ୍ମାନର ସହ ପାଳନ କରିଆସିଛି। ଆଜି ବି ଓଡ଼ିଶାର ପୁରପଲ୍ଲୀରେ କୃଷି ଅର୍ଥନୀତିର ମେରୁଦଣ୍ଡ ଗାଈ, ବଳଦଙ୍କୁ ପୂଜା କରିବାର ପରମ୍ପରା ରହି ଆସିଛି। ସୁଭଦ୍ରାସ୍ୱରୂପାଭଉଣୀମାନଙ୍କୁ ତ ଶୁଭେଚ୍ଛା ଜଣାଉଛି, ତା' ସହିତ ଆମର ଚାଷୀ ଭାଇ-ଭଉଣୀମାନଙ୍କୁ ବଡ଼ ଠାକୁର ବଳଭଦ୍ରଙ୍କ ଜନ୍ମଦିନରେ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ। ଆପଣଙ୍କ ଚାଷକାମ ସଫଳ ହେଉ। ଆପଣଙ୍କ ଅର୍ଥନୀତିରେ ଉନ୍ନତି ଆସୁ। ଆଜି ଦିନରେ ଓଡ଼ିଶାର ଚାଷୀ ଭାଇ ଭଉଣୀମାନଙ୍କୁ ଏହି ଶୁଭେଚ୍ଛା ଜଣାଉଛି, ସେମାନେ ପୁଣି ଆନନ୍ଦର ସହ କୁହନ୍ତୁ- ଚାଷ କାମ ଯାହାର, କି ଆନନ୍ଦ ତାହାର। ଏହି ଅବସରରେ ଆପଣଙ୍କୁ ପ୍ରତିଶ୍ରୁତି ଦେଉଛି ଯେ ଚାଷୀମାନଙ୍କର ସ୍ୱାର୍ଥର ସୁରକ୍ଷା ପାଇଁ ମୋ ସରକାର ବଦ୍ଧପରିକର।

ଆଜି ମୋର ସୁଭଦ୍ରା ସ୍ୱରୂପାଭଉଣୀମାନଙ୍କୁ ପବିତ୍ର ରକ୍ଷାବନ୍ଧନରେ ଉପହାର ଦେବାପାଇଁ କୋରାପୁଟ ଜିଲାର ଜୟପୁର ସହରକୁ ଆସିଛି। ଗତ ବର୍ଷ ନିର୍ବାଚନ ଲଢ଼ିବାବେଳେ ମୋ ଦଳ ଆମ ରାଜ୍ୟର ଭଉଣୀମାନଙ୍କୁ ସୁଭଦ୍ରା ଯୋଜନା ମାଧ୍ୟମରେ ଆର୍ଥିକ ସହାୟତା ଦେବାକୁ ପ୍ରତିଶ୍ରୁତି ଦେଇଥିଲା। ଆଜି ଜୟପୁର ସହରର ଏହି ଐତିହାସିକ ମାଟିରୁ ସୁଭଦ୍ରା ଯୋଜନାର ଦ୍ୱିତୀୟ ବର୍ଷର ପ୍ରଥମ କିସ୍ତି ଏକ କୋଟିରୁ ଊର୍ଦ୍ଧ୍ୱ ଭଉଣୀମାନଙ୍କ ବ୍ୟାଙ୍କଖାତାକୁ ଯିବ। ୨୧ବର୍ଷରୁ ୬୦ ବର୍ଷ ମଧ୍ୟରେ ଥିବା ଓଡ଼ିଆ ଭଉଣୀମାନଙ୍କୁ ପ୍ରତି କିସ୍ତିରେ ୫ହଜାର ଟଙ୍କା ଲେଖାଏ ବର୍ଷକୁ ୧୦ ହଜାର ଟଙ୍କା ଓ ୫ ବର୍ଷରେ ୧୦ଟି କିସ୍ତିରେ ୫୦ ହଜାର ଟଙ୍କା ପ୍ରଦାନ କରିବା ପାଇଁ ମୋ ସରକାର ପ୍ରତିଶ୍ରୁତିବଦ୍ଧ।

ସୁଭଦ୍ରା ଯୋଜନା ଆମ ରାଜ୍ୟର ମା'-ଭଉଣୀମାନଙ୍କୁ କେବଳ ଆର୍ଥିକସାହାଯ୍ୟ ପହଞ୍ଚାଇବା ପାଇଁ ଏକ ଯୋଜନା ନୁହେଁ, ବରଂ ଏହା ସୁଭଦ୍ରାସ୍ୱରୂପା ଓଡ଼ିଆ ଭଉଣୀମାନଙ୍କର ଆତ୍ମବିଶ୍ୱାସ ଏବଂ ସମ୍ମାନ ବଢ଼ାଇବାର ଏକ ନିଷ୍ଠାପର ଉଦ୍ୟମ। ସୁଭଦ୍ରା ଯୋଜନାର ଦୁଇଟି କିସ୍ତି ଗତ ଏକ ବର୍ଷରେ ପ୍ରଦାନ କରାଯାଇ ସାରିଛି। ଭଉଣୀମାନେ ଆଜି ରାକ୍ଷୀ ପୂର୍ଣ୍ଣିମାରେ ଆଉ ଏକ କିସ୍ତି ପାଇଁ ଆଶ୍ୱସ୍ତ ହୋଇ ଅପେକ୍ଷା କରିଛନ୍ତି। ଗତ ଦୁଇ କିସ୍ତି ପାଇବା ପରେ ରାଜ୍ୟର ଭଉଣୀମାନଙ୍କର ଉତ୍ସାହ ଓ ଉଦ୍ଦୀପନାକୁ ମୁଁ ମର୍ମେ ମର୍ମେ ଅନୁଭବ କରିଛି। ସରକାର ପ୍ରଦାନ କରୁଥିବା ଏହି ଅର୍ଥକୁ ବ୍ୟବହାର କରି ଆମର ଗ୍ରାମାଞ୍ଚଳ ଓ ଉପାନ୍ତ ଅଞ୍ଚଳର ଭଉଣୀମାନେ ଆତ୍ମବିଶ୍ୱାସର ସହ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ ହେବାପାଇଁ ଛୋଟ ଛୋଟ ବ୍ୟବସାୟ ଆରମ୍ଭ କରିଛନ୍ତି। ତାକୁ ଦେଖି ଅନେକ ସମୟରେ ଆତ୍ମସନ୍ତୋଷ ମଧ୍ୟ ମିଳୁଛି।

ଅପାର ସମ୍ଭାବନାର ରାଜ୍ୟ ଓଡ଼ିଶା। ଅମାପ ଖଣିଜ ସମ୍ପଦ, ସୁଦୀର୍ଘ ବେଳାଭୂମି, ପ୍ରଚୁର ଜଳସମ୍ପଦ, ଜଙ୍ଗଲ ସମ୍ପଦ ଏବଂ ପରିଶ୍ରମୀ ଓ ଦକ୍ଷ ମାନବସମ୍ବଳର ରାଜ୍ୟ ଓଡ଼ିଶା। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଓଡ଼ିଶା ଧନୀ, ମାତ୍ର ଓଡ଼ିଶାବାସୀ ଗରିବ। ଏହି କଷ୍ଟ ଓ ଅପମାନରୁ ଓଡ଼ିଶାକୁ ଆଗକୁ ବଢ଼ାଇ ଆମ ରାଜ୍ୟକୁ ପ୍ରଗତିର ଶୀର୍ଷରେ ପହଞ୍ଚାଇବା ପାଇଁ ଓଡ଼ିଶା ସରକାର ନୂଆ ଯୋଜନା ଓ ଦୃଢ଼ କ୍ରିୟାନ୍ୱୟନ ପାଇଁ ବଦ୍ଧପରିକର।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କର ଓଡ଼ିଶା ପ୍ରତି ସ୍ନେହ, ଭଲପାଇବା ଏବଂ ବିକାଶର ଗତି ତ୍ୱରାନ୍ୱିତ କରିବା ପାଇଁ ନିଷ୍ଠାକୁ ମୁଁ ଗତ ଗୋଟିଏ ବର୍ଷରେ ମର୍ମେ ମର୍ମେ ଅନୁଭବ କରିଛି। ମୁଖ୍ୟମନ୍ତ୍ରୀ ଭାବରେ ଗୋଟିଏ ବର୍ଷର ଅନୁଭବ ଆଧାରରେ ମୁଁ ଆପଣଙ୍କୁ ଆଶ୍ୱସ୍ତ କରିବାକୁ ଚାହୁଁଛି ଯେ ଆମ ରାଜ୍ୟରେ ଡବଲ ଇଞ୍ଜିନ ସରକାର ୪.୫ କୋଟି ଓଡ଼ିଆ ଲୋକଙ୍କ ସ୍ୱାର୍ଥ ଓ ସ୍ୱାଭିମାନ ରକ୍ଷା ସହ ରାଜ୍ୟକୁ ଆର୍ଥିକ ଦୃଷ୍ଟିରୁ ଆଗକୁ ବଢ଼ାଇବା ପାଇଁ ସ୍ପଷ୍ଟ ନୀତି ସହ ଠିକ୍ ରାସ୍ତାରେ ଅଛି।

ମୋଦିଜୀ ଯେଉଁ ଚାରି ଜାତିର ଉନ୍ନତି ଉପରେ ଧ୍ୟାନକେନ୍ଦ୍ରିତ କରିଛନ୍ତି, ସେହି ଚାରି ଜାତି ହେଉଛି- ମହିଳା, କୃଷକ, ଯୁବକ ଓ ଗରିବ। ସେମାନଙ୍କ ଉନ୍ନତି ଆମର ପ୍ରାଥମିକତା। ଓଡ଼ିଶାରେ ଏହି ଚାରି ଜାତିର ଦ୍ରୁତ ବିକାଶର ମୂଳଦୁଆ ଗୋଟିଏ ବର୍ଷରେ ପଡ଼ିଛି। ଆମର ବିକାଶର ଆଧାର ହେଉଛନ୍ତି ମହିଳା ଓ କୃଷକ ଏବଂ ସେମାନଙ୍କର ସିଂହଭାଗ ଯୁବବର୍ଗ ଓ ଗରିବ। ସେମାନଙ୍କ ବ୍ୟାପକ ଉନ୍ନତି ପାଇଁ ଆମେ ଯେଉଁ ଯୋଜନା କରୁଛୁ ତାହା ଯେ ଆମକୁ ପ୍ରଗତିର ଶୀର୍ଷକୁ ନେବ,ଏଥିରେ ମୋର ତିଳେମାତ୍ର ସନ୍ଦେହ ନାହିଁ।

ଆମେ କେବଳ ମହିଳାମାନଙ୍କୁ ଆର୍ଥିକ ଦୃଷ୍ଟିରୁ ସଶକ୍ତକରିବା କଥା କହୁନାହୁଁ। ଆମେ ମହିଳାଙ୍କ ନେତୃତ୍ୱରେ ରାଜ୍ୟ ଅର୍ଥନୀତିର ପରିକଳ୍ପନା କରିଛୁ। ମୋ ସରକାର ପ୍ରଚାର ସର୍ବସ୍ୱ ସରକାର ନୁହେଁ। ଆମେ ମହିଳାଙ୍କ ସମେତ ସମାଜର ସବୁ ଉପେକ୍ଷିତ ବର୍ଗ ଓ ଗରିବମାନଙ୍କୁ ପ୍ରଗତିର ରଥରେ ସାରଥି ହେବାପାଇଁ କୌଣସି ଉଦ୍ୟମରେ କମ୍ କରୁନାହୁଁ।

ମୁଁ ଜାଣିଛି ମୋତେ ଓ ମୋ ସରକାରକୁ କେଉଁ କେଉଁ ପ୍ରସଙ୍ଗରେ କେମିତି ସମାଲୋଚନା କରାଯାଉଛି। ଆମେ ଗଣତନ୍ତ୍ରର ବିଧି ବ୍ୟବସ୍ଥାରେ ଅଛୁ। ଗଣତନ୍ତ୍ରରେ ସମାଲୋଚନାକୁ ବୁଝିବା, ସମ୍ମାନ ଦେବା ଓ ସମାଧାନର ରାସ୍ତା ବାହାର କରିବା ପାଇଁ ମୁଁ ବଦ୍ଧପରିକର। ମାତ୍ର ଗୋଟିଏ କଥା ମୋର ପ୍ରିୟ ଓଡ଼ିଆଙ୍କ ପାଖରେ ସ୍ପଷ୍ଟ କରିବାକୁ ଚାହୁଁଛି, ମୁଁ ଗରିବ ଆଦିବାସୀ ପରିବାରରୁ ଆସିଛି। ମୋ ପରିବାରର ରାଜନୀତି ବା ଆର୍ଥିକ ପୃଷ୍ଠଭୂମି କିଛି ନାହିଁ। ସ୍କୁଲ ଶିକ୍ଷକରୁ ସରପଞ୍ଚ, ଚାରିଥର ବିଧାୟକ ଓ ମହାପ୍ରଭୁଙ୍କ ଆଶୀର୍ବାଦରୁ ମୁଖ୍ୟମନ୍ତ୍ରୀ ହୋଇଛି। ଜୀବନ ସହ ସଂଘର୍ଷ କରି କରି ପଡ଼ି-ଉଠି ଠିଆହୋଇ ଆଗକୁ ବଢ଼ିବାର ଅନେକ ଅଭିଜ୍ଞତା ମୋ ପାଖରେ ଅଛି। ଗଠନମୂଳକ ସମାଲୋଚନାକୁ ସ୍ୱାଗତ। ମାତ୍ର ଜଣେ ଆଦିବାସୀ ଓ ଗରିବ ପରିବାରର ଲୋକ କେମିତି ମୁଖ୍ୟମନ୍ତ୍ରୀ ହୋଇଯିବ ? ଏହିପରି ସାମନ୍ତବାଦୀ ବିଚାର ରଖିଥିବା ବ୍ୟବସ୍ଥାର ଲୋକମାନଙ୍କର ଉଦ୍ଦେଶ୍ୟ ପ୍ରଣୋଦିତ ସମାଲୋଚନା ମୋତେ ଆଦୌ ଚିନ୍ତିତ କରେନି। ବରଂ ଦିନ ରାତି ରାଜ୍ୟର ଗରିବ, ଅତି ଗରିବ, ଆଦିବାସୀ, ଦଳିତ, ପଛୁଆବର୍ଗ, ଦୁର୍ଗମ ଅଞ୍ଚଳର ବାସିନ୍ଦା, ଦିବ୍ୟାଙ୍ଗ, ତୃତୀୟଲିଙ୍ଗୀ ତଥା ବିକାଶ ପାହାଚର ସବୁଠୁ ତଳ ପାହାଚରେ ଥିବା ଲୋକମାନଙ୍କ ପାଇଁ ଦିନରାତି ଏକ କରି କଠିନ ପରିଶ୍ରମ କରିବାକୁ ପ୍ରେରଣା ଯୋଗାଉଛି।

ମୁଁ ଆଦିବାସୀ। ସମସ୍ୟାକୁ ପଛକରି ମୁହଁ ବୁଲାଇଦେବାର ବ୍ୟକ୍ତି ମୁଁ ନୁହେଁ। ସମସ୍ୟାକୁ ସାମ୍ନା କରି ଧନୀ ଓଡ଼ିଶା ନୁହେଁ, ଓଡ଼ିଶାବାସୀଙ୍କୁ ସମ୍ପନ୍ନ କରିବାର ସଂକଳ୍ପକୁ ଆଜି ପବିତ୍ର ରକ୍ଷା ବନ୍ଧନରେ ଆଉଥରେ ଦୋହରାଉଛି।

ବିଗତ କିଛିଦିନରେ ରାଜ୍ୟରେ କିଛି ଭଉଣୀଙ୍କର ଆତ୍ମଦାହର କରୁଣ ଘଟଣା ଜଣେ ଦରଦୀ ମଣିଷ ଭାବରେ ମୋତେ ଅନେକ ଦୁଃଖ ଓ ଯନ୍ତ୍ରଣା ଦେଇଛି। ମାତ୍ର ଦୋଷୀକୁ ଖୋଜି ଦଣ୍ଡଦେବା ପାଇଁ ଉଦ୍ୟମରେ ତିଳେମାତ୍ର ଅବହେଳା ମୋ ସରକାର କରିନାହିଁ। ଗତ ୨୫ ବର୍ଷର ଇତିହାସ ଓଡ଼ିଶାବାସୀଙ୍କ ସାମ୍ନାରେ ଅଛି। ମୋର ପ୍ରିୟ ଓଡ଼ିଶାବାସୀ ବିଗତ ୨୪ ବର୍ଷ ଓ ମୋର ଗୋଟିଏ ବର୍ଷରେ ମହିଳା ସୁରକ୍ଷା ଓ ସମ୍ମାନର ସତ୍ୟତାକୁ ଥରେ ନିଜେ ନିଜ ମନରେ ବିଚାର କରିବାପାଇଁ ଅନୁରୋଧ କରୁଛି। ମୁଁ ତର୍କ କରିବାକୁ ଚାହୁଁନି। ୨୪ ବର୍ଷ ବନାମ ୧ ବର୍ଷର ଘଟଣା କ୍ରମର ପ୍ରମାଣ ଓଡ଼ିଆ ଲୋକଙ୍କ ପାଖରେ ଅଛି। ମୋର ସୁଭଦ୍ରାସ୍ୱରୂପା ଭଉଣୀମାନେ ଭଲ ଭାବରେ ବୁଝିଛନ୍ତି।

ଆଜି ପବିତ୍ର ରାକ୍ଷୀ ପୂର୍ଣ୍ଣିମାରେ ମୋର ସୁଭଦ୍ରାସ୍ୱରୂପା ଭଉଣୀମାନଙ୍କୁ ପ୍ରତିଶ୍ରୁତି ଦେଉଛି। ମୋ ସରକାର ପରିବାରକୁ ଖାଲି ନ୍ୟାୟ ଦେବାର ପ୍ରତିଶ୍ରୁତି ଦେଇନି ବରଂ ସେମାନଙ୍କ ସହ ପରିବାରର ସଦସ୍ୟଭଳି ଠିଆ ହୋଇଛି। ରାକ୍ଷୀ ପୂର୍ଣ୍ଣିମାରେ ମୁଖ୍ୟମନ୍ତ୍ରୀ ଭାବରେ ନୁହେଁ ବରଂ ଜଣେ ଭାଇ ଭାବରେ ମୁଁ କହିବାକୁ ଚାହେଁ ଯେ ଆପଣଙ୍କ ସୁରକ୍ଷା ଓ ସମ୍ମାନ ପାଇଁ ଆମେ ବଦ୍ଧପରିକର।

**ମୁଖ୍ୟମନ୍ତ୍ରୀ, ଓଡ଼ିଶା**

# ଅଥ ଭକୁଆ ଉବାଚ



ଡ. ଭବାନୀ ଶଙ୍କର ଦାଶ

ବ୍ରିଟିଶମାନେ ଭାରତକୁ ଦଖଲ କରିବା ପୂର୍ବରୁ ରାଜତନ୍ତ୍ରରେ ପ୍ରଜାମାନେ ଗୁଜୁରାଣ ମେଣ୍ଟାଇବା ପାଇଁ ଯଥେଷ୍ଟ କଷ୍ଟ ସ୍ୱୀକାର କରୁଥିଲେ। ଯଥୋଚିତ ପାରିଶ୍ରମିକ ନ ପାଇଲେ ମଧ୍ୟ ଅଭାବ ଭିତରେ ଏକ ସୁଦୃଢ଼ ଭାବସମ୍ବନ୍ଧରେ ଯୋଡ଼ି ହୋଇ ରହୁଥିଲେ। ଅଭାବ ଅପେକ୍ଷା ଭାବଥିଲା ଗୁରୁତ୍ୱପୂର୍ଣ୍ଣ। ସେଥିପାଇଁ ତ ନିଜ ରାଜ୍ୟ ଓ ରାଜା ପାଇଁ ପ୍ରାଣପାତ କରିବାକୁ ପଛଘୁଞ୍ଚା ଦେଉ ନ ଥିଲେ। କ୍ରମେ ସମୟ କଡ଼ଲେଉଟାଇଲା। ଭାରତ ହେଲା ପରାଧୀନ। ସ୍ୱାଧୀନ କରିବା ପାଇଁ ଦୀର୍ଘ ବର୍ଷ ମୁକ୍ତିସଂଗ୍ରାମ ଲାଗିରହିଲା। ଅନେକ ଦେଶଭକ୍ତ ମୁକ୍ତିସଂଗ୍ରାମୀଙ୍କ ଜୀବନ ବିନିମୟରେ ସ୍ୱାଧୀନତା ହାସଲ ହେଲା। ମାତ୍ର ସ୍ୱାଧୀନତା ପ୍ରାପ୍ତିର ପରଦିନ ସକାଳୁ ରାମରାଜ୍ୟର ସ୍ୱପ୍ନ ଦେଖିଥିବା ଭାରତରେ କ୍ରମେ ଆରମ୍ଭ ହେଲା ରାବଣଙ୍କ ରାଜୁତି। ନିଜେ ବାସ୍ତବରେ ରାବଣ ହୋଇଥିଲେ ହେଁ କିଏ ଲୋକଦୃଷ୍ଟିରେ ରାମ ହୋଇପାରିବ, ଚାଲିଲା ତାହାର ପ୍ରତିଯୋଗିତା। ଦେଶକୁ ସମ୍ବିଧାନର ଦ୍ୱାହିଦେଇ କଳେବଳେ କୌଶଳେ ହରଣ କରିବାର ଅଭିନବ ବ୍ୟବସ୍ଥା ସବୁ ଲାଗୁ କରିଦେଲେ। ଏବେ ସ୍ୱାଧୀନ ଭାରତ ଯେତେ ଯେତେ ବୟସ୍କ ଓ ପାକଳ ହୋଇଆସୁଛି ସେତେ ସେତେ ଲୁଟକରିବାର ଅତ୍ୟାଧୁନିକ କୌଶଳ ନୂଆ ରୂପରେ ଆତ୍ମପ୍ରକାଶ କରୁଛି। ରାବଣମାନେ ପରିବେଶ ଓ ପରିସ୍ଥିତି ଅନୁକ୍ରମେ ବେଶ ବଦଳାଇ ଚାଲିଛନ୍ତି। ଏସବୁକୁ ଦୃଶ୍ୟକ୍ରମରେ ସଜାଇଲେ ଭଲ ନାଟକଟିଏ ହୁଅନ୍ତା। ପ୍ରଥମେ ଦେଶ ବିଭାଜନ ଓ ବିଭାଜକ ତତ୍ତ୍ୱଙ୍କୁ ସନ୍ତୁଷ୍ଟୀକରଣ। ପୁଣି ସେମାନଙ୍କ ମଧ୍ୟରୁ ବାସ୍ତବ ଦେଶସେବକ ଚୟନ। ଜାତୀୟ ଏକତା ସୁରକ୍ଷା ଓ ପରିଚାଳନାଗତ ଧ୍ରୁବୀକରଣ କଳ୍ପେ ବାରମିଶା ନକଲକରା ବିଦେଶୀ ଭାବ ଗର୍ଭିତ ସମ୍ବିଧାନ ପ୍ରଣୟନ। ବାରମିଶାଧାନରେ ଭାରତ କିଆରି ଭରିଗଲା ପରେ ନିଜକୁ ସୁହାଇଲାଭଳି ସଂଶୋଧନ ବା ବାଲୁଙ୍ଗା ବଛା ଧାରା ପ୍ରଚଳନ। ଏଇ ବାଲୁଙ୍ଗା ବଛାଳିମାନେ ମୂଳତଃ ଜନପ୍ରତିନିଧି ଓ ନିଟୋଳ ବାଲୁଙ୍ଗା। ସେମାନେ ଭୋଟ ହାତେଇ ଗାଦିରେ ବସିବାକୁ ଏଭଳି ବାଲୁଙ୍ଗା ସାଜିଲେ ଯେ ସଂରକ୍ଷଣ, ଜାତିଆଣ ଓ ମାଗଣା ଯୋଗାଣ ଇତ୍ୟାଦିର ନକଲି ବିହନ ବୁଣି ଭାରତ କିଆରିଟାକୁ ନଷ୍ଟ କରିସାରିଲେଣି। ସେଥିରେ ପୁଣି ଧର୍ମର ପିଡ଼ିଆ ଓ ହିନ୍ଦୁତ୍ୱର କୀଟନାଶକ ଛିଞ୍ଚି ପରିବେଶକୁ ଅକର୍ମଣ୍ୟ କରିସାରିଲେଣି।

ଏଠି ଜାତୀୟ ପାଠ୍ୟଖସଡ଼ା ନାଁରେ କେବଳ ନୂଆ ବୋତଲରେ ପୁରୁଣା ମଦ ରଖିଲେ। ଏଥିରେ ଭାରତର ଜାତୀୟ ଉତ୍କର୍ଷ ବଢ଼ିବ କି ? ଭାରତର ମୌଳିକ ବିଦ୍ୟା ବେଦ ଆଧାରିତ। ଦିନେ ସେହି ଶିକ୍ଷା ଗ୍ରହଣ ପାଇଁ ବିଦେଶୀ ଏ ମାଟିରେ ପାଦ ଥାପୁଥିଲେ। ଆଜି ବି ବିଦେଶୀମାନେ ସନାତନୀ ଧର୍ମଗ୍ରନ୍ଥ ବେଦ ପ୍ରତି ଆକର୍ଷିତ। ବିଦେଶରେ ବୈଦିକ ବିଦ୍ୟାର ଗବେଷଣା ଆଜି ମଧ୍ୟ ଚାଲିଛି। ଅଥଚ ଆମେ ଭାରତୀୟମାନେ ଇଣ୍ଡିଆନମାନଙ୍କ ରାଜନୈତିକ କପଟପଶା ଖେଳରେ ପରାସ୍ତ ପାଣ୍ଡବଙ୍କ ପରି ସବୁକିଛି ଛାଡ଼ି ବିଦେଶମୁହାଁ। ଆମକୁ ଆଜି ଏତେ ବିଭୋର କରିଦିଆଯାଇଛି ଯେ ଆମ ପାଇଁ ବେଦ ପୁରାଣ ପ୍ରାଚୀନ କାଳ୍ପନିକ ଗପ ମାତ୍ର। ଆଗାମୀ ପିଢ଼ିକୁ ଆମେ ଭାରତୀୟ ଗରିମା ସମ୍ପର୍କରେ ଅଜ୍ଞରଖି ବିଜ୍ଞ ଇଣ୍ଡିଆନ କରାଇବାରେ ଲାଗିପଡିଛୁ। ଛଦ୍ମବେଶୀ ଦେଶସେବକମାନେ ଆମକୁ ବୋକା ବନେଇ ରଖିବା ପାଇଁ ଯାବତୀୟ ବ୍ୟବସ୍ଥା ପ୍ରଣୟନ କରିସାରିଛନ୍ତି। ଯେଉଁଥିରୁ ଏ ଦେଶକୁ ମୁକ୍ତି ନାହିଁ।

ନିକଟରେ ଆମ ଦେଶସେବକମାନେ ନିଜନିଜ ପାଇଁ ପାରିଶ୍ରମିକର ବ୍ୟବସ୍ଥା କରାଇଥିଲେ। ତା' ପୁଣି ସରକାରୀ ଚାକିରିଆ ଭଳି ବୃଦ୍ଧି ହୋଇଚାଲିଲା। ଥରେ ଏମ୍‌ପି ବା ବିଧାୟକ ହୋଇଗଲେ ସରକାରୀ ଏବଂ ବେସରକାରୀ ଦରମା ଓ ଭତ୍ତା ତ ପାଇଲେ। ଏହା ବାଦ୍ ନେତା ଚାକିରିଟି ଗଲା ପରେ ଅବସରକାଳୀନ ପେନ୍‌ସନ ବ୍ୟବସ୍ଥା କରାଇ ନେଲେ। ତାହା ପୁଣି ବର୍ଦ୍ଧନଶୀଳ।

ଅନ୍ୟସବୁ ଘଟଣାରେ ବିରୋଧୀଏ ଖୁବ୍ ତୁମ୍ବିତୋଫାନ କରନ୍ତି। ମାତ୍ର ଏଇ ଦରମା, ଭତ୍ତା ଓ ପେନ୍‌ସନ କଥା ଉଠିଲେ ସମସ୍ତେ ଏକାଠି ହୋଇଯାଆନ୍ତି। ଯାହା ଏଇ ଆଧୁନିକ ଦେଶସେବକଙ୍କ ବାସ୍ତବ ବ୍ୟକ୍ତିତ୍ୱ ଓ ମର୍ଯ୍ୟାଦାକୁ ପଦାରେ ପକାଇ ଦେଇଥାଏ। ବିଧାୟକମାନେ ନିଜ ଲାଭଖୋର ମନୋବୃତ୍ତି ପ୍ରକାଶ କରି ଦରମା ଭତ୍ତା ବୃଦ୍ଧି ସହ ପୂର୍ବତନ ବିଧାୟକଙ୍କ ପେନ୍‌ସନ ବୃଦ୍ଧି ପାଇଁ ଦାବି ଜୋରଦାର କଲେ। ଶେଷରେ ଯୋଜନା ଓ ସଂଯୋଜନ ବିଭାଗ ଷ୍ଟାଣ୍ଡିଂ କମିଟି ଏ ବୃଦ୍ଧି ପ୍ରସ୍ତାବ ସରକାରଙ୍କୁ ସୁପାରିସ କଲେ। ଯାହାକୁ ସରକାର ଗମ୍ଭୀରତାର ସହ ବିଚାର କରୁଛନ୍ତି। ତଦନୁଯାୟୀ ବିଧାୟକମାନେ ନିଜ ହାତ ପାଣ୍ଠି ବ୍ୟତୀତ ମାସିକ ଦରମା ଓ ଭତ୍ତା ପାଇବେ ୨ଲକ୍ଷ ୭୫ହଜାର ଟଙ୍କା। କ୍ୟାବିନେଟ ବୈଠକରେ ଏହା ଅନୁମୋଦିତ ହେଲା। ଦଳମତ ନିର୍ବିଶେଷରେ ବିଧାୟକଙ୍କ ଯୁକ୍ତି ଥିଲା ଯେ ଏ ପ୍ରକାର ଦାବି ହେଉଛି ସମୟର ଆବଶ୍ୟକତା ଓ ଦରମା ପ୍ରଦାନ କ୍ଷେତ୍ରରେ ଓଡ଼ିଶା ଦେଶରେ ୨୭ନମ୍ବର ସ୍ଥାନରେ ଅଛି।



ବାସ୍ତବ ସେବକ କେବେହେଲେ ସେବାର ମୂଲ୍ୟ ଦାବି କରି ନ ଥାଏ। ଦୁଃଖର କଥା ଜଣେ ବି କେହି ଦରମା ଭତ୍ତା ନେବେନାହିଁ ବୋଲି କହିଲେ ନାହିଁ। ଅତଏବ ଦୀର୍ଘ ବର୍ଷର ଗଣତନ୍ତ୍ରରେ ଏଇ ଅନୁଭବ ହେଲା ଯେ ଏଠି ଆଉ କେହି ଦେଶ ସେବକ ନାହାନ୍ତି। ନେତା ନାମକ ଚାଲାକ ପ୍ରାଣୀଏ କେବଳ ଅଛନ୍ତି। ଯେଉଁମାନେ ଦେଶ ସମ୍ପତ୍ତିର ସିଂହଭାଗ ଖାଇଥାଆନ୍ତି ଭିନ୍ନ ଆଳରେ। ଭୋଟ ପାଇଁ ୧୯୭୫ ଜରୁରିକାଳୀନ ପରିସ୍ଥିତିରେ ଯେଉଁମାନେ ଜେଲ ଯାଇଥିଲେ ସେମାନଙ୍କୁ ବି ଭତ୍ତା ଦେବା ଯୋଜନା ସରକାର କଲେଣି। ଗଣ ମନ ହରଣ ପାଇଁ ମାଗଣା ଯୋଗାଣ କେତେଦିନ ? ଏହା ଗଣତନ୍ତ୍ରରେ ଆଦୌ ଶୁଭଙ୍କର ନୁହେଁ। ବ୍ରିଟିଶମାନେ ୨୦୦ବର୍ଷ ଆମକୁ ଭକୁଆ ବନେଇ ରଖିଥିଲେ। ମାତ୍ର ଦେଶୀ ବ୍ରିଟିଶ ଇଣ୍ଡିଆନମାନେ ଆମକୁ ଆଉ କେତେ ଶହ ବର୍ଷ ଭକୁଆ କରିରଖିବେ ଦେଖିବାକୁ ବାକିରହିଲା।

**ସରାଟ ଶାସନ,ଚଣାହାଟ, ଖୋର୍ଦ୍ଧା**
**ମୋ: ୮୯୧୭୬୨୪୩୮୬**

## ଏଇ ଭାରତରେ

ନୂଆ ହାଇବ୍ରିଡ୍ ଅମୃତଭଣ୍ଡା ସୃଷ୍ଟି କରିଛନ୍ତି ପଶ୍ଚିମବଙ୍ଗର କୃଷକ କୃଷ୍ଣଚନ୍ଦ୍ର ହଳଧର। ତାଙ୍କୁ ବୟସ ଏବେ ୭୦। ଉତ୍ତର ସିମଲାପଲ ଗାଁରେ ଏହି ହାଇବ୍ରିଡ ଅମୃତଭଣ୍ଡା ଚାଷ କରି ସେ ବର୍ଷକୁ ୭୫,୦୦୦ କେଜି ଉତ୍ପାଦନ କରୁଛନ୍ତି। ସେ ନୂତନ ଜ୍ଞାନକୌଶଳ ପ୍ରୟୋଗ କରି ଚାଷ କରୁଛନ୍ତି। କୃଷ୍ଣଚନ୍ଦ୍ର ସ୍କୁଲରେ ପଢୁଥିବା ସମୟରେ ଅଧାରୁ ପାଠ ଛାଡ଼ିଦେବାରେ ଲଙ୍କା, ଫୁଲ କୋବି, ପିଆଜ, ଆମ୍ବ ଓ ଦେଶୀ ଅମୃତଭଣ୍ଡା ଚାଷ ଆରମ୍ଭ କରିଥିଲେ। ହେଲେ ଅମୃତଭଣ୍ଡା ଚାଷରେ କ୍ଷତି ହୋଇଥିଲା। ପରେ ସେ କୃଷି ବିଶେଷଜ୍ଞଙ୍କ ସହଯୋଗରେ ବହୁ ପରୀକ୍ଷାନିରୀକ୍ଷା କରି ରେଡ୍ ଲେଡ-୭୮୬ ଓ ସ୍ଥାନୀୟ କିସମକୁ ନେଇ କ୍ରସ ପଲିନେଶନ ମାଧ୍ୟମରେ ନୂଆ ହାଇବ୍ରିଡ ସୃଷ୍ଟି କରିଥିଲେ। ଏବେ ତାହାକୁ ଚାଷ କରି ସେଥିରୁ ୭୫ ମେଟ୍ରିକ ଟନ ଉତ୍ପାଦନ କରି ବର୍ଷକୁ ଏଥିରୁ ୨୨ ଲକ୍ଷ ୫୦ ହଜାର ଟଙ୍କା ରୋଜଗାର କରୁଛନ୍ତି। ପାଖାପାଖି ୧ ଏକର ଜମିରେ ୧୮୭୫ ଅମୃତଭଣ୍ଡା ଗଛ ଲଗାଇଛନ୍ତି। ପ୍ରତ୍ୟେକ ଅମୃତଭଣ୍ଡାର ଲମ୍ବ ୧୫ରୁ ୨୦ ସେଣ୍ଟିମିଟର ହେଉଛି ଓ ଓଜନ ୫୦୦ରୁ ୭୫୦ଗ୍ରାମ୍ ରହୁଛି। ଏହି ଚାଷ ସମ୍ପର୍କରେ ସେ ଅନ୍ୟ କୃଷକଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୯ ଅଗଷ୍ଟ ୧୯୭୬**

- ଭାରତର ପୁରାତନ ସାଂସ୍କୃତିକ ଗୌରବର ସୁରକ୍ଷା ପାଇଁ ଏକ ଆରଟିଭିଷ୍ଟସ ଆସୋସିଏସନ ଗଠନ କରାଯାଇଛି।
- ଜାତିସଂଘରେ ଥିବା ଇଣ୍ଡିଆ ଲିଗ୍‌ର ପୂର୍ବତନ ସଭାପତି ଜେ. ଜେ. ସିଙ୍ଗ ପରଲୋକ।
- ୟୁଗାଣ୍ଡା ଓ କେନ୍ୟା ମଧ୍ୟରେ ଉପୁଜିଥିବା ବିବାଦର ସମାଧାନ କଳ୍ପେ ଉଭୟ ଦେଶ ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ।

## ଚିରନ୍ତନୀ

ବିବାହ-ଶଙ୍ଖ ଉଠୁ ଗୋ ମନ୍ଦେ ବାଜି
ପକ୍ୱ ଧାନର ବିପୁଳ ଗନ୍ଧେ
ସୋରିଷ ଫୁଲର ମାଦକ ଛନ୍ଦେ
ପୂରିଛି ଗଗନ ଭାସିଛି ଭୁବନ
ଥରିଛି ପବନ ଆଜି
ବିବାହ ଶଙ୍ଖ ଉଠୁ ଗୋ ମନ୍ଦେ ବାଜି।
-(ମଧୁ-ବିବାହ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | 4 | 5 | | | | | | 3 |
| 9 | | | | 7 | | | 1 | |
| | | | | | | | | |
| | | 2 | 5 | 3 | | 4 | | 1 |
| | | | | 8 | | | | |
| | | | | | | 5 | 2 | |
| | | 3 | | 5 | | 6 | | |
| | | 7 | | | | | | |
| | 8 | 4 | 3 | | 9 | | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 7 | 3 | 2 | 5 | 1 | 4 | 6 | 8 |
| 4 | 8 | 2 | 3 | 6 | 7 | 9 | 5 | 1 |
| 5 | 6 | 1 | 8 | 4 | 9 | 7 | 3 | 2 |
| 7 | 5 | 9 | 1 | 2 | 6 | 8 | 4 | 3 |
| 8 | 3 | 4 | 9 | 7 | 5 | 2 | 1 | 6 |
| 2 | 1 | 6 | 4 | 3 | 8 | 5 | 7 | 9 |
| 1 | 9 | 7 | 6 | 8 | 4 | 3 | 2 | 5 |
| 3 | 4 | 8 | 5 | 1 | 2 | 6 | 9 | 7 |
| 6 | 2 | 5 | 7 | 9 | 3 | 1 | 8 | 4 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ବିକଶିତ ଓଡ଼ିଶାର ସ୍ୱପ୍ନ

ମହାଶୟ,

୨୦୩୬ରେ ଏକ ବିକଶିତ ଓ ସମୃଦ୍ଧ ଓଡ଼ିଶାର ସୁନେଲି ସ୍ୱପ୍ନ ରାଜ୍ୟ ସରକାର ଦେଖାଇଛନ୍ତି। ମଣିଷ ଜୀବନ ସଂଗ୍ରାମରେ ସମୟ ଅତିବାହିତ କରୁଥିବା ବେଳେ ନିଜ ଭବିଷ୍ୟତ ପାଇଁ କେବେ କେମିତି ଚିନ୍ତା କରିଥାଏ, କିନ୍ତୁ ଆଶାତୀତ ଭାବେ ସୁଖ ସମୃଦ୍ଧିର କ୍ୱଚିତ୍ ଆଶା ରଖିଥାଏ। ଏବେ ଦେଶର ଜନସଂଖ୍ୟା ୧୪୦ କୋଟିରୁ ୮୧ କୋଟି ୩୫ ଲକ୍ଷ ଦରିଦ୍ର ଶ୍ରେଣୀଭୁକ୍ତ ହୋଇ ସରକାରଙ୍କ ଅନ୍ନଦାନରେ ପ୍ରତିପାଳିତ ହେଉଛନ୍ତି। ସେହିପରି ଓଡ଼ିଶାରେ ୪ କୋଟି ୨୦ ଲକ୍ଷଙ୍କ ମଧ୍ୟରୁ ୩ କୋଟି ୩୬ ଲକ୍ଷ ମାଗଣା ଚାଉଳ ନେଉଛନ୍ତି। ଏବେ ସରକାର ୨୦୩୬ରେ ପ୍ରଗତିର ସ୍ୱପ୍ନରେ ବିଭୋର ହେଉଛନ୍ତି, କିନ୍ତୁ ରାଜ୍ୟବାସୀଙ୍କ ପାଇଁ କର୍ମନିଯୁକ୍ତି ସୁଯୋଗ ସୃଷ୍ଟି କରୁନାହାନ୍ତି। ତେଣୁ ଅନ୍ୟ ରାଜ୍ୟକୁ ମୂଲ ଲାଗିବା ପାଇଁ ପିଲାଛୁଆ ଧରି ଯିବାର ଦୟନୀୟ ଦୃଶ୍ୟ ଦେଖିବାକୁ ମିଳୁଛି। ଖାଲି ସୁଭଦ୍ରା ଯୋଜନା ଓ ଅନ୍ୟାନ୍ୟ ଜନକଲ୍ୟାଣ ଯୋଜନାରେ ଲୋକଙ୍କ ଆର୍ଥିକ ଅବସ୍ଥାରେ ଉନ୍ନତି ଆସିବ ନାହିଁ।

**-ହରମୋହନ ମହାନ୍ତି , ଦଉତୋଟା, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଅନ୍ୱେଷା



@ ବିଜୟ



@ ରୋହତସ୍

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଏମ୍‌ସରେ ସିବିଆଇ ଚଢ଼ାଉ

## ଜାଲ୍ ପ୍ରମାଣପତ୍ରରେ ୪ ଜଣଙ୍କୁ ନିଯୁକ୍ତି

■ ଏମ୍‌ସ ଅଧିକାରୀଙ୍କ ସମେତ ୬ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ନାମରେ ମାମଲା

■ ଅଭିଯୁକ୍ତ ଶ୍ରୁତିଙ୍କ ଭୁବନେଶ୍ୱର, କୁଜଙ୍ଗସ୍ଥିତ ଘରେ ଯାଞ୍ଚ

ଭୁବନେଶ୍ୱର,୮।୮(ସତ୍ୟଜିତ୍ ରାଉତ)

ଭୁବନେଶ୍ୱରସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ(ଏମ୍‌ସ)ରେ ଜାଲ୍ ପ୍ରମାଣପତ୍ର ଜରିଆରେ ନିଯୁକ୍ତି ଘଟଣାକୁ ନେଇ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ପୁଣି ସକ୍ରିୟ ହୋଇଉଠିଛି। ସିବିଆଇ ପକ୍ଷରୁ ଶୁକ୍ରବାର ଏମ୍‌ସରେ ଚଢ଼ାଉ କରାଯାଇଥିଲା। ସିବିଆଇ ଟିମ୍ ଏମ୍‌ସର ଏକାଡେମିକ୍ ବ୍ଲକ୍‌ରେ ଯାଞ୍ଚ କରିବା ସହ ନିଯୁକ୍ତି ସଂକ୍ରାନ୍ତ ବହୁ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍ ଜବତ କରିଛି। ଏଥିସହ ଏକାଧିକ ବ୍ୟକ୍ତିଙ୍କୁ ମଧ୍ୟ ପଚରାଉଚରା କରି ବୟାନ ରେକର୍ଡ କରାଯାଇଛି। ସିବିଆଇ ଏହି ଜାଲିଆତି ଘଟଣାରେ ଗତ ୫ ମାସ ଧରି ପ୍ରାଥମିକ ତଦନ୍ତ କରୁଥିଲା। ତେବେ ସିବିଆଇ ଭୁବନେଶ୍ୱର ଶାଖା ଏ ସମ୍ପର୍କରେ ବୁଧବାର ମାମଲା ରୁଜୁକରି ପରିବାରର ୫ଜଣ ସଦସ୍ୟ, ଜଣେ ଏମ୍ସ ଅଧିକାରୀଙ୍କ ସମେତ ଅନ୍ୟ କେତେଜଣଙ୍କୁ ଅଭିଯୁକ୍ତ ଦର୍ଶାଇଛି। ଅଭିଯୁକ୍ତମାନେ ହେଲେ ଶ୍ରୁତିସାଗର କର, ତାଙ୍କ ସ୍ତ୍ରୀ ରାଜଶ୍ରୀ ପଣ୍ଡା, ଭାଇ ସାଇସାଗର କର, ସମ୍ପର୍କୀୟ ସଂଗ୍ରାମ ମିଶ୍ର ଓ ତାଙ୍କ ଭାଇ ସମ୍ବିତ୍ ମିଶ୍ର। ସେହିପରି ଅନ୍ୟତମ ଅଭିଯୁକ୍ତ ହେଲେ ଏମ୍‌ସର ରିକ୍ରୁଟ୍‌ମେଣ୍ଟ ସେଲ୍ ଇନ୍‌ଚାର୍ଜ ତଥା ଆସିଷ୍ଟାଣ୍ଟ ଆଡ୍‌ମିନିଷ୍ଟ୍ରେଟିଭ୍ ଅଫିସର ସୁଧୀର କୁମାର ପ୍ରଧାନ। ଅଭିଯୁକ୍ତ ଶ୍ରୁତିସାଗର ଠିକାସଂସ୍ଥା ଏମ୍/ଏସ୍ ବମ୍ବେ ଇଣ୍ଟେଲିଜେନ୍ସ ସିକ୍ୟୁରିଟିଜ୍ (ବିଆଇଏସ୍) (ଇଣ୍ଡିଆ)ଲିଃର କର୍ମଚାରୀ। ସେ ଏମ୍‌ସରେ ଠିକାରେ ଚାକିରି କରୁଥିବାବେଳେ ସୁଧୀର ଓ ଅନ୍ୟମାନଙ୍କ ସହ ସାମିଲ ହୋଇ ଏହି ବଡ଼ ଜାଲିଆତି କରିଛନ୍ତି। ସିବିଆଇ ଭୁବନେଶ୍ୱରସ୍ଥିତ ଅଭିଯୁକ୍ତମାନଙ୍କ ଘର ଓ ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅନ୍ତର୍ଗତ ରାହାମା ପଙ୍କପାଳ ଗ୍ରାମରେ ଚଢ଼ାଉକରି ତଥ୍ୟ ହାସଲ କରିଛି। ଅଭିଯୁକ୍ତ ଶ୍ରୁତିସାଗର ଖଣ୍ଡଗିରି ଥାନା ଅଧୀନ କୋଲଥିଆ ହାଉସିଂ ବୋର୍ଡ କଲୋନୀରେ ରହୁଥିବାବେଳେ ଭିଜିଲାନ୍ସ ଚଢ଼ାଉ କରି କିଛି କାଗଜପତ୍ର ଜବତ କରିଛି। ତେବେ ସିବିଆଇ ଅଭିଯୁକ୍ତମାନଙ୍କୁ ଶୀଘ୍ର ଗିରଫ କରିପାରେ ବୋଲି ସୂଚନା ମିଳିଛି। ସୂଚନା ଅନୁଯାୟୀ, ୨୦୨୩ ଜୁଲାଇ ୧ରେ ଏମ୍‌ସରେ ବିଭିନ୍ନ ଗ୍ରୁପ୍-ବି ଓ ସି ପଦବୀ ଲାଗି ବିଜ୍ଞପ୍ତି ପ୍ରକାଶ ପାଇଥିଲା। ରାଜଶ୍ରୀ ଓ ସଂଗ୍ରାମ ସାନିଟାରି ଇନ୍ସପେକ୍ଟର ଭାବେ ନିଯୁକ୍ତି ପାଇଥିଲେ। ସାଇସାଗର ଓ ସମ୍ବିତ ମେଡିକାଲ ରେକର୍ଡ ଟେକ୍ନିସିଆନ (ରେକର୍ଡ କ୍ଲର୍କ) ଭାବେ ଚାକିରି ପାଇଥିଲେ। ମାଷ୍ଟରମାଇଣ୍ଡ ଶ୍ରୁତିସାଗର ଗାଜିଆବାଦ ଓ ଗୋରଖପୁରରୁ ୪ ଜଣଙ୍କ ପାଇଁ ଫେକ୍ ସାର୍ଟିଫିକେଟ୍ ଯୋଗାଡ଼ କରାଇଥିଲେ। ଏନେଇ ଅଭିଯୋଗ ଆସିବା ପରେ ୫ ମାସ ତଳେ ସିବିଆଇ ପ୍ରାଥମିକ ତଦନ୍ତ ଆରମ୍ଭ କରିଥିଲା। ସମ୍ବିତ୍ ଓ ସଂଗ୍ରାମଙ୍କ ଘର ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅନ୍ତର୍ଗତ ରାହାମା ପଙ୍କପାଳ ଗ୍ରାମରେ ବୋଲି ସିବିଆଇ ସୂଚନା ଦେଇଛି। ସେହିପରି ଗୋରଖପୁରସ୍ଥିତ ବିଆର୍‌ଡି ମେଡିକାଲ କଲେଜ ନାଁରେ ଫେକ୍ ସାର୍ଟିଫିକେଟ୍ ବନାଇଥିଲେ। ଏଥିସହ ବମ୍ବେ ଇଣ୍ଟେଲିଜେନ୍ସ ସିକ୍ୟୁରିଟିଜ୍ (ଇଣ୍ଡିଆ) ଲିଃ ଦ୍ୱାରା ମଧ୍ୟ ଫେକ୍ ଅଭିଜ୍ଞତା ପ୍ରମାଣପତ୍ର ବନାଇଥିଲେ। ଶ୍ରୀ କଲେଜ ଅଫ୍ ପାରାମେଡିକାଲ୍ ସାଇନ୍ସ ନାମରେ କୌଣସି କଲେଜ ନ ଥିବାବେଳେ ଏହି ନାଁରେ ଫେକ୍ ସାର୍ଟିଫିକେଟ୍ ବନାଯାଇଥିଲା। ଏ ନେଇ ଗତ ଫେବୃଆରୀ ୧୯ରେ ସିବିଆଇ ପକ୍ଷରୁ ଏମ୍‌ସର ଏକାଡେମିକ୍ ବ୍ଲକ୍ ଓ ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଚଢ଼ାଉ କରାଯାଇଥିଲା।

# ଆଜିଠାରୁ କୁଇଜ୍ ମହାକୁମ୍ଭ 'ମେଟଲ ମିଟ୍'

ଭୁବନେଶ୍ୱର,୮।୮(ସୁଚିସ୍ମିତା ସାହୁ)

ଦୈନିକ ଇଂଲିଶ ଖବରକାଗଜ 'ଓଡ଼ିଶା ପୋଷ୍ଟ' ପକ୍ଷରୁ କୁଇଜ୍ ମହାକୁମ୍ଭ 'ମେଟଲ ମିଟ୍'ର ସପ୍ତମ ସଂସ୍କରଣ ଶନିବାର ଆୟୋଜନ ହେବ। ଭୁବନେଶ୍ୱରସ୍ଥିତ ସ୍ୱସ୍ତି ପ୍ରିମିୟମ ହୋଟେଲରେ ହେବାକୁ ଥିବା ରାଜ୍ୟସ୍ତରୀୟ କୁଇଜ୍ ପ୍ରତିଯୋଗିତା ଦୁଇଦିନ ଧରି ଚାଲିବ। ପ୍ରଥମ ଦିନ ପ୍ରିଲିମ୍ ହେବାକୁ ଥିବାବେଳେ ଦ୍ୱିତୀୟ ଦିନ ଗ୍ରାଣ୍ଡ ଫିନାଲେ ଅନୁଷ୍ଠିତ ହେବ। କୁଇଜିଂକୁ ପୁନର୍ଜୀବିତ କରିବା ପାଇଁ ୨୦୧୬ରେ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ତା'ର ଲକ୍ଷ୍ୟ ହାସଲ କରିପାରିଛି। ଚଳିତବର୍ଷ ସାରା ରାଜ୍ୟରୁ ୮୩ଟି ଶିକ୍ଷାନୁଷ୍ଠାନରୁ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରୁଛନ୍ତି। ଜୁନିୟର ଗ୍ରୁପ୍‌ରେ ୩୯ଟି ଟିମ୍ ଥିବାବେଳେ ସିନିୟର ଗ୍ରୁପ୍‌ରେ ୪୪ଟି ଟିମ୍ ରହିଛନ୍ତି। ଜୁନିୟର ଗ୍ରୁପ୍‌ରେ ପୁରୀ, କଟକ, ଭୁବନେଶ୍ୱର, ଢେଙ୍କାନାଳ, ସମ୍ବଲପୁର, ରାଉରକେଲା ଓ ଅନୁଗୋଳ ଆଦି ଜିଲାର ଶିକ୍ଷାନୁଷ୍ଠାନରୁ ଛାତ୍ରୀଛାତ୍ର ଭାଗନେଉଥିବା ବେଳେ ସିନିୟର ଗ୍ରୁପରେ ଭୁବନେଶ୍ୱର, ରାୟଗଡ଼ା, ପୁରୀ, କଟକ, ରାଉରକେଲା, ବ୍ରହ୍ମପୁର, ସମ୍ବଲପୁର ସମେତ ଖଡଗପୁର, ରାୟପୁର, ଝାଡ଼ଖଣ୍ଡ ଆଦି ସ୍ଥାନର ଶିକ୍ଷାନୁଷ୍ଠାନରୁ ଛାତ୍ରୀଛାତ୍ର ଭାଗ ନେଇଛନ୍ତି। ଏଥର 'ମେଟଲ ମିଟ୍'ରେ ଛାତ୍ରୀଛାତ୍ରଙ୍କୁ ଅଜୟ ପୁନିଆଙ୍କ ପ୍ରଶ୍ନବାଣର ସାମ୍ନା କରିବାକୁ ପଡ଼ିବ।

# ଜିଲାପାଳ କିମ୍ବା ଶିକ୍ଷାଧିକାରୀଙ୍କ ଅନୁମତି ନେଇ ଯାଇପାରିବେ

## ସାମୂହିକ ପରେଡ଼ରେ ସ୍କୁଲ ପିଲାଙ୍କ ଅଂଶଗ୍ରହଣ ପ୍ରସଙ୍ଗ

କଟକ ସଦର,୮।୮(ସୁଶାନ୍ତ କୁମାର ଜେନା)

ସ୍ୱାଧୀନତା ଦିବସ ପାଳନ ପାଇଁ ବ୍ଲକ, ତହସିଲ, ଉପଖଣ୍ଡ ଓ ଜିଲାସ୍ତରରେ ପରେଡ଼ କରାଯିବା ବ୍ୟବସ୍ଥା ରହିଛି। ପରେଡ଼ରେ ଅଞ୍ଚଳର ସ୍କୁଲ ପିଲାମାନେ ଯୋଗଦେଇଥାନ୍ତି। ପରେଡରେ ଅଂଶ ଗ୍ରହଣ ପାଇଁ ଯାଉଥିବା ଛାତ୍ରୀଛାତ୍ରଙ୍କ ଯିବାଆସିବା ଦାୟିତ୍ୱ ସମ୍ପୃକ୍ତ ସ୍କୁଲର ଶିକ୍ଷକମାନେ ନେବେ। ପିଲା ବାହାରକୁ ନେବା ପୂର୍ବରୁ ପ୍ରଧାନ ଶିକ୍ଷକମାନେ ଜିଲାପାଳ କିମ୍ବା ଜିଲା ଶିକ୍ଷାଧିକାରୀଙ୍କ ଅନୁମତି ନେବାକୁ ପଡିବ। ଏ ସମ୍ପର୍କରେ କଟକ ସଦର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପତ୍ର ସଂଖ୍ୟା ୩୫୯୧/୧।୮।୨୦୨୫ରେ ଜଣାଇଛନ୍ତି। ୨୦୨୫ ଜାନୁଆରୀ ୨୬ ଗଣତନ୍ତ୍ର ଦିବସ ପରେଡ ଯୋଗଦେବା ପାଇଁ ବାଙ୍କୀ ନିର୍ବାଚନମଣ୍ଡଳୀ ଅଧୀନ ମାଳବିହାରପୁର ଉଚ୍ଚ ବିଦ୍ୟାଳୟ ଦଶମ ଶ୍ରେଣୀ ଛାତ୍ର ସୌମ୍ୟ ରଞ୍ଜନ ବେହେରା ଯୋଗଦେଇ ଗାଡ଼ିରେ ଘରକୁ ଫେରୁଥିବା ବେଳେ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ। ଘଟଣା ପରେ ଜିଲାରେ ଶୋକରଛାୟା ଖେଳିଯାଇଥିଲା। ଏ ସଂକ୍ରାନ୍ତରେ କେବଳ ଧରିତ୍ରୀରେ ଜୁଲାଇ ୨୭ରେ ପ୍ରଥମେ ଖବର ପ୍ରକାଶ ପାଇଥିଲା। ପ୍ରଶାସନ ଏଥିପାଇଁ ଆଗୁଆ ସଜାଗ ହୋଇପଡିଛି।

CAREER APPOINTMENT
ON EVERY WEDNESDAY & SATURDAY

B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

HIGHWAY TRADING PVT. LTD.
REQUIRED
SENIOR ACCOUNTANT: Experienced in Tally with at least 5 years of experience.
JUNIOR ACCOUNTANT: Experienced in Tally with at least 1 year of experience.
WALK IN FOR INTERVIEW:
Monday - Saturday - 10am to 7pm
Address: Janpath, Unit - 3, Bhubaneswar
Contact: Rajiv Agarwal - 9437006047

ROHAN AUTORIDERS HIRING
(Authorised Hero MotoCorp Dealer)
Open Roles :
- Frontline Supervisor
- Floor Supervisor
- Billing Executive
- Technicians / Mechanics
- Insurance Executive
- Sales Executives
Candidates are preferred to have existing experience in two wheeler segment.
Bhubaneswar | 8018370072
rohandubey231@gmail.com

WANTED
A LEADING FINANCIAL SERVICES MARKETING COMPANY REQUIRES
AREA MANAGER
FOR SELLING MOTOR INSURANCE
CTC Rs.3.5-4.5 LACS/ANNUM
PREFERABLY FROM GENERAL INSURANCE COMPANIES OR INSURANCE BROKING COMPANIES WITH 3 TO 4 YEARS OF EXPERIENCE.
LOCATION
ROURKELA, SAMBALPUR, BHADRAK, BALASORE, BARIPADA, CUTTACK, PARADEEP, JEYPORE, BERHAMPUR / GOPALPUR
send your RESUME to
resume@skiretail.in
9840335849
Ski Retail Capital limited
No.1, Sambandam Street, T Nagar Chennai-600017.

See Career Appointment on every Wednesday & Saturday

ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠି ପ୍ରାଧିକରଣ, ନୂଆଦିଲ୍ଲୀରେ ସହକାରୀ ମହାପ୍ରବନ୍ଧକଙ୍କ ନିଯୁକ୍ତି

ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠି ପ୍ରାଧିକରଣ, କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ, ଭାରତ ସରକାର, ନୂଆଦିଲ୍ଲୀ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୧୨୫ ଅଧୀନରେ ପ୍ରତିଷ୍ଠିତ ଏକ ବୈଧାନିକ ନିକାୟ ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠି ପ୍ରାଧିକରଣରେ ଡେପୁଟେଶନ ଭିତ୍ତିରେ ଏକ (୦୧) ଗୋଟି ସହକାରୀ ମହାପ୍ରବନ୍ଧକ (ସ୍ତର-୧୦) ପଦବୀ ଲାଗି ଦରଖାସ୍ତ ଆହ୍ୱାନ କରୁଛନ୍ତି । ଏହି ପଦବୀ ଦିଲ୍ଲୀ ଭିତ୍ତିକ ଅଟେ ।
୨. ଏହା ଏକ ଖୋଲା ଖାଲିପଦବୀ ଜ୍ଞାପନ ଅଟେ । ପ୍ରାଧିକରଣରେ ଯୋଗ୍ୟ ପ୍ରାର୍ଥୀମାନଙ୍କଠାରୁ ପର୍ଯ୍ୟାପ୍ତ ସଂଖ୍ୟକ ଦରଖାସ୍ତ ପ୍ରାପ୍ତ ହେବା ପରେ, ସେମାନଙ୍କୁ ସାକ୍ଷାତକାର / ଚୟନ ପାଇଁ ବିଚାରକୁ ନିଆଯିବ । ନିର୍ଦ୍ଧାରିତ ଫର୍ମାଟରେ ବିଧିବଦ୍ଧ ଭାବେ ପୂରଣ ହୋଇଥିବା ଦରଖାସ୍ତଗୁଡ଼ିକୁ ଉପ ମହାପ୍ରବନ୍ଧକ (ପ୍ରଶାସନ), ଆଇପିଏଫ୍ ପ୍ରାଧିକରଣ, ତଳ ମହଲା, ଜୀବନ ବିହାର ବିଲ୍ଡିଂ, ୩, ପାର୍ଲାମେଣ୍ଟ ଷ୍ଟ୍ରିଟ୍, ନୂଆଦିଲ୍ଲୀ-୧୧୦୦୦୧ଙ୍କ ନିକଟରେ ଦାଖଲ କରାଯିବା ଜରୁରୀ ।
୩. ଦରଖାସ୍ତ ଫର୍ମାଟ୍, ଯୋଗ୍ୟତା ସର୍ତ୍ତାବଳୀ, ଆବଶ୍ୟକ ଯୋଗ୍ୟତା, ଅନ୍ୟାନ୍ୟ ବିବରଣୀ ତଥା ନିୟମ ଓ ସର୍ତ୍ତାବଳୀ ପାଇଁ ଦୟାକରି କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟର ୱେବ୍‌ସାଇଟ୍ www.mca.gov.in କିମ୍ବା www.iepf.gov.in ପରିଦର୍ଶନ କରନ୍ତୁ ।
*ଉପରଦର୍ଶିତ ଖାଲିପଦବୀ ସଂଖ୍ୟା ଆନୁମାନିକ ଅଟେ । ନିଯୁକ୍ତି ସମୟରେ ତାହା ପରିବର୍ତ୍ତିତ ହୋଇପାରେ ।
CBC 07110/12/0004/2526

कार्यपालक अभियंता का कार्यालय
पथ निर्माण विभाग, पथ प्रमंडल, पाकुड़
email :- eercdpakur-jhr@nic.in, Phone & Fax No. 06435-220592
अति अल्पकालीन ई०-प्रोक्यूरमेन्ट सूचना
निविदा सूचना सं०– RCD /PAKUR/579/2025-26
दिनांक : 02.08.2025

| | | |
|---|---|---|
| 1. | कार्य का नाम | पथ प्रमंडल, पाकुड अन्तर्गत पाकुड़–महेशपुर (MDR-242) पथ के चैनेज 0.00 Km. से चैनेज 27.05 Km. में Pot Patch का कार्य। (गैर योजना मद) वित्तीय वर्ष 2025–26 |
| 2. | प्राक्कलित राशि (रू0) | रू0 99,98,174/– (रू0 निनानवे लाख अनठानवे हजार एक सौ चौहत्तर मात्र) |
| 3. | कार्य पूर्ण करने की अवधि | 02 (दो) माह |
| 4. | ई0–निविदा प्राप्त करने की अंतिम तिथि एवं समय | 20.08.2025 के पूर्वाह्न 12.00 बजे तक |
| 5. | ई0–निविदा का बेबसाईट पर प्रकाशन की तिथि एवं समय | 07.08.2025 के पूर्वाह्न 10.30 बजे से |
| 6. | ई0–निविदा आमंत्रित करने वाले कार्यालय का नाम एवं पता | कार्यपालक अभियंता, पथ निर्माण विभाग, पथ प्रमण्डल, पाकुड़। |
| 7. | ई–प्रोक्यूरमेन्ट अधिकारी का सम्पर्क नं0 | 06435–220592 |
| 8. | ई–प्रोक्यूरमेन्ट सेल का सम्पर्क सहायता नम्बर | 0651–2401010 |

नोट– प्राक्कलित राशि घट–बढ़ सकती है।
विशेष जानकारी http://jharkhandtenders.gov.in पर देखी जा सकती है।
कार्यपालक अभियंता, पथ प्रमण्डल, पाकुड़
PR 359243 Road (25-26)_D

No.CAD-1380
idco | ODISHA NEW OPPORTUNITIES
OFFICE OF THE DIVISIONAL HEAD, WS & EC DIVISION-II, IDCO, BHUBANESWAR-751022
QUOTATION CALL NOTICE
Quotation Call Notice No. WS&EC-II/D-1605/01/2022-23/1435 Dated : 29.07.2025
Percentage rate Quotations are invited from the Manufacturers / Authorized Dealers of Wilo Mather & Platt for **"Procurement of Spares for repair of VMF15A pump set at KNIC Pump House, Jajpur"**. The Bid Document comprising of eligibility criteria, Instruction to Bidders, Scope of Work, BoQ Drawings etc can be seen in e-procurement portal of Govt. of Odisha from 17.00 hours of dt **16.08.2025** to 17.00 hours of **02.09.2025**. Bid Identification no. is **WS&EC-II/D-2/2025-26.**
For Detail Quotation Call Notice, Terms & Condition, Specification and BoQ, please visit our website www.idco.in (Tender & Quotation)
Sd./- Divisional Head
WS&EC Division-II, IDCO, Bhubaneswar
OIPR-14003/11/0224/2526

STEEL AUTHORITY OF INDIA LIMITED
Rourkela Steel Plant
Rourkela - 769 011, Odisha, India
Great Place To Work. Certified
ENGAGEMENT OF APPRENTICES UNDER THE APPRENTICES ACT, 1961
Rourkela Steel Plant invites applications from the candidates for Apprenticeship Training as Graduate/Technician Apprentices and Trade Apprentices for a period of 01(One) year under the Apprenticeship Act 1961/1973 in the categories mentioned below:
➢ TRADE APPRENTICES (ITI Passed out) : 440 ➢ TECHNICIAN APPRENTICES (Diploma Passed out) : 271 ➢ GRADUATE APPRENTICES (B.Tech. Passed out) : 105
❖ AGE CRITERIA: Minimum 18 years and maximum 28 years as on date 31st August, 2025
❖ STIPEND: The apprentices are eligible for monthly stipend as per Apprentices Act, 1961, Apprenticeship Rules 1992 as amended from to time during their engagement period.
❖ RESERVATION: As per the guidelines of Govt. of Odisha, shall be followed with applicable age relaxation.
❖ SELECTION: Selection for engagement of Apprentices for training would be on merit basis, considering their percentage (%) of final marks obtained in the basic prescribed qualifications as applicable to respective branch/trade.
❖ Last date for applying in the portal: 31st August, 2025.
❖ REQUIREMENT BEFORE FILLING ON-LINE REGISTRATION
I. Before applying for above apprentices positions, candidates have to first register themselves in online portals of the following agencies of Govt. of India: (a) For Trade Apprentices: In the link https://apprenticeshipindia.gov.in (b) For Graduate/Technician Apprentices: National Apprenticeship Training Scheme (NATS) in the link https://nats.education.gov.in
II. The candidate must have an active email ID and Mobile Number which must be valid for at least next one year. All future communication including Corrigendum/Addendum with regard to this advertisement with candidate will take place only through e-mail / SMS Alerts.
III. The candidate must ascertain the correctness of all information before filling in the online registration and its final submission.
IV. The candidate shall be wholly/exclusively responsible for the information provided in his/her online registration.
V. After successfully registration/apply online, the candidate must take a print out of the filled-in online application for future reference.
❖ HOW TO APPLY : A) For ITI: Candidates are first required to register in the web portal http://apprenticeshipindia.gov.in for registration as candidate. After registering oneself, one can login into the home page in the apprenticeship portal as candidate then go to Apprenticeship Opportunity than click search by *Establishments Name (SAIL ROURKELA STEEL PLANT)* to click on apply as the prescribed trade against vacancies appearing on the portal. The candidates have to apply for the respective trade through Apprenticeship Opportunity of the establishment SAIL Rourkela Steel Plant. The application will not be accepted without registration and apply on the portal. B) For Degree/Diploma: Candidates are advised to register as a student online on https://nats.education.gov.in. After registering oneself, one can login into the home page of NATS portal as candidate then go to *Establishments Requests* than click *Find Establishments.* Candidate should select *STEEL AUTHORITY OF INDIA LIMITED, Rourkela Steel Plant, Rourkela* apply in passed out branch of engineering appearing on the portal.
❖ Eligible Sundargarh District residents will be given preference over others. Eligible applications from other districts of Odisha & then rest of India may be considered, only if there are any vacancies left after the selection process which cannot be filled by Sundargarh District residents.
❖ Management reserves the sole right to cancel the selection process there under at any point of time whatsoever. Decision of Management regarding the selection will be final. Further Management reserves the full right to fill up or otherwise any or all the vacancies for apprenticeship training depending on the availability of the candidates in any trade/discipline. The vacancies in each apprenticeship trade are indicative and may vary during selection process.
❖ RSP shall have no obligation to offer regular employment to Apprentices during and/or after the completion of the apprenticeship training which is one year from the date of joining.
Registered Office : Ispat Bhawan, Lodi Road, New Delhi 110 003
Corporate Identity Number : L27109DL1973GOI006454, Website : www.sail.co.in
There's a little bit of SAIL in everybody's life

केंद्रीय पेट्रोरसायन इंजीनियरिंग और प्रौद्योगिकी संस्थान
CENTRAL INSTITUTE OF PETROCHEMICALS ENGINEERING & TECHNOLOGY (CIPET)-IPT
Department of Chemicals & Petrochemicals, Ministry of Chemicals & Fertilizers, Govt of India
B/25, CNIC, Patia, Bhubaneswar, Odisha 751024, E-mail: bhubaneswar@cipet.gov.in, www.cipet.gov.in
SPOT ADMISSIONS - 2025
CIPET: IPT Bhubaneswar, Govt. of India a premier national institution invites online applications for admission in following Under Graduate and Post Graduate programs in Engineering and Science for the Academic Year 2025-26.

| PROGRAMME | QUALIFICATION | DURATION |
|---|---|---|
| B.Tech. (Plastics Engineering)<br>B.Tech. (Manufacturing Engineering & Technology) (Equivalent to Production Engg.) | 12th Science pass with minimum 45% mark (40% mark for SC/ST category) in aggregate with Mathematics, Physics and Chemistry. | 4 Years |
| Int. M.Sc. (B.Sc. + M.Sc.) (Material Science and Engineering) | 12th Science pass with minimum 45% mark (40% mark for SC/ST category) in aggregate with Mathematics, Physics and Chemistry. | 5 Years |
| Lateral Entry for B. Tech. (Manufacturing Engineering & Technology) | Passed Diploma with minimum 45% mark (40% mark for SC/ST category) from any branch. or Passed B.Sc. degree with minimum 45% mark (40% mark for SC/ST category) and passed 10+2 examination with Mathematics as a subject. | 3 Years |
| M.Sc. (Polymer Science) | Any B.Sc. degree with Chemistry as one of the subject. | 2 Years |
| M.Tech. (Plastics Engineering)<br>M.Tech. (Polymer Nanotechnology) | Passed B. Tech in Plastics Engineering or Tech. / Mechanical Engg. / Production Engg./ Polymer Engg. / Chemical Engg. / Manufacturing Engg. / Metallurgical Engg. / Materials Sc. & Engg. / Rubber & Plastcs Tech. / Textile Engg./M.Sc. in Polymer Science / Polymer Chemistry / Polymer Physics / Biopolymer Science / Chemistry / Applied Chemistry. with minimum 50% mark (45% mark for SC/ST category) | 2 Years |

Excellent Placement Track Record
Candidates may apply through the link :
https://forms.gle/nUbAXmQFSfpeqe9e8
Spot Admission Date: 13.08.2025
Contact: 8144919800/ 8170044113/ 9348795434
Scan Me

ୟୁକୋ ବ୍ୟାଙ୍କ
ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩
ଦଖଲ ନୋଟିସ୍
ସ୍ଥାବର ସମ୍ପତ୍ତି ନିମନ୍ତେ
(ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)
ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ, ଦଳାଇସାହି ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ନଂ.୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍, ୨୦୦୨ର ରୁଲ୍ ୩ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩ର ଉପଧାରା(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ **ଦଖଲ** ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ, ଦଳାଇସାହି ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଦେୟ ପାଇଁ ଉତ୍ତରଦାୟୀ ରହିବେ।

| ଦଳାଇସାହି ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| ଋଣଗ୍ରହୀତା: ମେସର୍ସ ବିଦ୍ୟାଧର ଏଜେନ୍ସି, ସ୍ୱତ୍ୱାଧିକାରୀ: ଶ୍ରୀ ସୀତାକାନ୍ତ ପ୍ରଧାନ, ସା: ତୃତୀୟାପଡା, ପୋ: ବୋଲଗଡ, ଜିଲ୍ଲା: ଖୋର୍ଦ୍ଧା-୭୫୨୦୬୬ | ଟ.୧୪,୯୧,୩୭୫/- + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୨୯.୦୫.୨୦୨୫ / ୦୮.୦୮.୨୦୨୫ | ଶ୍ରୀ ସୀତାକାନ୍ତ ପ୍ରଧାନ, ପିତା: ଶ୍ରୀ ରାମଚନ୍ଦ୍ର ପ୍ରଧାନଙ୍କ ନାମରେ ଥିବା ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପଞ୍ଜିକୃତ ବିକ୍ରୟ ଦଲିଲ୍ ନଂ.: ୫୦୬, ତାରିଖ: ୦୩.୦୫.୨୦୧୦, ପ୍ଲଟ୍ ନଂ.: ୧୮୬୪/୨୦୫୭, ଖାତା ନଂ.: ୧୧୨୧/୬୭, କ୍ଷେତ୍ର: ଏକର୦.୦୭୬ଡିସିମିଲି, ମୌଜା: ତୃତୀୟାପଡା, ତହସିଲ: ବୋଲଗଡ, ଥାନା: ବୋଲଗଡ, ପୋ: ମାଣିକଗୋଡା, ଜିଲ୍ଲା: ଖୋର୍ଦ୍ଧା ସହିତ ଏକ ମହଲା ବିଶିଷ୍ଟ ବିଲ୍ଡିଂ ଯାହାର ତଳ ମହଲା ଆରସିସି ପ୍ଲିନ୍ଥ ଏରିଆ: ୯୫୮.୧୬ବର୍ଗଫୁଟ ଏବଂ **ସମୁଦାୟ ଜମିର କ୍ଷେତ୍ର: ୩୩୧୦.୫୬ ବର୍ଗଫୁଟ**, ଏହାର ଚାରିପାର୍ଶ୍ୱରେ ଉତ୍ତର: ଲକ୍ଷ୍ମୀଧର ମହାନ୍ତି, ଦକ୍ଷିଣ: ମୋରମ ରୋଡ୍, ପୂର୍ବ: ସୌରଭ ଚନ୍ଦ୍ର ପ୍ରଧାନ, ପଶ୍ଚିମ: ପ୍ରଫୁଲ୍ଲ ଚନ୍ଦ୍ର ସାହୁ |
| ଋଣଗ୍ରହୀତା: ନୱାଜ ଟ୍ରେଡର୍ସ, ସ୍ୱତ୍ୱାଧିକାରୀ: ମିରହେଦାୟ ତୁଲା / ଗ୍ୟାରେଣ୍ଟିଦାତା: ଖୁରସିଦା ବେଗମ, ସ୍ୱାମୀ: ମିରହେଦାୟ ତୁଲା, ଉଭୟଙ୍କ ଠିକଣା- ସା: ଦଳାଇସାହି, ପୋ: ମାଣିକଗୋଡା, ଜିଲ୍ଲା: ଖୋର୍ଦ୍ଧା-୭୫୨୦୬୬ | ଟ.୯,୧୦,୭୫୯.୦୫ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୨୯.୦୪.୨୦୨୫ / ୦୮.୦୮.୨୦୨୫ | ଖୁରସିଦା ବେଗମ, ସ୍ୱାମୀ: ମିରହେଦାୟ ତୁଲାଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୨୨୬/୨୫୫୨, ଖାତା ନଂ.: ୧୩୮୦/୧୪୩, ମୌଜା: ଦଳାଇସାହି, ତହସିଲ: ବୋଲଗଡ, ଥାନା: ବୋଲଗଡ, ପୋ: ମାଣିକଗୋଡା, ଜିଲ୍ଲା: ଖୋର୍ଦ୍ଧା, କ୍ଷେତ୍ର: ଏକର୦.୧୫୩ଡିସିମିଲି ଯାହା ୬୬୬୪.୬୮ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ଶେଖ୍ ବାମ୍, ପୂର୍ବ: ମିର ବରହକ ତୁଲା, ପଶ୍ଚିମ: ସଞ୍ଜିଦା ବେଗମ |

ସ୍ଥାନ: ଭୁବନେଶ୍ୱର, ତାରିଖ : ୦୮.୦୮.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ

## କଣ୍ଠଶିଳ୍ପୀ ପ୍ରଭା ପଟ୍ଟନାୟକଙ୍କ ପରଲୋକ

କଟକ,(କାର୍ତ୍ତିକ ସାହୁ): କଣ୍ଠଶିଳ୍ପୀ, ସାରସ୍ୱତ ସ୍ରଷ୍ଟା ତଥା ସାମାଜିକ ସଂଗଠିକା ପ୍ରଭା ପଟ୍ଟନାୟକ(୭୮)ଙ୍କ ଶୁକ୍ରବାର ସକାଳେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ ସ୍ଥାନୀୟ ଏକ ଘରୋଇ ମେଡିକାଲରେ ଚିକିତ୍ସାଧୀନ ଥିଲେ। ସେ ହାଇକୋର୍ଟ ପୂର୍ବତନ ବିଚାରପତି ଦେବେନ୍ଦ୍ର ମୋହନ ପଟ୍ଟନାୟକଙ୍କ ସ୍ତ୍ରୀ। ତାଙ୍କ ପରଲୋକ ଖବର ପାଇ ହାଇକୋର୍ଟ ବିଚାରପତି, ଆଇନଜୀବୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ସିଡିଏ ସେକ୍ଟର-୬ସ୍ଥିତ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଛନ୍ତି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ନାତି ଡ. ପ୍ରତୀକ ଦାସ ମୁଖାଗ୍ନି ଦେଇଥିଲେ।

## ବୋମା ଭିଡ଼ାବେଳେ ବିସ୍ଫୋରଣ, ଜଣେ ମୃତ

ନିରାକାରପୁର,୮।୮(ମାନସ ଚନ୍ଦ୍ର ପଟ୍ଟନାୟକ): ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅନ୍ତର୍ଗତ ନୂଆଗଡ଼ ପଞ୍ଚାୟତର ହରିପୁର (କୃଷ୍ଣପୁର) ମାଝିସାହିରେ ଗୁରୁବାର ଅପରାହ୍ନରେ ଘରେ ବୋମା ଭିଡୁଥିବାବେଳେ ବିସ୍ଫୋରଣ ଘଟି ଜଣଙ୍କର ମୃତ୍ୟୁ ହୋଇଯାଇଛି। ମୃତକ ହେଲେ ରମେଶ ମହାପାତ୍ର ଓରଫ ରମିୟା (୩୭)। ବିସ୍ଫୋରଣରେ ୩ ବଖରା ଘରର ଛାତ ଉଡ଼ିଯାଇଥିଲା। ତେବେ ସୌଭାଗ୍ୟବଶତଃ ଏହି ସମୟରେ ରମେଶଙ୍କ ସନ୍ତାନ ବିଦ୍ୟାଳୟ ଯାଇଥିବାବେଳେ ସ୍ତ୍ରୀ କୌଣସି କାର୍ଯ୍ୟରେ ଘର ବାଡ଼ିପଟକୁ ଯାଇଥିଲେ। ଫଳରେ ଦୁହେଁ ଦୁର୍ଘଟଣାରୁ ବର୍ତ୍ତିଯାଇଛନ୍ତି। ଗ୍ରାମବାସୀ ଗୁରୁତର ଅବସ୍ଥାରେ ରମେଶଙ୍କୁ ଉଦ୍ଧାର କରି ପ୍ରଥମେ ଖୋର୍ଦ୍ଧା ଓ ପରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରିଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ଚିକିତ୍ସାଧୀନ ଅବସ୍ଥାରେ ମୃତ ଘୋଷଣା କରିଥିଲେ। ଖବର ପାଇ ନିରାକାରପୁର ପୋଲିସ ଗ୍ରାମରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଜଙ୍ଗଲୀ ଜନ୍ତୁ ଶିକାର ପାଇଁ ବୋମା ପ୍ରସ୍ତୁତ କରାଯାଉଥିଲା ବୋଲି ଗ୍ରାମବାସୀଙ୍କଠାରୁ ସୂଚନା ମିଳିଛି।

# ଉଠାଦୋକାନ ଉଚ୍ଛେଦ ବେଳେ ଉତ୍ତେଜନା

ଭୁବନେଶ୍ୱର, ୮।୮ (ବନ୍ଦନା ସେଠୀ)

ବିନା ଥଇଥାନରେ ଉଚ୍ଛେଦ ନ କରିବାକୁ ଉଠାଦୋକାନୀମାନେ ଦାବି କରି ଆସୁଛନ୍ତି। ବିଏମ୍‌ସି ମଧ୍ୟ ଏନେଇ ପ୍ରତିଶ୍ରୁତି ଦେଇଥିଲା। ହେଲେ କିଛିଦିନର ନିରବତା ପରେ ଏବେ ପୁଣି ଉଠା ଦୋକାନକୁ ଉଚ୍ଛେଦ କରିବାରୁ ଉଠାଦୋକାନୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଶୁକ୍ରବାର ମାର୍କେଟ ବିଲ୍ଡିଂ ପଛପଟେ ଥିବା ପଟେଲ ବସ୍ତି ନିକଟରେ ଏଭଳି ସ୍ଥିତି ଦେଖିବାକୁ ମିଳିଥିଲା। ଏପରିକି ଉଚ୍ଛେଦ ନ କରିବାକୁ ବିଧାୟକ କହିବା ପରେ ମଧ୍ୟ ବିଏମ୍‌ସି ଅଧିକାରୀମାନେ ଏହାକୁ ଖାତିର କରି ନ ଥିଲେ। ଫଳରେ ଉଠାଦୋକାନୀ ଏବଂ ଅଧିକାରୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଶତାଧିକ ଉଠାଦୋକାନୀ ଡ୍ରୋଜର ଆଗରେ ଛିଡ଼ା ହେବାରୁ ବିଏମ୍‌ସି ଉଚ୍ଛେଦକାରୀ ଦଳ ଉଚ୍ଛେଦ କରି ନ ପାରି ସେଠାରୁ ଫେରି ଯାଇଥିଲେ। ସୂଚନାଯୋଗ୍ୟ, ସ୍ଥାନୀୟ ଜୋନାଲ ଡେପୁଟି କମିଶନରଙ୍କ ସମେତ ଏକ ପ୍ଲାଟୁନ୍ ପୋଲିସ ଫୋର୍ସ, ବିଏମ୍‌ସି ସ୍କ୍ୱାଡ୍ ଉଚ୍ଛେଦ ପାଇଁ ଏକ ଜେସିବି ଧରି ପଟେଲ



ବସ୍ତି ଅଞ୍ଚଳରେ ପହଞ୍ଚିଥିଲେ। ସେଠାରେ ବସିଥିବା ଉଠଦୋକାନୀମାନଙ୍କୁ ହଟିଯିବା ପାଇଁ ଡାକବାଜି ଯନ୍ତ୍ର ସାହାଯ୍ୟରେ ପ୍ରଚାର କରିଥିଲେ। ତେବେ ଖବର ପାଇ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଏବଂ ୪୦ ନଂ. ୱାର୍ଡର କର୍ପୋରେଟର ଆସିଆ ବେଗମ୍ ସେଠାରେ ପହଞ୍ଚି ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ। ଅଧିକାରୀମାନେ କୌଣସି ଦୋକାନ ଭଙ୍ଗାଯିବ ନାହିଁ ଏବଂ ପଟେଲ ବସ୍ତିକୁ ଥଇଥାନ ନ କରିବା ପର୍ଯ୍ୟନ୍ତ ଉଚ୍ଛେଦ କରାଯିବ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ବିଧାୟକ ସେଠାରୁ ଚାଲିଯିବା ପରେ ବିଏମ୍‌ସି ସ୍କ୍ୱାଡ୍ ବିଧାୟକଙ୍କ ନିର୍ଦ୍ଦେଶକୁ ନ ମାନି ଉଠଦୋକାନ ଉଚ୍ଛେଦ ଆରମ୍ଭ କରିଥିଲେ। ଘଟଣାସ୍ଥଳରେ ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘର ରାଜ୍ୟ ସଭାପତି ପ୍ରତାପ କୁମାର ସାହୁ, ଉପସଭାପତି ସୂର୍ଯ୍ୟମଣି ସାହୁ, ନିରଞ୍ଜନ ପାଣ୍ଡେ, ମଞ୍ଜୁଲତା ନାୟକ ପ୍ରମୁଖ ପହଞ୍ଚି ଉଠାଦୋକାନୀଙ୍କୁ ଉଚ୍ଛେଦ ନ କରିବା ପାଇଁ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। କିନ୍ତୁ ବିଏମ୍‌ସି ଅଧିକାରୀ କୌଣସି କଥା ନ ଶୁଣି ଉଚ୍ଛେଦ ଜାରି ରଖିବାରୁ ସେଠାରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଶେଷରେ ଉଠାଦୋକାନୀଙ୍କ ବିରୋଧ ଆଗରେ ଅଧିକାରୀଙ୍କୁ ହାର୍ ମାନିବାକୁ ପଡିଥିଲା।

## ଥାନାର ଦ୍ୱାରସ୍ଥ ହେଲେ ସୋନାଲିଙ୍କ ପୁଅ

### ନାଣ୍ଡୁବାବୁଙ୍କ ଚକ୍ରାନ୍ତରେ ବାପାଙ୍କୁ ଗିରଫ କରାଗଲେ ଆତ୍ମହତ୍ୟା କରିବି

ପୁରୀ/କୃଷ୍ଣପ୍ରସାଦ,୮।୮(ଅଜିତ୍ କୁମାର ମହାନ୍ତି/କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁଣି ଚର୍ଚ୍ଚାକୁ ଆସିଛି ଯାତ୍ରା ଅଭିନେତ୍ରୀ ସୋନାଲି ପଣ୍ଡା ଓରଫ କାଗଜି ପଲେଇ ଏବଂ ତାଙ୍କ ସ୍ୱାମୀ ଶ୍ରୀକ୍ଷେତ୍ର ପ୍ରସାଦ ସାମନ୍ତସିଂହାର ଓରଫ ଜନ୍‌ଙ୍କ ବିବାଦ ପ୍ରସଙ୍ଗ। ଏହି ବିବାଦ ମଧ୍ୟକୁ ସେମାନଙ୍କ ୧୨ ବର୍ଷର ପୁଅ ଯଶ୍‌ରାଜ ସାମନ୍ତସିଂହାର ଆସିଯାଇଛନ୍ତି। ଯଶ୍‌ରାଜ ଗୁରୁବାର ପୁରୀ ଜିଲା କୃଷ୍ଣପ୍ରସାଦ ଥାନାର ଦ୍ୱାରସ୍ଥ ହୋଇଥିଲେ। ନାଣ୍ଡୁବାବୁଙ୍କ ଚକ୍ରାନ୍ତରେ ବାପାଙ୍କୁ ଗିରଫ କରାଗଲେ ଆତ୍ମହତ୍ୟା କରିବି ବୋଲି ସେ ଚେତାବନୀ ଦେଇଛନ୍ତି। ଯଶ୍‌ରାଜଙ୍କ ଭବିଷ୍ୟତ ବାଧାପ୍ରାପ୍ତ ହେବା ଆଶଙ୍କାରେ ତାଙ୍କୁ ପୋଲିସ ଆଣି ପୁରୀର ଶିଶୁଯତ୍ନ ଅନୁଷ୍ଠାନରେ ରଖିଛି। ଶୁକ୍ରବାର ତାଙ୍କୁ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ବେଞ୍ଚ୍ ଏବଂ ଶିଶୁ ମଙ୍ଗଳ କମିଟିରେ ଉପସ୍ଥିତ କରାଯାଇଛି। ଶିଶୁ ମଙ୍ଗଳ କମିଟି ସଦସ୍ୟ ତାଙ୍କୁ କାଉନ୍‌ସେଲିଂ କରୁଛନ୍ତି। ତାଙ୍କ ମା'ବାପାଙ୍କୁ କାଉନ୍‌ସେଲିଂ କରିବା ପାଇଁ ପୋଲିସକୁ ଚିଠି ଲେଖାଯିବ। ଏପରିକି ପିଲାଟିର ଭବିଷ୍ୟତ ନିମନ୍ତେ ଏହି ମାମଲାକୁ ଫାମିଲି କୋର୍ଟକୁ ପଠାଯିବ ବୋଲି ଜଣାପଡ଼ିଛି।

ଗତ ଅଗଷ୍ଟ ୩ରେ ସୋନାଲି ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନାରେ ଅଭିଯୋଗ କରିଥିଲେ ଯେ, ସେ ନାବାଳିକା(୧୭ ବର୍ଷ) ଥିବାବେଳେ ଶ୍ରୀକ୍ଷେତ୍ର ତାଙ୍କୁ ପ୍ରେମଜାଲରେ ଫସାଇ ଅପହରଣ କରିନେଇ ବିବାହ କରିଥିଲେ। ସୋନାଲିଙ୍କ ପୈତୃକ ଗାଁ କୃଷ୍ଣପ୍ରସାଦ ହୋଇଥିବାରୁ ଏହି ଅଭିଯୋଗ କୃଷ୍ଣପ୍ରସାଦ ଥାନାକୁ ଆସିଥିଲା। ପୋଲିସ ଉକ୍ତ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଗୁରୁବାର ତାଙ୍କ ପୁଅ ଯଶ୍‌ରାଜ ଏକ ଅଭିଯୋଗପତ୍ର ଧରି କୃଷ୍ଣପ୍ରସାଦ ଥାନାକୁ ଯାଇଥିଲେ। ଅଭିଯୋଗରେ ସେ ଉଲ୍ଲେଖ କରିଛନ୍ତି, ଆଜିପର୍ଯ୍ୟନ୍ତ ମୁଁ ମା'ର ସ୍ନେହ ପାଇନାହିଁ। ଜନ୍ମହେବାର କିଛିମାସ ପରେ ମୋତେ ମୋ ମା' ଛାଡ଼ି ଚାଲିଯାଇଥିଲେ। ସେହିଦିନଠାରୁ ଏପର୍ଯ୍ୟନ୍ତ ମୁଁ ବାପାଙ୍କ ସ୍ନେହରେ ବଞ୍ଚିଆସୁଛି। ଏବେ ମା' ତାଙ୍କ ଯାତ୍ରାପାର୍ଟି ମାଲିକ ନାଣ୍ଡୁବାବୁଙ୍କ ଚକ୍ରାନ୍ତରେ ପଡ଼ି ମୋ' ବାପାଙ୍କୁ ଜେଲ ପଠାଇବାକୁ ଚାହୁଁଛନ୍ତି। ଯଦି ତଦନ୍ତ ପୂର୍ବରୁ ମୋ' ବାପାଙ୍କୁ ଗିରଫ କରାଯାଏ, ତା'ହାଲେ ମୁଁ ଥାନା ଆଗରେ ବିଷ ପିଇ ଆତ୍ମହତ୍ୟା କରିବାକୁ ପଛାଇବି ନାହିଁ। ଆବଶ୍ୟକ ପଡ଼ିଲେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ମୋ' ଅଭିଯୋଗ ଜଣାଇବି ବୋଲି ଯଶ୍‌ରାଜ ଦର୍ଶାଇଛନ୍ତି।

## ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

ବାଲିଅନ୍ତା,୮।୮(ନୀଳମାଧବ ସାହୁ): ପାହାଳ ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ବିକାଶ ନାୟକ (୨୭)। ପୋଲିସ ସୂଚନା ଅନୁଯାୟୀ, ଯୁବତୀ ଜଣକ ଛୋଟବେଳୁ ମାମୁଁଘରେ ରହିଆସୁଛନ୍ତି। ବିକାଶ ହେଉଛନ୍ତି ତାଙ୍କ ପଡ଼ୋଶୀ। ପୂର୍ବରୁ ବିକାଶ ଯୁବତୀଙ୍କୁ ଏକପାଖିଆ ଭଲ ପାଇ ଆସୁଥିଲେ। ପରେ ଯୁବତୀଙ୍କ ସହିତ ଛଳନା କରି ତାଙ୍କ ଇଚ୍ଛା ବିରୋଧରେ ଜୋରଜବରଦସ୍ତ ସମ୍ପର୍କ ରଖି ବଳାତ୍କାର କରିଥିଲେ। ଗତ ଜୁନରେ ବିକାଶ ଯୁବତୀଙ୍କୁ ଏକ ବାଇକ୍‌ରେ ଭୁବନେଶ୍ୱରସ୍ଥିତ ଏକ ଗେଷ୍ଟ ହାଉସକୁ ନେଇ ତାଙ୍କୁ ବଳାତ୍କାର କରିଥିଲେ। ଏହି ଘଟଣା ପରଠାରୁ ବିକାଶ ଯୁବତୀଙ୍କୁ ବାରମ୍ବାର ଖରାପ ସମ୍ପର୍କ ରଖିବାକୁ ବାଧ କରିବା ସହ ଏଥିରେ ରାଜି ନ ହେଲେ ଫଟୋ ଏବଂ ଭିଡିଓ ଭାଇରାଲ କରିଦେବାକୁ ଧମକ ଦେଉଥିଲେ। ଶେଷରେ ଯୁବତୀ ଜଣକଙ୍କ ପାହାଳ ଥାନାରେ ଏ ନେଇ ଲିଖିତ ଅଭିଯୋଗ କରିଥିଲେ।




ଭୋଟର ତାଲିକା ସ୍ୱତନ୍ତ୍ର ନିରୀକ୍ଷଣ ବନ୍ଦ ଦାବିରେ ସିପିଆଇଏମ୍ ଭୁବନେଶ୍ୱର ପକ୍ଷରୁ ଏଡିଏମ୍ ଅଫିସ ଘେରାଉ ଓ ନିର୍ବାଚନ ଆୟୋଗଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ।

## ପ୍ରେମ ନିବେଦନ ପ୍ରତ୍ୟାଖ୍ୟାନ କରିବାରୁ ନର୍ସଙ୍କୁ ହାଣିଥିଲେ

### ଜେଲ ଗଲେ ଅଭିଯୁକ୍ତ ଡ୍ରାଇଭର

ଭୁବନେଶ୍ୱର,୮।୮(ସତ୍ୟଜିତ୍ ରାଉତ)

ଭରତପୁର ଥାନା ଅନ୍ତର୍ଗତ ସାମପୁର ନୂଆସାହିରେ ନର୍ସ ବିନୋଦିନୀ ରଥ (୪୦)ଙ୍କୁ ଆକ୍ରମଣ ମାମଲାରେ ପ୍ରକୃତ କାରଣ ପଦାକୁ ଆସିଛି। ତଦନ୍ତରୁ ଏହା ଏକତରଫା ପ୍ରେମିକର ଚରମ କାଣ୍ଡ ବୋଲି ପୋଲିସ କହିଛି। ବାରମ୍ବାର ପ୍ରେମ ନିବେଦନକୁ ବିନୋଦିନୀ ପ୍ରତ୍ୟାଖ୍ୟାନ କରୁଥିବାରୁ ଡ୍ରାଇଭର ତପନ ଦାସ ଓରଫ ମିଟୁ (୩୭) ତାଙ୍କୁ ହତ୍ୟା ଉଦ୍ୟମ କରିଥିଲେ। ଏହା ସ୍ପଷ୍ଟ ହେବା ପରେ ପୋଲିସ ଅଟକ ରଖିଥିବା ଅଭିଯୁକ୍ତ ତପନଙ୍କୁ ଶୁକ୍ରବାର ଗିରଫ କରିବା ସହ ଆକ୍ରମଣରେ ବ୍ୟବହୃତ କଟୁରି ଜବତ କରିଛି। ତାଙ୍କୁ ଜେଏମ୍‌ଏଫ୍‌ସି-୫ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ତପନଙ୍କୁ ଜେଲକୁ ପଠାଇ ଦିଆଯାଇଛି।

ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ତପନ ଡ୍ରାଇଭର ଭାବେ କାମ କରନ୍ତି। ବିନୋଦିନୀ କଳିଙ୍ଗନଗର ଅଞ୍ଚଳରେ ଥିବା ଏକ ଘରୋଇ ହସ୍ପିଟାଲରେ ବର୍ଷେ ହେବ ଷ୍ଟାଫ୍ ନର୍ସ ଭାବେ ଚାକିରି କରୁଛନ୍ତି। ନୂଆସାହିରେ ସେ ପୁଅ ଜ୍ଞାନରଞ୍ଜନ ମିଶ୍ରଙ୍କ ସହ ୧୨ବର୍ଷ ହେବ ରହୁଛନ୍ତି। ତପନ ତାଙ୍କ ଘର ପାଖରେ ରହି ଏକତରଫା ପ୍ରେମ କରିବା ସହ ସବୁବେଳେ ହଇରାଣ କରୁଥିଲେ। ତପନ ବାରମ୍ବାର ପ୍ରେମ ନିବେଦନ କରୁଥିଲେ ମଧ୍ୟ ବିନୋଦିନୀ ପ୍ରତ୍ୟାଖ୍ୟାନ କରିଦେଉଥିଲେ। ବିନୋଦିନୀ ଗୁରୁବାର ସକାଳେ ଅଫିସ ଯାଇ ଅପରାହ୍ନ ପ୍ରାୟ ୩ଟା ୩୦ରେ ଘରକୁ ଫେରୁଥିବାବେଳେ ବାଟରେ ତପନ ତାଙ୍କୁ ଅଟକାଇ ପୁଣି ହଇରାଣ କରିଥିଲେ। ଘର ନିକଟରେ ତପନ ପୁଣି ତାଙ୍କୁ ଅଟକାଇ ପ୍ରେମ ନିବେଦନ କରି ଅଶ୍ଳୀଳ ଇଙ୍ଗିତ କରିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ତପନ ରାଗିଯାଇ ଘରୁ ଏକ କଟୁରିରେ ବିନୋଦିନୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ସମୟରେ ମା'ଙ୍କ ଚିତ୍କାର ଶୁଣି ଜ୍ଞାନ ଦୌଡ଼ି ଆସି ପ୍ରତିରୋଧ କରିବାରୁ ତପନ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ପୋଲିସ ତାଙ୍କୁ ସ୍ଥାନୀୟ ଅଞ୍ଚଳରୁ କାବୁ କରିଥିଲା। ତେବେ ବିନୋଦିନୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ସୂଚନା ମିଳିଛି। ପୁଅ ଜ୍ଞାନଙ୍କ ଏତଲାକୁ ଭିତ୍ତିକରି ପୋଲିସ ବିଏନଏସ୍ ଦଫା ୧୨୬(୨), ୧୦୯(୧), ୧୧୮(୨)ରେ ମାମଲା (ନଂ.୪୪୧/୨୦୨୫) ରୁଜୁ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

## ଐତିହ୍ୟ ଗଙ୍ଗା ଯମୁନା ନିକଟରେ ନିର୍ମାଣକୁ ନେଇ ବଢୁଛି ଅଡୁଆ

### ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗକୁ ଦାବିପତ୍ର

ପୁରୁଣା ଭୁବନେଶ୍ୱର, ୮।୮
(ସୁବାସ ଚନ୍ଦ୍ର ପ୍ରଧାନ)

ଲିଙ୍ଗରାଜ ମନ୍ଦିର ନିକଟସ୍ଥ ଗଙ୍ଗା ଯମୁନା ମନ୍ଦିର ସନ୍ନିକଟ ଏକ ବୃହତ ଅଟ୍ଟାଳିକା ନିର୍ମାଣକୁ ନେଇ ଅଡୁଆ ବଢୁଛି। ବିଭାଗୀୟ ଅଧିକାରୀମାନେ ଏହା ବେଆଇନ ଜାଣି ମଧ୍ୟ ପ୍ରୋତ୍ସାହନ ଦେବାରୁ ନିର୍ମାଣକାରୀକାରୀଙ୍କ ବିରୋଧରେ କୌଣସି ଅଙ୍କୁଶ ଲାଗିପାରି ନାହିଁ। ତେଣୁ ଏଠାରେ ଥିବା ଐତିହ୍ୟ ମନ୍ଦିର ସହ ପ୍ରାକୃତିକ ଝରଣା ବନ୍ଦ ହୋଇଯିବା ଆଶଙ୍କା ଦେଖାଦେଇଛି। ଗତ ୪ ତାରିଖରେ ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ବିଏମ୍‌ସି କମିଶନରଙ୍କୁ ଏ ନେଇ ଦାବିପତ୍ର ଦିଆଯାଇଥିଲା। ଶୁକ୍ରବାର ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗକୁ ମଞ୍ଚ ପକ୍ଷରୁ ଅନୁରୂପ ଦାବିପତ୍ର ପ୍ରଦାନ କରାଯାଇଛି। ଐତିହ ଗଙ୍ଗା ଯମୁନା ମନ୍ଦିର ଓ କୁଣ୍ଡର ସୁରକ୍ଷା ଏବଂ ଉପଯୁକ୍ତ ସଂରକ୍ଷଣ ପ୍ରତ୍ନତତ୍ତ୍ୱ ବିଭାଗର ଗୁରୁ ଦାୟିତ୍ୱ ହେଇଥିବା ବେଳେ ଆନ୍‌ସାର୍ ଆକ୍ଟ ଉଲ୍ଲଂଘନ କରି ନିର୍ମାଣ କାର୍ଯ୍ୟ କରାଯାଉଛି। ତୁରନ୍ତ ନିର୍ମାଣ ବନ୍ଦ କରିବା ପାଇଁ ମଞ୍ଚ ଦାବି କରିଛି। ନଚେତ ମଞ୍ଚ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଅଧ୍ୟକ୍ଷ ଭୀଷ୍ମ ନାରାୟଣ ନାୟକ କହିଛନ୍ତି। ସୂଚନାଥାଉ କି, ବିଭାଗର ଉପନିର୍ଦ୍ଦେଶିକାଙ୍କୁ ଦାବିପତ୍ର ପ୍ରଦାନ ବେଳେ ବିଭାଗ ପକ୍ଷରୁ ବିଡିଏ ଏବଂ ବିଏମ୍‌ସିକୁ ବେଆଇନ ନିର୍ମାଣ ପ୍ରସଙ୍ଗରେ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

## ଶ୍ୱଶୁର ଘରକୁ ଆସିଥିବା ଯୁବକଙ୍କୁ ହତ୍ୟା ଅଭିଯୋଗ

### ପୋଲିସ ଏତଲା ବଦଳାଇବାକୁ କହିବାରୁ ଉତ୍ତେଜନା

ଭୁବନେଶ୍ୱର,୮।୮(ସତ୍ୟଜିତ୍ ରାଉତ)

ଭରତପୁର ଥାନା ଅନ୍ତର୍ଗତ ପଣ୍ଡାକୁଦିଆ ଅଞ୍ଚଳରେ ଥିବା ଶ୍ୱଶୁର ଘରକୁ ଆସିଥିବା ଯାଜପୁରର ଜଣେ ଯୁବକଙ୍କ ସନ୍ଦେହଜନକ ଅବସ୍ଥାରେ ଶୁକ୍ରବାର ମୃତ୍ୟୁ ହୋଇଛି। ମୃତ ଯୁବକ ହେଲେ ଯାଜପୁର ଜିଲା ସୁଜନପୁର ଥାନା ନୌପଡାର ଶିବ ପ୍ରସାଦ ବାରିକ (୨୭)। ପଣ୍ଡାକୁଦିଆ ନିକଟରେ ଥିବା ଏକ ଜଙ୍ଗଲିଆ ଅଞ୍ଚଳରେ ଥିବା ଏକ ଗଛରେ ଗାମୁଛା ଦ୍ୱାରା ଝୁଲୁଥିବା ଅବସ୍ଥାରେ ସକାଳେ ପୋଲିସ ଶିବଙ୍କ ମୃତଦେହ ଜବତ କରିଥିଲା। ତେବେ ଶିବଙ୍କ ମୃତ୍ୟୁକୁ ପରିବାର ଲୋକେ ସହଜରେ ଗ୍ରହଣ କରିପାରିନାହାନ୍ତି। ପ୍ରଥମେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ହେଲେ ପରେ ଶିବଙ୍କ ବାପାଙ୍କ ଏତଲାକୁ ଭିତ୍ତିକରି ଭରତପୁର ପୋଲିସ ଏକ ହତ୍ୟା ମାମଲା (ନଂ.୪୪୩/୨୦୨୫) ରୁଜୁ କରି ତଦନ୍ତ କରୁଛି। ତେବେ ପ୍ରଥମେ ପୋଲିସ ଏତଲାକୁ ବଦଳାଇବାକୁ ଚାପ ପକାଉଥିବା ପରିବାର ଲୋକେ ଅଭିଯୋଗ ଉଠାଇ ହୋହଲ୍ଲା କରିଥିଲେ। ଏହାକୁ ନେଇ ସେଠାରେ ବହୁ ସମୟ ଧରି ଉତ୍ତେଜନା ପ୍ରକାଶ ପାଇଥିଲା। ସୂଚନା ଅନୁଯାୟୀ, ଶିବ ଭୁବନେଶ୍ୱରର ଏକ ଘରୋଇ ସଂସ୍ଥାରେ କାମ କରନ୍ତି। ଦୁଇଦିନ ହେବ ସେ ଛୁଟି ନେଇ ପଣ୍ଡାକୁଦିଆସ୍ଥିତ ଶ୍ୱଶୁର ଘରକୁ ଆସିଥିଲେ। ଗୁରୁବାର ରାତିରେ ଶିବ ଶୋଇବାକୁ ଯାଇଥିଲେ। ହେଲେ ଏହାପରେ ଶିବ କେଉଁଭଳି ପରିସ୍ଥିତିରେ ବାହାରକୁ ଆସିଲେ ଓ ତାଙ୍କ ମୃତ୍ୟୁ ହେଲା ସେନେଇ ପରିବାର ଲୋକ ସନ୍ଦେହରେ ପଡ଼ିଛନ୍ତି। ଶିବଙ୍କ ସ୍ତ୍ରୀଙ୍କ କହିବା ଅନୁଯାୟୀ, କିଛିଦିନ ତଳେ ତାଙ୍କ ସ୍ୱାମୀଙ୍କ ସହ ପଣ୍ଡାକୁଦିଆ ବସ୍ତିରେ କିଛି ଲୋକଙ୍କର ଝଗଡା ହୋଇଥିଲା। ସେମାନେ ତାଙ୍କ ମୋବାଇଲ ଛଡାଇ ନେଇଥିଲେ। ଏହାକୁ ନେଇ ଶିବଙ୍କୁ ହତ୍ୟା କରାଯାଇଥିବା ସେ ସନ୍ଦେହ କରିଛନ୍ତି। ଏଭଳି ଅଭିଯୋଗକୁ ନେଇ ଭରତପୁର ଥାନାରେ କିଛି ସମୟ ଉତ୍ତେଜନା ଦେଖାଯାଇଥିଲା। କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ଶିବଙ୍କ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଥାନାଧିକାରୀ ଦୀପକ ଖଣ୍ଡାୟତରାୟ ସୂଚନା ଦେଇଛନ୍ତି।

## ୧୨ରେ କୃମିନାଶକ ଔଷଧ, ଭିଟାମିନ୍-ଏ ସେବନ

ଭୁବନେଶ୍ୱର, ୮।୮(ବନ୍ଦନା ସେଠୀ)

ଶିଶୁ ସ୍ୱାସ୍ଥ୍ୟରେ ଉନ୍ନତି, ରକ୍ତହୀନତା ନିରାକରଣ ଏବଂ ପରଜୀବୀ କୃମି ସଂକ୍ରମଣରୁ ମୁକ୍ତି ପାଇଁ ଅଗଷ୍ଟ ୧୨ରେ ରାଜ୍ୟରେ ଜାତୀୟ କୃମିନାଶକ ଦିବସ (ଏନ୍‌ଡିଡି) ଏବଂ ଭିଟାମିନ୍-ଏ ସପ୍ଲିମେଣ୍ଟେଶନ୍ (ଭିଏଏସ୍) କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ ଓ ୟୁନିସେଫ୍ ସହଭାଗିତାରେ ଏହା ପରିଚାଳିତ ହେବ। ଏଥିସହ ୧୨ଟି ଜିଲାରେ ଲିମ୍ଫାଟିକ୍ ଫାଇଲେରିଆସିସ୍ ମାସ୍ ଡ୍ରଗ୍ ଆଡ୍‌ମିନିଷ୍ଟ୍ରେଶନ୍ (ଏଲ୍‌ଏଫ୍-ଏମ୍‌ଡିଏ) କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେବ। ଶୁକ୍ରବାର ନିର୍ଦ୍ଦେଶାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏନେଇ ସୂଚନା ଦିଆଯାଇଛି। ଏନ୍‌ଡିଡି କାର୍ଯ୍ୟକ୍ରମ ଅଧୀନରେ ୩୦ ଜିଲାରେ ୧-୧୯ ବର୍ଷ ବୟସର ୧.୨୬ କୋଟିରୁ ଅଧିକ ଶିଶୁ ଏବଂ ୨୦-୨୪ ବର୍ଷ ବୟସର ୧୫ଲକ୍ଷରୁ ଅଧିକ ପ୍ରଜନନ ବୟସର ମହିଳାଙ୍କୁ କୃମିନାଶକ ଔଷଧ ଆଲବେଣ୍ଡାଜୋଲ୍ ପ୍ରଦାନ କରାଯିବ। ଏଥିରେ ଏଲ୍‌ଏଫ୍-ଏମ୍‌ଡିଏ ଜିଲାର ୧-୨ ବର୍ଷ ବୟସର ୪,୦୧,୦୮୧ ଶିଶୁ, ଏନ୍‌ଡିଡି ଜିଲାଗୁଡ଼ିକର ୧-୫ ବର୍ଷ ବୟସର ୨୩,୩୯,୧୦୨ ଶିଶୁ ଏବଂ ୬-୧୯ ବର୍ଷ ବୟସର ୯୯,୦୬,୪୩୩ ଶିଶୁ ଅନ୍ତର୍ଭୁକ୍ତ ଅଛନ୍ତି। ଭିଏଏସ୍ କାର୍ଯ୍ୟକ୍ରମ ୯ରୁ ୬୦ ମାସ ବୟସର ୩୨ଲକ୍ଷ ଶିଶୁଙ୍କ ପାଖରେ ପହଞ୍ଚିବ। ସମ୍ମିଳନୀରେ ପରିବାର କଲ୍ୟାଣ ନିର୍ଦ୍ଦେଶିକା ଡା. ରାଜଶ୍ରୀ ପଟ୍ଟନାୟକ, ୟୁନିସେଫ୍‌ର ପୋଷଣ ବିଶେଷଜ୍ଞ ସୌରଭ ଭଟ୍ଟାଚାର୍ଯ୍ୟ, ପୋଷଣ ଯୁଗ୍ମ ନିର୍ଦ୍ଦେଶକ ଡା. ସ୍ମୃତିଜିତ୍ ପଟ୍ଟନାୟକ ଓ ୟୁନିସେଫ୍‌ର ପୋଷଣ ଅଧିକାରୀ ଡା. ସଞ୍ଜୟ ସାହୁ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ସମ୍ବନ୍ଧୀୟ ପ୍ରଶ୍ନ ପାଇଁ ଏକ ହେଲ୍ପଲାଇନ୍ ନମ୍ବର ୦୬୭୪-୨୩୯୧୯୪୪ ଜାରି କରାଯାଇଛି।

## ଓଡ଼ିଶାରୁ ଫେରିଲେ କ୍ୟୁନି ଇଣ୍ଡିଆ ଟ୍ରେକ୍ ପ୍ରତିନିଧିମଣ୍ଡଳୀ

ଭୁବନେଶ୍ୱର,୮।୮(ଅନୁରାଧା ମହାରଣା)

ଇଣ୍ଡିଆ ଟ୍ରେକ୍ କାର୍ଯ୍ୟକ୍ରମରେ ଆମେରିକାର ସିଟି ୟୁନିଭର୍ସିଟି ଅଫ୍ ନ୍ୟୁୟର୍କ (କ୍ୟୁନି) ବିଶ୍ୱବିଦ୍ୟାଳୟର ୨୬ ଜଣିଆ ଛାତ୍ର-ଅଧ୍ୟାପକ ପ୍ରତିନିଧିମଣ୍ଡଳୀ ଅଗଷ୍ଟ ୪ରୁ ୭ ଦିନିଆ କିଟ୍ ଓ କିସ୍ ପରିଦର୍ଶନରେ ଆସି ଶୁକ୍ରବାର ଫେରିଯାଇଛନ୍ତି। ଏହି ପ୍ରତିନିଧି ଦଳରେ କ୍ୟୁନି ବିଶ୍ୱବିଦ୍ୟାଳୟର ୨୦ଜଣ ଛାତ୍ରୀଛାତ୍ର ଓ ୬ଜଣ ଅଧ୍ୟାପିକାଅଧ୍ୟାପକ ସାମିଲ ଥିଲେ। ଅଚ୍ୟୁତ ସାମନ୍ତ ଇଣ୍ଡିଆ ଇନିସିଏଟିଭ୍ ଅଫ୍ କ୍ୟୁନି (ଏଏସଆଇଆଇସି) ମାଧ୍ୟମରେ ଏହି ପ୍ରତିନିଧିମଣ୍ଡଳୀ କିଟ୍ ଓ କିସ ପରିଦର୍ଶନରେ ଆସିଥିଲେ। ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସେମାନେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ସେମାନଙ୍କ ଅନୁଭୂତି ବଖାଣି ଥିଲେ। ଡ. ସାମନ୍ତ ସେମାନଙ୍କୁ ସମ୍ବର୍ଦ୍ଧିତ କରି



କ୍ୟୁନି ଇଣ୍ଡିଆ ଟ୍ରେକ୍ ପ୍ରତିନିଧିମଣ୍ଡଳୀ ସହ ଅଚ୍ୟୁତ ସାମନ୍ତ।

କହିଲେ, ଜୀବନରେ ଯେଉଁଠି ଯେଉଁ କ୍ଷେତ୍ରରେ ଥାଅ ନିଜକୁ ଜଣେ ଭଲ ମଣିଷ ହେବାକୁ ଚେଷ୍ଟା କର। ଏହି ଅବସରରେ ସେମାନେ ପୁରୀ ଓ କୋଣାର୍କ ଭଳି ଓ ବିଭିନ୍ନ ଐତିହ୍ୟସ୍ଥଳ ପରିଦର୍ଶନ କରିଥିଲେ। ଗତ ଦୁଇ ବର୍ଷ ମଧ୍ୟରେ ୯ଟି ବିଭିନ୍ନ ପର୍ଯ୍ୟାୟରେ ଇଣ୍ଡିଆ ଟ୍ରେକ୍ କାର୍ଯ୍ୟକ୍ରମରେ ଆମେରିକାର ହାର୍ଭାର୍ଡ ବିଶ୍ୱବିଦ୍ୟାଳୟ ଏବଂ ମାସାଚୁସେଟ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ଲଂଲଣ୍ଡର ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ଆଦି ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ୨ଶହରୁ ଊର୍ଦ୍ଧ୍ୱ ଛାତ୍ର-ଶିକ୍ଷକ ପ୍ରତିନିଧି କିଟ୍ ଓ କିସ ପରିଦର୍ଶନ କରିସାରିଲେଣି।

## ଶ୍ରେଷ୍ଠ ପ୍ରାମାଣିକ ଚିତ୍ର ପୁରସ୍କାର ପାଇଲା 'ଆମ ସଂସ୍କୃତି ଆମ ପରମ୍ପରା'

### ଜାତୀୟ ସ୍ତରରେ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ସମ୍ମାନିତ

ଭୁବନେଶ୍ୱର, ୮।୮
(ସୌମ୍ୟରଞ୍ଜନ ରାଉତ)

ଶିକ୍ଷା ସଚେତନତା ଓ ଶିକ୍ଷାର ଅଭିବୃଦ୍ଧିକୁ ଆଧାର କରି ପ୍ରତିବର୍ଷ ଜାତୀୟ ସ୍ତରରେ ହେଉଥିବା ଅଡିଓ, ଭିଡିଓ ପ୍ରାମାଣିକ ଚିତ୍ର ପ୍ରତିଯୋଗିତାରେ ଚଳିତବର୍ଷ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଭୁବନେଶର ଓଡ଼ିଶା ପାଇଁ ଗୌରବ ଆଣିଛି। ୭୬୮ଟି ଅଂଶଗ୍ରହଣକାରୀ ପ୍ରାମାଣିକ ଅଡିଓ, ଭିଡ଼ିଓ ମଧ୍ୟରୁ ପ୍ରତିଷ୍ଠାନର ତଥ୍ୟ ଓ ଗବେଷଣା ଭିତ୍ତିକ 'ଆମ ସଂସ୍କୃତି ଆମ ପରମ୍ପରା' ଶ୍ରେଷ୍ଠ ପ୍ରାମାଣିକ ଚିତ୍ର ପୁରସ୍କାର ପାଇଛି। ସେହିଭଳି ବ୍ୟାସକବି ମୋହନ ସେନାପତିଙ୍କ ଗଳ୍ପ ଆଧାରିତ 'ରେବତୀ'କୁ ଜୁରି ଆୱାର୍ଡ ମିଳିବା ସହ ଏଥିରେ ଜେଜେମା ଚରିତ୍ରରେ ସ୍ୱର ଦେଇଥିବା ଧରିତ୍ରୀ ଖଣ୍ଡୁଆଳଙ୍କୁ ଶ୍ରେଷ୍ଠ



'ନାରୀସ୍ୱର ସମ୍ମାନ' ମିଳିଛି। ଗବେଷଣା ଆଧାରରେ ନିର୍ମିତ 'ନୀଳମାଧବ'ରେ ପୁରୁଷ ସ୍ୱର ଦେଇଥିବା ଜଣାଶୁଣା ଅଭିନେତା ବିନାୟକ ମିଶ୍ରଙ୍କୁ ଶ୍ରେଷ୍ଠ 'ପୁରୁଷ ସ୍ୱର ସମ୍ମାନ' ମିଳିଛି। ଏହି ଅବସରରେ ପ୍ରତିଷ୍ଠାନ ପକ୍ଷରୁ ଗୁରୁବାର ସ୍ୱତନ୍ତ୍ର ଉତ୍ସବରେ ପ୍ରତିଷ୍ଠାନର ଆଇସିଟି ଷ୍ଟୁଡିଓର ନୋଡାଲ ଅଫିସର୍ ତଥା ନିର୍ଦ୍ଦେଶକ ପ୍ରଫେସର ରମାକାନ୍ତ ମହାଳିକ, ଲେଖକ ତଥା ସଂଳାପକାର ପ୍ରସନ୍ନ କୁମାର ନାୟକ, ଅଡିଓ ଇଞ୍ଜିନିୟର ଜୟଦୀପ୍ତ ପଣ୍ଡା, କ୍ୟାମେରା ସହଯୋଗୀ ପ୍ରିୟ ପ୍ରିୟରଞ୍ଜନ ବେହେରା, ବାସୁଦେବ ରାମ ଓ ଅଭିଜିତ୍ ସାହୁଙ୍କୁ ପ୍ରତିଷ୍ଠାନର ଅଧ୍ୟକ୍ଷା ପ୍ରଫେସ ମାନସୀ ଗୋସ୍ୱାମୀ ସମ୍ବର୍ଦ୍ଧିତ କରିଥିଲେ। ପ୍ରଫେସର ରୀତାଞ୍ଜଳି ଦାଶ, ଡ. କଳିଙ୍ଗକେତକୀ, ଡ. ଅରୂପ କୁମାର ଶାହା, ଡ. ଦେବାଶିଷ ମହାପାତ୍ର ପ୍ରମୁଖ ଯୋଗଦେଇ ଆଇସିଟି ଷ୍ଟୁଡିଓର ସହଯୋଗୀ ଓ କଳାକାରମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

**ବିନା ଟିକେଟରେ ଧରାପଡ଼ି ଡଣ୍ଡ ଗଣିଲେ ଟ୍ରେନ୍‌ଯାତ୍ରୀ**

ନିରାକାରପୁର,୮।୮(ମାନସ ଚନ୍ଦ୍ର ପଟ୍ଟନାୟକ): ଖୋର୍ଦ୍ଧା ରେଲଡିଭିଜନ ଅଧୀନସ୍ଥ ନିରାକାରପୁର ଓ ତାପଙ୍ଗ ଷ୍ଟେଶନରେ ଗୁରୁବାର ଖୋର୍ଦ୍ଧାରୋଡ୍ ଟିଟିସି ଏବଂ ରେଳ ସୁରକ୍ଷା ବଳ ମିଳିତ ସହଯୋଗରେ ଟ୍ରେନ୍‌ରେ ଯାତ୍ରା କରୁଥିବା ଯାତ୍ରୀଙ୍କ ଟିକେଟ ଯାଞ୍ଚ କରାଯାଇଥିଲା। ସେମାନଙ୍କ ମଧ୍ୟରେ ଗଞ୍ଜାମ ଜିଲାର ପ୍ରାୟ ୯୦ରୁ ଉର୍ଦ୍ଧ୍ୱ ମହିଳା ଟ୍ରେନ୍ ଯାତ୍ରୀ ଧରାପଡ଼ିଥିଲେ। ସେମାନଙ୍କଠାରୁ ଜରିମାନା ଆଦାୟ କରାଯାଇଥିଲା।

# ବୋମା ଭିଡ଼ିବା ବେଳେ ବିସ୍ଫୋରଣ

## ଜଣେ ମୃତ, ଉଡ଼ିଗଲା ଘର ଛାତ

ନିରାକାରପୁର,୮।୮(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅନ୍ତର୍ଗତ ନୂଆଗଡ଼ ପଞ୍ଚାୟତର ହରିପୁର (କୃଷ୍ଣପୁର) ମାଝିସାହିରେ ଗୁରୁବାର ଅପରାହ୍ନରେ ଘରେ ବୋମା ଭିଡୁଥିବାବେଳେ ବିସ୍ଫୋରଣ ଘଟି ଜଣଙ୍କର ମୃତ୍ୟୁ ହୋଇଯାଇଛି। ମୃତକ ହେଲେ ରମେଶ ମହାପାତ୍ର ଓରଫ ରମିୟା (୩୭)। ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ସାଢ଼େ ୨ଟାରେ ରମିୟା ନିଜ ଘରେ ବୋମା ତିଆରି କରୁଥିଲେ। ସେ ଏକ ବୋମା ଭିଡୁଥିବାବେଳେ ବିସ୍ଫୋରଣ ହୋଇଥିଲା। ଏଥିରେ ରମେଶଙ୍କ ଶରୀର ପୋଡ଼ିଯିବା ସହ ୩ ବଖରା ଘରର ଛାତ ଉଡ଼ିଯାଇଥିଲା। ତେବେ ସୌଭାଗ୍ୟବଶତଃ ଏହି ସମୟରେ ରମେଶଙ୍କ ସନ୍ତାନ ବିଦ୍ୟାଳୟ ଯାଇଥିବାବେଳେ ସ୍ତ୍ରୀ କୌଣସି କାର୍ଯ୍ୟରେ ଘର ବାଡ଼ିପଟକୁ ଯାଇଥିଲେ। ଫଳରେ ଦୁହେଁ ଦୁର୍ଘଟଣାରୁ ବର୍ତ୍ତିଯାଇଛନ୍ତି।



ବିସ୍ଫୋରଣରେ ଘର ଛାତ କ୍ଷତିଗ୍ରସ୍ତ ହୋଇଛି।

ଗ୍ରାମବାସୀ ଗୁରୁତର ଅବସ୍ଥାରେ ରମେଶଙ୍କୁ ଉଦ୍ଧାର କରି ପ୍ରଥମେ ଖୋର୍ଦ୍ଧା ଓ ପରେ ଭୁବନେଶ୍ୱର ଏମ୍‌ସକୁ ସ୍ଥାନାନ୍ତର କରିଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ଚିକିତ୍ସାଧୀନ ଅବସ୍ଥାରେ ମୃତ ଘୋଷଣା କରିଥିଲେ। ଖବର ପାଇ ନିରାକାରପୁର ପୋଲିସ ଗ୍ରାମରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟ କହିଛନ୍ତି, ଏ ନେଇ ଏକ ମାମଲା (ନଂ. ୧୮୯/୨୫) ରୁଜୁ ସହ ତଦନ୍ତ ଚାଲିଛି। ଜଙ୍ଗଲୀ ଜନ୍ତୁ ଶିକାର ପାଇଁ ବୋମା ପ୍ରସ୍ତୁତ କରାଯାଉଥିଲା ବୋଲି ଗ୍ରାମବାସୀଙ୍କଠାରୁ ସୂଚନା ମିଳିଛି। ସ୍ଥାନୀୟ ଜଙ୍ଗଲ ଅଞ୍ଚଳ ପାଖାପାଖି ଗ୍ରାମର କେତେଜଣ ବ୍ୟକ୍ତି ଏଭଳି ବୋମା ପ୍ରସ୍ତୁତି କରି ବନ୍ୟଜନ୍ତୁଙ୍କ ଶିକାର କରୁଥିବା ଜଣାପଡ଼ିଛି। ଯଦି ପୋଲିସ କିମ୍ବା ବନ ବିଭାଗ ପକ୍ଷରୁ ଠିକ୍‌ଭାବେ ଯାଞ୍ଚ ହୁଅନ୍ତା, ତେବେ ସେମାନେ ଧରାପଡ଼ନ୍ତେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# କେସିସିବିର ୧୦୯ତମ ବାର୍ଷିକ ସାଧାରଣ ସଭା




କେସିସିବି ବାର୍ଷିକ ସାଧାରଣ ସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

ଖୋର୍ଦ୍ଧା,୮।୮(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ (କେସିସିବି)ର ୧୦୯ତମ ବାର୍ଷିକ ସାଧାରଣ ସଭା ଜୟୀ ରାଜଗୁରୁ ଭବନରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ବ୍ୟାଙ୍କ ପ୍ରତିଷ୍ଠାତା ସ୍ୱର୍ଗତ ରାୟସାହେବ ସତୀଶ୍ ଚନ୍ଦ୍ର ଚକ୍ରବର୍ତ୍ତୀ ଏବଂ ଓଡ଼ିଶା ସମବାୟ ଆନ୍ଦୋଳନର ପୁରୋଧା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ବ୍ୟାଙ୍କ ସଭାପତି ଅଭିଷେକ ସିଂହସାମନ୍ତ ସଭାରେ ସଭାପତିତ୍ୱ କରି କହିଲେ, କେସିସିବି ଚାଷୀଙ୍କ ଆର୍ଥିକ ବିକାଶ ଉପରେ ଗୁରୁତ୍ୱ ଦେଇଆସିଛି। ଏହି ଧାରା ଜାରି ରହିଛି। ୩ ବର୍ଷ ଭିତରେ ବ୍ୟାଙ୍କ ବ୍ୟବସାୟର ଦ୍ରୁତତମ ଅଭିବୃଦ୍ଧି ଘଟିଛି। ବଳକା କାର୍ଯ୍ୟ ଶୀଘ୍ର ସମାପନ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ସମନ୍ୱୟ ଓ ସହଭାଗିତାରେ ବ୍ୟାଙ୍କର ଅଗ୍ରଗତି ସହ ଚାଷୀଙ୍କ ଆର୍ଥିକ ବିକାଶ ଏବଂ ଲକ୍ଷ୍ୟସ୍ଥଳ ପ୍ରାପ୍ତ ହେବ ବୋଲି ସେ ପ୍ରକାଶ କରିଥିଲେ। ସମବାୟ ସମିତି ସମୂହ ଯୁଗ୍ମନିବନ୍ଧକ କୃଷ୍ଣଚନ୍ଦ୍ର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମିତି ଏବଂ ଚାଷୀଙ୍କ ପାଇଁ ସରକାରଙ୍କ ବିଭିନ୍ନ ଉନ୍ନୟନ କାର୍ଯ୍ୟ ଓ ଯୋଜନା ବିଷୟରେ ଆଲୋକପାତ କରିଥିଲେ। ଉପନିବନ୍ଧକ ଅଳକାନନ୍ଦା ଜେନା, ସହକାରୀ ନିବନ୍ଧକ ଭାଗବତ ମାରାଣ୍ଡି ବିଭିନ୍ନ ଯୋଜନା ସମ୍ପର୍କରେ କହିଥିଲେ। ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସାରଥି ଶତପଥୀ ୨୦୨୪-୨୫ ଆର୍ଥିକବର୍ଷର ବାର୍ଷିକ ବିବରଣୀ ପାଠ କରିଥିଲେ। ନିର୍ଦ୍ଦେଶକ ସୁଧାଂଶୁ ଶେଖର ବଡ଼ଜେନା, ପ୍ରକାଶ ରାଉତରାୟ ଓ ବିପିନ ବିହାରୀ ପାତ୍ର ବକ୍ତବ୍ୟ ରଖିଥଲେ। ବ୍ୟାଙ୍କ ଉପାଧ୍ୟକ୍ଷା ଜୟଶ୍ରୀ ଗଡ଼ନାୟକ ଧନ୍ୟବାଦ ଦେଇଥିଲେ। ଜ୍ୟୋତିରଞ୍ଜନ ରାଉତରାୟ ସଭା ସଂଚାଳନା କରିଥିଲେ। ବ୍ୟାଙ୍କ ସହ ଅନୁବନ୍ଧିତ ସମିତିର ସଭାପତି, ସମ୍ପାଦକ, ପ୍ରତିନିଧି ଏବଂ ଚାଷୀ ଉପସ୍ଥିତ ଥିଲେ।

# ଶିଶୁ ଯତ୍ନ ଅନୁଷ୍ଠାନରେ ସୋନାଲିଙ୍କ ପୁଅ

## ବାପାଙ୍କୁ ନ୍ୟାୟ ପାଇଁ ଆତ୍ମହତ୍ୟା ଚେତାବନୀ ଦେଇଥିଲେ

ପୁରୀ/କୃଷ୍ଣପ୍ରସାଦ,୮।୮ (ଅଜିତ୍ କୁମାର ମହାନ୍ତି/ କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁଣି ଚର୍ଚ୍ଚାକୁ ଆସିଛି ଯାତ୍ରା ଅଭିନେତ୍ରୀ ସୋନାଲି ପଣ୍ଡା ଓରଫ କାଗଜି ପଲେଇ ଏବଂ ତାଙ୍କ ସ୍ୱାମୀ ଶ୍ରୀକ୍ଷେତ୍ର ପ୍ରସାଦ ସାମନ୍ତସିଂହାର ଓରଫ ଜନ୍‌ଙ୍କ ବିବାଦ ପ୍ରସଙ୍ଗ। ଏହି ବିବାଦ ମଧ୍ୟକୁ ସେମାନଙ୍କ ୧୨ ବର୍ଷର ପୁଅ ଯଶ୍‌ରାଜ ସାମନ୍ତସିଂହାର ଆସିଯାଇଛନ୍ତି। ଯଶ୍‌ରାଜ ଗୁରୁବାର ପୁରୀ ଜିଲା କୃଷ୍ଣପ୍ରସାଦ ଥାନାର ଦ୍ୱାରସ୍ଥ ହୋଇଥିଲେ। ତଦନ୍ତ ପୂର୍ବରୁ ବାପାଙ୍କୁ ଜେଲ ପଠାଇଲେ ସେ ଆତ୍ମହତ୍ୟା କରିବେ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ଯଶ୍‌ରାଜଙ୍କ ଭବିଷ୍ୟତ ବାଧାପ୍ରାପ୍ତ ହେବା ଆଶଙ୍କାରେ ତାଙ୍କୁ ପୋଲିସ ଆଣି ପୁରୀର ଶିଶୁଯତ୍ନ ଅନୁଷ୍ଠାନରେ ରଖିଛି। ଶୁକ୍ରବାର ତାଙ୍କୁ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ବେଞ୍ଚ୍ ଏବଂ ଶିଶୁ ମଙ୍ଗଳ କମିଟିରେ ଉପସ୍ଥିତ କରାଯାଇଛି। ଶିଶୁ ମଙ୍ଗଳ କମିଟି ସଦସ୍ୟ ତାଙ୍କୁ କାଉନ୍‌ସେଲିଂ କରୁଛନ୍ତି। ତାଙ୍କ ମା'ବାପାଙ୍କୁ କାଉନ୍‌ସେଲିଂ କରିବା ପାଇଁ ପୋଲିସକୁ ଚିଠି ଲେଖାଯିବ। ଏପରିକି ପିଲାଟିର ଭବିଷ୍ୟତ ନିମନ୍ତେ ଏହି ମାମଲାକୁ ଫାମିଲି କୋର୍ଟକୁ ପଠାଯିବ ବୋଲି ଜଣାପଡ଼ିଛି।

ଗତ ଅଗଷ୍ଟ ୩ରେ ସୋନାଲି ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନାରେ ଅଭିଯୋଗ କରିଥିଲେ ଯେ, ସେ ନାବାଳିକା(୧୭ ବର୍ଷ) ଥିବାବେଳେ ଶ୍ରୀକ୍ଷେତ୍ର ତାଙ୍କୁ ପ୍ରେମଜାଲରେ ଫସାଇ ଅପହରଣ କରିନେଇ ଜୋରଜବରଦସ୍ତ ବିବାହ କରିଥିଲେ। ସୋନାଲିଙ୍କ ପୈତୃକ ଗାଁ କୃଷ୍ଣପ୍ରସାଦ ହୋଇଥିବାରୁ ଏହି ଅଭିଯୋଗ କୃଷ୍ଣପ୍ରସାଦ ଥାନାକୁ ଆସିଥିଲା। ପୋଲିସ ଉକ୍ତ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତେବେ ଶ୍ରୀକ୍ଷେତ୍ର ହଠାତ୍ ଫେରାର ହୋଇଯାଇଥିଲେ। ଗୁରୁବାର ତାଙ୍କ ପୁଅ ଯଶ୍‌ରାଜ ଏକ ଅଭିଯୋଗପତ୍ର ଧରି କୃଷ୍ଣପ୍ରସାଦ ଥାନାକୁ ଯାଇଥିଲେ। ସେହି ଅଭିଯୋଗରେ ସେ ଉଲ୍ଲେଖ କରିଛନ୍ତି ଯେ, ଆଜିପର୍ଯ୍ୟନ୍ତ ମୁଁ ମା'ର ସ୍ନେହ ପାଇନାହିଁ। ଜନ୍ମହେବାର କିଛିମାସ ପରେ ମୋତେ ମୋ ମା' ଛାଡ଼ି ଚାଲିଯାଇଥିଲେ। ସେହିଦିନଠାରୁ ଏପର୍ଯ୍ୟନ୍ତ ମୁଁ ବାପାଙ୍କ ସ୍ନେହରେ ବଞ୍ଚିଆସୁଛି। ଏବେ ମା' ତାଙ୍କ ଯାତ୍ରାପାର୍ଟି ମାଲିକ ନାଣ୍ଟୁବାବୁଙ୍କ ଚକ୍ରାନ୍ତରେ ପଡ଼ି ମୋ' ବାପାଙ୍କୁ ଜେଲ ପଠାଇବାକୁ ଚାହୁଁଛନ୍ତି। ଫଳରେ ମୁଁ ସମ୍ପୂର୍ଣ୍ଣ ଅସହାୟ ହୋଇପଡ଼ିବି। ଯଦି ତଦନ୍ତ ପୂର୍ବରୁ ମୋ' ବାପାଙ୍କୁ ଗିରଫ କରାଯାଏ, ତା'ହାଲେ ମୁଁ ଥାନା ଆଗରେ ବିଷ ପିଇ ଆତ୍ମହତ୍ୟା କରିବାକୁ ପଛାଇବି ନାହିଁ। ଆବଶ୍ୟକ ପଡ଼ିଲେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ମୋ' ଅଭିଯୋଗ ଜଣାଇବି ବୋଲି ଯଶରାଜ ଦର୍ଶାଇଛନ୍ତି। ଅନ୍ୟପକ୍ଷରେ ପୋଲିସ ୧୬୧, ୧୬୪ରେ ସୋନାଲିଙ୍କ ବୟାନ ରେକର୍ଡ କରିଛି। ଖୁବ୍‌ଶୀଘ୍ର ଶ୍ରୀକ୍ଷେତ୍ରଙ୍କୁ ଆଣି ଜେରା କରାଯିବ। କେବେ ବିବାହ ହୋଇଥିଲା, ସୋନାଲି କେଉଁ ସ୍କୁଲରେ ପାଠ ପଢୁଥିଲେ, ଜନ୍ମ ପ୍ରମାଣପତ୍ର, ପୁଅର ସ୍କୁଲ ଓ ପ୍ରାମାଣିକ ତଥ୍ୟ ଆଦି ବିଷୟରେ ପୋଲିସ ଖୋଳତାଡ଼ କରିବ ବୋଲି ଜଣାପଡ଼ିଛି।

# ପାଇକ ସ୍ମାରକୀ କାର୍ଯ୍ୟ ଅଗ୍ରଗତି ନେଇ ସମୀକ୍ଷା



ସମୀକ୍ଷା ବୈଠକରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ଅନ୍ୟମାନେ ଆଲୋଚନା କରୁଛନ୍ତି।

ଖୋର୍ଦ୍ଧା,୮।୮(ପ୍ରଭାତ ପାଣିଗ୍ରାହୀ)

ଭାରତୀୟ ସ୍ୱାଧୀନତା ସଂଗ୍ରାମର ପ୍ରଥମ ବିଦ୍ରୋହ 'ପାଇକ ବିଦ୍ରୋହ'ର ସ୍ମୃତି ଉଦ୍ଦେଶ୍ୟରେ ଖୋର୍ଦ୍ଧାର ବରୁଣେଇଠାରେ ପ୍ରସ୍ତାବିତ 'ପାଇକ ସ୍ମାରକୀ' କାର୍ଯ୍ୟର ଅଗ୍ରଗତି ନେଇ ଏକ ସମୀକ୍ଷା ବୈଠକ ଶୁକ୍ରବାର ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ସ୍ମାରକୀ ନିର୍ମାଣ କାର୍ଯ୍ୟ ସମୀକ୍ଷା ସହ ବିଭିନ୍ନ ଦିଗ ଉପରେ ବିଶଦ ଆଲୋଚନା କରାଯାଇଛି। ସ୍ମାରକୀ ରାସ୍ତାର ପ୍ରଶସ୍ତୀକରଣ, ରାସ୍ତା ପ୍ରବେଶ ପଥରୁ ପ୍ରତିବନ୍ଧକ ଅପସାରଣ, ନିର୍ମାଣ କାର୍ଯ୍ୟ ଆରମ୍ଭ ପାଇଁ ଠିକାଦାରଙ୍କୁ କାର୍ଯ୍ୟାଦେଶ ପ୍ରଦାନ ଏବଂ ଉକ୍ତ ପ୍ରକଳ୍ପ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାପ୍ତ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ବ୍ରହ୍ମଗିରିର ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସଚିବ ଡ. ବିଜୟ କେତନ ଉପାଧ୍ୟାୟ, ଖୋର୍ଦ୍ଧା ଜିଲାପାଳ ଅମ୍ରିତ ଋତୁରାଜ୍, ଖୋର୍ଦ୍ଧା ବନଖଣ୍ଡ ଅଧିକାରୀ ଗଜାନନ ଗଦେ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସ୍ୱତନ୍ତ୍ର ସଚିବ ଦେବ ପ୍ରସାଦ ଦାଶ, ଖୋର୍ଦ୍ଧା (ଆର୍ ଆଣ୍ଡ ବି) ମଣ୍ଡଳର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ରାମଚନ୍ଦ୍ର ସେଠୀ, ଖୋର୍ଦ୍ଧା (ଆର୍ ଆଣ୍ଡ ବି) ବିଭାଜନା ଅଧୀକ୍ଷଣ ଯନ୍ତ୍ରୀ ଶିବଲାଲ୍ ସାହୁ, ଓବିସି ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳ, ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡର ଡେପୁଟି ଜେନେରାଲ ମ୍ୟାନେଜର ସନ୍ତୋଷ କୁମାର ଦାସ, ଖୋର୍ଦ୍ଧା ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ରିଜୱାନା କଅକବ, ଖୋର୍ଦ୍ଧା ତହସିଲଦାର ବିଭାସ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରକାଶ ଯେ, ୨୦୧୯ ଡିସେମ୍ବର ୮ରେ ବରୁଣେଇ ପାଦଦେଶରେ ପାଇକ ସ୍ମାରକୀ ନିର୍ମାଣ ପାଇଁ ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶିଳାନ୍ୟାସ କରିଥିଲେ। ପରେ ଏଥିଲାଗି ତତ୍କାଳୀନ ରାଜ୍ୟ ସରକାର ୧୦ ଏକର ଜମି ଯୋଗାଇ ଦେଇଥିଲେ। ତେବେ ପରବର୍ତ୍ତୀ ସମୟରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ଏହାର ନିର୍ମାଣ କାର୍ଯ୍ୟ ଅଟକି ରହିଥିଲା। ପ୍ରଥମେ ଜମିଜମା ବିବାଦ ତୁଟିବା ପରେ ସ୍ମାରକୀସ୍ଥଳରୁ ଜଙ୍ଗଲ ବିଭାଗ ଗଛ ସଂପ୍ରସାରଣ ଏବଂ ୧୧କେଭି ବିଦ୍ୟୁତ ତାର ଉଚ୍ଛେଦ ନେଇ ସମସ୍ୟା ସୃଷ୍ଟି ହୋଇଥିଲା। ସ୍ମାରକୀ ନିର୍ମାଣ ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ବହୁବାର ସମୀକ୍ଷା କରାଯାଇଛି। ୨୦୨୩ ଜୁଲାଇରେ ସ୍ମାରକୀ ନିର୍ମାଣ ପାଇଁ ତତ୍କାଳୀନ ସରକାର ଜମିର ଫ୍ରି ପ୍ରିମିୟମରେ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟକୁ ଜମି ହସ୍ତାନ୍ତର କରିଥିଲେ। ୨୦୨୪ ଅଗଷ୍ଟରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଖୋର୍ଦ୍ଧା ଆସି ଏହାର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। ସ୍ମାରକୀ ନିର୍ମାଣ ଦାୟିତ୍ୱରେ ଥିବା ଇଣ୍ଡିଆନ ଅଏଲ ଫାଉଣ୍ଡେଶନ ପକ୍ଷରୁ ପ୍ରାଥମିକ ପର୍ଯ୍ୟାୟରେ ପାଚେରି ନିର୍ମାଣ କରାଯାଇଛି। ଏତିକିରେ ଏହାର କାମ ଅଟକି ରହିଛି।

# ପାନ୍ଥିକାକୁ ନିଜ ଅକ୍ତିଆରକୁ ନେଲା ଓଟିଡିସି

ନିରାକାରପୁର,୮।୮(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ରାମେଶ୍ୱର ଛକ ନିକଟରେ ଥିବା ପାନ୍ଥିକାକୁ ଗୁରୁବାର ଓଟିଡିସି ଟାଙ୍ଗୀ ଅତିରିକ୍ତ ତହସିଲଦାର ଓ ସ୍ଥାନୀୟ ଥାନା ଅଧିକରଙ୍କ ଉପସ୍ଥିତିରେ ନିଜ ଅକ୍ତିଆରକୁ ନେଇଛି। ଓଟିଡିସି ଏହି ପାନ୍ଥିକାକୁ ୨୦୧୭ ଡିସେମ୍ବର ୫ରେ ଏକ ବେସରକାରୀ ସଂସ୍ଥା ପ୍ରିୟଦର୍ଶୀ ରଥଙ୍କ ନାମରେ ୩୦ ବର୍ଷ ପାଇଁ ଚୁକ୍ତି ମାଧ୍ୟମରେ ବାର୍ଷିକ ୧ ଲକ୍ଷ ୭୦ ହଜାର ଟଙ୍କା ହିସାବରେ ନେଇଥିଲା। କିନ୍ତୁ ଚୁକ୍ତି ମୁତାବକ ବାର୍ଷିକ ଠିକ ଟଙ୍କା ସଂସ୍ଥା ଓଟିଡିସିକୁ ପୈଠ କରି ନ ପାରି ୯ବର୍ଷ ଭିତରେ ୧୧ଲକ୍ଷ ୪୯ହଜାର ୨୧୫ଟଙ୍କା ବାକି ରଖିଥିଲା। ଏନେଇ ବିଭାଗ ପକ୍ଷରୁ ନେଇଥିବା ଉକ୍ତ ସଂସ୍ଥାକୁ ବାରମ୍ବାର ଜଣାଇଥିଲେ ମଧ୍ୟ କୌଣସି କର୍ଣ୍ଣପାତ କରି ନ ଥିଲା। ଫଳରେ ଗୁରୁବାର ଟାଙ୍ଗୀ ଅତିରିକ୍ତ ତହସିଲଦାର ସନାତନ ମଲ୍ଲିକ, ଓଟିଡିସି ଖୋର୍ଦ୍ଧା ଅଧିକାରୀ ମୀରାବାଈ ବେହେରା, ସ୍ଥାନୀୟ ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟ, ଏସ୍‌ଆଇ ଦୀପାଳିଶା ନାୟକଙ୍କ ସମେତ ୨ପ୍ଲାଟୁନ ପୋଲିସ ଫୋର୍ସ ଉପସ୍ଥିତିରେ ପାନ୍ଥିକାକୁ ପର୍ଯ୍ୟଟନ ବିଭାଗ ନିଜ ଅକ୍ତିଆରକୁ ନେଇଥିଲା। ଏନେଇ ଖୋର୍ଦ୍ଧା ଓଟିଡିସି ଅଧିକାରୀ ବେହେରା କହିଥିଲେ, ଏକ ଘରୋଇ ସଂସ୍ଥା ଚୁକ୍ତିରେ ନେଇ ୧୧ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବାକି ରଖିଥିବାରୁ ତା'ଠାରୁ ଦାୟିତ୍ୱ ପ୍ରତ୍ୟାହାର କରାଗଲା।

# ସହପାଠୀ ଛାତ୍ରଙ୍କୁ ରାଖୀ ବାନ୍ଧିଲେ ଛାତ୍ରୀ



ସହପାଠୀ ଛାତ୍ରଙ୍କ ହାତରେ ଛାତ୍ରୀମାନେ ରାଖୀ ବାନ୍ଧୁଛନ୍ତି।

ଖୋର୍ଦ୍ଧା,୮।୮(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବିଡିଏ କଲୋନୀସ୍ଥିତ ସିଗ୍‌ମା ପବ୍ଲିକ ସ୍କୁଲ୍‌ରେ ଶୁକ୍ରବାର ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ଶିକ୍ଷୟିତ୍ରୀ ସୁମିତା ତ୍ରିପାଠୀ ଏବଂ ଶୁଭଦର୍ଶିନୀ ଦାସଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରୀ ଏକାଠି ହୋଇ ରାଖୀ ପ୍ରସ୍ତୁତ କରିଥିଲେ। ପରେ ସେଗୁଡ଼ିକୁ ଶ୍ରେଣୀର ସହପାଠୀ ଭାଇମାନଙ୍କ ହାତରେ ବାନ୍ଧିଥିଲେ। ଭାଇମାନଙ୍କୁ ଫୁଲ, ଚନ୍ଦନ, ସିନ୍ଦୂର, ଅରୁଆଚାଉଳ ପକାଇ ମହାପ୍ରଭୁଙ୍କ ପାଖରେ ସେମାନଙ୍କ ଶୁଭ ମନାସିଥିଲେ। ଭାଇମାନେ ସେମାନଙ୍କ ସହପାଠୀ ଭଉଣୀମାନଙ୍କୁ ସର୍ବଦା ସ୍ନେହ, ସୁରକ୍ଷା ଦେବାକୁ ଶପଥ ନେଇଥିଲେ। ପରସ୍ପରକୁ ମିଷ୍ଟାନ୍ନ ଖୁଆଇ ଉତ୍ସବକୁ ପାଳନ କରିଥିଲେ। ସ୍କୁଲ ଅଧ୍ୟକ୍ଷା ମମତାଞ୍ଜଳି ପଟ୍ଟନାୟକ ରକ୍ଷାବନ୍ଧନର ମହତ୍ତ୍ୱ ଓ ପୌରାଣିକ ତଥ୍ୟ ଉପରେ ଛାତ୍ରୀଛାତ୍ରଙ୍କୁ ଉଦବୋଧନ ଦେଇଥିଲେ।

# ୟୁଥ୍ ଫେଡେରେଶନ ପକ୍ଷରୁ ଚାରାରୋପଣ

ଜଟଣୀ,୮।୮(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ୟୁଥ୍ ଫେଡେରେଶନ୍ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଶୁକ୍ରବାର ସ୍ଥାନୀୟ ଆଦର୍ଶ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ ମୁଖ୍ୟଅତିଥି, ପୌର ପରିଷଦ ଉପାଧ୍ୟକ୍ଷା ଆରତି ରାଉତ, ଜଟଣୀ ଥାନା ଅଧିକାରୀ ଷ୍ଟାଲିନ ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାରାରୋପ କରିଥିଲେ। ମୋ ପରିବାର, ବରିଷ୍ଠ ନାଗରିକ ସଂଘ, ମା' ଜଟିଆଣୀ ଟ୍ରକ ମାଲିକ ମହାସଂଘ, ମା' ଖଣ୍ଡୁଆଳ ଯୋଗସମିତି, ସାଦିକ୍ ବଡି ଗ୍ରୋର ସଦସ୍ୟ ଏବଂ ବ୍ରହ୍ମକୁମାରୀ ଭଉଣୀ ଭାଇ ଯୋଗଦେଇ ଚାରାରୋପଣ କରିଥଲେ। କାର୍ଯ୍ୟକ୍ରମକୁ ଫେଡେରେଶନ୍ ସଭାପତି ଅନନ୍ତ ଶତପଥୀ, ସମ୍ପାଦକ ମନମୋହନ ରାଉତରାୟ, କୋଷାଧ୍ୟକ୍ଷ ଶିବପ୍ରସାଦ ମହାପାତ୍ର, ସୁଧାଂଶୁ ଶେଖର ସାହୁ, ଦିଲ୍ଲୀପ ସାହୁ, ଦୀପକ ମହାକୁଡ, ପବିତ୍ର ବିଶ୍ୱାଳ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଦୀପକ ଜେନା, ଚିନ୍ମୟ ରଣା, ବିରଞ୍ଚି ନାରାୟଣ ସେଠୀ ପରିଚାଳନା କରିଥିଲେ।

# 'ପରିବେଶ ପାଇଁ ଗଛଟିଏ'



କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

କଳାପଥର, ୮।୮(ଗଙ୍ଗାଧର ସାହୁ)

ଠଣାପଲ୍ଲୀ ମିଳିତ ଯୁବକ ସଂଘ ପକ୍ଷରୁ ଠଣାପଲ୍ଲୀ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପରିବେଶ ପାଇଁ ଗଛଟିଏ ଓ ପରିବେଶ କୁଇଜ୍ ଅନୁଷ୍ଠିତ ହୋଇଯାଇଛି। ପିଲାମାନେ ବିଭିନ୍ନ ପ୍ରକାର ପୋଷାକରେ ସଜ୍ଜିତ ହୋଇ ସ୍କୁଲ ପରିସରରେ ବେଲ ଗଛ ଓ ମନ୍ଦାରଫୁଲ ଗଛ ଲଗାଇଥିଲେ। ଅତିଥି ଭାବେ ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ତିଳୋତ୍ତମା ମିଶ୍ର ଓ ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବୀଣାପାଣି ବେହେରା ଯୋଗଦେଇ ଚାରାରୋପଣ କରିଥିଲେ। ସ୍କୁଲ ପିଲାଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା କରାଯାଇଥିଲା। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଜକିଶୋର ସାହୁ, ପ୍ରଫୁଲ୍ଲ କୁମାର ହୋତା, ମୁଖ୍ୟ ଅତିଥି ଭାବେ ତିଳୋତ୍ତମା ମିଶ୍ର, ସାମାଜିକ କର୍ମୀ ରତ୍ନାକର ମହାପାତ୍ର ଯୋଗଦେଇ ବୃକ୍ଷରୋପଣର ଉପକାରିତା ସମ୍ପର୍କରେ ବୁଝାଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଯୁବକ ସଂଘ ସମ୍ପାଦକ ଭାଗୀରଥି ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସାମାଜିକ କର୍ମୀ ଉଲ୍ଲାସ ଚନ୍ଦ୍ର ବାରିକଙ୍କ ସ୍ମୃତିଚାରଣ

ଜଟଣୀ,୮।୮(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ କୁଦିଆରୀ ଗ୍ରାମର ସାମାଜିକ କର୍ମୀ ତଥା ରେଲୱେ କର୍ମଚାରୀ ସ୍ୱର୍ଗତ ଉଲ୍ଲାସ ଚନ୍ଦ୍ର ବାରିକଙ୍କ ପ୍ରଥମ ଶ୍ରାଦ୍ଧ ଦିବସରେ ସ୍ମୃତିଚାରଣ ସଭା ଆୟୋଜିତ ହୋଇଯାଇଛି। ଶିକ୍ଷକ ଜବାହରଲାଲ ସୁବୁଦ୍ଧିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ରୂପେ ହରିରାଜପୁର ଗ୍ରାମର ପୂର୍ବତନ ସରପଞ୍ଚ ପ୍ରସନ୍ନ ମହାରଥୀ ଓ ମୁଖ୍ୟବକ୍ତା ରୂପେ ପାଲାକାର ଶକ୍ତିଧର ମହାପାତ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ରୂପେ ଖବରଦାତା ରବୀନ୍ଦ୍ରନାଥ ମହାକୁଡ଼, ଶିଶୁ ସାହିତ୍ୟିକ ତ୍ରିଲୋଚନ ମହାପାତ୍ର, ହରିହର ବେହେରା, ମନମୋହନ ରଣସିଂହ, ଜଗନ୍ନାଥ ଖୁଣ୍ଟିଆ, ସାରଙ୍ଗଧର ବେହେରା, ପ୍ରମୋଦ ମହାନ୍ତି, ପ୍ରେମାନନ୍ଦ ସାମନ୍ତରାୟ, ଗୀତିକୃଷ୍ଣ ଦାସ, ପ୍ରିୟଙ୍କା ଦାସ, କିଶୋର ଚନ୍ଦ୍ର ପାଇକରାୟ, ସୁଶାନ୍ତ କୁମାର ରାଉତ, ପ୍ରଶାନ୍ତ ମହାପାତ୍ର, ଦିବ୍ୟସିଂହ ମଙ୍ଗରାଜ, ପୁଲକିତ ମହାପାତ୍ର ଏବଂ ପ୍ରିୟାଂଶୁ ପ୍ରିତମ ଦାସ ଯୋଗଦେଇ ସ୍ୱର୍ଗତ ବାରିକଙ୍କ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ବାରିକ ଜଣେ ମିଷ୍ଟଭାଷୀ, ପରୋପକାରୀ, ସଂସ୍କୃତିପ୍ରେମୀ ରୂପେ ଜଣାଶୁଣା ଥିଲେ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ସ୍ୱରଚିତ କବିତା ପାଠ କରାଯାଇଥିଲା। ଶେଷରେ ପୁତ୍ର ବିଜୟ ବାରିକ ଧନ୍ୟବାଦ ଦେଇଥିଲେ।

# ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ବିକ୍ଷୋଭ

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର




ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ଖୋର୍ଦ୍ଧା ଜିଲା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଛି।

ଖୋର୍ଦ୍ଧା,୮।୮(ପ୍ରଭାତ ପାଣିଗ୍ରାହୀ)

ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ଖୋର୍ଦ୍ଧା ଜିଲା ପକ୍ଷରୁ ବିଭିନ୍ନ ଦାବି ନେଇ ଶୁକ୍ରବାର ନୂଆବସଷ୍ଟାଣ୍ଡରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ଜିଲାପାଳ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଧାରଣା ଦିଆଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ସମସ୍ତ ଯୋଗ୍ୟ ବିବେଚିତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଅନୁଦାନ, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ଅବସର ନେଇଥିବା ଓ ନେବାକୁ ଥିବା ଶିକ୍ଷକ ଏବଂ କର୍ମଚାରୀଙ୍କୁ ଚାକିରି ସର୍ତ୍ତାବଳୀ, ପେନସନ୍ ଓ ଅବସରକାଳୀନ ସୁବିଧା ସୁଯୋଗ, ଅବସର ବୟସ ସୀମା ୬୨କୁ ବୃଦ୍ଧି ଓ ଗ୍ରେଡ୍ ପେ ଅସଙ୍ଗତି ଦୂରୀକରଣ, ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ସରକାରୀକରଣ ସହ ଶିକ୍ଷକ ନିଯୁକ୍ତି, ପୁରାତନ ପେନସନ୍ ବ୍ୟବସ୍ଥା ପୁନଃପ୍ରଚଳନ, ୨୦୦୪ ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ୬ଟି ନୋସନାଲ ଇନକ୍ରିମେଣ୍ଟ ସହିତ ବରିଷ୍ଠତା ପ୍ରଦାନ ଦାବି କରାଯାଇଛି।

ସରକାର ପ୍ରତିଶ୍ରୁତି ଦେଇ ମଧ୍ୟ ଦାବି ପୂରଣ କରୁନାହାନ୍ତି ବୋଲି ସଂଘ କର୍ମକର୍ତ୍ତା ଅଭିଯୋଗ ଆଣିଛନ୍ତି। ଏହାର ପ୍ରତିବାଦରେ ଆସନ୍ତା ୧୬ ତାରିଖରେ ଭୁବନେଶ୍ୱର ଗାନ୍ଧୀମାର୍ଗରେ ବିଶାଳ ସମାବେଶ ହେବ ବୋଲି ଓଷ୍ଟାର ଜିଲା ସମ୍ପାଦକ ତଥା ଆବାହକ ସୁଧାକର ମହାପାତ୍ର ସୂଚନା ଦେଇଛନ୍ତି। ଓଷ୍ଟା ଜିଲା ସଭାପତି ଯୋଗେଶ ଚନ୍ଦ୍ର ସାମନ୍ତସିଂହାର, ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ, ସମ୍ପାଦକ ରମାକାନ୍ତ ମହାପାତ୍ର, ରାଜ୍ୟ କାର୍ଯ୍ୟକାରୀ ସଭ୍ୟ ମଧୁସୂଦନ ଦେ ଓ ଶିଶିର ଦାସ, ଜିଲା କାର୍ଯ୍ୟକାରୀ ସଭାପତି ପ୍ରକାଶ କୁମାର ପଲାଇ, ଉପସଭାପତି ଶ୍ରୀହରି ମାଳୀ, ରମେଶ ଚନ୍ଦ୍ର ପ୍ରଧାନ, ସ୍ୱର୍ଣ୍ଣପ୍ରଭା ଦେଈ, ଜିଲା ସମ୍ପାଦକ ସୁଧାକର ମହାପାତ୍ର, ଜିଲା ଯୁଗ୍ମସମ୍ପାଦକ ଘନଶ୍ୟାମ ସ୍ୱାଇଁ, ରତିକାନ୍ତ କହଲସିଂ, ଜିଲା କାର୍ଯ୍ୟକାରୀ କମିଟି ସଭ୍ୟ ସୁନୀଲ ପଣ୍ଡା, କିଶୋର ସୁବୁଦ୍ଧି, ସନ୍ତୋଷ ସାହୁ, ମୃତ୍ୟୁଞ୍ଜୟ ରଥ, ୬୬୨ କଲେଜ କର୍ମଚାରୀ ସଂଘର ସଂଗଠନ ସମ୍ପାଦକ ଗଦାଧର ଶତପଥି, କର୍ମକର୍ତ୍ତା ପ୍ରଦୀପ କୁମାର ମଙ୍ଗରାଜ, ମନୋଜ ଭଞ୍ଜ, ମାଦ୍ରାସା ଜିଲା ସଂଘ ସମ୍ପାଦକ ଫିରୋଜ ଖାଁ, ୧୯୪ ବିଦ୍ୟାଳୟର କର୍ମକର୍ତ୍ତା ଲଲାଟେନ୍ଦୁ କର, ଜୟନ୍ତୀ ଷଡଙ୍ଗୀ, ପ୍ରଦୀପ୍ତ କୁମାର ବେହେରା, ବଂଶୀଧର ପାଣିଗ୍ରାହୀ, ଉପଦେଷ୍ଟା ସନ୍ତୋଷ ଚନ୍ଦ୍ର କର, ଗଣେଶ୍ୱର ସ୍ୱାଇଁ ପ୍ରମୁଖ ବିକ୍ଷୋଭରେ ସାମିଲ ଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୮।୮।୨୦୨୫

| | |
|---|---|
| ୪,୫୩,୨୧୩ ଟଙ୍କା | |
| ସୁନା | ୪.୬୫୦ ଗ୍ରାମ୍ |
| ରୁପା | ୫.୭୫୦ ଗ୍ରାମ୍ |

# ଶିଶୁ ଯତ୍ନ ଅନୁଷ୍ଠାନରେ ସୋନାଲିଙ୍କ ପୁଅ

ପୁରୀ/କୃଷ୍ଣପ୍ରସାଦ,୮।୮(ଅଜିତ୍ କୁମାର ମହାନ୍ତି/କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁଣି ଚର୍ଚ୍ଚାକୁ ଆସିଛି ଯାତ୍ରା ଅଭିନେତ୍ରୀ ସୋନାଲି ପଣ୍ଡା ଓରଫ କାଗଜି ପଲେଇ ଏବଂ ତାଙ୍କ ସ୍ୱାମୀ ଶ୍ରୀକ୍ଷେତ୍ର ପ୍ରସାଦ ସାମନ୍ତସିଂହାର ଓରଫ ଜନ୍‌ଙ୍କ ବିବାଦ ପ୍ରସଙ୍ଗ। ଏହି ବିବାଦ ମଧ୍ୟକୁ ସେମାନଙ୍କ ୧୨ ବର୍ଷର ପୁଅ ଯଶ୍‌ରାଜ ସାମନ୍ତସିଂହାର ଆସିଯାଇଛନ୍ତି। ଯଶ୍‌ରାଜ ଗୁରୁବାର ପୁରୀ ଜିଲା କୃଷ୍ଣପ୍ରସାଦ ଥାନାର ଦ୍ୱାରସ୍ଥ ହୋଇଥିଲେ। ତଦନ୍ତ ପୂର୍ବରୁ ବାପାଙ୍କୁ ଜେଲ ପଠାଇଲେ ସେ ଆତ୍ମହତ୍ୟା କରିବେ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ଯଶ୍‌ରାଜଙ୍କ ଭବିଷ୍ୟତ ବାଧାପ୍ରାପ୍ତ ହେବା ଆଶଙ୍କାରେ ତାଙ୍କୁ ପୋଲିସ ଆଣି ପୁରୀର ଶିଶୁଯତ୍ନ ଅନୁଷ୍ଠାନରେ ରଖିଛି। ଶୁକ୍ରବାର ତାଙ୍କୁ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ବେଞ୍ଚ୍ ଏବଂ ଶିଶୁ ମଙ୍ଗଳ କମିଟିରେ ଉପସ୍ଥିତ କରାଯାଇଛି। ଶିଶୁ ମଙ୍ଗଳ କମିଟି ସଦସ୍ୟ ତାଙ୍କୁ କାଉନ୍‌ସେଲିଂ କରୁଛନ୍ତି। ତାଙ୍କ ମା'ବାପାଙ୍କୁ କାଉନ୍‌ସେଲିଂ କରିବା ପାଇଁ ପୋଲିସକୁ ଚିଠି ଲେଖାଯିବ। ଏପରିକି ପିଲାଟିର ଭବିଷ୍ୟତ ନିମନ୍ତେ ଏହି ମାମଲାକୁ ଫାମିଲି କୋର୍ଟକୁ ପଠାଯିବ ବୋଲି ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଗତ ଅଗଷ୍ଟ ୩ରେ ସୋନାଲି ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନାରେ ଅଭିଯୋଗ କରିଥିଲେ ଯେ, ସେ ନାବାଳିକା(୧୭ ବର୍ଷ) ଥିବାବେଳେ ଶ୍ରୀକ୍ଷେତ୍ର ତାଙ୍କୁ ପ୍ରେମଜାଲରେ ଫସାଇ ଅପହରଣ କରିନେଇ ଜୋରଜବରଦସ୍ତ ବିବାହ କରିଥିଲେ। ସୋନାଲିଙ୍କ ପୈତୃକ ଗାଁ କୃଷ୍ଣପ୍ରସାଦ ହୋଇଥିବାରୁ ଏହି ଅଭିଯୋଗ କୃଷ୍ଣପ୍ରସାଦ ଥାନାକୁ ଆସିଥିଲା। ପୋଲିସ ଉକ୍ତ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତେବେ ଶ୍ରୀକ୍ଷେତ୍ର ହଠାତ୍ ଫେରାର ହୋଇଯାଇଥିଲେ। ଗୁରୁବାର ତାଙ୍କ ପୁଅ ଯଶ୍‌ରାଜ ଏକ ଅଭିଯୋଗପତ୍ର ଧରି କୃଷ୍ଣପ୍ରସାଦ ଥାନାକୁ ଯାଇଥିଲେ। ସେହି ଅଭିଯୋଗରେ ସେ ଉଲ୍ଲେଖ କରିଛନ୍ତି ଯେ, ଆଜିପର୍ଯ୍ୟନ୍ତ ମୁଁ ମା'ର ସ୍ନେହ ପାଇନାହିଁ। ଜନ୍ମହେବାର କିଛିମାସ ପରେ ମୋତେ ମୋ ମା' ଛାଡ଼ି ଚାଲିଯାଇଥିଲେ। ସେହିଦିନଠାରୁ ଏପର୍ଯ୍ୟନ୍ତ ମୁଁ ବାପାଙ୍କ ସ୍ନେହରେ ବଞ୍ଚିଆସୁଛି। ଏବେ ମା' ତାଙ୍କ ଯାତ୍ରାପାର୍ଟି ମାଲିକ ନାଣ୍ଟୁବାବୁଙ୍କ ଚକ୍ରାନ୍ତରେ ପଡ଼ି ମୋ' ବାପାଙ୍କୁ ଜେଲ ପଠାଇବାକୁ ଚାହୁଁଛନ୍ତି। ଫଳରେ ମୁଁ ସମ୍ପୂର୍ଣ୍ଣ ଅସହାୟ ହୋଇପଡ଼ିବି। ଯଦି ତଦନ୍ତ ପୂର୍ବରୁ ମୋ' ବାପାଙ୍କୁ ଗିରଫ କରାଯାଏ, ତା'ହାଲେ ମୁଁ ଥାନା ଆଗରେ ବିଷ ପିଇ ଆତ୍ମହତ୍ୟା କରିବାକୁ ପଛାଇବି ନାହିଁ। ଆବଶ୍ୟକ ପଡ଼ିଲେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ମୋ' ଅଭିଯୋଗ ଜଣାଇବି ବୋଲି ଯଶ୍‌ରାଜ ଦର୍ଶାଇଛନ୍ତି। ଅନ୍ୟପକ୍ଷରେ ପୋଲିସ ୧୬୧, ୧୬୪ରେ ସୋନାଲିଙ୍କ ବୟାନ ରେକର୍ଡ କରିଛି। ଖୁବ୍‌ଶୀଘ୍ର ଶ୍ରୀକ୍ଷେତ୍ରଙ୍କୁ ଆଣି ଜେରା କରାଯିବ। କେବେ ବିବାହ ହୋଇଥିଲା, ସୋନାଲି କେଉଁ ସ୍କୁଲରେ ପାଠ ପଢ଼ୁଥିଲେ, ଜନ୍ମପ୍ରମାଣପତ୍ର, ପୁଅର ସ୍କୁଲ ଓ ପ୍ରାମାଣିକ ତଥ୍ୟ ଆଦି ବିଷୟରେ ପୋଲିସ ଖୋଳତାଡ଼ କରିବ ବୋଲି ଜଣାପଡ଼ିଛି।

### ବାପାଙ୍କୁ ନ୍ୟାୟ ପାଇଁ ଆତ୍ମହତ୍ୟା ଚେତାବନୀ ଦେଇଥିଲେ




ରାଖୀ ପୂର୍ଣ୍ଣମୀ ଅବସରରେ ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକାକଳା । (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

## ସଂକ୍ଷେପରେ

### ପୁରୀରେ ପୁଣି ଫୁଟିଲା ବୋମା

ପୁରୀ,୮।୮(ଅଜିତ୍ କୁମାର ମହାନ୍ତି)

ପର୍ଯ୍ୟଟନ ତଥା ଧାର୍ମିକ ସହର ପୁରୀରେ ଦିନକୁ ଦିନ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। କିଛିଦିନ ହେବ ପୁରୀରେ କିଛି ନା କିଛି ଘଟଣା ଘଟୁଛି। ମାତ୍ର ପୋଲିସର ଦାୟିତ୍ୱହୀନତା ଯୋଗୁ ପୁରୀରେ ଅପରାଧୀମାନେ ସେମାନଙ୍କ କାର୍ଯ୍ୟକଳାପ ବୃଦ୍ଧି କରିବାରେ ଲାଗିଛନ୍ତି। ପୁଣି ଶୁକ୍ରବାର ପୁରୀରେ ବୋମାମାଡ଼ ହୋଇଥିବା ନେଇ ଜଣାପଡ଼ିଛି। ସୂଚନାଯୋଗ୍ୟ, ଟାଉନ୍ ଥାନା ଅନ୍ତର୍ଗତ ମୋଚିସାହି ଛକ ନିକଟରେ ଥିବା ନୂଆତୋଟା ଜାଗାଘର ଉପରକୁ ବୋମାମାଡ଼ ହୋଇଥିଲା। ୩ ଦୁର୍ବୃତ୍ତ ବାଇକ୍‌ରେ ଆସି ଦୁଇଟି ବୋମା ମାଡ଼କରି ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ଜଣାପଡ଼ିଛି। ଏନେଇ ପୁରୀ ଟାଉନ୍ ଥାନା ପୋଲିସ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ବୋମାମାଡ଼ରେ କୌଣସି କ୍ଷୟକ୍ଷତି ହୋଇନାହିଁ ବୋଲି ଜଣାପଡ଼ିଛି। ଏହି ବୋମାମାଡ଼ ଘଟଣାଟି ପୂର୍ବଶତ୍ରୁତାକୁ କେନ୍ଦ୍ରକରି ହୋଇଥିବା ନେଇ ଅନୁମାନ କରାଯାଉଛି। ଅନ୍ୟପକ୍ଷରେ ବୋମାମାଡ଼ ସମୟର ସମସ୍ତ ଦୃଶ୍ୟ ସିସିଟିଭି କ୍ୟାମେରାରେ କଏଦ ହୋଇଛି। ତଦନ୍ତ ପରେ କିଏ ଏବଂ କାହିଁକି ବୋମାମାଡ଼ କଲେ ତାହା ସ୍ପଷ୍ଟ ହେବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

### ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ପୁରୀ,୮।୮(ଅଜିତ୍ କୁମାର ମହାନ୍ତି)

କାର୍ଯ୍ୟରେ ଅବହେଳା କରୁଥିବା ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିକରି ଆଇନଜୀବୀ ଦିଲୀପ କୁମାର ବରାଳ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବରାଳ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି, ଅସ୍ତରଙ୍ଗରେ ନିୟୋଜିତ ଥିବା ଡାକ୍ତର ସଠିକ୍ ଭାବରେ ତାଙ୍କର କାର୍ଯ୍ୟ ତୁଲାଉ ନାହାନ୍ତି। ଉଚ୍ଚ ଅଧିକାରୀଙ୍କ ଆଦେଶ ସତ୍ତ୍ୱେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବାୟୋମେଟ୍ରିକ ମେଶିନ ଲଗାଉନାହାନ୍ତି। ଡାକ୍ତର ସରକାରୀ ବାସଭବନ କିମ୍ବା ୮ କି.ମି. ପରିଧି ମଧ୍ୟରେ ରହୁନାହାନ୍ତି। ନିୟମିତ ଭାବରେ କେନ୍ଦ୍ରକୁ ଆସୁନାହାନ୍ତି। ପ୍ରତିମାସର ଡ୍ୟୁଟି ଚାର୍ଟ ମରା ଯାଉନାହିଁ। କେନ୍ଦ୍ରରେ ନିଯୁକ୍ତି ପାଇଥିବା ଡାକ୍ତରମାନେ ସାଧାରଣ ଓପିଡିରେ ବସୁଛନ୍ତି। କେନ୍ଦ୍ରରେ ସବୁ ସମୟରେ ସାଧାରଣ ଓପିଡିରେ ଏମ୍‌ବିବିଏସ ଡାକ୍ତରଙ୍କୁ କାର୍ଯ୍ୟ କରିବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଫଳରେ ରୋଗୀମାନଙ୍କୁ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ମିଳିପାରୁ ନାହିଁ। କୌଣସି ଏମ୍‌ବିବିଏସ୍ ଡାକ୍ତରୀ ସପ୍ତାହକୁ ୬ ଦିନ ଏବଂ ମାସକୁ ୨୪ ଦିନ କାର୍ଯ୍ୟ କରୁନାହାନ୍ତି। ମାତ୍ର ପୂରା ମାସର ଦରମା ନେଉଛନ୍ତି। ରାଜସ୍ୱହାନୀ ହେବା ସହ ରୋଗୀମାନେ ଚିକିତ୍ସା ସୁବିଧା ପାଉନାହାନ୍ତି। ତେଣୁ ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ବରାଳ ଦାବି କରିଛନ୍ତି।

# ମଦକୁ ନା, ରାଖୀକୁ ହଁ




ଗୋପ-କୋଣାର୍କ ରାସ୍ତାର କୁହୁରା ଛକ ନିକଟରେ ଛାତ୍ରୀମାନେ ମଦକୁ ନାଁ ରାକ୍ଷୀ କୁ ହଁ କାର୍ଯ୍ୟକ୍ରମ ।

ଗୋପ,୯।୮(ଭାରତୀ ଭୂଷଣ ଉପାଧ୍ୟାୟ)

### ମୁକ୍ତି ଗ୍ରୁପ୍ ଅଫ୍ ନର୍ସିଂ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ରକ୍ଷାବନ୍ଧନ ଉତ୍ସବ

ଓଡ଼ିଆ ଜାତିର ସଂସ୍କୃତି ପରମ୍ପରା ଭିନ୍ନ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ବାର ମାସରେ ତେର ଯାତ୍ରା ଭିତରେ ରକ୍ଷାବନ୍ଧନ ଏକ ମୁଖ୍ୟ ପର୍ବ। ଏହି ପର୍ବରେ ବଡ଼ଭାଇ ବଳଭଦ୍ରଙ୍କ ହାତରେ ମା' ସୁଭଦ୍ରା ଭଉଣୀ ଭାବରେ ରାକ୍ଷୀ ବାନ୍ଧିବା ପରମ୍ପରା ମଧ୍ୟ ରହିଛି। ଏହାକୁ ନେଇ ଏହି ରାଖୀ ପୂର୍ଣ୍ଣିମା ବା ରକ୍ଷାବନ୍ଧନ ପର୍ବରେ ଓଡ଼ିଆଙ୍କ ଘରେ ଭାଇ ହାତରେ ଭଉଣୀ ରାଖୀ ବାନ୍ଧିଥାଏ। ହେଲେ ଓଡ଼ିଆ ଘରର ଏପରି ଏକ ସଂସ୍କୃତି ପରମ୍ପରାପୂର୍ଣ୍ଣ ପର୍ବ ପ୍ରାୟତଃ ବିଲୁପ୍ତ ହେଉଥିବା ବେଳେ ଗୋପ ସନ୍ନିକଟ ମାଟିଆଖାତସ୍ଥିତ ମୁକ୍ତି ଗ୍ରୁପ ଅଫ ନର୍ସିଂ ଇନିଷ୍ଟିଚ୍ୟୁଟ୍‌ର ଛାତ୍ରୀମାନେ ଗୋପ-କୋଣାର୍କ ମୁଖ୍ୟରାସ୍ତାର କୁହୁରା ଛକ ନିକଟରେ ପର୍ଯ୍ୟଟକ ଓ ପଥଚାରୀମାନଙ୍କୁ ରାଖୀ ବାନ୍ଧିଥିଲେ। ଛାତ୍ରୀମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସମାଜରେ ବସବାସ କରୁଥିବା ଯୁବକମାନେ ନିଶାଦ୍ରବ୍ୟ ଠାରୁ ଦୂରେଇ ରହିବା ସହିତ ଓଡ଼ିଆ ଘରର ବା ଓଡ଼ିଆ ଜାତିର ସଂସ୍କୃତି ଓ ପରମ୍ପରା ବଞ୍ଚାଇ ରଖିବା। ଶୁକ୍ରବାର ଅପରାହ୍ନରେ ମୁକ୍ତି ଗ୍ରୁପ ଅଫ୍ ନର୍ସିଂ ଇନ୍‌ଷ୍ଟିଚ୍ୟୁଟ୍‌ର ଛାତ୍ରୀମାନେ ହାତରେ ଫୁଲ ଚନ୍ଦନ ଦୀପ ଜାଳି ପର୍ଯ୍ୟଟକଙ୍କ ସହିତ ପଥଚାରୀମାନଙ୍କୁ ରାଖୀ ବାନ୍ଧି ମଦକୁ ନା ରାଖୀକୁ ହଁ ସମ୍ପର୍କରେ ବୁଝାଇବା ସହ ନିଶାଦ୍ରବ୍ୟ ଠାରୁ ଦୂରେଇ ରହିବା ଲାଗି ଅନୁରୋଧ କରିଥିଲେ। ମୁକ୍ତି ଗ୍ରୁପ୍ ଅଫ୍ ନର୍ସିଂ ଇନିଷ୍ଟିଚ୍ୟୁଟ୍‌ର ଅଧ୍ୟକ୍ଷ ଗଣେଶ ଚନ୍ଦ୍ର ଦାଶଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ କରାଯାଇଥିବା ବେଳେ ସମାଜକୁ ଏପରି ଏକ ସୁନ୍ଦର ବାର୍ତ୍ତା ନିଶ୍ଚିତ ଭାବେ ପ୍ରଶଂସନୀୟ ସହିତ ଯୁବପିଢ଼ିମାନଙ୍କୁ ପରିବର୍ତ୍ତନ କରିବାରେ ସହାୟକ ହେବ ବୋଲି ଛାତ୍ରୀ ପ୍ରଜ୍ଞା ପ୍ରିୟଦର୍ଶିନୀ ନାୟକ, କିରଣବାଳା ପାତ୍ର, ମନିଷା ସ୍ୱାଇଁ ଓ ଇଶାଶ୍ରୀ ଦାଶ ପ୍ରମୁଖ କହିଥିଲେ।

### ଜଳିଗଲା ଔଷଧ ଦୋକାନ

ଅସ୍ତରଙ୍ଗ,୮।୮ (ମମତା ଜେନା)

କାକଟପୁର ମେଡିକାଲ ଛକଠାରେ ଗୁରୁବାର ରାତିରେ ବେହେରା ମେଡିସିନ ଷ୍ଟୋର୍‌ରେ ଅଗ୍ନିକାଣ୍ଡ ଘଟି ଦୋକାନଟି ସମ୍ପୂର୍ଣ୍ଣ ଜଳିଯିବା ସହିତ ଦୋକାନ ମାଲିକ ବିଷ୍ଣୁଚରଣ ବେହେରା ଆହତ ହୋଇ କାକଟପୁର ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ସେଠାରେ ଉପସ୍ଥିତ ପାଖ ଦୋକାନୀଙ୍କ କହିବା ଅନୁଯାୟୀ, ବିଷ୍ଣୁଚରଣ ବେହେରା ଦୋକାନରେ ଧୂପଦେଇ ଘରକୁ ବାହାରୁଥିଲେ। ଗାଡ଼ିରେ ପକେଇବା ପାଇଁ ଆଣିଥିବା ପେଟ୍ରୋଲ ଦୋକାନରେ ଠିପି ଖୋଲିବା ସହ ହଠାତ୍ ଏକ ପ୍ରଚଣ୍ଡ ଶବ୍ଦ କରି ଦୋକାନର ଚାରିଆଡ଼େ ନିଆଁ ଲାଗିଗଲା। କାକଟପୁର ପୋଲିସ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ ବିଭାଗକୁ ଖବର ଦେଇ ଜଳୁଥିବା ନିଆଁ ଆୟତ୍ତ କରିଥିଲେ ଓ ଆହତ ମାଲିକ ବିଷ୍ଣୁ ବେହେରାଙ୍କୁ ଚିକିତ୍ସା ପାଇଁ କାକଟପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

### ବାୟୁସେନା ଇଞ୍ଜିନିୟରଙ୍କ ବିୟୋଗ

ଅସ୍ତରଙ୍ଗ/କାକଟପୁର, ୮।୮(ମମତା ଜେନା/ପ୍ରଦୀପ୍ତ ଦୀକ୍ଷିତ/ଶୁଭଦର୍ଶନ ମିଶ୍ର)

ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ପାଟଳଦା ପଞ୍ଚାୟତ ସୁନ୍ଦର ଗ୍ରାମର ବାୟୁସେନା ଇଞ୍ଜିନିୟର ସ୍ୱରାଜ୍ୟ କୁମାର ସାହୁ (୩୫)ଙ୍କ ପରଲୋକ ଘଟିଛି । ସେ ଭାରତୀୟ ବାୟୁସେନାର ଆଗ୍ରାଠାରେ ମେକାନିକାଲ ଇଞ୍ଜିନିୟର ଭାବେ କାର୍ଯ୍ୟରତ ଥିଲେ। କାର୍ଯ୍ୟରତ ଥିବାବେଳେ ଏକ ଦୁର୍ଘଟଣାରେ ତାଙ୍କର ଶରୀର ପୋଡ଼ି ଯାଇଥିଲା। ତାଙ୍କୁ ଉଦ୍ଧାର କରାଯାଇ ଦିଲ୍ଲୀର ସେନା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଆମେ ଜଣେ ବୀରପୁତ୍ର ତଥା ମାଟିର ପୁଅକୁ ହରାଇଛୁ ବୋଲି ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ କହିବା ସହ ତାଙ୍କ ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଗରମଶିରା କଡ଼େଇରେ ପଡ଼ି ପୂଜକ ଗୁରୁତର

ସାକ୍ଷୀଗୋପାଳ,୮।୮(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ଗରମଶିରା କଡ଼େଇରେ ପଡ଼ି ଜଣେ ପୂଜକ ଶୁକ୍ରବାର ଗୁରୁତର ହୋଇଛନ୍ତି। ସେ ହେଲେ ସଞ୍ଜୟ କୁମାର ପାଢ଼ୀ (୩୩)। ତାଙ୍କ ଘର ସତ୍ୟବାଦୀ ଥାନା ଅନ୍ତର୍ଗତ ଶ୍ରୀରାମଚନ୍ଦ୍ରପୁର ବଣିଆ ସାହିରେ। ଅପରାହ୍ନରେ ସେ ଶାରୁଗଡ଼ିଆ ଛକରେ ଏକ ମିଠା ଦୋକାନରେ ଠାକୁର ପୂଜାକରି ଧୂପଦେବା ସମୟରେ ଆକସ୍ମିକ ଭାବେ ନିକଟରେ ରହିଥିବା ଗରମଶିରା କଡ଼େଇରେ ପଡ଼ି ଯାଇଥିଲେ। ତାଙ୍କ ଶରୀରର ଅର୍ଦ୍ଧାଧିକ ଅଂଶ ସିଝି ଯାଇଥିଲା। ତାଙ୍କୁ ସଙ୍ଗେ ସଙ୍ଗେ ସାକ୍ଷୀଗୋପାଳ ଡାକ୍ତରଖାନାରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଥିଲା। କଦଳୀପତ୍ରରେ କ୍ଷତସ୍ଥାନକୁ ଘୋଡ଼ାଇ ରଖାଯିବା ସହ ମଲମ ଲଗାଇ ଦିଆଯାଇଥିବା ଦେଖିବାକୁ ମିଳିଥିଲା। ପରେ ପରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ପ୍ରତିଦିନ ପରି ସାକ୍ଷୀଗୋପାଳ ବଜାର ଅଞ୍ଚଳରେ ଦୋକାନକୁ ଦୋକାନ ବୁଲି ଠାକୁରଙ୍କ ପୂଜା ଓ ଧୂପ ଦେଉଥିବା ଏହି ପୂଜକ ଜଣକ ଆଜି ଅଘଟଣର ସମ୍ମୁଖୀନ ହୋଇଥିଲେ।

# ଏନ୍‌ଏସି ଅଞ୍ଚଳରେ ସ୍ଥାୟୀ କାଞ୍ଜିଆହୁଦା ନିର୍ମାଣ ଦାବି

ନିମାପଡ଼ା,୮।୮(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଅଞ୍ଚଳର ରାଜରାସ୍ତାରେ ଅସୁରକ୍ଷିତ ଭାବେ ରହୁଥିବା ଗୋ-ସମ୍ପଦ ଓ ବୁଲା ଗୋରୁ ଷଣ୍ଢଙ୍କୁ ଉଦ୍ଧାର ଓ ଥଇଥାନ କରାଯିବା, ଏନ୍‌ଏସି ଅଞ୍ଚଳରେ ତୁରନ୍ତ ଏକ ସ୍ଥାୟୀ କାଞ୍ଜିଆହୁଦା ଓ ଗୋଶାଳା ନିର୍ମାଣ କରାଯିବା ପାଇଁ ଜାଗ୍ରତ ଯୁବଶକ୍ତି ଅନୁଷ୍ଠାନ ପକ୍ଷରୁ ଅଧ୍ୟକ୍ଷାଙ୍କ ନିକଟରେ ଦାବି କରାଯାଇଛି। ଅନୁଷ୍ଠାନର ଆବାହକ ଆଦର୍ଶ ଦାଶ, ସଂଯୋଜକ ସମୀର ରଞ୍ଜନ ରାଉତରାୟ, ବିଶ୍ୱଜିତ ବେହେରା, ଦଣ୍ଡପାଣି ସାହୁ, ଗଙ୍ଗାଧର ଓଝା, ଦେବାଶିଷ ଦାଶ, ମହେଶ କୁମାର ସ୍ୱାଇଁଙ୍କ ସମେତ ବହୁ ଯୁବ ସାମାଜିକ କର୍ମୀ ପ୍ରମୁଖ ଶୁକ୍ରବାର ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରିଥିବାବେଳେ ଅଧ୍ୟକ୍ଷାଙ୍କୁ ୩ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ସୂଚନାଯୋଗ୍ୟ, ନିମାପଡ଼ା ଦୋଳବେଦୀ ଛକ, କୁଶଭଦ୍ରା ନଦୀ ବ୍ରିଜ, ଥାନା ଛକ, ବ୍ଲକ ଛକ ସମେତ ମୁଖ୍ୟ ଛକ, ବଜାର, ମୁଖ୍ୟ ରାସ୍ତା ଉପରେ ରାସ୍ତା ଅବରୋଧ କରି ବୁଲା ଗୋରୁ, ଷଣ୍ଢ ଦୀର୍ଘ ସମୟ ଧରି ଶୋଇ ରହୁଥିବାରୁ ଯାନବାହନ ଚଳାଚଳରେ ଘୋର ଅସୁବିଧା ଦେଖାଦେଉଥିବାବେଳେ ବିଭିନ୍ନ ସମୟରେ ବହୁ ଦୁର୍ଘଟଣା ଘଟୁଥିବା ଦେଖାଯାଉଛି। ଏହି ଦୁର୍ଘଟଣାରେ ବହୁଲୋକ ଓ ଗୋସମ୍ପଦ ଗୁରୁତର ଭାବେ ଆହତ ହେଉଛନ୍ତି। ମୁଖ୍ୟ ରାସ୍ତା ଓ ଛକ ଜାଗା, କୁଶଭଦ୍ରା ବ୍ରିଜ ଉପରୁ ବୁଲା ଗୋରୁ, ଷଣ୍ଢଙ୍କୁ ତୁରନ୍ତ ହଟାଯାଇ ଅନ୍ୟତ୍ର ସ୍ଥାନାନ୍ତରିତ କରାଯିବା ଦିଗରେ ପଦକ୍ଷେପ ନିଆଯିବାକୁ ଜାଗ୍ରତ ଯୁବଶକ୍ତି ଅନୁଷ୍ଠାନ ପକ୍ଷରୁ ଏନ୍‌ଏସି କର୍ତ୍ତୃପକ୍ଷଙ୍କ ନିକଟରେ ଦାବି ହେଉଛି। ଅନ୍ୟପକ୍ଷରେ ଗୋସମ୍ପଦର ମାଲିକମାନେ ନିଜନିଜର ଗୋରୁଙ୍କୁ ବାହାରକୁ ନ ଛାଡ଼ି ନିଜ ହେପାଜତରେ ଘରେ ସୁରକ୍ଷିତ ଭାବେ ରଖିବାକୁ ଅନୁଷ୍ଠାନ ପକ୍ଷରୁ ନିବେଦନ କରାଯାଇଛି।



ଜାଗ୍ରତ ଯୁବଶକ୍ତି ଅନୁଷ୍ଠାନର କର୍ମକର୍ତ୍ତାମାନେ ଏନ୍‌ଏସି ଅଧ୍ୟକ୍ଷାଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

# ସମସ୍ତ ଭାଷାର ଜନନୀ ସଂସ୍କୃତ

ସାକ୍ଷୀଗୋପାଳ,୮।୮(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

### ବିଶ୍ୱ ସଂସ୍କୃତ ଦିବସ ପାଳିତ

ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ବିଶ୍ୱ ସଂସ୍କୃତ ଦିବସ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଅତିଥିମାନେ ପୁଣ୍ୟାତ୍ମା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବିଦ୍ୟାଦାତା ଶ୍ରୀଗଣେଶଙ୍କ ଫଟୋଚିତ୍ରରେ ଫୁଲ, ଚନ୍ଦନ, ସିନ୍ଦୁର ଧୂପ ଦୀପ ଦେଇ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅମିତା ସେନାପତି ମୁଖ୍ୟଅତିଥି ଭାବେ ଯୋଗଦେଇ ସମସ୍ତ ଭାଷାର ଜନନୀ ହେଉଛି ସଂସ୍କୃତ ଭାଷା ବୋଲି କହିଥିଲେ। ବୈଦିକ ଯୁଗଠାରୁ ଆରମ୍ଭକରି ଆଜିର ଅତ୍ୟାଧୁନିକ ଯୁଗରେ ସଂସ୍କୃତ ଭାଷା ଗୁରୁତ୍ୱ ରହିବ ବୋଲି ସେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ମଠସାହି ଉଚ୍ଚ ବିଦ୍ୟାଳୟ ସଂସ୍କୃତ ଶିକ୍ଷକ ଯୁଧିଷ୍ଠିର ପ୍ରଧାନ ଯୋଗଦେଇ ସଂସ୍କୃତ ହେଉଛି ଦେବ ଭାଷା, ଆଗ କାଳରେ ସଂସ୍କୃତ ହିଁ ଗୋଟିଏ ଭାଷା ପ୍ରଚଳିତ ରହିଥିଲା ବୋଲି ସେ ଅଭିଭାଷଣରେ କହିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଚକ୍ରଧର ମହାରଣା ଯୋଗ ଦେଇଥିଲେ। ସଂସ୍କୃତ ଶିକ୍ଷୟିତ୍ରୀ କ୍ରିଷ୍ଣା ପ୍ରିୟା ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଶିକ୍ଷୟିତ୍ରୀ ନିହାରିକା ସେନାପତି ଧନ୍ୟବାଦ ଦେଇଥିଲେ।

# ରାଖୀ କିଣିବା ପାଇଁ ଦୋକାନରେ ଭିଡ଼

ପୁରୀ,୮।୮(ଅଜିତ୍ କୁମାର ମହାନ୍ତି)

ଭଉଣୀ ଭାଇର ପବିତ୍ର ସମ୍ପର୍କର ପର୍ବ ହେଉଛି ରକ୍ଷା ବନ୍ଧନ। ରାଖୀ ପୂର୍ଣ୍ଣିମାରେ ଭଉଣୀ ଭାଇ ହାତରେ ରାଖୀ ବାନ୍ଧି ତା'ର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଶୁଭ ମନାସିଥାଏ। ପ୍ରତିବଦଳରେ ଭାଇ ତା'ର ଭଉଣୀକୁ ଜନ୍ମ ଜନ୍ମ ପାଇଁ ସୁରକ୍ଷା ଦେବାର ସଂକଳ୍ପ ନେଇଥାଏ। ଏହି ପବିତ୍ର ପର୍ବ ଶ୍ରାବଣ ମାସର ପୂର୍ଣ୍ଣିମା ଦିନ ପାଳନ କରାଯାଇଥାଏ। ଶନିବାର ରାଖୀ ପୂର୍ଣ୍ଣିମା ପଡୁଥିବାରୁ ରକ୍ଷା ବନ୍ଧନ ପର୍ବ ଅନୁଷ୍ଠିତ ହେବ। ଏଥିପାଇଁ ପୁରୀ ସହର ଏବେ ଉତ୍ସବମୁଖର ହୋଇପଡ଼ିଛି। ସହରର ବଡଦାଣ୍ଡ ଠାରୁ ଆରମ୍ଭ କରି ସାହି ଗଳିକନ୍ଦିଗୁଡ଼ିକରେ ଖୋଲିଥିବା ରାଖୀର ଛୋଟବଡ଼ ଦୋକାନରେ ରାଖିନେବା ପାଇଁ ଲୋକଙ୍କ ଗହଳି ପରିଲକ୍ଷିତ ହେଉଛି। ଅନଲାଇନ ଓ ସାଧାରଣ ବଜାରରେ ବିଭିନ୍ନ ଡିଜାଇନ୍‌ର ରାଖୀ ଗ୍ରାହକଙ୍କ ଚାହିଦା ଓ ପସନ୍ଦ ଅନୁଯାୟୀ ଉପଲବ୍ଧ ହେଉଛି। ଛୋଟ ଛୁଆଙ୍କୁ ଆକର୍ଷଣ କରିବା ପାଇଁ ଡୋରେମନ, ଛୋଟାଭୀମ ସହ ଟେଡ୍ଡି ରାଖୀ, ତୁଳା ରାଖୀ ଓ କାର୍ଟୁନ ରାଖୀ ଦୋକାନୀମାନେ ବିକ୍ରି କରୁଥିବା ବେଳେ ବଡ଼ମାନଙ୍କ ପାଇଁ ମେଟାଲ ରାଖୀ, ଷ୍ଟୋନ, ଫ୍ୟାନ୍ସି ରାଖୀର ଚାହିଦା ରହିଛି। ତେଣୁ ରାଖୀ ବଜାର ଏବେ ସରଗରମ ହେଉଛି। ରାଖୀ ଦୋକାନ କରିଥିବା ଦୋକାନୀ ଅଭିନାଶ ଦାସ କୁହନ୍ତି, ଚଳିତ ବର୍ଷ ଯେଉଁଭଳି ଭାବେ ବ୍ୟବସାୟ ହେବ ବୋଲି ଆଶା ରହିଥିଲା ସେପରି ହୋଇନାହିଁ। ମୁଖ୍ୟତଃ ରାଖୀ ପୂର୍ବଦିନ ଭଲ ବ୍ୟବସାୟ ହୋଇଥାଏ। ଭଲ ବ୍ୟବସାୟ ହୋଇଛି। ତେବେ ରାଖୀର ମୂଲ୍ୟ ମଧ୍ୟ ବୃଦ୍ଧି ପାଇଛି। ୧୦ ଟଙ୍କାରୁ ଆରମ୍ଭ କରି ୫୦୦ଟଙ୍କା ପର୍ଯ୍ୟନ୍ତ ରାଖୀ ଦାମ ରହିଛି। ଅପରପକ୍ଷରେ ଫୁଲ ରାଖୀର ବି ଚାହିଦା ରହିଛି। ତେଣୁ ବିଭିନ୍ନ ପୁଷ୍ପଭଣ୍ଡାରଗୁଡ଼ିକରେ ଅନେକ ବ୍ୟକ୍ତିବିଶେଷ ଫୁଲ ରାଖୀ ଅର୍ଡର କରୁଥିବା ଦେଖିବାକୁ ମିଳିଛି।

# ଜନ୍ମାଷ୍ଟମୀଠାରୁ ଶ୍ରୀମନ୍ଦିରରେ ଆରମ୍ଭ ହେବ ଶ୍ରୀକୃଷ୍ଣ ଲୀଳା

ପୁରୀ,୮।୮(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣ ଲୀଳାର ପରମ୍ପରା ବହୁ ପ୍ରାଚୀନ। କୃଷ୍ଣ ଜନ୍ମଠାରୁ କଂସବଧ ପର୍ଯ୍ୟନ୍ତ ମନ୍ଦିର ଭିତରେ ଓ ବାହାରେ ଏହି ନୀତିଗୁଡ଼ିକ ଅନୁଷ୍ଠିତ ହୋଇଥାଏ। ଚଳିତବର୍ଷ ଆଠସାହି ଆଖଡ଼ା ମିଳିତ ସମନ୍ୱୟ ସମିତି ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନ ଓ ଜିଲା ପ୍ରଶାସନ ସହଯୋଗରେ ଏହା ପାଳିତ ହେବ। ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅପରାହ୍ନରେ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ପରମ୍ପରା ଅନୁଯାୟୀ, ଶ୍ରୀକୃଷ୍ଣ ଲୀଳାକୁ ଶୃଙ୍ଖଳା ଓ ପାରମ୍ପରିକ ରୀତିନୀତି ଅନୁସାରେ ପାଳନ ପାଇଁ ପରାମର୍ଶ ଦେଇଥିଲେ। ଆଇନ ଶୃଙ୍ଖଳା ରକ୍ଷା, ଟ୍ରାଫିକ ନିୟନ୍ତ୍ରଣ, ରାସ୍ତାଘାଟ ମରାମତି, ପରିଷ୍କାର ପରିଚ୍ଛନ୍ନ, ଆଲୋକୀକରଣ ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ଆଲୋଚନା ହେବା ସହ ଏହାକୁ ଠିକ୍ ଭାବେ ପରିଚାଳନା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

କାର୍ଯ୍ୟସୂଚୀ ଅନୁସାରେ ଅଗଷ୍ଟ ୧୬ ତାରିଖ ଭାଦ୍ରବ କୃଷ୍ଣ ନବମୀ ତିଥିରେ ମାର୍କଣ୍ଡେଶ୍ୱର ସାହି ପକ୍ଷରୁ ପୁତନା ବଧ ଅନୁଷ୍ଠିତ ହେବ। ସେହିପରି ୧୮ ତାରିଖ ଦଶମୀ ତିଥିରେ ବାଲିସାହି ପକ୍ଷରୁ ବକାସୁର ବଧ ଓ ହରଚଣ୍ଡୀ ସାହି ପକ୍ଷରୁ ଅର୍ଘାସୁର ବଧ, ୧୯ ତାରିଖ ଏକାଦଶୀ ତିଥିରେ କୁଣ୍ଡେଇବେଣ୍ଟ ସାହି ପକ୍ଷରୁ ଧେନୁକାସୁର ବଧ, ୨୦ ତାରିଖ ଦ୍ୱାଦଶୀ ତିଥିରେ ଦୋଳମଣ୍ଡପ ସାହି ପକ୍ଷରୁ ପ୍ରଳମ୍ବାସୁର ବଧ,୨୧ ତାରିଖ ତ୍ରୟୋଦଶ ତିଥିରେ ଗୌଡ଼ବାଡ଼ ସାହି ପକ୍ଷରୁ ଅନ୍ନ ପ୍ରଥା, ୨୩ ତାରିଖ ଭାଦ୍ରବ ଅମାବାସ୍ୟା ତିଥିରେ କାଳିକା ଦେବୀ ସାହି ପକ୍ଷରୁ ବସ୍ତ୍ର ହରଣ, ୨୪ ତାରିଖ ଭାଦ୍ରବ ଶୁକ୍ଳ ପ୍ରତିପଦା ତିଥିରେ ମାଟିମଣ୍ଡପ ସାହି ପକ୍ଷରୁ ଦାବାଗ୍ନି, ୨୫ ତାରିଖ ଶୁକ୍ଳ ଦ୍ୱିତୀୟା ତିଥିରେ ହରଚଣ୍ଡୀ ସାହି ପକ୍ଷରୁ ନିକୁଞ୍ଜ ଲୀଳା, ୨୬ ତାରିଖ ତୃତୀୟା ତିଥିରେ ହରଚଣ୍ଡୀ ସାହି ବାସେଲୀ ସାହି ପକ୍ଷରୁ ଅନ୍ଧ ମନ୍ଦିର ହାତୀ, ୨୮ ତାରିଖ ପଞ୍ଚମୀ ତିଥିରେ ଗୌଡ଼ବାଡ଼ ସାହି ପକ୍ଷରୁ ଦାହ ଲୀଳା, ୨୯ ତାରିଖ ଷଷ୍ଠୀ ତିଥିରେ ମାର୍କଣ୍ଡେଶ୍ୱର ସାହି ପକ୍ଷରୁ ବିମ୍ବାସୁର ବଧ, ୩୦ ତାରିଖ ସପ୍ତମୀ ତିଥିରେ କାଳିକାଦେବୀ ସାହି ପକ୍ଷରୁ କେକେଶୀ ବଧ, ସେପ୍ଟେମ୍ବର ୨ ତାରିଖ ଶୁକ୍ଳ ଦଶମୀ ତିଥିରେ ମାଟିମଣ୍ଡପ ସାହି ପକ୍ଷରୁ ମଲ୍ଲଯୁଦ୍ଧ ଓ ବାଲି ସାହି ପକ୍ଷରୁ କଂସବଧ ଅନୁଷ୍ଠିତ ହେବ ବୋଲି ଆଠସାହି ଆଖଡ଼ା ପକ୍ଷରୁ ସୂଚନା ଦିଆଯାଇଛି।

ବୈଠକରେ ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲାପାଳ ରାଜକିଶୋର ଜେନା, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଆଠସାହି ଆଖଡ଼ା ସଭାପତି ରବି ନାରାୟଣ ସେନାପତି, ପ୍ରଫୁଲ୍ଲ ଖୁଣ୍ଟିଆ, ସହସମ୍ପାଦକ ଚକ୍ରଧର ମହାପାତ୍ର, ପୁଅ ସୁଆର, ସଦସ୍ୟ ନାରାୟଣ ମହାସୁଆର, ନରେନ୍ଦ୍ର ମହାନ୍ତି, ରବି ଦାଶ, ରଘୁନାଥ ଖୁଣ୍ଟିଆ, ଦାମୋଦର ମହାପାତ୍ର, ବିଶ୍ୱଜିତ ସେନାପତି, ଶ୍ୟାମ ମହାପାତ୍ର ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ସମସ୍ତଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଆଠସାହି ଆଖଡ଼ା ପକ୍ଷରୁ ଜିଲାପାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଫଟୋରେ ଖବର



ପୁରୀଠାରେ ୧୩ ବର୍ଷରୁ କମ୍ ବାଳିକା ରାଜ୍ୟସ୍ତରୀୟ ଚେସ୍ ଚାମ୍ପିୟନଶିପ୍ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ।



ପୁରୀ ଅର୍ବାନ ହାଟ ପରିସରରେ ଅନୁଷ୍ଠିତ ହସ୍ତଶିଳ୍ପ ତାଲିମ୍ କେନ୍ଦ୍ରରେ ମହିଳାମାନେ ରାଖୀ ତିଆରି କରୁଛନ୍ତି ।



ମହିଳାମାନେ ପରସ୍ପର ହାତରେ ରାଖୀ ବାନ୍ଧି ରକ୍ଷାବନ୍ଧନ ଉତ୍ସବ ପାଳନ କରୁଛନ୍ତି ।

**ଅମଲା ସଂଘର ସମୂହ ଛୁଟି ଦରଖାସ୍ତ**

ଟିଗିରିଆ,(ଜାଫର ଖାଁ): ୧୦ ଦଫା ଦାବିନେଇ ରାଜ୍ୟ ରାଜସ୍ୱ ଅମଲା ସଂଘର ଆହ୍ୱାନ କ୍ରମେ ଟିଗିରିଆ ତହସିଲ ଅଧୀନରେ କାର୍ଯ୍ୟରତ ସମସ୍ତ ଅମଲାମାନେ ସୋମବାରରୁ ସାମୂହିକ ଛୁଟିରେ ଯିବାପାଇଁ ନିଷ୍ପତ୍ତି ନେଇଛନ୍ତି। ଏନେଇ ଶୁକ୍ରବାର ତହସିଲଦାର ଅକ୍ଷୟ କୁମାର ପରିଡାଙ୍କୁ କାର୍ଯ୍ୟାଳୟରେ ଭେଟି ଛୁଟି ଦରଖାସ୍ତ ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ତହସିଲ କାର୍ଯ୍ୟାଳୟର ସେକ୍ସନ ଅଫିସର ଶ୍ରୀନିବାସ ଧଳସାମନ୍ତ, ବରିଷ୍ଠ ରାଜସ୍ୱ ସହାୟକ ପ୍ରଭାତ କୁମାର ସ୍ୱାଇଁ, ଶୈଳେନ୍ଦୁ ଶେଖର ନାୟକ, କିଶୋର କୁମାର ଦଳେଇ,କନିଷ୍ଠ ରାଜସ୍ୱ ସହାୟକ ଅଶୋକ କୁମାର ସ୍ୱାଇଁ, ଅରୁଣ ସାହୁ ,ମଧୁସ୍ମିତା ପ୍ରଧାନ, ପଦ୍ମିନୀ ଗୁରୁ ,ରଶ୍ମିତା ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ଘର ସାମ୍ନାରୁ ୧୪ ଚକିଆ ଟ୍ରକ୍ ଚୋରି

ଖୁଣ୍ଟୁଣୀ, ୮।୮(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନା ଅଧୀନ ଭୋଗରା ଗ୍ରାମର ସଞ୍ଜୟ କୁମାର ସାହୁଙ୍କ ଏକ ୧୪ ଚକିଆ ଟ୍ରକ୍ ଘର ସମ୍ମୁଖରେ କେହି ଚୋରି କରି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭଯୋଗ ପାଇ ଖୁଣ୍ଟୁଣୀ ଥାନା ଅଧିକାରୀ ରଞ୍ଜନ କୁମାର ପ୍ରଧାନ ଏକ ମାମଲା ରୁଜୁ କରି ବିଭିନ୍ନ ସ୍ଥାନରେ ତଦନ୍ତ ଜାରି ରଖିଥିବା କହିଛନ୍ତି। ସଞ୍ଜୟଙ୍କ ୧୪ ଚକିଆ ଟ୍ରକ୍ (ନଂ.ଓଡି୦୫ ଏଡବ୍ଲ୍ୟୁ-୨୪୨୩) ତାଙ୍କ ଘର ସାମ୍ନା ଖୁଣ୍ଟୁଣୀ-ନରସିଂହପୁର ୬୫ ନମ୍ବର ରାଜ୍ୟ ରାଜପଥରେ ପ୍ରାୟ ଦେଢ଼ ମାସ ହେଲା ଠିଆ ହୋଇଥିଲା। ପୋଲିସ ପାଟ୍ରୋଲିଂ ରାତି ତମାମ ଚାଲିଥିଲେ ମଧ୍ୟ କେହି ଏହି ଟ୍ରକକୁ ନଜରରେ ରଖି ସୁବିଧା ଦେଖି ଭୋର ସମୟରେ ଚୋରି କରିଥିବା କୁହାଯାଉଛି।ଏବେ କିଛି ବର୍ଷ ହେବ ଖୁଣ୍ଟୁଣୀ ଥାନା ଅଞ୍ଚଳରୁ ଟ୍ରକ ଚୋରି ପ୍ରାୟତଃ ବନ୍ଦ ହୋଇଯାଇଥିବା ବେଳେ ଏଭଳି ଚୋରି ସାଧାରଣ ଟ୍ରକ ମାଲିକମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଟ୍ରକ୍‌କୁ ଖୋଜିବା ଉଦ୍ୟମ ଜାରି ରହିଛି ବୋଲି ଆଇଆଇସି ପ୍ରଧାନ କହିଛନ୍ତି।

## ଯୁବ ସଂଗଠକଙ୍କ ପରଲୋକ

ସାଲେପୁର,୮।୮(ଅରବିନ୍ଦ ଭୂୟାଁ)

ସାଲେପୁର ଛାଣିପୁର ଗ୍ରାମର ଯୁବ ସଂଗଠକ ସୂର୍ଯ୍ୟସାରଥି ଦାସଙ୍କ ପରଲୋକ ଘଟିଛି। ତାଙ୍କ ଅକାଳ ବିୟୋଗରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



ତାଙ୍କ ବିୟୋଗରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା , ଯୁବ ବିଜେଡି ସଭାପତି ସଞ୍ଜିତ ଦାଶ, ସରପଞ୍ଚ ପ୍ରତିନିଧି ଜୟଦେବ ଷଡ଼ଙ୍ଗୀ, ସମିତି ସଭ୍ୟ ମନୋଜ ସେଠୀ, ସବ୍ୟସାଚୀ ଦାସ, ସିଲୁ ପଟ୍ଟନାୟକ, ଶିବନାରାୟଣ ସାମଲ,ଖବରଦାତା ଦୀପକ କୁମାର ଦାଶ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

## କଣ୍ଠଶିଳ୍ପୀ ପ୍ରଭା ପଟ୍ଟନାୟକଙ୍କ ପରଲୋକ

କଟକ,୮।୮(କାର୍ତ୍ତିକ ସାହୁ)

କଣ୍ଠଶିଳ୍ପୀ, ସାରସ୍ୱତ ସ୍ରଷ୍ଟା ତଥା ସାମାଜିକ ସଂଗଠିକା ପ୍ରଭା ପଟ୍ଟନାୟକ(୭୮)ଙ୍କ ଶୁକ୍ରବାର ସକାଳେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ ସ୍ଥାନୀୟ ଏକ ଘରୋଇ ମେଡିକାଲରେ ଚିକିତ୍ସାଧୀନ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ଝିଅ ଆଇନଜୀବୀ ଶାଶ୍ୱତା ପଟ୍ଟନାୟକ, ଜ୍ୱାଇଁ ଶୁଭେନ୍ଦୁ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ସେ ହାଇକୋର୍ଟ ପୂର୍ବତନ ବିଚାରପତି ଦେବେନ୍ଦ୍ର ମୋହନ ପଟ୍ଟନାୟକଙ୍କ ସ୍ତ୍ରୀ। ତାଙ୍କ ପରଲୋକ ଖବର ପାଇ ହାଇକୋର୍ଟ ବିଚାରପତି, ଆଇନଜୀବୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ସିଡିଏ ସେକ୍ଟର-୬ସ୍ଥିତ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଛନ୍ତି। ସେ ୧୯୪୭ ନଭେମ୍ବର ୨୭ରେ ମାତା କୁନ୍ତଳା କୁମାରୀ ମହାପାତ୍ର ଓ ପିତା ପଦ୍ମଚରଣ ମହାପାତ୍ରଙ୍କ କୋଳମଣ୍ଡନ କରିଥିଲେ। ତାଙ୍କର ୮ଜଣ ଭଉଣୀଭାଇଙ୍କ ମଧ୍ୟରୁ ସେ ଥିଲେ ଜ୍ୟେଷ୍ଠ। କଟକସ୍ଥିତ ସେକେଣ୍ଡାରି ବୋର୍ଡ ହାଇସ୍କୁଲର ସେ ପ୍ରଥମ ବ୍ୟାଚ୍ ମାଟ୍ରିକ ଛାତ୍ରୀ। ସେ ଜଣେ ଶାସ୍ତ୍ରୀୟ ସଙ୍ଗୀତଶିଳ୍ପୀ ଭାବେ ଖ୍ୟାତି ଅର୍ଜନ କରିଥିଲେ। ଏଥିସହ ସେ ଜଣେ କବୟିତ୍ରୀ, ଲେଖିକା ଭାବେ ବହୁ ପୁସ୍ତକରେ ନିଜ ସାରସ୍ୱତ ସୃଷ୍ଟିର ଆଲେଖ୍ୟ ଛାଡ଼ିଯାଇଛନ୍ତି। ସେ ଜଣେ ଉଚ୍ଚକୋଟୀର ସଂଗଠିକା ଭାବେ ବହୁ ସାରସ୍ୱତ, କଳା ଓ ସାମାଜିକ ସଂଗଠନ ସହ ଜଡ଼ିତ ଥିଲେ। ଓଡ଼ିଶା ଲେଖିକା ସଂସଦର କାର୍ଯ୍ୟକାରୀ ସଭାପତି ଓ ଇଣ୍ଟରନ୍ୟାଶନାଲ ଥିଏଟର ଫେଷ୍ଟିଭାଲର ଉପସଭାପତି ଭାବେ କାର୍ଯ୍ୟରତ ଥିଲେ। ଜଣେ ବହୁମୁଖୀ କର୍ମୀ ଭାବେ ଶିଶୁ ଶ୍ରମିକଙ୍କ ଉଦ୍ଧାର କରି ଉପଯୁକ୍ତ ସ୍ୱାସ୍ଥ୍ୟ ଓ ଶିକ୍ଷା ପ୍ରଦାନ ପାଇଁ କାର୍ଯ୍ୟ କରିଯାଇଛନ୍ତି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ନାତି ଡ. ପ୍ରତୀକ ଦାସ ମୁଖାଗ୍ନି ଦେଇଥିଲେ।

# ନିର୍ମାଣ ହେବନାହିଁ ବିକୃତ ମୂର୍ତ୍ତି

କଟକ,୮।୮(କାର୍ତ୍ତିକ ସାହୁ)



ଗଣେଶ ପୂଜାକୁ ନେଇ ସିଏମ୍‌ସି କାଉନସିଲ ବୈଠକରେ ଉପସ୍ଥିତ ମେୟରଙ୍କ ସହ ଅନ୍ୟମାନେ।

**ସିଏମ୍‌ସିର ଗଣେଶ ପୂଜା ପ୍ରସ୍ତୁତି**

କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ଗଣେଶ ପୂଜା ପ୍ରସ୍ତୁତି ବୈଠକ ଶୁକ୍ରବାର ଅପରାହ୍ନରେ ସିଏମ୍‌ସି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ମେୟର ସୁବାସ ସିଂହଙ୍କ ଅଧ୍ୟକ୍ଷତାରେ ଚଳିତବର୍ଷ ଗଣେଶ ପୂଜା ଶାନ୍ତିଶୃଙ୍ଖଳାରେ ସମ୍ପନ୍ନ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସହରର ରାସ୍ତାଘାଟ ମରାମତି, ଆଲୋକୀକରଣ, ପରିମଳ ସଫେଇ ବିଷୟରେ ଆଲୋଚନା ହୋଇଥିଲା। ସମସ୍ତ ଆୟୋଜକ କମିଟି ଶବ୍ଦ ପ୍ରଦୂଷଣ ପ୍ରତି ସଚେତନ ରହିବା ସହ ଡିଜେ ସାଉଣ୍ଡକୁ ୬୫ ଡେସିବେଲରୁ କମ୍ ରଖିବା, ରାତି ୧୦ଟା ପରେ ଡିଜେ, ମାଇକ, ମେଲୋଡି କାର୍ଯ୍ୟକ୍ରମ ବନ୍ଦ କରିବା ପାଇଁ ଅନୁରୋଧ କରାଯାଇଥିଲା। ପ୍ରଭୁ ଗଣେଶଙ୍କ ବିକୃତ ମୂର୍ତ୍ତି ନିର୍ମାଣ ନ କରିବା ପ୍ରତି ଧ୍ୟାନ ଦେବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଭସାଣି ମେଢ଼ ଯିବା ବାଟରେ ଇଣ୍ଟରନେଟ ଓ ଟିଭି କେବୁଲ ତାର ପ୍ରତିବନ୍ଧକ ସୃଷ୍ଟି କରୁଥିବାରୁ ସେଗୁଡ଼ିକୁ ଯଥା ସମୟରେ ଅପସାରଣ କରିବା ପାଇଁ ନିର୍ଦ୍ଦେଶ ଦେବାକୁ ସମସ୍ତ ପୂଜା କମିଟିର ସଭ୍ୟାସଭ୍ୟମାନେ ମେୟରଙ୍କୁ ଅନୁରୋଧ କରିଥିଲେ। ମେୟର ସିଂହ ମଧ୍ୟ ଇଣ୍ଟରନେଟ ଓ ଟିଭି କେବୁଲ ତାର ପ୍ରତିବନ୍ଧକର ଅବସ୍ଥାକୁ ଦୃଷ୍ଟିଦେଇ ସମ୍ପୃକ୍ତ ବିଭାଗକୁ ତୁରନ୍ତ ଅପସାରଣ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। କଟକ ମହାନଗର ପୂଜା କମିଟି ସମ୍ପାଦକ ପ୍ରଭାତ ତ୍ରିପାଠୀ, ସିଏମ୍‌ସି କମିଶନର କିରଣଦୀପ କୌର ସହୋତା, ଡେପୁଟି ମେୟର ଦମୟନ୍ତୀ ମାଝୀ, ଏଡିସିପି ଅମରେଶ ପଣ୍ଡା, କଟକ ଶାନ୍ତି କମିଟି ସଭାପତି ଦେବେନ୍ଦ୍ରନାଥ ସାହୁ, ସାଧାରଣ ସମ୍ପାଦକ ଭିକାରି ଦାସ, ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ କୁମାର ସାହୁ, ପୂର୍ବାଞ୍ଚଳ ଶାନ୍ତି କମିଟି ସମ୍ପାଦକ ପ୍ରଫୁଲ୍ଲ ସାହୁ, କଟକ ଶାନ୍ତି କମିଟି କୋଷାଧ୍ୟକ୍ଷ ନରେଶ ଚନ୍ଦ୍ର ସାହୁ, ଶାନ୍ତି କମିଟି କର୍ମକର୍ତ୍ତା ଧର୍ମେଶ ନାୟକ, ପ୍ରଦୀପ ସିହ୍ନା, ନୃସିଂହ ଚୌଧୁରୀ, ଦେବାଶିଷ ରାୟ, ଦେବେନ୍ଦ୍ର କାହାଳି, ଦ୍ୱିପାୟନ ପଟ୍ଟନାୟକ, ରବୀନ୍ଦ୍ର ବେହେରା, ମୀନକେତନ ଦାସ, ବିଦ୍ୟାଧରପୁର କମିଟି ସମ୍ପାଦକ ସୁନୀଲ ପଣ୍ଡା, ଉପଦେଷ୍ଟା ଜ୍ୟୋତି ଘୋଷ, ଅତିରିକ୍ତ ଆୟୁକ୍ତ ସୋନା ଟୁଡ୍ଡୁ, ଉପଆୟୁକ୍ତ ଶତୋ ସ୍ନିଗ୍ଧା, ସିଟି ଇଂଜିନିୟର ଅତନୁ ସାମନ୍ତ, ସହକାରୀ ଆୟୁକ୍ତ ତ୍ରିନାଥ ବେହେରାଙ୍କ ସମେତ ସିଏମ୍‌ସିର ସମସ୍ତ ଅଧିକାରୀ ଓ କର୍ମଚାରୀ, ୱାଟକୋ, ବିଦ୍ୟୁତ୍ ବିଭାଗ, ଜାଇକାର ସମସ୍ତ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲାପାଳଙ୍କ ଅଚାନକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

କଟକ ସଦର,୮।୮(ସୁଶାନ୍ତ କୁମାର ଜେନା)

କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଗୁରୁବାର ସକାଳେ ଅଚାନକ କଟକ ସଦର ବ୍ଲକ ଅନ୍ତର୍ଗତ ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନରେ ଆସିଥିଲେ। ନୂତନ କୋଠାଘର ଶୀଘ୍ର ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର, ରୋଗୀଙ୍କୁ ରନ୍ଧାଖାଦ୍ୟ ଯୋଗାଇବା ପାଇଁ ନିର୍ମିତ ମିଶନ ଶକ୍ତି କାଫେର ବ୍ୟବହାର କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କୋଠରି ସମ୍ମୁଖରେ ନାମ ଫଳକ ସ୍ପଷ୍ଟ ଭାବେ ଲେଖିବା, ୨ଟି ଔଷଧ ବିତରଣ କାଉଣ୍ଟର ଖୋଲିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ପରିମଳ ବ୍ୟବସ୍ଥାକୁ ଠିକ ରଖିବା ପାଇଁ ସେ ପରାମର୍ଶ ଦେଇଥିଲେ। ବୁଧବାର କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ମଧ୍ୟ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରର କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରିଥିଲେ। ବୈଠକରେ ରୋଗୀ କଲ୍ୟାଣୀ ସମିତି ବୈଠକର ସୂଚନା ନ ପାଇ କଟକ ସଦର ବ୍ଲକ ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ ଯୋଗଦେଇ ନ ଥିଲେ। ହେଲେ ଯେଉଁ ବିଷୟରେ ଆଲୋଚନା କରିବାର ଥିଲା ସେ ସମ୍ପର୍କରେ ରାଉତ ସୂଚନା ଦେବା ସମ୍ପର୍କିତ ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ ଗୁରୁବାର ସକାଳେ ସରଜମିନ ତଦନ୍ତ ପାଇଁ ଜିଲାପାଳ ଅଚାନକ ବେଣ୍ଟକାରରେ ପହଞ୍ଚିଥିଲେ। ଜିଲାସ୍ତରୀୟ ଅଧିକାରୀମାନେ ଗସ୍ତ ସମ୍ପର୍କରେ ଅବଗତ ଥିଲେ ସୁଦ୍ଧା ସ୍ୱାସ୍ଥ୍ୟକେନ୍ଦ୍ରର ଷ୍ଟାଫମାନେ ଜାଣି ନ ଥିଲେ। ଏହି ଗସ୍ତ ବେଳେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡାକ୍ତର ପ୍ରଶାନ୍ତ କୁମାର ସାମଲ ଉପସ୍ଥିତ ଥିଲେ। ଉକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗ୍ରାମ୍ୟ ଜଙ୍ଗଲ ଓ ଗୋଚର କିସମ ଜମି ଉପରେ ଅବସ୍ଥିତ ଅଟେ। ତେଣୁ ଏହି ଜମିକୁ ସ୍ୱାସ୍ଥ୍ୟ ବିଭାଗ ନାମରେ ପଟ୍ଟା କରିବା ପାଇଁ ଜିଲାପାଳଙ୍କୁ ଗଣମାଧ୍ୟମରେ ପ୍ରତିନିଧିମାନେ ପ୍ରଶ୍ନ କରିବାରୁ ତାର ଉତ୍ତର ଦେଇ ନ ଥିଲେ।

## ହାଇକୋର୍ଟରେ ସ୍ୱାଗତ ସମ୍ବର୍ଦ୍ଧନା



ବାର୍ ଆସୋସିଏଶନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମୁଖ୍ୟ ବିଚାରପତିଙ୍କ ସହ ଅନ୍ୟମାନେ।

କଟକ,୮।୮(କାର୍ତ୍ତିକ ସାହୁ)

ହାଇକୋର୍ଟ ବାର୍ ଆସୋସିଏଶନ ପକ୍ଷରୁ ବାର୍ ଆସୋସିଏଶନ ସମ୍ମିଳନୀ କକ୍ଷରେ ଏକ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ବିଚାରପତି ହରିଶ ଟଣ୍ଡନ, ବିଚାରପତି ମାନସ ରଞ୍ଜନ ପାଠକ, ବିଚାରପତି ଦିକ୍ଷୀତ କ୍ରିଷ୍ଣା ଶ୍ରୀପଦ, ଆଡ୍‌ଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟଙ୍କୁ ବାର୍ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ବରିଷ୍ଠ ଆଇନଜୀବୀ ବିଜୟକୃଷ୍ଣ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆସୋସିଏଶନ ସଭାପତି ମନୋଜ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସଭାପତି ସିଦ୍ଧାର୍ଥ ଦାସ, ସହକାରୀ ସମ୍ପାଦକ (ପାଠାଗାର) ସପନ କୁମାର ପାଲଙ୍କ ସମେତ ବାର୍ର ସମସ୍ତ କର୍ମକର୍ତ୍ତା ଓ ଆଇନଜୀବୀଗଣ ଯୋଗ ଦେଇଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ସେଣ୍ଟ ଜାଭିୟର୍ସ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଜବାହରଲାଲ ନେହରୁ ଇନ୍‌ଡୋର ଷ୍ଟାଡିୟମଠାରେ ସିବିଏସ୍‌ଇ ବାସ୍କେଟ ବଲ୍ ଟୁର୍ନାମେଣ୍ଟ କ୍ଲଷ୍ଟର-୨ ପ୍ରତିଯୋଗିତାର ଶୁକ୍ରବାର ଉଦ୍‌ଯାପନୀରେ ଚାମ୍ପିୟନ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ଖେଳାଳିଙ୍କ ସହ ଅତିଥିମାନେ। (ଫଟୋ: ରାଜକିଶୋର ମହାନ୍ତି)

## ୩ ମାସରେ କଳିଙ୍ଗନଗର ଶ୍ରମିକ ସଂଘ ନିର୍ବାଚନ ଶେଷ କର: ହାଇକୋର୍ଟ

କଟକ,୮।୮(କାର୍ତ୍ତିକ ସାହୁ)

ଯାଜପୁରସ୍ଥିତ କଳିଙ୍ଗନଗର ଶ୍ରମିକ ସଂଘର ସଦସ୍ୟ ନିର୍ବାଚନକୁ ନେଇ ହାଇକୋର୍ଟରେ ରୁଜୁ ମାମଲାର ଶୁଣାଣି ଶୁକ୍ରବାର ହୋଇଛି। ହାଇକୋର୍ଟ ବିଚାରପତି କେ.ଆର. ମହାପାତ୍ର ଏବଂ ବିଚାରପତି ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି କଳିଙ୍ଗନଗର ଶ୍ରମିକ ସଂଘ ନିର୍ବାଚନ ୩ ମାସ ମଧ୍ୟରେ ଶେଷ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରମିକ ସଂଘ ୧୫ ଦିନ ମଧ୍ୟରେ ଭୁବନେଶ୍ୱର ଶ୍ରମ ଆୟୁକ୍ତଙ୍କ ନିକଟରେ ନୂଆ ଆବେଦନ ଦାଖଲ କରିବ। ସେହି ଆବେଦନ ଉପରେ ନିୟମାନୁସାରେ ପ୍ରକ୍ରିୟା ଆରମ୍ଭ ହୋଇ ୩ ମାସ ମଧ୍ୟରେ ନିର୍ବାଚନ ଶେଷ କରାଯିବ। ଏହି ପ୍ରକ୍ରିୟାରେ ଉଭୟ ଶ୍ରମିକ ସଂଘ ଓ ପ୍ରଶାସନ ସହଯୋଗ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁସାରେ, କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଇସ୍ପାତ ଉତ୍ପାଦନ ୟୁନିଟ ଭାବେ ନୀଳାଚଳ ଇସ୍ପାତ ନିଗମ କାର୍ଯ୍ୟ କରୁଥିଲା। ୨୦୨୨ରେ ଉକ୍ତ ନିଗମର କ୍ଷତି ହେବାରୁ ସରକାର ଏହାକୁ ଏକ ଘରୋଇ ସଂସ୍ଥା ଟାଟା ଲଙ୍ଗ ପ୍ରଡକ୍ଟକୁ ବିକ୍ରି କରି ଏହି ଘରୋଇ ସଂସ୍ଥାର ବିଭିନ୍ନ କଟକଣା ପରେ ଶ୍ରମିକମାନଙ୍କ କର୍ମକର୍ତ୍ତା ନିର୍ବାଚନରେ ସମସ୍ୟା ଉପୁଜିଥିଲା। ପୁରୁଣା ଶ୍ରମିକ ସଂଘ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଫଳରେ ଶ୍ରମିକ ସଂଘ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଶ୍ରମିକ ସଂଘ ପକ୍ଷରୁ ଆଇନଜୀବୀ ଅଜୟ କୁମାର ମହାରଣା ମାମଲା ପରିଚାଳନା ଓ ଆଇନଜୀବୀ ପରମିତ କୁମାର ଦାସ ସହଯୋଗ କରିଥିଲେ।

## ବ୍ୟବଚ୍ଛେଦ ରିପୋର୍ଟରେ ତ୍ରୁଟି

କଟକ,୮।୮(ଶିଲ୍ପା ପ୍ରିୟଦର୍ଶିନୀ)

**ସରକାରୀ ସହାୟତାରୁ ବଞ୍ଚିତ ପରିବାର ଲୋକେ**

ଏସ୍‌ସିବି ମେଡିକାଲରେ ବ୍ୟବଚ୍ଛେଦ ରିପୋର୍ଟକୁ ଗୁରୁତର ଭାବେ ନିଆଯାଉ ନାହିଁ। ଗତବର୍ଷ ମେ’ ରେ ମୃତ୍ୟୁବରଣ କରିଥିବା ଜଣେ ଯୁବକଙ୍କ ବ୍ୟବଚ୍ଛେଦ ରିପୋର୍ଟରେ ମାର୍ଚ୍ଚ ମାସ ଦର୍ଶାଯାଇଛି। ଏହି ତ୍ରୁଟିପୂର୍ଣ୍ଣ ରିପୋର୍ଟ ପାଇଁ ଯୁବକଙ୍କ ପରିବାର ଲୋକେ ହିନସ୍ତା ହେଉଛନ୍ତି। ଏପରିକି ସରକାରୀ ସହାୟତାରୁ ବଞ୍ଚିତ ରହିଛନ୍ତି ପରିବାର ଲୋକେ। ଏଭଳି ଘଟଣା ଶୁକ୍ରବାର ସାମ୍ନାକୁ ଆସିଛି। ଏପରିକି ରିପୋର୍ଟରେ ସଂଶୋଧନ ପାଇଁ ଏସ୍‌ସିବି କର୍ତ୍ତୃପକ୍ଷଙ୍କଠାରୁ ଆରମ୍ଭ କରି ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ଜିଲାପାଳଙ୍କ କାର୍ଯ୍ୟାଳୟ ଦୌଡି ନୟାନ୍ତ ହୋଇଛନ୍ତି ପରିବାର ଲୋକେ।

ସୂଚନା ଅନୁଯାୟୀ, ମଧୁପାଟଣା ଥାନା ଅଞ୍ଚଳର ବିଚିତ୍ର ଦାସ ୨୦୨୪ ମେ’ ୭ରେ ମୃତ୍ୟୁ ବରଣ କରିଥିଲେ। ବିଚିତ୍ର ନଦୀରେ ଗାଧାଉଥିବା ବେଳେ ପାଣିରେ ବୁଡ଼ି ଯାଇଥିଲେ। ପୁଅର ମୃତ୍ୟୁ ପରେ ମା’ ମିନି ଦାସ ଅସହାୟ ହୋଇପଡିଥିଲେ। ଅସହାୟ ମା’ଙ୍କୁ ସରକାରୀ ସୂତ୍ରରେ ଆର୍ଥିକ ସହାୟତାର ମିଳିବାର ନିୟମ ରହିଛି। ହେଲେ ସେ ଏହି ସହାୟତା ରାଶି ପାଇବାରୁ ବଞ୍ଚିତ ହୋଇଛନ୍ତି। ମିନିଙ୍କ ଅଭିଯୋଗ ମୁତାବକ, ବିଚିତ୍ରଙ୍କ ଏସ୍‌ସିବି ମେଡିକାଲରେ ବ୍ୟବଚ୍ଛେଦ ହୋଇଥିଲା। ମୃତ୍ୟୁର କିଛି ଦିନ ପରେ ଏଫ୍‌ଏମ୍‌ଟି ବିଭାଗ ପକ୍ଷରୁ ବ୍ୟବଚ୍ଛେଦ ରିପୋର୍ଟ ପ୍ରଦାନ କରାଯାଇଥିଲା। ବ୍ୟବଚ୍ଛେଦ ରିପୋର୍ଟରେ ଯୁବକଙ୍କ ମୃତ୍ୟୁ ମାର୍ଚ୍ଚ ୮ରେ ହୋଇଥିବା ଦର୍ଶାଯାଇଥିଲା। ବ୍ୟବଚ୍ଛେଦ ରିପୋର୍ଟରେ ତ୍ରୁଟି ଥିବାରୁ ବୃଦ୍ଧା ମା’ଙ୍କୁ ସରକାରୀ ସହାୟତା ମିଳିପାରି ନାହିଁ। ରିପୋର୍ଟକୁ ସଂଶୋଧନ କରିବା ଲାଗି ସେ ବିଭାଗକୁ ବହୁବାର ଦୌଡି ନିରାଶ ହୋଇଛନ୍ତି। ପରେ ସେ ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ, ମୁଖ୍ୟ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଏବଂ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଏପରିକି ରିପୋର୍ଟରେ ଜିଲାର ନାମରେ ମଧ୍ୟ ଭୁଲ ଦର୍ଶାଯାଇଛି। କଟକ ବଦଳରେ ଖୋର୍ଦ୍ଧା ଉଲ୍ଲେଖ ରହିଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ବିଭିନ୍ନ କ୍ଷେତ୍ରରେ ଗୁରୁତ୍ୱ ବହନ କରେ। ଅପମୃତ୍ୟୁ ତଥା କୌଣସି ପ୍ରକାର ଆକସ୍ମିକ ମୃତ୍ୟୁ ଘଟିଲେ ବ୍ୟବଚ୍ଛେଦ ରିପୋର୍ଟ ଆବଶ୍ୟକ ପଡେ। ଏଥିରୁ ହିଁ ମୃତ୍ୟୁର ପ୍ରକୃତ କାରଣ ଜଣାପଡିଥାଏ। ଯାହାଦ୍ୱାରା ମୃତ ବ୍ୟକ୍ତିର ପରିବାର ଲୋକେ ବିଭିନ୍ନ ସରକାରୀ ବ୍ୟବସ୍ଥାରେ ଉପକୃତ ହୁଅନ୍ତି। ହେଲେ ଏସ୍‌ସିବି ଭଳି ମେଡିକାଲ ଏଭଳି ସାଙ୍ଘାତିକ ତ୍ରୁଟିକୁ ପରିବାର ଲୋକ ସହଜରେ ଗ୍ରହଣ କରି ପାରି ନାହାନ୍ତି। ଏ ସମ୍ପର୍କରେ ମେଡିକାଲ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

## ପଦ୍ମିନୀ କେୟାର ହସ୍ପିଟାଲର ବାର୍ଷିକ ଉତ୍ସବ



ପଦ୍ମିନୀ କେୟାର ହସ୍ପିଟାଲର ଚତୁର୍ଥ ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ।

କଟକ,୮।୮(କାର୍ତ୍ତିକ ସାହୁ)

ଟାଙ୍ଗୀସ୍ଥିତ ପଦ୍ମିନୀ କେୟାର ହସ୍ପିଟାଲର ଚତୁର୍ଥ ବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଓ ସହ ଅଧ୍ୟକ୍ଷ ଇଂ ଦୁର୍ଗା ପ୍ରସାଦ ରଥ ଆଭାସି ମାଧ୍ୟମରେ ଯୋଗଦେଇ ଗ୍ରାମାଞ୍ଚଳରେ ସ୍ଥାପିତ ଏହି ମଲ୍‌ଟି ସ୍ପେସିଆଲିଟି ହସ୍ପିଟାଲ ଲୋକଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ସହିତ ଡାକ୍ତରୀ ଓ ନର୍ସିଂ ଛାତ୍ରୀଛାତ୍ରଙ୍କୁ ଚିକିତ୍ସା ସମ୍ବନ୍ଧୀୟ ବାସ୍ତବ ଜ୍ଞାନ ଆହରଣର ସୁଯୋଗ ଦେଇଛି ବୋଲି କହିଥିଲେ। ସମ୍ମାନିତ ଅତିଥି ବିଶ୍ୱବିଦ୍ୟାଳୟ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ଡ୍ରିମ୍‌ସ ମେଡିକାଲ କଲେଜର ଡିନ୍ ପ୍ରଫେସର ଡା. ବିରଞ୍ଚି ନାରାୟଣ ମହାପାତ୍ର ବକ୍ତବ୍ୟରେ ମାତ୍ର ୪ବର୍ଷ ମଧ୍ୟରେ ପଦ୍ମିନୀ କେୟାର ଲୋକଙ୍କ ଆଶା, ଭରସାର କେନ୍ଦ୍ର ପାଲଟିଛି ବୋଲି କହିଥିଲେ। ପ୍ରାରମ୍ଭରେ ଧନେଶ୍ୱର ରଥ ଓ ପଦ୍ମିନୀ ରଥଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ ସହ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ନିର୍ଦ୍ଦେଶିକା ଗାୟତ୍ରୀ ଦାଶ, ପ୍ରଫେସର ଡା. ମନ୍ମଥ କୁମାର ମଣ୍ଡଳ, ଡା. ବୁଲୁ ମହାନ୍ତି, ଡା. ପଞ୍ଚାନନ ପାଣିଗ୍ରାହୀ, ଡା. ନବୀନ କୁମାର ମେଡି, ଡା. ଅରବିନ୍ଦ ସାମନ୍ତରାୟଙ୍କ ସମେତ ବିଭିନ୍ନ ବିଭାଗର ଡାକ୍ତର ଓ କର୍ମଚାରୀ ଯୋଗଦେଇଥିଲେ। ଚିନ୍ମୟୀ ମହାନ୍ତି, ଦେବାଶିଷ ସ୍ୱାଇଁ, ଶିବରାମ ସୁର୍, ସାରଦା ପଣ୍ଡା, ଶୁଭେନ୍ଦୁ ସିଂ, ଦୀପକ ପୃଷ୍ଟି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆତ୍ମା କମିଟି ସଭାପତି ନିର୍ବାଚନ: ଭାଜପା ସମର୍ଥିତ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

ସାଲେପୁର,୮।୮(ଅରବିନ୍ଦ ଭୂୟାଁ)

**ବିଜେଡି ପ୍ରତିନିଧି ଓ ପୂର୍ବତନ ଆତ୍ମା କମିଟି ସଭାପତିଙ୍କ ଧାରଣା**

ସାଲେପୁର ବ୍ଲକ ଆତ୍ମା କମିଟିର ସଭାପତି ନିର୍ବାଚନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ ଭାଜପା ସମର୍ଥିତ ପ୍ରାର୍ଥୀ ରମେଶ ଚନ୍ଦ୍ର ନାୟକ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଅପରପକ୍ଷେ କମିଟି ଚୟନରେ ଅନିୟମିତତା ହେଉଥିବା ଅଭିଯୋଗ କରି ବ୍ଲକ କୃଷି କାର୍ଯ୍ୟାଳୟ ବାହାରେ ପୂର୍ବତନ ଆତ୍ମା କମିଟି ସଭାପତି, ସଦସ୍ୟ ଏବଂ ବିଜେଡି ଜନ ପ୍ରତିନିଧିମାନେ ଧାରଣାରେ ବସିଥିଲେ। ଏନେଇ ଆଗାମୀ ଦିନରେ ମଧ୍ୟ ଧାରଣା ଜାରି ରହିବ ବୋଲି ପୂର୍ବତନ ଆତ୍ମା ସଭାପତି ଦିଲୀପ ଦାଶ ଓ ପ୍ରତିନିଧି ମଣ୍ଡଳୀ କହିଛନ୍ତି। ଏଥିସହ ସାଲେପୁର ତହସିଲଦାର ଜୟନ୍ତ କୁମାର ଜୟସିଂଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ପରିସ୍ଥିତିକୁ ଦୃଷ୍ଟିରେ ରଖି କଟକ ଜିଲା ପୋଲିସ ପକ୍ଷରୁ ସାଲେପୁର କୃଷି ବିଭାଗ କାର୍ଯ୍ୟାଳୟ ସମେତ ସାଲେପୁର ବଜାର ଅଞ୍ଚଳରେ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। କୃଷି କାର୍ଯ୍ୟାଳୟ ସମ୍ମୁଖରେ ପୋଲିସ ବ୍ୟାରିକେଡ ବ୍ୟବସ୍ଥା କରିଥିବା ବେଳେ ସାଲେପୁରର ବିଭିନ୍ନ ସ୍ଥାନରେ ଫୋର୍ସ ମୁତୟନ କରାଯାଇଥିଲା। ସଭାପତି ଭାବେ ନାୟକଙ୍କ ନାମ ଘୋଷଣା ହେବା ପରେ ସାଲେପୁରର କୃଷି ଓ କୃଷକମାନଙ୍କ କଲ୍ୟାଣ ନିମନ୍ତେ କାର୍ଯ୍ୟ କରିବେ ବୋଲି ପ୍ରକାଶ କରିଛନ୍ତି। ନିର୍ବାଚନ ଶେଷ ହେବା ପରେ କୃଷି କାର୍ଯ୍ୟାଳୟ ସମ୍ମୁଖରେ ନାୟକ ଓ ସଦସ୍ୟମାନଙ୍କୁ ସାଲେପୁର ଭାଜପା ବିଧାୟକ ପ୍ରାର୍ଥୀ ଅରିନ୍ଦମ ରାୟ ଓ ମଧ୍ୟଗଛ ପଞ୍ଚାୟତ ସଭାପତି ପ୍ରଭାତ ସ୍ୱାଇଁ ସ୍ୱାଗତ କରିଛନ୍ତି। ଏହି ନିର୍ବାଚନକୁ ନେଇ ସାଲେପୁରରେ ରାଜନୀତି ସରଗରମ ହୋଇଥିବା ଦେଖିବାକୁ ମିଳିଥିଲା।

**ଯୁବକଙ୍କ ବେକରୁ ଦୁର୍ବୃତ୍ତ ସୁନାଚେନ ଝାମ୍ପି ନେବା ଘଟଣା**

## ୩ ହାର୍ଡକୋର ଅଭିଯୁକ୍ତ ଗିରଫ





ଗିରଫ ୩ ଅଭିଯୁକ୍ତ, ଜବତ ଜୀବନ୍ତଗୁଳି, ବନ୍ଧୁକ ଏବଂ ଅନ୍ୟ ସାମଗ୍ରୀ।

ଚୌଦ୍ୱାର/ମଙ୍ଗୁଳି-ଜଗତପୁର,୮।୮ (ଆଶୁତୋଷ ଦାସ/ମାନସ ସାମଲ)

**୩ଜଣଙ୍କ ନାମରେ ବିଭିନ୍ନ ଥାନାରେ ରହିଛି ୫୬ ମାମଲା**

ଯୁବକଙ୍କ ବେକରୁ ସୁନା ଚେନ ଝାମ୍ପି ନେବା ଘଟଣାରେ ୩ ହାର୍ଡକର ଅପରାଧୀଙ୍କୁ ଚୌଦ୍ୱାର ପୋଲିସ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଖୋର୍ଦ୍ଧା ଜିଲା ଖଣ୍ଡଗିରି ଥାନା ଅଧୀନ ଶାନ୍ତିନଗର ବସ୍ତିର ରବି ରାଓ ଓରଫ ରବି (୩୫), ଶେଖ ଅମିନ (୨୬), ରାଜିଲା ସ୍ୱାମୀ (୩୦)। ପୋଲିସ ସେମାନଙ୍କ ନିକଟରୁ ଗୋଟିଏ ଲେଖାଏଁ ବାଇକ୍, ୭.୬୫ ଏମ୍‌ଏମ୍ ବନ୍ଧୁକ, ୫ଟି ଜୀବନ୍ତ ଗୁଳି, କଟୁରୀ, ରଡ ସହ ମୋବାଇଲ ଜବତ କରିଛି। ପୋଲିସ ସୂଚନା ମୁତାବକ, ଚୌଦ୍ୱାର ଥାନା ଟିପିଏମ୍ ଫାଣ୍ଡି ଅଧୀନ ଧୁମାବତୀ ଧବଳେଶର ରାସ୍ତା ଚଷାପଡା ଗ୍ରାମ ନିକଟ ଜେନିପୁରଠାରେ ଚିତ୍ରେଶ୍ୱର ଗ୍ରାମର ନରେନ୍ଦ୍ର ବେଉରା ଓ ତାଙ୍କ ସାଙ୍ଗ ବିଷ୍ଣୁ ଚରଣ ରାଉତଙ୍କ ସହ ପ୍ରାତଃଭ୍ରମଣରେ ଯାଉଥିବା ବେଳେ ୩ଜଣ ଦୁର୍ବୃତ୍ତ ହେଲମେଟ ପିନ୍ଧି ଏକ କଳା ପଲସରରେ ଆସି ନରାଜ ଯିବା ପାଇଁ ରାସ୍ତା ପଚାରିଥିଲେ। ନରେନ୍ଦ୍ର ତାଙ୍କୁ ରାସ୍ତା ସମ୍ପର୍କରେ ସୂଚନା ଦେଉଥିବା ବେଳେ ହଠାତ୍ ୨ଜଣ ଯୁବକ ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇଥିଲେ। ନରେନ୍ଦ୍ର ବିରୋଧ କରିବାରୁ ଏକ ଧାରୁଆ ଅସ୍ତ୍ରରେ ହାତକୁ ଆକ୍ରମଣ କରି ତାଙ୍କ ବେକରୁ ସୁନାଚେନ ଛିଣ୍ଡାଇ ନେଇ ଫେରାର ହୋଇଯାଇଥିଲେ। ପୋଲିସ ତଦନ୍ତ ପରେ ୩ଦୁର୍ବୃତ୍ତ କଟକ ମର୍କତନଗର ଥାନା ଅଞ୍ଚଳ ଅଧୀନରେ ଅନ୍ୟ ଏକ ଅପରାଧ କରିଥିବା ଜାଣିବାକୁ ପାଇଥିଲା। ଜୋନ ୧ ଏସିପି ଅରୁଣ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ ପରେ ୩ଜଣଙ୍କୁ ଗିରଫ କରିଥିଲା। ସେମାନେ ପ୍ରାତଃଭ୍ରମଣର ପୁରୁଷ ଓ ମହିଳା ଟାର୍ଗେଟ କରୁଥିଲେ। ଅଭିଯୁକ୍ତଙ୍କ ନାମରେ ଖଣ୍ଡଗିରି, ମଞ୍ଚେଶ୍ୱର, ଏୟାରପୋର୍ଟ, ନୟାପଲ୍ଲୀ, ବାଲିଅନ୍ତା, ଧଉଳି, ସହିଦ୍‌ନଗର, ବଡ଼ଗଡ଼, ଚନ୍ଦ୍ରଶେଖରପୁର, ନନ୍ଦନକାନନ, ଖାରବେଳନଗର, ସିଡିଏ, ଚୌଦ୍ୱାର ଆଦି ଥାନାରେ ବିଭିନ୍ନ ଅପରାଧିକ ମାମଲା ରହିଥିବା ଚୌଦ୍ୱାର ଥାନା ଅଧିକାରୀ ବିଶ୍ୱ ରଞ୍ଜନ ସାହୁ ପ୍ରେସ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି।

# ଦୌଡ଼ିବାବେଳେ ଟଳିପଡ଼ିଲେ ପରୀକ୍ଷାର୍ଥୀ

ଖୋର୍ଦ୍ଧା,୮।୮(ପ୍ରଭାତ ପାଣିଗ୍ରାହୀ)

## ହୋମଗାର୍ଡ ପଦ ପାଇଁ ଚାଲିଥିଲା ଇଣ୍ଟରଭ୍ୟୁ



ଏମାଦୁଲ୍ଲା ହକ୍ ଖାଁ

ହୋମଗାର୍ଡ ଇଣ୍ଟରଭ୍ୟୁ ପାଇଁ ଶାରୀରିକ ପରୀକ୍ଷା ଅର୍ଥାତ ଦୌଡ଼ ପ୍ରତିଯୋଗିତା ଚାଲିଥିଲା। ଏଥିରେ ଅନ୍ୟ ପରୀକ୍ଷାର୍ଥୀମାନଙ୍କ ପରି ସେ ଭାଗନେଇଥିଲେ। ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ସେ ଦୌଡୁଥିବାବେଳେ ଟଳିପଡ଼ିଲେ। ମୃତକ ହେଲେ ଆଦର୍ଶ ଥାନା ଅନ୍ତର୍ଗତ କେରଙ୍ଗ ଗ୍ରାମର ଏମାଦୁଲ୍ଲା ହକ୍ ଖାଁ (୪୨)। ଶୁକ୍ରବାର ଖୋର୍ଦ୍ଧା ଜିଲ୍ଲା ଗୁରୁଜଙ୍ଗ ବାଇପାସ୍ ରାସ୍ତାରେ ଏହି ଦୁଃଖଦ ଘଟଣା ଘଟିଛି।

ସୂଚନା ମୁତାବକ, ଖୋର୍ଦ୍ଧା ଜିଲାରେ ୧୬୭ ହୋମଗାର୍ଡ ପଦବୀରେ ନିଯୁକ୍ତି ପାଇଁ ପ୍ରକ୍ରିୟା ଚାଲିଛି। ଏଥିଲାଗି ୩ ହଜାର ପ୍ରାର୍ଥୀ ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ୨୪୦୦ ମନୋନୀତ ହୋଇଥିବାବେଳେ ୧୬୧୪ ଜଣ ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ। ସ୍ୱାସ୍ଥ୍ୟ ପରୀକ୍ଷା ପରେ ଶାରୀରିକ ପରୀକ୍ଷା ଚାଲିଥିଲା। ଶୁକ୍ରବାର ପୂର୍ବାହ୍ନ ୬ଟାରୁ ୧୦ଟା ପର୍ଯ୍ୟନ୍ତ ଗୁରୁଜଙ୍ଗ ବାଇପାସ୍ ରାସ୍ତାରେ ଜଣେ ଅତିରିକ୍ତ ଏସ୍‌ପିଙ୍କ ତତ୍ତ୍ୱାବଧାନରେ ଶାରୀରିକ ପରୀକ୍ଷା ଆୟୋଜନ ହୋଇଥିଲା। ପରୀକ୍ଷା ପ୍ରତିଯୋଗୀଙ୍କ ମଧ୍ୟରେ ଦୌଡ଼ ପ୍ରତିଯୋଗିତା ହୋଇଥିଲା। ଏଥିରେ ଏମାଦୁଲ୍ଲା ଭାଗ ନେଇଥିଲେ। ସେ ଦୌଡ଼ିବା ବେଳେ ହଠାତ ମଝିବାଟରେ ଅସୁସ୍ଥ ହୋଇ ଟଳିପଡ଼ିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ପୋଲିସ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଖୋର୍ଦ୍ଧା ମେଡିକାଲକୁ ନେଇଥିଲା। ପରେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ କ୍ୟାପିଟାଲ ହସ୍ପିଟାଲରେ ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ପରେ ଏମାଦୁଲ୍ଲାଙ୍କ ପରିବାରଲୋକେ, ସମ୍ପର୍କୀୟ ଏବଂ ଗ୍ରାମବାସୀ ପରିବାରର ଜଣଙ୍କୁ ଚାକିରି ଓ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ଦାବିରେ ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଏନେଇ କେରଙ୍ଗ ସରପଞ୍ଚ ମୁବିର ହୁସେନ କହିଛନ୍ତି, ଏମାଦୁଲ୍ଲା କେରଙ୍ଗ ପଞ୍ଚାୟତରେ ଯୋଗାଣ ସହାୟକ ଭାବେ କାମ କରୁଥିଲେ। ସେ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ତାଙ୍କର ଗୋଟିଏ ୯ ବର୍ଷର ପୁଅ ଓ ୬ବର୍ଷର ଝିଅ ଅଛନ୍ତି। ସରକାର ତାଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଦେବାକୁ ସେ ଅନୁରୋଧ କରିଛନ୍ତି। ଏସ୍‌ପି ସାଗରିକା ନାଥ କହିଛନ୍ତି, ଏମାଦୁଲ୍ଲା ଦୌଡ଼ିବାବେଳେ ହଠାତ ଅସୁସ୍ଥ ହୋଇପଡ଼ିଲେ, ତାଙ୍କୁ ପୋଲିସ ଟିମ୍ ତୁରନ୍ତ ମେଡିକାଲରେ ଭର୍ତ୍ତି କରିଥିଲା। ତେବେ ତାଙ୍କର ମୃତ୍ୟୁ ଘଟିଥିଲା। ସମ୍ପୃକ୍ତ ପରିବାରକୁ କ୍ଷତିପୂରଣ ପ୍ରଦାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ।

# ସ୍କିମାଟିକ୍ ଶିକ୍ଷକ ପଦ ଉଚ୍ଛେଦ ନିଷ୍ପତ୍ତି ପ୍ରତ୍ୟାହୃତ

ଭୁବନେଶ୍ୱର,୮।୮(ସୁଚିସ୍ମିତା ସାହୁ)

## ଅସନ୍ତୋଷ ପ୍ରକାଶ କଲା ଶିକ୍ଷକ ସଂଘ, ଆନ୍ଦୋଳନ ଚେତାବନୀ

ସ୍କିମାଟିକ ଶିକ୍ଷକ ପଦ ଉଚ୍ଛେଦ ନିଷ୍ପତ୍ତିରୁ ଓହରିଲେ ରାଜ୍ୟ ସରକାର। ରାଜ୍ୟରେ କନିଷ୍ଠ ଶିକ୍ଷକ (ସ୍କିମାଟିକ/ଯୋଜନାଭିତ୍ତିକ) ପଦ ଉଚ୍ଛେଦ କରି ସେମାନଙ୍କୁ ନିୟମିତ କରିବା, ଖାଲି ଥିବା ପଦବୀରେ ନୂଆ ଶିକ୍ଷକ ନିଯୁକ୍ତି (ନିୟମିତ), ଆଦିବାସୀ ଭାଷାରେ ଶିକ୍ଷକ ନିଯୁକ୍ତି ପରି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିଲା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ। ଏନେଇ ଗତ ୨ ତାରିଖରେ ଗଣଶିକ୍ଷା ବିଭାଗର ଓ୍ୱେବସାଇଟ୍‌ରେ ଏହି ନିଷ୍ପତ୍ତି ସମ୍ବନ୍ଧୀୟ ବିଜ୍ଞପ୍ତି ଅପଲୋଡ୍ ମଧ୍ୟ ହୋଇଥିଲା। ହେଲେ ଦୁଇଦିନ ଭିତରେ ଏହି ପ୍ରସ୍ତାବକୁ ପ୍ରଥମେ ବିଭାଗର ଓ୍ୱେବସାଇଟ୍‌ରୁ ଡିଲିଟ୍ କରାଯାଇଥିଲା। ଗୁରୁବାର ସରକାର ଆନୁଷ୍ଠାନିକ ଭାବେ ଏହାକୁ ପ୍ରତ୍ୟାହାର କରିନେଇଛନ୍ତି। ଫଳରେ ସ୍କିମାଟିକ ଶିକ୍ଷକଙ୍କୁ ବଡ଼ ଝଟକା ଲାଗିଛି। ନିୟମିତ ହେବା ସ୍ୱପ୍ନ ଭାଙ୍ଗିଯାଇଥିବାରୁ ଶିକ୍ଷକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ସରକାରଙ୍କ ଏଭଳି ନିଷ୍ପତ୍ତିକୁ ନେଇ ବିଭିନ୍ନ ଶିକ୍ଷକ ସଂଘ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସ୍କିମାଟିକ ଶିକ୍ଷକଙ୍କୁ ନିୟମିତ କରିବା ଆଶା ଦେଖାଇ ସରକାର ୧୬ହଜାରରୁ ଅଧିକ ଶିକ୍ଷୟିତ୍ରୀ/ଶିକ୍ଷକଙ୍କ ଭବିଷ୍ୟତ ଅନ୍ଧକାର ଭିତରକୁ ଠେଲି ଦେଇଛନ୍ତି ବୋଲି ଶିକ୍ଷକମାନେ ଅଭିଯୋଗ କରିଛନ୍ତି। ସରକାରଙ୍କ ପ୍ରସ୍ତାବ ପ୍ରତ୍ୟାହୃତ ହେବା ପରେ ସ୍କିମାଟିକ୍ ଶିକ୍ଷକ ପଦ ଉଚ୍ଛେଦ ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିର ଭାଗ୍ୟ ଅନ୍ଧକାର ଭିତରକୁ ଚାଲିଯାଇଛି। ସରକାର କାହିଁକି ପ୍ରସ୍ତାବକୁ ସାର୍ବଜନୀନ କରାଇ ପୁଣି ପ୍ରତ୍ୟାହାର କରିନେଲେ ବୋଲି ସେମାନେ ପ୍ରଶ୍ନ ଉଠାଉଛନ୍ତି। ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ସଭାପତି ବ୍ରହ୍ମାନନ୍ଦ ମହାରଣା କହିଛନ୍ତି, ଶିକ୍ଷକଙ୍କୁ ଠକିବାରେ ସରକାର ମାହିର। ବିଭିନ୍ନ ଶିକ୍ଷକ ସଂଘ ସହ ଆଲୋଚନା କରି ପ୍ରସ୍ତାବ ନେଲେ, ତାକୁ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଲେ। ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ପରିବର୍ତ୍ତେ ତାକୁ ପ୍ରତ୍ୟାହାର କରିନେବା ଅତ୍ୟନ୍ତ ନିନ୍ଦନୀୟ। ବିଧାନସଭା ଅଧିବେଶନ ପୂର୍ବରୁ ସମସ୍ତ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରା ନ ଗଲେ ଶିକ୍ଷକ ଆନ୍ଦୋଳନ କରିବେ ବୋଲି ସେ ଚେତାବନୀ ଦେଇଛନ୍ତି।

ଓଡ଼ିଶା ମିଳିତ ସରକାରୀ କର୍ମଚାରୀ ମହାସଂଘ ସଭାପତି ବିଜୟ ମଲ୍ଲ କହିଛନ୍ତି, କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ ନିଯୁକ୍ତି କରିବାକୁ ଗଣଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ଉକ୍ତ ନିଷ୍ପତ୍ତି ପରେ ରାଜ୍ୟର ସମସ୍ତ ପ୍ରାଥମିକ ଶିକ୍ଷକ ଏବଂ କର୍ମଚାରୀଙ୍କ ମଧ୍ୟରେ ଖୁସିର ମାହୋଲ ଥିବା ବେଳେ ହଠାତ୍ ରାଜ୍ୟ ସରକାର ଉକ୍ତ ନିଷ୍ପତ୍ତିକୁ ପ୍ରତ୍ୟାହାର କରିନେଇଛନ୍ତି। ରାଜ୍ୟ ସରକାରଙ୍କ ଦୋମୁହାଁ ନୀତିକୁ ସମସ୍ତ ଶିକ୍ଷକ ଏବଂ କର୍ମଚାରୀ ସଂଘ ଦୃଢ ବିରୋଧ କରିବା ସହ ଅସନ୍ତୋଷ ପ୍ରକାଶ କରିଛି। କେନ୍ଦ୍ର ସରକାରଙ୍କ ଜାତୀୟ ଶିକ୍ଷାନୀତିକୁ ରାଜ୍ୟ ସରକାର ଲାଗୁ କରୁଥିବାବେଳେ ପ୍ରାଥମିକ ଶିକ୍ଷା ନିଯୁକ୍ତିରେ ପୁନର୍ବାର ଚୁକ୍ତିଭିତ୍ତିକ ନିଯୁକ୍ତିକୁ ମହାସଂଘ ଦୃଢ ବିରୋଧ କରୁଛି। ଏନେଇ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଏବଂ ଗଣଶିକ୍ଷା ମନ୍ତ୍ରୀଙ୍କୁ ଅନୁରୋଧ କରୁଛୁ ଯେ, ରାଜ୍ୟରେ ପ୍ରାଥମିକ ଶିକ୍ଷାରେ ନିୟମିତ ନିଯୁକ୍ତି ଲାଗୁ କରିବା ନିମନ୍ତେ ଘୋଷଣା କରନ୍ତୁ।

# ପୋଲିସ ମୁଖ୍ୟାଳୟ ଘେରିଲା କଂଗ୍ରେସ



କଟକ,୮।୮ (ଶିକ୍ଷା ପ୍ରିୟଦର୍ଶିନୀ)

## ବଳାଙ୍ଗୀ ପାଡ଼ିତା ମୃତ୍ୟୁ ଘଟଣାରେ ଅଭିଯୁକ୍ତଙ୍କୁ ଗିରଫ ଦାବି

ବଳାଙ୍ଗା ପାଡ଼ିତା ମୃତ୍ୟୁ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ ଦାବି କରି ଓଡ଼ିଶା ପ୍ରଦେଶ କଂଗ୍ରେସ ପକ୍ଷରୁ ଶୁକ୍ରବାର କଟକ ବକ୍ସିବଜାରସ୍ଥିତ ପୋଲିସ ମୁଖ୍ୟାଳୟ ଘେରାଉ କରାଯିବା ସହ ଧାରଣା ଦିଆଯାଇଛି। ପରେ ମହିଳା ପ୍ରତିନିଧି ଦଳ ପୋଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଏକ ପ୍ରତିବାଦ ଶୋଭାଯାତ୍ରା ମାତାମଠରୁ ବାହାରି ପୋଲିସ ମୁଖ୍ୟାଳୟରେ ପହଞ୍ଚିଥିଲା। କଟକ ନଗର ଜିଲ୍ଲା କଂଗ୍ରେସ କମିଟି ସଂଯୋଜକ ତଥା ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ପୂର୍ବତନ ପିସିସି ସଭାପତି ନିରାଞ୍ଜନ ପଟ୍ଟନାୟକ, ଶରତ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ପୂର୍ବତନ ଏମ୍‌ପି ରାମଚନ୍ଦ୍ର ଖୁଣ୍ଟିଆ, ଅଜୟ ସେଠୀ, ବରିଷ୍ଠ ନେତା ସୁରେଶ ରାଉତରାୟ, ଇଂ. ମହମ୍ମଦ ମୋକିମ, ପୂର୍ବତନ ମନ୍ତ୍ରୀ ଜଗନାଥ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ଜେନା, କଂଗ୍ରେସ ବିଧାୟକ ଦଳ ଉପନେତା ଅଶୋକ ଦାସ, ଓଡିଶା ପ୍ରଦେଶ ମହିଳା ସଭାନେତ୍ରୀ ମୀନାକ୍ଷୀ ବାହିନୀପତି ଯୋଗଦେଇ ନାରୀଙ୍କ ସୁରକ୍ଷା ଦେବାରେ ଭାଜପା ସରକାର ବିଫଳ ବୋଲି କହିଛନ୍ତି। ସଭାକୁ ବିଶ୍ୱଜିତ ଦାଶ ପରିଚାଳନା କରିଥିଲେ। ପୂର୍ବତନ ନଗର ସଭାପତି ଗିରିବାଳା ବେହେରା, ବନ୍ଦିତା ପରିଡା, ସସ୍ମିତା ବେହେରା, ମନୋଜ ବିଶ୍ୱାଳ ଓ ରାଜେଶ ସ୍ୱାଇଁ, ବରିଷ୍ଠ ନେତା ରାମଚନ୍ଦ୍ର ଗୋଚ୍ଛାୟତ, କଟକ ନଗର(ଜିଲା)କଂଗ୍ରେସ ମୁଖ୍ୟ-ମୁଖପାତ୍ର ମାନସ ପରିଡ଼ା, କଟକ ନଗର ଯୁବ କଂଗ୍ରେସ ସଭାପତି ଡ. ବିପ୍ଳବ ଶିଳାଦିତ୍ୟ ପ୍ରମୁଖ ଉପସ୍ଥିତ ଥିଲେ।


## ଦ.ପୂ. ରେଳପଥ – ଇ-ଟେଣ୍ଡର

**ଟେଣ୍ଡର ବିଜ୍ଞପ୍ତି ନଂ. ପିସିଏମ୍ଏମ୍/ଜିଇଏନ୍ଏଲ୍/ଟିପି/୨୦୨୫/୩୦, ତାରିଖ: ୦୮।୦୮।୨୦୨୫।**

''ଇ'' ସଂଗ୍ରହଣ ପ୍ରଣାଳୀ ପାଇଁ ଟେଣ୍ଡର । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଦକ୍ଷିଣ ପୂର୍ବ ରେଳପଥ, ମୁଖ୍ୟ କାର୍ଯ୍ୟାଳୟ (୫ମ ମହଲା), ନୂତନ ପ୍ରଶାସନିକ ଭବନ, ୧୧, ଗାର୍ଡେନ୍ ରିଚ୍ ରୋଡ୍, କୋଲକାତା-୭୦୦୦୪୩ ନିମ୍ନ ଅନୁଯାୟୀ ଖୋଲା ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଯାହା ୱେବ୍‌ସାଇଟ୍ **www.ireps.gov.in**ରେ ଅପଲୋଡ୍ ହୋଇଛି । ସମସ୍ତ ଟେଣ୍ଡର **୧୪.୦୦** ଘଟିକାରେ ବନ୍ଦ ହେବ ।

| କ୍ର. ସଂ. | ଟେଣ୍ଡର ନଂ. | ଧାର୍ଯ୍ୟ ତାରିଖ | ସଂକ୍ଷିପ୍ତ ବର୍ଣ୍ଣନା | ପରିମାଣ | ଇଏମ୍‌ଡି ପରିମାଣ (₹) |
|---|---|---|---|---|---|
| ୧ | ୩୦୨୫୧୩୯୪ | ୦୮।୧୦।୨୦୨୫ | ୟୁଆଇସି ଟାଇପ୍ ପାଇଁ ଲାଟେରାଲ୍ ସାଇଡ୍ ଫ୍ଲାଞ୍ଜ (ଆର୍‌ଏଚ୍) ଇତ୍ୟାଦି | ୫୭୦ ଗୋଟି | ୨,୫୫,୫୯୦ |
| ୨ | ୩୦୨୫୩୦୩୭ | ୦୮।୧୦।୨୦୨୫ | ଲେଭଲିଂ ଭାଲ୍‌ଭ ଇତ୍ୟାଦି | ୧୦୦୦ ଗୋଟି | ୯୯,୭୧୦ |
| ୩ | ୭୯୨୫୩୧୯୦ଏ | ୨୮।୦୮।୨୦୨୫ | କପଡ଼ା ଦୋସୁତି ମୋଟା ଖଦି ବ୍ଲିଚ୍‌ଡ୍ ହ୍ୱାଇଟ୍ ୭୦ ସେମି ଇତ୍ୟାଦି | ୩୭୪୨୨ ଗୋଟି | ଛାଡ଼ |
| ୪ | ୭୯୨୫୩୧୩୬ | ୦୨।୦୯।୨୦୨୫ | ଉତ୍କୃଷ୍ଟ ଗୁଣମାନର ସଫ୍ଟ ବ୍ଲାଙ୍କେଟ୍ ୪ ସେମି ଚଉଡ଼ା (ପ୍ରତ୍ୟେକ ପାର୍ଶ୍ୱ) ଇତ୍ୟାଦି | ୪୩୩୬୯ ଗୋଟି | ୩,୧୩,୩୨୦ |
| ୫ | ଆଇଜି୨୫୫୨୧୦ବି | ୨୫।୦୮।୨୦୨୫ | ଡିଜିଟାଲ ରେଡିଓଗ୍ରାଫି ସିଷ୍ଟମ୍ ଇତ୍ୟାଦି | ୦୧ ଗୋଟି | ୧,୭୦,୦୦୦ |
| ୬ | ୩୮୨୫୩୦୦୪ | ୦୯।୦୯।୨୦୨୫ | କ୍ୟାସନବ୍ ୨୨ ଏଚ୍‌ଏସ୍ ବଗି ପାଇଁ ସ୍ନବର୍ ସ୍ପ୍ରିଙ୍ଗ୍ ଇତ୍ୟାଦି | ୧୦୬୨୦ ଗୋଟି | ୨,୨୩,୦୬୦ |
| ୭ | ୩୮୨୫୧୫୬୩ | ୧୧।୦୯।୨୦୨୫ | ଅନକପ୍ଲିଂ ଗିୟର ଇତ୍ୟାଦି ପାଇଁ କପ୍ଲର୍ ରଡ୍ ଇତ୍ୟାଦି | ୧୨୮୪୦ ଗୋଟି | ୧,୩୭,୫୭୦ |
| ୮ | ୩୮୨୫୩୮୯୪ଏ | ୨୫।୦୯।୨୦୨୫ | ନଟ୍, ସ୍ପ୍ରିଙ୍ଗ୍, ୱାଶର୍ ଏବଂ ୪ ଡାୟା ସ୍ପ୍ଲିଟ୍ ପିନ୍ ସହିତ କୀ ବୋଲ୍ଟ ଇତ୍ୟାଦି | ୪୮୨୦୦୦ ଗୋଟି | ୩,୧୭,୯୩୦ |
| ୯ | ୩୮୨୫୩୯୧୯ | ୧୦।୧୦।୨୦୨୫ | ବିଓଏକ୍ସ ଏନ୍‌ଏଚ୍‌ଏଲ ୱାଗନ୍ ଇତ୍ୟାଦି ପାଇଁ ଫ୍ଲୋର୍ ଚ୍ୟାନେଲ (ଷ୍ଟ୍ରିଙ୍ଗର୍ ଇନର୍) ଇତ୍ୟାଦି | ୬୭୦୦ ଗୋଟି | ୨,୦୫,୫୬୦ |
| ୧୦ | ୪୫୨୫୩୧୩୬ | ୨୬।୦୮।୨୦୨୫ | ସେଲ୍‌ଫ ପ୍ରାଇମିଂ ମୋନୋବ୍ଲକ୍ ପମ୍ପ ଇତ୍ୟାଦି | ୧୨୩୦ ଗୋଟି | ୧,୧୪,୯୫୦ |
| ୧୧ | ୪୫୨୫୦୦୦୨ | ୦୮।୦୯।୨୦୨୫ | ଓଭରଅଲ୍ ପ୍ୟାକେଜ୍ ୟୁନିଟ୍ ପାଇଁ ଆଣ୍ଟି ଭାଇବ୍ରେସନ୍ ମାଉଣ୍ଟିଂ ପ୍ୟାଡ୍‌ସ | ୬୩୧୪ ଗୋଟି | ୧,୪୬,୦୩୦ |
| ୧୨ | ୪୬୨୫୩୧୨୧ | ୧୫।୦୯।୨୦୨୫ | ପୋର୍ସିଲିନ୍ ୯ ଟନ୍ ଇନ୍‌ସୁଲେଟର୍ ଆର୍.ଆଇ. ୬୦୨୦-୧ (ସି.ଡି ୧୦୫୦ ମିମି) କମ୍ପ୍ଲିଟ୍ ସେଟ୍ | ୧୮୦୫ ଗୋଟି | ୧,୦୭,୫୬୦ |
| ୧୩ | ୬୫୨୪୫୦୩୯ବି | ୧୬।୦୯।୨୦୨୫ | ୫୦ଟି ଟ୍ରାଭର୍ସରର ଯୋଗାଣ ,ସ୍ଥାପନ, ପରୀକ୍ଷଣ, କମିଶନିଂ ଓ ପ୍ରୁଭିଂ | ୦୧ ଗୋଟି | ୨,୩୬,୪୮୦ |
| ୧୪ | ୬୫୨୪୫୦୬୬ବି | ୦୨।୦୯।୨୦୨୫ | ଟନ୍ ଇଓଟି କ୍ରେନ୍ | ୦୧ ଗୋଟି | ୨,୬୩,୦୯୦ |
| ୧୫ | ୬୫୨୩୫୦୩୪ବି | ୦୨।୦୯।୨୦୨୫ | ଇଓଟି କ୍ରେନ୍‌ର ଯୋଗାଣ, ସ୍ଥାପନ, କମିଶନିଂ ଓ ପ୍ରୁଭିଂ ଆଉଟ୍, କ୍ଷମତା ୩୫/୫ ଟନ୍ | ୦୧ ଗୋଟି | ୨,୦୧,୧୧୦ |
| ୧୬ | ୬୫୨୪୫୦୨୨ | ୦୯।୦୯।୨୦୨୫ | ୩୦ ଟନ୍ କ୍ଷମତାର ଇଓଟି କ୍ରେନ୍ (ପ୍ରାକ୍ ବିଡ୍ ବୈଠକ ୧୯।୦୮।୨୫, ୧୩.୦୦ ଘଟିକାରେ ପିସିଏମ୍ଏମ୍ ମିଟିଂ ରୁମ୍/ଏସ୍ଇଆର୍/ଜିଆର୍‌ସି/କୋଲକାତା-୪୩) | ୦୨ ଗୋଟି | ୨,୯୪,୦୦୦ |
| ୧୭ | ୭୫୨୫୧୭୨୩ | ୦୬।୧୦।୨୦୨୫ | ଡେକୋରେଟିଭ୍ ଥର୍ମୋସେଟିଂ ସିନ୍ଥେଟିକ୍ ରେଜିନ୍ ବଣ୍ଡେଡ୍ ଲାମିନେଟେଡ୍ ଶିଟ୍ ଇତ୍ୟାଦି | ୬୧୪୩ ଗୋଟି | ୧,୫୬,୫୩୦ |
| ୧୮ | ୫୬୨୫୫୧୮୦ | ୨୬।୦୮।୨୦୨୫ | ଷ୍ଟେୟାର୍ ଏ ଏବଂ ଷ୍ଟେୟାର୍ ବି ସହିତ ଇଲେକ୍ଟ୍ରିକ୍ ପଏଣ୍ଟ ଅପରେଟିଂ ମେଶିନ୍ ୨୨୦ ମିମି ଷ୍ଟ୍ରୋକ୍ ନିମନ୍ତେ ରନିଂ କଣ୍ଟାକ୍ଟ | ୱେବ୍‌ସାଇଟ୍ ବିବରଣୀ ଅନୁଯାୟୀ | ୧୭,୭୨,୫୬୦ |
| ୧୯ | ୭୫୨୫୧୭୯୦ | ୨୮।୦୮।୨୦୨୫ | ଫ୍ଲେକ୍ସିବଲ୍ ପଲି ଭିନାଇଲ୍ କ୍ଲୋରାଇଡ୍ ଇତ୍ୟାଦି | ୩୧୬୮ ଗୋଟି | ୬,୧୪,୬୮୦ |
| ୨୦ | ୬୦୨୫୦୦୭୨ | ୨୬।୦୮।୨୦୨୫ | ୬୪୦୦ମିମି କର୍ଭଡ୍ ସୁଇଚ୍‌ର ବିନିର୍ମାଣ ଓ ଯୋଗାଣ ଇତ୍ୟାଦି | ୬୦୦ ସେଟ୍ | ୨୦,୦୦,୦୦୦ |
| ୨୧ | ୬୫୨୪୫୦୧୯ବି | ୦୪।୦୯।୨୦୨୫ | ଇଓଟି ୪୦/୧୦ ଟନ୍‌ର ଯୋଗାଣ, ସ୍ଥାପନ ଏବଂ କମିଶନିଂ | ୦୨ ଗୋଟି | ୩,୭୦,୦୦୦ |
| ୨୨ | ୬୫୨୫୫୦୧୯ | ୦୮।୧୦।୨୦୨୫ | ଅଲଟ୍ରା ଥର୍ମିକ୍ କଟିଂ ଇକ୍ୱିପମେଣ୍ଟର ଯୋଗାଣ (ପୁରା ସେଟ୍) | ୦୨ ସେଟ୍ | ୧,୧୧,୪୪୦ |
| ୨୩ | ୭୫୨୫୩୦୪୪ | ୦୯।୦୯।୨୦୨୫ | ଫ୍ଲେକ୍ସିବଲ୍ ପଲି ଭିନାଇଲ୍ କ୍ଲୋରାଇଡ୍ (ପିଭିସି) ଫ୍ଲୋରିଂ ଶିଟ୍ ଇତ୍ୟାଦି | ୬୦୦ ଗୋଟି | ୧,୧୭,୦୬୦ |
| ୨୪ | ୪୩୨୫୩୦୨୬ବି | ୨୮।୦୮।୨୦୨୫ | ସ୍କ୍ରୁ କମ୍ପ୍ରେସର ମଡେଲ ନଂ. କେଡ୍ଆର୍ ୬୧ କେସିଇ, ଟିଏଫ୍‌ଡି ୫୨୨ (ଆର୍ ୪୦୭ସି ଗ୍ୟାସ୍ ପାଇଁ) | ୪୨୪ ଗୋଟି | ୩,୭୬,୧୪୦ |
| ୨୫ | ୩୦୨୫୩୬୧୮ | ୦୯।୦୯।୨୦୨୫ | ଇକ୍ୱାଲାଇଜିଂ ସହିତ ଏଫ୍ଆର୍‌ପି ୱିଣ୍ଡୋ କମ୍ପ୍ଲିଟ୍ ଇତ୍ୟାଦି | ୧୩୫୬ ଗୋଟି | ୧,୦୪,୫୮୦ |
| ୨୬ | ୩୦୨୫୧୭୯୨ | ୧୨।୦୯।୨୦୨୫ | ଆଙ୍କର୍ ଲିଙ୍କ ପାଇଁ ସାଇଲେଣ୍ଟ ବ୍ଲକ୍ | ୯୩୦୦ ଗୋଟି | ୧,୧୧,୨୮୦ |
| ୨୭ | ୨୯୨୫୩୭୫୬ | ୦୫।୦୯।୨୦୨୫ | ବେରିଂ ବିନା ଏକ୍ସିଲ ବକ୍ସ କମ୍ପ୍ଲିଟ୍ | ୨୯୨ ଗୋଟି | ୩,୧୦,୧୦୦ |
| ୨୮ | ୨୯୨୫୩୭୬୦ | ୦୮।୦୯।୨୦୨୫ | ଏସି ସର୍କିଟ୍ ବ୍ରେକର୍ ୬ଏ, ୩ ପୋଲ୍ | ୨୭୪ ସେଟ୍ | ୧,୧୭,୦୪୦ |
| ୨୯ | ୨୯୨୫୩୨୫୮ | ୧୧।୦୯।୨୦୨୫ | ଟ୍ରାଇଡେଣ୍ଟ ମେକ୍‌ର ଏୟାର ଡ୍ରାୟର୍ ପାଇଁ ଏମ୍/୪୮ କିଟ୍ | ୨୨୭ ସେଟ୍ | ୨,୪୪,୮୨୦ |
| ୩୦ | ୨୫୨୫୩୮୯୫ | ୧୮।୦୯।୨୦୨୫ | ଟ୍ରାକ୍ସନ୍ ମଟର ପାଇଁ ବେରିଂ କଭର୍ ସେଟ୍ | ୩୫୨ ସେଟ୍ | ୩,୭୫,୯୦୦ |
| ୩୧ | ୧୧୨୫୧୦୯୭ | ୨୨।୦୯।୨୦୨୫ | କପ୍ଲର୍ ବଡି | ୧୭୬ ଗୋଟି | ୧,୭୮,୫୫୦ |
**Hiring of Guest Teachers for ST & SC Dev. M&BCW Deptt. Schools in Kandhamal District**

**No.V-07** : Applications in prescribed format are invited from the deserving candidates from native of Odisha for hiring as **Guest Teachers** against existing vacancies in ST & SC Dev. M&BCW Deptt. run Educational institutions in Kandhamal District.

The detailed Notification, selection criteria & Application Format may be obtained from Office Notice Board of District Welfare Office, Kandhamal and Kandhamal District Website www.kandhamal.odisha.gov.in. The last date of receipt of application in the office of the District Welfare Office, Kandhamal is **25.08.2025** by Regd. Post / Speed Post only.

Sd./- District Welfare Officer
Kandhamal, Phulbani

OIPR-19337/11/0002/2526

**OFFICE OF THE SUPERINTENDING ENGINEER, MINOR IRRIGATION DIVISION, DHENKANAL**
No.1492/Dt.05.08.2025

**e-Procurement Notice**
**Bid Identification No.-DMID/03/2025-26**
e-mail ID : eemidkl@gmail.com

**No.A-482** : The Superintending Engineer, Minor Irrigation Division Dhenkanal on behalf of the Governor of Odisha invites online percentage rate tender through "e" procurement for the works as detailed in the Annexure to this bid notice.

| | | |
|---|---|---|
| Name of the work | : | Civil works in Different Block of Dhenkanal District for the year 2025-26 under Improvement to Tank & MIP Scheme. |
| No. of Works | : | 06 (Six) Only |
| Estimated Cost | : | **Varies from 28.65 lakh to 38.12 lakh (Approximately)** |
| Cost of Tender Paper | : | 6000/- |
| Period of Completion | : | 04 (Four) Calendar months |
| Availability of bid documents for sale and receipt through on-line | : | From Dt.11.08.2025, 10.00 A.M. to Dt.20.08.2025, up to 5.00 P.M. |
| Last date / time of receipt of bids in the portal | : | 20.08.2025 (5.00 P.M.) |
| Date of Technical bid opening through online | : | On Dt.21.08.2025 at 11.00 A.M. in the Office of the S.E, M.I. Division, Dhenkanal |
| Mode of payment of Bid Cost | : | Online |
| Digital Signature Certificate of Bidder | : | The Bidder must possess compatible Digital Signature Certificate (DSC) |
| The detail tender call notice can also be seen in the DOWR website **http:/dowrorissa.gov.in** | | |
| Name & Address of the OIT | : | Superintending Engineer, Minor Irrigation Division, Dhenkanal, At/P.O/District - Dhenkanal, Ph. No / Fax No. - 06762-224461, Email ID : eemidkl@gmail.com |
| Further details can be seen from the e-Procurement market place http://tendersorissa.gov.in | | |

Sd./- Superintending Engineer
M.I.Division, Dhenkanal

OIPR-32027/11/0019/2526

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE:SUNDARGARH**
Near Bana Durga Temple, Sankara, Sundargarh, Dist-Sundargarh, Pin-770020, E-mail:serw_sundargarh@yahoo.com
Office Order No.1937, Date:08.08.2025

**1st Corrigendum**

No.O-572: Under unavoidable circumstance, the following tender invited by this office vide Tender Online No.-RWCCESNG-06 of 2025-26 and This office Letter No.1884, Date-30.07.2025 is hereby Cancelled for the Sl.No.as follows:-

| Sl. No. | Name of Work | Superintending Engineer, R.W.Division | Estimated cost put to tender (Approx.) in Lakh | Time for Completion in Month | Class of Contractor |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 4 | Construction of Day Care PHC Building at Pithabhuin of Tangarpali Block under XV-FC for the year 2024-25. | TENDER CANCELLED | | | |
| 5 | Construction of Day Care PHC Building at Kundukela of Sadar Block under XV-FC for the year 2024-25. | TENDER CANCELLED | | | |

All other terms and conditions are remained unchanged.

Sd./- Chief Construction Engineer
Rural Works Circle, Sundargarh

OIPR-25133/11/0058/2526

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, RAYAGADA**
Email ID: ccerwcrayagada@gmail.com

Letter No. 1648 Date: 06.08.2025

**1st Corrigendum**

No. O-561: In continuation to this office bid identification No. NCB-13/RWCRGDA/2025-26 invited vide this office letter No. 1450 dated 15.07.2025 partial modification of TCN has been made as follows:

| Sl. No. | Item | Time Schedule as per Original TCN | Time Schedule as per Corrigendum Notice |
|---|---|---|---|
| 1 | Availability of tender online for bidding | Dt.23.07.2025 at 11.00 A.M. to Dt.12.08.2025 upto 5.00 P.M. | Extended upto 5.00 P.M. of 26.08.2025 |
| 2 | Date & time of seeking tender clarification if any | Dt.11.08.2025 upto 5.00 P.M. | Dt.25.08.2025 upto 5.00 P.M. |
| 3 | Date & time of opening of tender (Technical Bid) | Dt.13.08.2025 at 11.00 A.M. | Dt.29.08.2025 at 11.00 A.M. |
| 4 | Date of Submission of original documetns such as Bid Security, Cost of Bid document and Affidavit (this date should be not later than three working days after the opening of Technical Qualification part of the bid). | Dt.16.08.2025 upto 5.00 P.M. | Dt.02.09.2025 Upto 5.00 P.M. |
| 5 | Date & time of opening of tender (Price Bid) | Will be intimated later on to the successful bidders | Will be intimated later on to the successful bidders |

All other terms & conditions will remain unchanged.

OIPR-25196/11/0027/2526 Sd./- Chief Construction Engineer, RW Circle, Rayagada

यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

**ପୋର୍ଟ ମାର୍କେଟ ପାରାଦୀପ ଶାଖା**
ବ୍ୟାଙ୍କ ଷ୍ଟ୍ରିଟ୍, ପାରାଦୀପ,
ଜଗତ୍‌ସିଂହପୁର, ଓଡିଶା-୭୫୪୧୪୨
ଇମେଲ୍ : ubin0548065@unionbankofindia.bank

**ବିକ୍ରୟ ନୋଟିସ୍**
**(୩୦ ଦିନିଆ ନୋଟିସ୍)**
{ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୬(୨)/୮(୬)}

ପ୍ରାପ୍ତେଷୁ, (ନିମ୍ନଲିଖିତ ଆକାଉଣ୍ଟର ସମସ୍ତ ଋଣଗ୍ରହୀତାମାନଙ୍କ ନିମନ୍ତେ ଏହା ଏକ ବିକଳ୍ପ ନୋଟିସ୍ ଅଟେ)

| ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ / ୩୦ ଦିନିଆ ନୋଟିସ୍ ତାରିଖ |
|---|---|---|
| ଋଣଗ୍ରହୀତାମାନେ: ୧) **ଶ୍ରୀ କିଶୋର ପ୍ରଧାନ,** ପିତା: ଶ୍ରୀ ସୁଦର୍ଶନ ପ୍ରଧାନ, ସା: ସିକ୍ରୁ, ପୋ: ଝିମାଣୀ, ଥାନା: ପାରାଦୀପ, ଜିଲ୍ଲା: ଜଗତ୍‌ସିଂହପୁର, ଓଡିଶା-୭୫୪୧୪୧, ୨) **ଶ୍ରୀ ଅଶୋକ କୁମାର ପାତ୍ର,** ପିତା: ଶ୍ରୀ ଗୋପାଳ ପାତ୍ର, ସା: ଝିମାଣୀ, ବଗଦିଆ, ଥାନା: ପାରାଦୀପ, ଜିଲ୍ଲା: ଜଗତ୍‌ସିଂହପୁର, ଓଡିଶା-୭୫୪୧୪୧ | **ଶ୍ରୀ କିଶୋର ପ୍ରଧାନ,** ପିତା: ଶ୍ରୀ ସୁଦର୍ଶନ ପ୍ରଧାନଙ୍କ ନାମରେ ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୫୯୧, ମ୍ୟୁଟେସନ୍ ଖାତା ନଂ.: ୪୫, ତହସିଲ ନଂ.: ୨୦୫, ଥାନା ନଂ.: ୨୫୦, କ୍ଷେତ୍ର: ଏକର୦.୦୩୦ ଡିସିମିଲି, ମୌଜା: ସିକ୍ରୁ, ଏସ୍‌ଆର୍‌ଓ: କୁଜଙ୍ଗ, ଜିଲ୍ଲା: ଜଗତ୍‌ସିଂହପୁର, ଓଡିଶା | ୧୨.୦୭.୨୦୧୯ / ୧୮.୦୭.୨୦୨୩ / ୧୮.୦୬.୨୦୨୫ |

**ବିଷୟ: ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କର ବକେୟା ଦେୟ ଆଦାୟ ନିମନ୍ତେ ଉପର ଦର୍ଶିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ସମ୍ପତ୍ତି ବିକ୍ରୟ ।**

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ପୋର୍ଟ ମାର୍କେଟ ପାରାଦୀପ ଶାଖା ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ବକେୟା ଦେୟ ପଇଠ କରିବା ନିମନ୍ତେ ଆପଣଙ୍କୁ **ତା.୧୨.୦୭.୨୦୧୯ରିଖ**ରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା। ଯେହେତୁ କଥିତ ନୋଟିସ୍ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଆପଣ ବକେୟା ଦେୟ ପଇଠ କରିବାରେ ବିଫଳ ହେଲେ, ତେଣୁ ଧାରା ୧୩ (୪) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ରୁଲ୍ ୮ ଅନୁଯାୟୀ କ୍ଷମତାପ୍ରାପ୍ତ ଅଧିକାରୀ **ତା.୧୮.୦୭.୨୦୨୩ରିଖ**ରେ ସମ୍ପତ୍ତିକୁ ଦଖଲ ନେଇଛନ୍ତି। ସମ୍ପତ୍ତିକୁ ଦଖଲ ନେବା ପରେ ମଧ୍ୟ ଆପଣ ବ୍ୟାଙ୍କକୁ ଦେବାକୁ ଥିବା ବକେୟା ଦେୟ ପରିଶୋଧ କରିନାହାଁନ୍ତି। ତେଣୁ ଏହି ନୋଟିସ୍ ପ୍ରାପ୍ତିର **୩୦ ଦିନ** ଅତିକ୍ରମ ପରେ ଅନ୍‌ଲାଇନ୍ ପଦ୍ଧତିରେ ସର୍ବସାଧାରଣ ଇ-ନିଲାମ ମାଧ୍ୟମରେ ଉପର ଦର୍ଶିତ ସମ୍ପତ୍ତିକୁ ବିକ୍ରୟ କରିବା ଆବଶ୍ୟକ ହୋଇପଡ଼ିଛି। ଇ-ନିଲାମର ତାରିଖ ଓ ସମୟ ସହିତ ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ଏବଂ ସେବା ପ୍ରଦାନକାରୀଙ୍କ ସବିଶେଷ ବିବରଣୀ ଯାହାଙ୍କ ଦ୍ୱାରା ଇ-ନିଲାମ ପରିଚାଳନା କରାଯିବ ତାହା ଆପଣଙ୍କୁ ପୃଥକ୍ ଭାବେ ଜଣାଇ ଦିଆଯିବ। ତେଣୁ, ବିକ୍ରୟ ବିଜ୍ଞପ୍ତିର ପ୍ରକାଶନ ତାରିଖ ପୂର୍ବରୁ ଯଦି ଆପଣ ବକେୟା ଦେୟ ସହିତ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଓ ଦେୟ ବ୍ୟାଙ୍କକୁ ପଇଠ କରନ୍ତି, ତେବେ ଆପଣଙ୍କ ସମ୍ପତ୍ତି ବିକ୍ରୟ ନିମିତ୍ତ କୌଣସି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ଏବଂ କଥିତ ଆକ୍ଟର ଧାରା ୧୩ (୮) ଅନୁଯାୟୀ ଆପଣ ଆପଣଙ୍କ ସମ୍ପତ୍ତିକୁ ବନ୍ଧକମୁକ୍ତ କରିପାରିବେ।

ସ୍ଥାନ: ପାରାଦୀପ, ତାରିଖ: ୦୮.୦୮.୨୦୨୫ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ...............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଶାନ୍ତି ପାଇଁ ପ୍ରାର୍ଥନା

## ମନେ ପଡ଼ନ୍ତି

ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଶାନ୍ତିଲତା ପ୍ରଧାନ
ଖାସମହଲ କଲୋନୀ, ଜଟଣୀ, ଖୋର୍ଦ୍ଧା

ବୋଉ ! ତତେ ବି ହିକାଟିଏ କ'ଣ ଆସେ ଯେତେବେଳେ ଆମେ ମନେପକଉଛୁ। ଆମ କଳାକାଠ ମୁହଁକୁ ଆମ ଥକ୍କାପଣକୁ ତୁ ପଣତରେ ପୋଛି ଦଉଥା। ପ୍ରତିଦିନ ତୁ ବରଗଛର ଛାଇ ହେଇଥା। ଆମେ ତୋ ଓହଳରେ ହସ ଖୁସିର ଦୋଳି ଖେଳୁଥାଉ। ଆଉଥରେ ଆମ ଅଳି ଅଝଟର ସାକ୍ଷୀ ହେବା ପାଇଁ ଆସନ୍ତୁନି। ହେ ମହାପ୍ରଭୁ ଏତିକି ଗୁହାରି ଶୁଣନ୍ତୁ।

:ଶୋକସନ୍ତପ୍ତ:
ସ୍ୱାମୀ, ପୁତ୍ର, ପୁତ୍ରବଧୂ, ନାତି, ନାତୁଣୀ ଓ ପରିବାରବର୍ଗ।

ଧ-୧୬୦୫

## ଆଜି ନାଗାସାକି ଦିବସ

ଇତିହାସର ଆଉ ଏକ କଳାଦିନକୁ ସ୍ମରଣ କରାଇଥାଏ ନାଗାସାକି ଦିବସ। ଜାପାନର ହିରୋଶିମା ଉପରେ ପରମାଣୁ ବୋମା ନିକ୍ଷେପର ତିନିଦିନ ପରେ, ଅର୍ଥାତ୍ ୧୯୪୫ ଅଗଷ୍ଟ ୯ ତାରିଖ ସକାଳ ୧୧ଟା ୨ମିନିଟ ସମୟରେ ଆମେରିକା ନାଗାସାକି ଉପରେ 'ଫ୍ୟାଟ ମ୍ୟାନ' କୋଡ୍‌ନାମଯୁକ୍ତ ପରମାଣୁ ବୋମା ପକାଇଥିଲା। ଏହି ବିସ୍ଫୋରଣରେ ୭୪ହଜାରରୁ ଅଧିକ ଲୋକ ପ୍ରାଣ ହରାଇଥିଲେ ଏବଂ ଅନେକ ଲକ୍ଷ ଲୋକ ଆହତ ହୋଇଥିଲେ। ଏଥିସହ ବିକିରଣର ସଂସ୍ପର୍ଶରେ ଆସିଥିବା ଅନେକ ବ୍ୟକ୍ତିଙ୍କର ଦୀର୍ଘକାଳୀନ ଯନ୍ତ୍ରଣା ଏହି ଘଟଣାକୁ ଆହୁରି ଗମ୍ଭୀର କରି ଦେଇଥିଲା। ତେବେ ଏହି ଦିବସ ପରମାଣୁ ଯୁଦ୍ଧ ଏବଂ ଏହାର ଭୟଙ୍କର ପ୍ରଭାବକୁ ଗଭୀର ଭାବରେ ସ୍ମରଣ କରିବାର ଏକ ଦିନ। ଯାହା ସେହିଭଳି ଦୁଃଖଦ ଘଟଣାର ପୁନରାବୃତ୍ତିକୁ ଏଡ଼ାଇବା ଏବଂ ପରମାଣୁ ନିରସ୍ତ୍ରୀକରଣକୁ ପ୍ରୋତ୍ସାହିତ କରିଥାଏ। ଏହି ଦିନ ଜାପାନରେ ନାଗାସାକି ଶାନ୍ତି ସ୍ମାରକୀ ସମାରୋହ ଅନୁଷ୍ଠିତ ହୁଏ, ଏଥିରେ ପରମାଣୁ ବୋମା ବିସ୍ଫୋରଣରେ ମୃତକଙ୍କ ଆତ୍ମାର ଶାନ୍ତି ପାଇଁ ପ୍ରାର୍ଥନା କରାଯାଏ।

# ଭରସାର ଡୋର...



ଭଉଣୀ ଭାଇର ପବିତ୍ର ସମ୍ପର୍କର ଏକ ନିଆରା ନିଦର୍ଶନ ହେଉଛି ରକ୍ଷାବନ୍ଧନ। ଭଉଣୀଟିଏ ଅପେକ୍ଷା କରି ରହିଥାଏ ଏହି ପର୍ବକୁ। ଭାଇ ହାତରେ ଭଉଣୀ ସ୍ନେହ ମମତାର ରାଖୀ ବାନ୍ଧୁଥିବାବେଳେ ଭାଇ ମଧ୍ୟ ଭଉଣୀ ପ୍ରତି ଥିବା କର୍ତ୍ତବ୍ୟ, ସ୍ନେହ ଓ ସୁରକ୍ଷା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇଥାଏ। ଏହି ସୂତାଖିଅରେ ଭରିରହିଥାଏ ପରସ୍ପର ପ୍ରତି ଭଲ ପାଇବା ଏବଂ ସ୍ନେହଶ୍ରଦ୍ଧା। ଉଭୟଙ୍କ ମଧ୍ୟରେ ଯେତେ ମାନ ଅଭିମାନ, ରାଗରୁଷା ଥିଲେ ମଧ୍ୟ ଏହି ଦିନରେ ସବୁ କିଛି ଭୁଲି ରାକ୍ଷୀ ବାନ୍ଧିବାକୁ ଭାଇ ପାଖକୁ ଭଉଣୀ ଚାଲିଆସେ। ସେହିପରି ଭାଇ ଦୂରରେ ଥିଲେ ତା' ପାଖକୁ ରାକ୍ଷୀ ପଠାଇବା ସହ ଠାକୁରଙ୍କ ପାଖେ ଭାଇର ମଙ୍ଗଳ ମନାସିଥାଏ ଭଉଣୀ। ସେଥିପାଇଁ ତ ସମ୍ପର୍କର ଡୋର ସାଜି ରାକ୍ଷୀ ଭଉଣୀ ଭାଇଙ୍କ ମଧ୍ୟରେ ଥିବା ଭଲପାଇବାକୁ ଆହୁରି ଦୃଢ କରିଥାଏ।

– ରିପୋର୍ଟ: ସୌମ୍ୟରଞ୍ଜନ ରାଉତ, ଭୁବନେଶ୍ୱର

## କ'ଣ କୁହନ୍ତି ଏମାନେ...

### ଭଉଣୀ ଭାଇ ସମ୍ପର୍କକୁ ଅତୁଟ ରଖେ ରାଖୀ



ରାଖୀ ପୂର୍ଣ୍ଣିମା ହେଉଛି ଭଉଣୀ ଭାଇ ମଧ୍ୟରେ ଥିବା ସ୍ନେହ ଓ ଭଲପାଇବାର ପବିତ୍ର ବନ୍ଧନ। ଯାହାକୁ ଆମେ ରକ୍ଷାବନ୍ଧନ ବୋଲି କହୁ। ଏହି ପବିତ୍ର ବନ୍ଧନରେ ଭାଇ ଓ ଭଉଣୀର ସମ୍ପର୍କ କିଛି ନିଆରା ହୋଇଥାଏ। ଭାଇ ଭଉଣୀଙ୍କ ଭିତରେ ଯେତେ ଝଗଡ଼ା ରାଗ ଅଭିମାନ ଥିଲେ ମଧ୍ୟ ଭଲପାଇବା ଦୁହେଁ ଦୁହିଁଙ୍କ ପ୍ରତି କମି ନ ଥାଏ। ଜଣେ ବଡ଼ ଭାଇ ପିତା ଭଳି ଭଉଣୀର ଯତ୍ନ ନେଇଥାଏ ଓ ତାହା ସହିତ ଭଲ ବନ୍ଧୁ ପରି ସଦା ସର୍ବଦା ରହିଥାଏ। ସେହିଭଳି ଭଉଣୀ ମଧ୍ୟ ମା' ଭଳି ସାନ ଭାଇର ଯତ୍ନ ନେଇଥାଏ। ଏହି ପବିତ୍ର ବନ୍ଧନ ଭଉଣୀ ଭାଇର ସମ୍ପର୍କକୁ ଖୁବ୍ ମଜଭୁତ କରିଥାଏ। ମୁଁ ଦୁଃଖିତ କି ମୋର କେହି ଭଉଣୀ ନାହାନ୍ତି। କିନ୍ତୁ ଏହି ପବିତ୍ରଦିନରେ ମୁଁ ଖୁବ୍ ଆନନ୍ଦିତ।

- ଜୟଦେବ ଜେନା, ଛାତ୍ର

### ମୋ ପାଇଁ ଜୀବନର ଏକ ଅଧୁରା ଦିନ



ମୋ ପାଇଁ ଜୀବନର ଏକ ଅଧୁରା ଦିନ ହେଉଛି ରକ୍ଷାବନ୍ଧନ କାରଣ ମୋ ହାତରେ ରାଖୀ ବାନ୍ଧିବା ପାଇଁ ମୋର ଭଉଣୀ ନାହାଁ। ଯେବେ ମୁଁ ଅନ୍ୟମାନଙ୍କର ରକ୍ଷାବନ୍ଧନର ଫଟୋ କିମ୍ବା ଭିଡିଓ ଦେଖେ ମୋତେ ଜୀବନରେ କିଛି ଅଧୁରା ମନେହୁଏ। କିନ୍ତୁ ମୋର ସମ୍ପର୍କୀୟ ଭଉଣୀମାନେ ପ୍ରତିବର୍ଷ ରାଖୀ ବାନ୍ଧୁଥିବାରୁ ମନରେ କଷ୍ଟ ଅନୁଭବ କରିବାକୁ ଦିଅନ୍ତି ନାହିଁ। ଏଥିସହ ଆମେ ମନ୍ଦିର ଯିବା ସହ ପିଠା ପଣାଖାଇ ଆଜି ଦିନକୁ ମୌଜମସ୍ତିରେ କାଟିବୁ।

- ନୀତୀଶ କୁମାର ପରିଡ଼ା, ଛାତ୍ର

### ରାଖୀ ଭଉଣୀ ଭାଇର ଅତୁଟ ସ୍ନେହ, ଭରସାର ପ୍ରତୀକ



ଆଜି ସାରା ଓଡ଼ିଶାରେ ରକ୍ଷାବନ୍ଧନ ଉତ୍ସବ ଉଲ୍ଲାସର ସହ ପାଳନ କରାଯାଉଛି। ଏହି ପବିତ୍ର ଦିନରେ ଭଉଣୀ ଭାଇର ଦୀର୍ଘାୟୁ ପାଇଁ ପ୍ରାର୍ଥନା କରନ୍ତି। ଏଥିସହ ଭାଇମାନେ ମଧ୍ୟ ଭଉଣୀଙ୍କୁ ଉପହାର ଦେଇ ସେମାନଙ୍କ ପ୍ରତି ସମ୍ମାନ ଓ ଅନୁରାଗ ପ୍ରକାଶ କରନ୍ତି। ରକ୍ଷାବନ୍ଧନ ମାନେ କେବଳ ଏକ ପରମ୍ପରା ବା ରୀତି ନୁହେଁ ଏହା ହେଉଛି ଭଉଣୀ ଭାଇର ଅତୁଟ ସ୍ନେହ, ପ୍ରେମ ଓ ଭରସାର ପ୍ରତୀକ। ଆମେ କେବଳ ଏହି ଦିନ ରାଖୀ ପର୍ବକୁ ଘରେ ସୀମିତ ରଖୁନାହୁଁ। ଏହି ଦିନ ଗୋମାତଙ୍କ ଜନ୍ମଦିନ ଥିବାରୁ ପ୍ରତିବର୍ଷ ଆମେ ଗୋମାତାଙ୍କୁ ରାଖୀ ବାନ୍ଧିଥାଉ।

- ଦେବେନ୍ଦ୍ର ରାଉତ, ଛାତ୍ର

### ଭଲ ପାଇବା, ସୁରକ୍ଷାର ଅନନ୍ୟ ଉଦାହରଣ ରାଖୀ



ରାଖି ବାନ୍ଧିବା ରୀତି ମାନବ ଜୀବନରେ ଭଲ ପାଇବା ଓ ସୁରକ୍ଷାର ଅନନ୍ୟ ଉଦାହରଣ। ଭଉଣୀ ଓ ଭାଇ ଦୁହେଁ ପବିତ୍ର ମନରେ ବସି ସ୍ନେହ, ଶ୍ରଦ୍ଧାର ସହ ଏହି ଦିନକୁ ଉଜ୍ଜ୍ୱଳ କରନ୍ତି। ରାଖି ପୂର୍ଣ୍ଣିମା ହେଉଛି ଭଉଣୀ ଭାଇଙ୍କ ପ୍ରେମ ଓ ଆଶ୍ରୟର ପବିତ୍ର ପର୍ବ। ତେଣୁ ଏହି ପବିତ୍ର ଦିନଟିକୁ ଭାରତର ବିଭିନ୍ନ ଅଞ୍ଚଳରେ ଅନେକ ଉତ୍ସାହ ଓ ଶ୍ରଦ୍ଧାର ସହିତ ପାଳନ କରାଯାଏ।

- ପଦ୍ମିନୀ ଗେଡି, ଛାତ୍ରୀ

# ବଳିଦାନର ବାର୍ତ୍ତା

## ଅଗଷ୍ଟ କ୍ରାନ୍ତି ଦିବସ



ଭାରତ ଚଳିତବର୍ଷ ୭୯ତମ ସ୍ୱାଧୀନତା ଦିବସ ପାଳନ କରିବ। ଆମେ ସ୍ୱାଧୀନ ଦେଶର ସନ୍ତାନ କହି ଗର୍ବ ଅନୁଭବ କରୁଛେ। ଏହି ମୁକ୍ତି ଅଗଣିତ ଲୋକଙ୍କ ବଳିଦାନରୁ ଆମକୁ ମିଳିଛି। ଆଉ ଦେଶ ସ୍ୱାଧୀନ ହେବା ପଥରେ ଯେଉଁ କେତୋଟି ସ୍ମରଣୀୟ ଆନ୍ଦୋଳନ ହୋଇଥିଲା ସେଥିମଧ୍ୟରୁ 'ଭାରତ ଛାଡ଼' ଅନ୍ୟତମ। ୧୯୪୨ ମସିହା ଅଗଷ୍ଟ ୯ ତାରିଖ, ତତ୍‌କାଳୀନ ବମ୍ବେଠାରେ ମହାତ୍ମା ଗାନ୍ଧୀ 'କର ବା ମର' ସ୍ଲୋଗାନ ଦେଇ 'ଭାରତଛାଡ଼ ଆନ୍ଦୋଳନ' ଆରମ୍ଭ କରିଥିଲେ। ଏହା ସ୍ୱାଧୀନତା ସଂଗ୍ରାମରେ ଏକ ନିର୍ଣ୍ଣାୟକ ମୋଡ଼ ଆଣିଥିଲା। ଏହି କାରଣରୁ ପ୍ରତିବର୍ଷ ୯ ଅଗଷ୍ଟକୁ 'ଅଗଷ୍ଟ କ୍ରାନ୍ତି ଦିବସ' ଭାବରେ ପାଳନ କରାଯାଏ।

୧୯୪୨ ଅଗଷ୍ଟ ୭ତାରିଖ ସନ୍ଧ୍ୟାରେ କଂଗ୍ରେସ କାର୍ଯ୍ୟକାରିଣୀ କମିଟି ବମ୍ବେ (ବର୍ତ୍ତମାନ ମୁମ୍ବାଇ)ରେ ବୈଠକ କରିଥିଲା। ସେଠାରେ ନିଷ୍ପତ୍ତି ନିଆଯାଇଥିଲା ଯେ ପରଦିନ ଗୋୱାଲିଆ ଟ୍ୟାଙ୍କ୍ ମୈଦାନ (ବର୍ତ୍ତମାନ ଅଗଷ୍ଟ କ୍ରାନ୍ତି ମୈଦାନ)ରେ ଏକ ଐତିହାସିକ ସାଧାରଣ ସଭା ଅନୁଷ୍ଠିତ ହେବ। ସେହି ଅନୁସାରେ ତା' ପରଦିନ ଅର୍ଥାତ୍ ଅଗଷ୍ଟ ୮ରେ ସେଠାରେ ସଭା ହୋଇଥିଲା। ସେଦିନ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଅନେକ ସ୍ୱାଧୀନତା ସଂଗ୍ରାମୀ ଭାଷଣ ଦେଇଥିଲେ। ମୌଲାନା ଅବୁଲ କଲାମ ଆଜାଦ ସଭା ଆରମ୍ଭ କରିଥିଲେ। ଏହା ପରେ ପଣ୍ଡିତ ଜବାହରଲାଲ ନେହେରୁ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ ସାଧାରଣ ସଭାକୁ ସମ୍ବୋଧିତ କରିଥିଲେ। ଶେଷରେ ମହାତ୍ମା ଗାନ୍ଧୀ ମଞ୍ଚ ଉପରକୁ ଉଠି ସେହି ଐତିହାସିକ ଶବ୍ଦ 'କର ବା ମର' ଉଚ୍ଚାରଣ କରିଥିଲେ ଏବଂ ତା'ପରେ ପୂର୍ଣ୍ଣ ଉତ୍ସାହର ସହିତ କହିଥିଲେ, 'ବ୍ରିଟିଶ ତମେ ଭାରତଛାଡ଼'। ତେବେ ଏହି ଅଗଷ୍ଟ କ୍ରାନ୍ତି ଦିବସରେ, ଆମେ ସେହି ସ୍ୱାଧୀନତା ସଂଗ୍ରାମୀଙ୍କୁ ମନେ ପକାଇବା ଆବଶ୍ୟକ, ଯେଉଁମାନଙ୍କ ବଳିଦାନ ଆମକୁ ସ୍ୱାଧୀନତା ଦେଇଛି।

# Classified Everyday

0674-2580101, 9692975378



REAL ESTATE

**SALE**

**Need IDCO Land at Mancheswar and Rasulgarh area within @5000sqft-@10,000sqft. 7008398175.** D-1592

ଭୁବନେଶ୍ୱର ମଞ୍ଚେଶ୍ୱର, ବାଲିଅନ୍ତା ନିକଟରେ ଘରବାରୀ ପ୍ଲଟ୍ ବିକ୍ରି କରାଯାଉଅଛି। ଯୋଗାଯୋଗ– **7735922768.** D-1572

**One bounded Commercial plot touching to NH (Nakhara to Niali) 10km from Nakhara, 6500sft@ 2500/ sft, 3 sides Road: 7809525452.** D-76479

BDA Approved Apartment Near SumHospital, Kalinganagar, Times Gurukul, Duplex near CVRaman, Tamando, Bhubaneswar-7854015157 D-76295

ନୟାଗଡ଼ ଜିଲ୍ଲା ରଣପୁର ଥାନା ଅଧୀନ ସୁନାଖଳା ବଜାରରୁ ମାତ୍ର 300 ମିଟର ଦୂର ବିନୋଦପଡ଼ା ମୌଜାରେ ପାଚେରିହୋଇଥିବା 12 ଡିସିମିଲ ଜଗା ବିକ୍ରୟ ହେବ। ମୂଲ୍ୟ ମାତ୍ର 30 ଲକ୍ଷ। ଯୋଗାଯୋଗ: ୯୮୬୧୦୯୪୩୭୦, ୯୫୫୬୧୮୬୬୩୩. D- 1601

**Ready to move 1/2BHK flat for sale @ 18/ 24 Lakh at Gudiapokhari Bhubaneswar. Call- 9861642492.** D-1376

ସାକ୍ଷୀଗୋପାଳ ଶ୍ରୀରାମଚନ୍ଦ୍ରପୁର ସ୍କୁଲ ପାଖରେ ପିଚୁରୋଡ୍‌କୁ ଲାଗି ଘରବାଡ଼ି ଜାଗା ରେଜିଷ୍ଟ୍ରେସନ ସହିତ ସୁଲଭମୂଲ୍ୟରେ କିଣନ୍ତୁ। ଯୋଗାଯୋଗ: 9090367570. D-1603





All types hair cutting Body Massage by Smart lady one hour 700/-, room Services Available contact- 7788888200 D-76301

## AFFIDAVIT

By virtue of an affidavit sworn before the Executive Magistrate, Dharmasala. dated-24.06.2025. I, Dhaneswar Mallik, At-Gehlei, P.O.- Kadampal, P.S.- Dharmasala, Dist.- Jajpur, Odisha, PIN-755008 declare that I have changed my son name from Debu Malik to Dev Prasad Mallik. Henceforth, he shall be known as Dev Prasad Mallik for all future purposes.
Dhaneswar Mallik. D-1607

By virtue of an affidavit sworn before Executive Magistrate, Bhubaneswar, dated- 7th August 2025, I, Reena Polai, resident of At: Maa Mangala Basti, Unit-9, Bhoi Nagar, Bhubaneswar, Dist.- Khordha, Odisha, PIN-751022 declare that I have changed the my minor daughter name from Sita Sethi to Sita Polai. Henceforth she shall be known as Sita Polai for all purposes.
Reena Polai. D-1600

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:–
classifieddharitri@gmail.com

By virtue of an affidavit sworn before Executive Magistrate, Bhubaneswar, dated- 7th August 2025, I, Reena Polai, resident of at: Maa Mangala Basti, Unit-9, Bhoi Nagar, Bhubaneswar, Dist.- Khordha, Odisha, PIN- 751022 declare that I have changed the my minor daughter name from Shikha Sethi to Sikha Polai. Henceforth she shall be known as Sikha Polai for all purposes.
Reena Polai. D-1599

I, **Sudha Devi,** W/o- Dhiraj Kumar Daga, resident of Lalwani Mohalla, New Line, Gangashahar, Dist.- Bikaner, State- Rajasthan, PIN- 334401, declare by this affidavit. No.- 763 dtd.- 07.08.25 that now onwards, I shall be known as **Sudha Devi Daga** for all future purposes. D-1598

I Hrushikesh Behera S/o- Anadi Behera, At/ P.O.- Surala, Bustand Street,Via-Girisola, P.S.- Golanthara, Dist- Ganjam declare by this affidavit No. A- 3667/08.08.2025 changed my daughter's name from Anuchaya Behera to Anusaya Behera. Henceforth, she shall be known as Anusaya Behera for all future purposes.
Hrushikesh Behera. D-1608

By virtue of an Affidavit sworn before Executive Magistrate, Bhadrak dtd- 07.07.2025 Manawara Bibi, W/o- SK Lokman, Vill- Patanasahi, Baliorada, P.S.- Purunabazar, Dist- Bhadrak, PIN- 756100 declare that I have changed my minor daughters name from Zinaf Quadri to Jaynab Quadri. Henceforth She shall be known as JAYNAB QUADRI for all purposes. D-1602

## LEGAL NOTICE

I.R. No.- 1360
Date- 04.08.2025

ମାନ୍ୟବର ଅତିରିକ୍ତ କମିଶନର, (ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ, ଭା.ପ୍ର.ସେ.) ଅତିରିକ୍ତଙ୍କ ଅଦାଲତ ନ୨ମ୍ବର, ୪ର୍ଥ ମହଲା, ହେଡ୍ ଅଫ୍ ଡିପାର୍ଟମେଣ୍ଟ, ବିଲ୍ଡିଂ, ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧା।
ଓଡ଼ିଶା ସର୍ଭେ ଓ ସେଟେଲ୍‌ମେଣ୍ଟ ୧୯୫୮ ଆଇନ ଧାରା ୧୫ (ଖ) ଅନୁଯାୟୀ
ଓ.ଏସ୍.ଏସ୍. କେସ୍ ନମ୍ବର– ୯୧୯/୨୦୧୯

୧. ରାଜଶ୍ରୀ ରାଉତ ...ବାଦୀ

ବନାମ

ପ୍ରାପ୍ତେଷୁ,
୧. ନାରଣ ପାଣି, ପିତା– ମଦନ ପାଣି, ଠିକଣା– ସା/ପୋଷ୍ଟ– ଦାରୁଠେଙ୍ଗ, ଥାନା– ଚନ୍ଦକା, ଜିଲ୍ଲା– ଖୋର୍ଦ୍ଧା ....ପ୍ରତିବାଦୀ–୨
୨. ଅରକ୍ଷିତ ପାଣି, ପିତା– ଶ୍ରୀଧର ପାଣି, ସା/ପୋଷ୍ଟ– ଦାରୁଠେଙ୍ଗ, ଥାନା– ଚନ୍ଦକା, ଜିଲ୍ଲା– ଖୋର୍ଦ୍ଧା ....ପ୍ରତିବାଦୀ ନଂ.–୩
୩. ସଚ୍ଚିଦାନନ୍ଦ ଜଗଦେବ, ପିତା– କୁବେର ଚନ୍ଦ୍ର ଜଗଦେବ, ଠିକଣା: ପ୍ଲଟ୍ ନଂ.– ଏନ୍– ୩/୯୪.ଆଇ.ଆର୍.ସି. ଭିଲେଜ, ଥାନା– ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧା। ୪.ପ୍ରଫୁଲ୍ଲ କୁମାର ରାୟବିଧାର, ଅଧ୍ୟକ୍ଷ, ବସୁନ୍ଧରା ଡେଭଲପର, ଠିକଣା: ଘର ନଂ. ୨, ଏମ୍.ଆଇ.ଜି., ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧା। ...ପ୍ରତିବାଦୀ ନଂ.–୫
....ପ୍ରତିବାଦୀମାନେ

ନୋଟିସ ଅର୍ଡର–୫, ରୁଲ୍–୨୦ ମୁତାବକ

ଏତଦ୍ୱାରା ସମସ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇଦିଆଯାଉଛି ଯେ ଉପରଲିଖିତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର କମିଶନର, ଅତିରିକ୍ତ ଅଦାଲତ ନଂ.–୨, ଇଜିଲାସ, ୪ର୍ଥ ମହଲା ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ ଭୁବନେଶ୍ୱର କାର୍ଯ୍ୟାଳୟରେ ଆସନ୍ତା ତା୦୯।୦୯।୨୦୨୫ରିଖ ଦିବା ୧୧.୩୦ ମିନିଟ୍‌ରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି।

ଜମିର ବିବରଣୀ

ମୌଜା– ଭୁଆସୁଣୀ, ଥାନା– ଚନ୍ଦକା, ତହସିଲ– ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧା। ସାବକ ଖାତା ନମ୍ବର– ୧୯୧, ପ୍ଲଟ୍ ନଂ.– ୪୩୬ (ପାର୍ଟ), ରକବା– ଏ୧.୧୦୮ଡିସିମିଲ ସ୍ୱଧରୁ ଏ.୦.୦୫୫ଡି., ସ୍ୱତ୍ୱ– ସ୍ଥିତିବାନ୍, ହାଲ୍ ଖାତା ନଂ.– ୧୧୨୨, ପ୍ଲଟ୍ ନଂ.– ୧୯୬୮, ରକବା– ଏ୦.୩୭୦ଡିସିମିଲରୁ ଏ୦.୦୫୫ଡିସିମିଲ ଓ.ଏସ୍.ଏସ୍. ନମ୍ବର– ୯୧୯/୨୦୧୯ ଘରଦାବି ରକବା, ସ୍ୱତ୍ୱ– ସ୍ଥିତିବାନ୍

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା:
ଭୁବନେଶ୍ୱର

ମାନ୍ୟବର ଅତିରିକ୍ତ ଆୟୁକ୍ତ, ରିଭିଜନ ଅଦାଲତ ନ୨ମ୍ବର, ଭୁବନେଶ୍ୱର
ଆଦେଶକ୍ରମେ
ସ୍ୱା./– କୋର୍ଟ ଅଧିକାରୀ
ଧ–୧୬୦୬

Letter No.- 1539, Date- 02.08.2025

ମାନ୍ୟବର ଆଡିସନାଲ କମିସନର ଶ୍ରୀ ପ୍ରଦୀପ କୁମାର ନାୟକ (ଭା.ପ୍ର.ସେ.)
ଆଡିସନାଲ ରିଭିଜନ କୋର୍ଟ ନଂ.–୪ଙ୍କ ଅଦାଲତ, ଭୁବନେଶ୍ୱର ୪ର୍ଥ ମହଲା
ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର
O.S.S. Case No.- 248/2024

ଶ୍ରୀ ସାଧୁଚରଣ ସାମନ୍ତରାୟ ....ବାଦୀ/ଦରଖାସ୍ତକାରୀ

ବନାମ

ଶ୍ରୀଧର ବିଶ୍ୱାଳ ଓ ଅନ୍ୟମାନେ ....ପ୍ରତିବାଦୀ/ଅପରପକ୍ଷ

ପ୍ରାପ୍ତେଷୁ,
୧. ସୁରଥ ଗଜେନ୍ଦ୍ର, ବ୫୦ର୍ଷ, ପିତା– ମନ୍ଦ୍ର ଗଜେନ୍ଦ୍ର .....ପ୍ରତିବାଦୀ ନଂ.୬
୨. ଧନି ଗଜେନ୍ଦ୍ର, ବ୫୦ର୍ଷ, ପିତା– ସୁଦର୍ଶନ ଗଜେନ୍ଦ୍ର ....ପ୍ରତିବାଦୀ ନଂ.–୮
୩. ଭଜନୀ ଗଜେନ୍ଦ୍ର ବ୬୫ର୍ଷ, ପିତା– ମହନି ଗଜେନ୍ଦ୍ର ...ପ୍ରତିବାଦୀ ନଂ.– ୧୨
ପ୍ରତିବାଦୀ ନଂ. ୧ ଠାରୁ ନ୩ମ୍ବର ଠିକଣା ଗ୍ରାମ/ପୋଷ୍ଟ– ଦାରୁଠେଙ୍ଗ, ଥାନା– ଚନ୍ଦକା, ଜିଲ୍ଲା– ଖୋର୍ଦ୍ଧା।

ନୋଟିସ

ସିପିସି ଅର୍ଡର–୫, ରୁଲ୍– ୨୦, ମୁତାବକ ବାଦୀଙ୍କ ଦ୍ୱାରା ଓଡ଼ିଶା ବନ୍ଦୋବସ୍ତ ଆଇନ ୧୯୫୮, ଧାରା– ୧୫ (ଖ) ମୁତାବକ ମାନ୍ୟବର ଆଡିସନାଲ କମିଶନର, ଆଡିସନାଲ ରିଭିଜନ କୋର୍ଟ ନଂ.–୪ ଭୁବନେଶ୍ୱରଙ୍କ ଅଦାଲତରେ ବାଦୀ ସାଧୁଚରଣ ସାମନ୍ତରାୟ ଖରିଦ ଏବଂ ଦଖଲ ଦୃଷ୍ଟେ ଜମି ରେକର୍ଡ ପାଇଁ ଉପରୋକ୍ତ ମୋକଦ୍ଦମା ଦାଏର ହୋଇଅଛି। ବାଦୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀମାନଙ୍କ ଠିକଣାରେ ନୋଟିସ ରେଜେଷ୍ଟ୍ରି ଡାକ ଦ୍ୱାରା ଦିଆଯାଇଥିଲା। କିନ୍ତୁ ଉକ୍ତ ନୋଟିସ ବିନା ଜାରି ହୋଇ ଫେରି ଆସିଥିଲା।

ତେଣୁ ଉକ୍ତ ସମ୍ବାଦପତ୍ର ଦ୍ୱାରା ଉପରୋକ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି କି ଯେ ଉପରୋକ୍ତ ରିଭିଜନ କେସର ଶୁଣାଣି ମାନ୍ୟବର ଆଡିସନାଲ ରିଭିଜନ କୋର୍ଟ ନଂ.–୪ ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା୨୦।୧୦।୨୦୨୫ରିଖ ଦିବା ୧୧.୩୦ ଘଟିକା ସମୟେ ଶୁଣାଣି କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଛି। ଉକ୍ତ କେସର ତଫସିଲ ବୃତ୍ତି ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ବୃତ୍ତି

ଜିଲ୍ଲା– ଖୋର୍ଦ୍ଧା, ତହସିଲ– ଭୁବନେଶ୍ୱର, ଥାନା– ଚନ୍ଦକା, ମୌଜା– ଭାଲୁଙ୍କା, ସାବିକ ଖାତା ନଂ.– ୪୨, ସାବିକ ପ୍ଲଟ୍ ନଂ.– ୨୧୧, ଏରିଆ ଏ୨.୨୭୫ଡି ଓ ସାବିକ ପ୍ଲଟ୍ ନଂ.– ୨୨୧, ଏରିଆ ଏ୨.୦୩୫ଡି

ଏହାର ହାଲ୍ ଖାତା ନଂ.–୧୪୪, ହାଲ୍ ପ୍ଲଟ୍ ନଂ.– ୩୮୫, ଏରିଆ ଏ୦.୦୩୨୦ଡି। କିସମ– ତଇଲା
ହାଲ୍ ପ୍ଲଟ୍ ନଂ.୩୮୬, ଏରିଆ ଏ୦.୦୦୬୦ଡି.। କିସମ– ତଇଲା, ହାଲ୍ ପ୍ଲଟ୍ ନଂ. ୩୯୨, ଏରିଆ ଏ୦.୦୬୮୦ଡି.। କିସମ–ତଇଲା, ହାଲ୍ ପ୍ଲଟ୍ ନଂ. ୩୯୪, ଏରିଆ ଏ୦.୧୧୦୦ଡି.।କିସମ–ତଇଲା, ହାଲ୍ ପ୍ଲଟ୍ ନଂ.୩୯୬, ଏରିଆ ଏ୦.୧୩୫୦ଡି.। କିସମ– ତଇଲା, ହାଲ୍ ପ୍ଲଟ୍ ନଂ. ୪୦୫, ଏରିଆ ଏ୦.୫୩୫୦ଡି.। କିସମ– ତଇଲା, ହାଲ୍ ପ୍ଲଟ୍ ନଂ. ୪୦୬, ଏରିଆ ଏ୦.୧୮୫୦ଡି.। କିସମ– ତଇଲା, ହାଲ୍ ପ୍ଲଟ୍ ନଂ. ୪୫୫, ଏରିଆ ଏ୦.୦୦୮୦ଡି.। କିସମ– ତଇଲା, ହାଲ୍ ପ୍ଲଟ୍ ନଂ. ୪୩୦, ଏରିଆ ଏ୦.୧୩୦୦ଡି.। କିସମ– ପତିତ

ଏଣୁ ଉପରୋକ୍ତ ମାମଲାରେ ପ୍ରତିବାଦୀମାନେ ମୃତ ହୋଇଥିଲେ ୱାରସମାନେ ନିଜେ ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତଦବିଲ କରିବେ। ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମାକୁ ଆପଣଙ୍କ ଅନୁପସ୍ଥିତିରେ ଏକତରଫା ଫଏସଲା କରାଯିବ।

ସ୍ୱା./– ଆଡିସନାଲ ରିଭିଜନ କୋର୍ଟ ନଂ.–୪, ଭୁବନେଶ୍ୱରଙ୍କ ଆଦେଶକ୍ରମେ
କୋର୍ଟ ଅଫିସର
ଧ–୧୬୦୪

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

# ଅବ୍ୟକ୍ତ ଅନ୍ଧାର

## ଗଳ୍ପ

**ଝରଣା ପଟ୍ଟନାୟକ**

ବୈଶାଖ ଆକାଶରୁ ଅଦିନିଆ ବର୍ଷା ବାଦଲ ଓହରିଗଲେଣି। ପାଣି ଲୁତୁପୁତୁ ଘାସ। ସନ୍ତୋଷ ବାବୁ ପୋର୍ଟିକୋ ତଳକୁ ଓହ୍ଲେଇ ଆସିଲେ। ବର୍ଷାଦିନ ଆଗରୁ ଫୁଲ, ଫଳ, ପନିପରିବା ମାଟିକୁ ସଜାଡ଼ିବାକୁ ପଡ଼ିବ। ନୂଆ ଘର ସାମ୍ନାରେ ହେବ ଲନ୍। ଫୁଲ ବଗିଚା। ଘର ପଛପାଖରେ ଥିବା ଗୋଟେ ଅଣଓସାରିଆ ଜାଗାରେ ହେବ ପନିପରିବା ଚାଷ। ସ୍ଥାୟୀ ଗଛପୋତିବା ପାଇଁ ବିଭିନ୍ନ କୋଣଗୁଡ଼ିକରେ ଜାଗା ଦେଖିବାକୁ ପଡ଼ିବ। ଆଜିକାଲି ପାଣିପାଗକୁ ଭରସା ନାହିଁ। ଦେହର ରୋଗ ନିରାକରଣ ଔଷଧକୁ ବି ବିଶ୍ୱାସ ନାହିଁ।

ସେଦିନ ସ୍ୱଦେଶ ହସ୍ପିଟାଲରେ କିଡ୍‌ନୀ ଡକ୍ଟର କହିଲେ- ''ଶାରୀରିକ ପରିଶ୍ରମରୁ କ୍ଷାନ୍ତ ହୁଅନ୍ତୁ ସାର୍!'' ସୁନୟନା ହସିଦେଲେ। କହିଲେ, ସେ ଶୁଣନ୍ତିନି କାହାକଥା। ଗଛରୁ ପତ୍ରଟେ ପଡ଼ିଲେ ତାକୁ ଉଠେଇଦିଅନ୍ତି। ପକାନ୍ତି ଡଷ୍ଟବିନ୍‌ରେ।

ମନ ମାନେନି ସନ୍ତୋଷ ବାବୁଙ୍କର। ବାରି ବଗିଚାକୁ ଶୂନ୍ ରଖିବା ପାଇଁ ସେ ଚାହାନ୍ତିନି। ଯଦି ବା ନଇଁ ଗଲାଣି କାନ୍ଧ। ବେକ ବ୍ୟଥା ବି ଅସମ୍ଭାଳ। ଚମ୍ପା, ମାଳତୀ, ସେବତୀ ଭଳି ଗଙ୍ଗଶିଉଳି ଗଛମାନ ଅଝାଡ଼ ବର୍ଷାରେ ବେକ ଭାଙ୍ଗି ଉଠିବା ପରି ସେ ବି ଠିଆହୋଇ ପଡ଼ନ୍ତି। ଖରା ଆଉ ଆହାର ପାଇ ଯେମିତି ଉଠିବସନ୍ତି ଗଛମାନେ। ବର୍ଷାମାଡ଼ରେ ଚଢ଼େଇବସା ଗଛ ଖୋଲରୁ ଝୁଲିଲେ ବି ଚଢ଼େଇମାନେ ପୁଣି କାଠିକୁଟା ଯୋଡ଼ି ନିଜପାଇଁ ସ୍ଥାନ ତିଆରି କରିଦେବେ। ସନ୍ତୋଷ ବାବୁଙ୍କ ମନ ସେଇଥିରେ।

ସନ୍ତୋଷ ବାବୁଙ୍କର କିଡ୍‌ନୀ ଟ୍ରାନ୍ସପ୍ଲାଣ୍ଟ ହେବ। ଆବଶ୍ୟକ ଅର୍ଥ ଯୋଗାଡ଼ ହୋଇ ପାରୁନାହିଁ। ସରକାରଙ୍କର ସ୍ୱାସ୍ଥ୍ୟ ଯୋଜନା ବିଜ୍ଞାପନରେ ଅଟକିଛି। ଲାଗୁ ହୋଇ ନାହିଁ ଏଯାଏଁ। ମନ ଭିତରେ ଏତେଗୁଡ଼ାଏ କଥା ତର୍ଜମା କରୁକରୁ ସନ୍ତୋଷ ବାବୁ ଆସି ବାରଣ୍ଡା ଚଉକିରେ ବସିସାରିଥିଲେ। ସୁନୟନା ଚା କେଟ୍‌ଲି ଟ୍ରେରେ ବିସ୍କୁଟ୍ ଆଉ ପାଣି ବୋତଲ ଧରି



ପହଞ୍ଚିଲେ। ଓଠ ବନ୍ଦ। ଆଖି ଛଳଛଳ। ସ୍ୱାମୀ ଦିନକୁ ଦିନ ରୁଗ୍ଣ ଜଣାପଡ଼ିଲେଣି।

ସନ୍ତୋଷ ବାବୁ ହସିଦେଲେ। ଭିତରର ବିଷଣ୍ଣତାକୁ ସୁନୟନାକୁ ଦେଖେଇଲେ ସେ ବିଚଳିତ ହେବେ। କହିଲେ, ''ନୂଆ କପ୍ ସେଟ୍‌ଟାକୁ କାହିଁକି ସାଇତି ରଖିଛ ସୁନୟନା? ଦିନ ଦିନ ଧରି ଗରମ ମାଡ଼ରେ ଗାର ପଡୁଥିବା କପ୍‌ରେ ମୁଁ ଚା ପିଉଥିବି? ଯା' ନୂଆ କପ୍ ଆଣ।'' ସତରେ ତ? ଗୋଟେ ଆପେକ୍ଷିକ ବିପଦକୁ ମନ ଭିତରେ ରଖି ସେ ଘାଣ୍ଟିଚକଟି ହେଉଛି। ଯାଇ ନୂଆ କପ୍ ପ୍ଲେଟ୍ ଆଣି ଟେବୁଲ୍ ଉପରେ ରଖିଲା ସୁନୟନା। କେଟ୍‌ଲିରୁ ଚା' ଢାଳିଲା।

ସନ୍ତୋଷ ବାବୁଙ୍କର ପିଇବା ଖାଇବାର ଅଭ୍ୟାସ ପରିପାଟୀ ଅତ୍ୟନ୍ତ ସ୍ୱତନ୍ତ୍ର। କ୍ଷୀର ଚା' ଦେହ ପାଇଁ ଖରାପ ଜାଣି ବି ସନ୍ତୋଷ ବାବୁ ବରାଦ କରନ୍ତି ସ୍ପେଶାଲ ଚା'। ଯୁଟନ୍ତି ସ୍କୁଲ ବେଳର ସାଙ୍ଗ ଅଭିଜିତ୍ ବାବୁ। ସାଙ୍ଗ ସନ୍ତୋଷର ଖାଇବା, ବସିବା, କଥା କହିବାରେ ବିଦେଶୀ ଢଙ୍ଗକୁ ଟାପରା କରନ୍ତି ସେ। ସାମାନ୍ୟ ହେଡ୍‌କ୍ଲର୍କଟିଏ ହୋଇ ଅବସର ନେଲା ପରେ ବି ବୁନିଆଦି ଢଙ୍ଗଟାକୁ ଜାକିଛନ୍ତି ସନ୍ତୋଷ ବାବୁ। ପିନ୍ଧାପିନ୍ଧି, ବସାଉଠା ସବୁଥିରେ ସଫାସୁତୁରା ଉପରେ ନଜର।

ଅଭିଜିତ୍ ବାବୁ ପହଞ୍ଚିଥିଲେ। ଚା' ପିଆ ସରିଥିଲା। ଅଭିଜିତ୍ ବାବୁ କହିଲେ, ''ତତେ ଗୋଟେ ନୂଆ ଖବର ଦେବି ସନ୍ତୋଷ। ଆଜିର ତାଜା ଖବର। ଆୟୁଷ୍ମାନ୍ ଯୋଜନା ଏଇ ଦଶ ତାରିଖରୁ ଲାଗୁହେବ। ସତୁରି ବର୍ଷରୁ ଊର୍ଦ୍ଧ୍ୱମାନଙ୍କୁ ମାଗଣା ଚିକିତ୍ସା। ବ୍ୟସ୍ତହନା। ଭାଉଜ ତ ଗୋଟେ କିଡ୍‌ନୀ ଦେବେ। ଆସନ୍ତା ସପ୍ତାହରେ କାମଟା ତୁଟେଇ ଦେବା।''

ପହିଲି ବୈଶାଖରେ ଖରାର ଧାସକୁ ଭ୍ରୂକ୍ଷେପ ନ କରି ଓହ୍ଲେଇ ପଡ଼ିଲେ ପିଣ୍ଡାତଳକୁ ସନ୍ତୋଷ ବାବୁ। ପାଣିଭିଜା ଘାସରେ ହାତ ମାରି ଚାଲିଲେ। ଖୁସିରେ ଫାଟି ପଡୁଥିଲେ। ତାଙ୍କ ପାଚେରି ଆରପାଖେ ଥିବା କଷ ଆମ୍ବଗଛରେ କଷିଆମ୍ବ ପେଣ୍ଡାର ଦୋଳି ଖେଳ, ଉଡ଼ା ଚଢ଼େଇଙ୍କର ଚେଁ ଚାଁ ଶବ୍ଦରେ ପରିବେଶ ମୁଖରିତ। ଚାରିଆଡ଼େ ଫୁଲ ଫଳର ବାସ୍ନା। ହସ୍ପିଟାଲ୍‌ରୁ ଫେରିଲେ ଯାଇ ଗଛ ଲଗେଇବାରେ ମନ ଦେବେ ସନ୍ତୋଷ ବାବୁ।

ଆଜି ହସ୍ପିଟାଲକୁ ଯିବେ ସେ। ସାଙ୍ଗ ଅଭିଜିତ୍ ଯୋଗାଯୋଗ କରି କିଡ୍‌ନୀ ନେଲାବାଲା କିଡ୍‌ନୀ ଦେଲାବାଲାଙ୍କ ପାଇଁ ବେଡ୍, ଆଇସିୟୁର ବନ୍ଦୋବସ୍ତ କରିସାରିଛି। ଆୟୁଷ୍ମାନ୍ ଯୋଜନାର ଅନ୍ତର୍ଭୁକ୍ତ ହେଲେ ବି ଅର୍ଥ ଅକୁଳାଣ ହେବ। ବହୁ କଷ୍ଟରେ ଯୋଗାଡ଼ ହୋଇଛି ଟଙ୍କା। ହସ୍ପିଟାଲ ଖର୍ଚ୍ଚ କେତେ ଅଧିକା ହେବ କୋଉଠୁ ଭରଣା ହେବ ପଛରେ ବୁଝାବୁଝି ହେବ।

ଏବେ ସେମାନେ ହସ୍ପିଟାଲ ଭିତରେ। ଦୁଇଜଣଯାକ ପ୍ରସ୍ତୁତ। ଦେବାପାଇଁ, ନେବାପାଇଁ। ଯେତେ ଟେଷ୍ଟ ହେବା କଥା ହୋଇସାରିଛି। ଅଭିଜିତ୍‌ବାବୁ ଆସି ହସିହସି କହିଲେ, ଅଦ୍ଭୁତ ନିୟମ ସବୁ କରିଛନ୍ତି ସରକାର। ସିରିୟସ୍ ରୋଗୀ ଆଇସିୟୁରୁ ବାହାରିଲା ପରେ ରହିବ ଜେନେରାଲ ୱାର୍ଡ଼ରେ। କ୍ୟାବିନ ମିଳିବ ନାହିଁ ତାକୁ।

ସନ୍ତୋଷ ବାବୁ ଓ ସୁନୟନା କେବଳ ଶୁଣୁଥିଲେ ସମସ୍ତଙ୍କ କଥାକୁ। ଚାହାଣିରେ ଥିଲା ଦୁଇଜଣଙ୍କର ବିକଳଚିତ୍ର। ଛାତି ଧଡ଼ପଡ଼। ମନ ଛଟପଟ। ଦେହ ନିଶ୍ଚଳ। ଅପେକ୍ଷା କରିଥିଲେ ଡାକରାକୁ। କିଛି ସମୟ ପରେ ଅଭିଜିତ୍ ବାବୁ ପହଞ୍ଚିଲେ। ଗମ୍ଭୀର ମୁହଁ। ଓଠ ଶବ୍ଦ ବାହାର କରିବାକୁ ଅନିଚ୍ଛୁକ। ଠିଆ ହୋଇଥିଲେ ଦାରୁଭୂତ ପରି। ତାଙ୍କୁ ହଲେଇ ଦେଇ ସନ୍ତୋଷ ବାବୁ କହିଲେ, ''କ'ଣ ହୋଇଛି କହୁନୁ ଅଭିଜିତ୍।''

ଯୋଜନା ଲାଗୁ ହେବାପାଇଁ ଏ ହସ୍ପିଟାଲକୁ ଚିଠି ଆସିନାହିଁ।

ଅବାକ୍ ସେମାନେ। ସୁନୟନା କହିଲେ, ତେବେ ସବୁଗୁଡ଼ା ଟେଷ୍ଟ କରି ଆମକୁ ପଚାଶ ହଜାର ଟଙ୍କା ଖର୍ଚ୍ଚ କରେଇଲା ଏ ଡାକ୍ତରଖାନା କାହିଁକି?

ଝାଳରେ ଜୁବୁବୁବୁ ସନ୍ତୋଷ ବାବୁ। ଆଖି ଜିମାଜିମା। ଆଲୁଅ ଯେମିତି ସରିସରି ଆସୁଥିଲା ଡୋଳାରୁ। ସୁନୟନା ଚାପି ପକେଇଲେ ସ୍ୱାମୀଙ୍କର ପାପୁଲି। ଥଣ୍ଡା। ଦେହ ବି ଥଣ୍ଡା। ପାଦ ବି ଥଣ୍ଡା। ଅବ୍ୟକ୍ତ ଅନ୍ଧାର ଛାଇଗଲା ଚାରିଆଡ଼େ। ହତାଶା ମୃତ୍ୟୁ ହୋଇ ଜାବୁଡ଼ି ଧରିଲା ସନ୍ତୋଷ ବାବୁଙ୍କୁ।

ମୋ: ୯୪୩୭୫୪୪୦୪୫

## ପୁସ୍ତକ ପରିଚୟ

### ଜାତୀୟ ଶିକ୍ଷାନୀତି ୨୦୨୦: ଏକ ଅନୁଶୀଳନ

**ଲେଖକ:** ଡ. ମନୋରଞ୍ଜନ ପ୍ରଧାନ
**ପ୍ରକାଶକ:** ଏଥେନା ବୁକ୍ସ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୨୦୦/-




ଆଲୋଚ୍ୟ ପ୍ରବନ୍ଧ ସଂକଳନଟି ଲେଖକଙ୍କର ପ୍ରଥମ ପ୍ରବନ୍ଧ ପୁସ୍ତକ, ଯାହା ଭାରତ ସରକାରଙ୍କ ନୂତନ ଶିକ୍ଷାନୀତିର ଏକ ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ। 'ଉପକ୍ରମଣିକା'ରେ ଲେଖକ ଲେଖିଛନ୍ତି: ''ଦୀର୍ଘ ୩୪ ବର୍ଷ ପରେ ଭାରତୀୟମାନେ ପାଇଛନ୍ତି ସ୍ୱାଧୀନ ଭାରତର ତୃତୀୟ ଶିକ୍ଷାନୀତି, ଯାହା ଜାତୀୟ ଶିକ୍ଷାନୀତି ୨୦୨୦ ନାମରେ ନାମିତ। ଏହା ମଧ୍ୟ ଏକବିଂଶ ଶତାବ୍ଦୀର ପ୍ରଥମ ଜାତୀୟ ଶିକ୍ଷାନୀତି, ଯାହାକି ସ୍ୱାଧୀନତାର ଅମୃତକାଳରେ କାର୍ଯ୍ୟକାରୀ ହୋଇଛି ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବା ପାଇଁ। ଅର୍ଥାତ୍ ଏହି ଶିକ୍ଷାନୀତି ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଦିଗବାରେଣି ଭାବେ କାର୍ଯ୍ୟ କରିବ ବୋଲି ଆଶା କରାଯାଏ।'' ଲେଖକ ଉଲ୍ଲେଖ କରିଛନ୍ତି ଯେ, ଏହି ଶିକ୍ଷାନୀତି ୧୯୬୮ରୁ ପ୍ରଣୀତ ସମସ୍ତ ଶିକ୍ଷାନୀତି ଓ ଜଷ୍ଟିସ୍ ବର୍ମା କମିଶନ ରିପୋର୍ଟ ୨୦୧୨ର ପଦକ୍ଷେପ ଏବଂ ପରାମର୍ଶକୁ ସମ୍ମାନ ଦେଇ ପ୍ରଣିଧାନଯୋଗ୍ୟ ବିଷୟକୁ ଗ୍ରହଣ କରିଛି। ଆଲୋଚ୍ୟ ସଂକଳନରେ ୨୦୨୦ ଜାତୀୟ ଶିକ୍ଷାନୀତି ଅନୁମୋଦିତ ବିଭିନ୍ନ ପ୍ରସ୍ତାବ ଓ ପ୍ରସଙ୍ଗଗୁଡ଼ିକ ଆଲୋଚନା କରାଯାଇଛି ମୋଟ ୩୦ଟି ପ୍ରବନ୍ଧରେ। ପ୍ରବନ୍ଧଗୁଡ଼ିକ ସାପ୍ତାହିକ 'ରାଷ୍ଟ୍ରଦୀପ'ରେ ଧାରାବାହିକ ଭାବେ ପ୍ରକାଶିତ ହେବା ପରେ ଗ୍ରନ୍ଥରୂପ ପରିଗ୍ରହଣ କରିଛି। ବିଶ୍ଳେଷିତ ଶିକ୍ଷାନୀତିରେ ବିଦ୍ୟାଳୟ ଶିକ୍ଷା, ଉଚ୍ଚଶିକ୍ଷା, ଶିକ୍ଷଣ ଓ ମୂଲ୍ୟବୋଧ ନୀତି, ମାତୃଭାଷା, ପ୍ରଯୁକ୍ତିବିଦ୍ୟା, ଭାରତୀୟ ଜ୍ଞାନ ପରମ୍ପରା ଓ ବୃତ୍ତିଗତ ଶିକ୍ଷା ଆଦି କିପରି ଗୁରୁତ୍ୱ ପାଇଛି, ତା'ର ତର୍ଜମା ଲେଖକ ସଂକଳନସ୍ଥ ପ୍ରବନ୍ଧଗୁଡ଼ିକରେ ଆଶାନୁରୂପ ଭାବେ କରିଛନ୍ତି। ଜାତୀୟ ଶିକ୍ଷାନୀତି-୨୦୨୦ ସମ୍ବନ୍ଧରେ ଏହା ଶିକ୍ଷକ, ଶିକ୍ଷାର୍ଥୀ ଓ ଶିକ୍ଷାନୀତି ପ୍ରଣେତାମାନଙ୍କୁ ଦିଗ୍‌ଦର୍ଶନ ଯୋଗାଇଦେବ ବୋଲି ଆଶା।

### ସୂର୍ଯ୍ୟ ଉଇଁବାର ବେଳ

**କବି:** ଅରୁଣ କୁମାର ସାହୁ
**ପ୍ରକାଶକ:** ପକ୍ଷୀଘର ପ୍ରକାଶନୀ, ମଧୁସୂଦନ ନଗର, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୨୫୦/-




ମୋଟ ୨୪ଟି ସାନବଡ଼ କବିତାକୁ ନେଇ ଆଲୋଚ୍ୟ ସଂକଳନର ପରିକଳ୍ପନା କରାଯାଇଛି। ମୁଖବନ୍ଧରେ କବି ଲେଖିଛନ୍ତି: ''ଯାହା ସଚରାଚର ଦେଖାଯାଏ ବା ଲେଖାଯାଏ, ମୋ ଲେଖାରେ ମୁଁ ସେମିତି ଭାବିପାରି ନ ଥାଏ। x x ମୋର ଏ 'ବିପ୍ଳବର କବିତା'ର କଳେବର ମଧ୍ୟରେ ପ୍ରେମର କବିତାଗୁଡ଼ିକୁ ମୁଁ ଅନ୍ତର୍ଭୁକ୍ତ କରିନାହିଁ। ବିପ୍ଳବର କବିତା ନିରୁତା ବିପ୍ଳବର କଥା ନେଇ ବର୍ଣ୍ଣିତ। x x କବିତା ମାଧ୍ୟମରେ ସାଧାରଣ ଜନତାର କଥା କହିଛି x x। ମୋର ଏ ସବୁ ଭାବନାର ଉଦ୍‌ଗିରଣକୁ କିଏ ବାମପନ୍ଥୀ କୁହେ ତ କିଏ ଦକ୍ଷିଣପନ୍ଥୀ ବା ରାଷ୍ଟ୍ରବାଦୀ କହିପକାଏ। ମୋ ଚାରିପାଖରେ ଘଟୁଥିବା ଶହଶହ ଘଟଣା ମୋତେ ବିଚଳିତ କରିଦିଏ ବାରବାର। x x ବିପ୍ଳବର କିଛି କବିତା ଲେଖିହୋଇଯାଏ ଛାଏଁଛାଏଁ।'' ପୁସ୍ତକର କବିତାଗୁଡ଼ିକରୁ କିଛି ପଙ୍‌କ୍ତି ଆମେ ନେବା କବିଙ୍କ ମନୋଜଗତକୁ ବୁଝିବା ପାଇଁ- ୧. ''ଆସ ଆସ ଦୁଆତରୁ କାଳି କାଢ଼ିଦେବା/ ଜାଳିଦେଇ କବିତାର ଖାତା ଖତିୟାନ/ ବନ୍ଧୁକରେ ଗୁଳି ଭର ବନ୍ଧୁ/ ସଜହୁଅ କ୍ରାନ୍ତିର କିଛି ହଳ ଚଳେଇବା।'' (କ୍ରାନ୍ତିର କିଛି ହଳ ଚଳେଇବା, ପୃ:୧୫), ୨. ''ସବୁ ଗଳିରେ ଏବେ ମଦର ପସରା/ ଛକଛକରେ ବସିଛି ସାହିତ୍ୟ ଆସର/ ମଦ ଆଉ କବିତାର ଯୁଗଳବନ୍ଦୀରେ/ ଅସ୍ମିତା କାଠଗଡ଼ାରେ ଚାଲିଛି ବିଚାର।'' (ବିପ୍ଳବର କବି, ପୃ:୬୩), ୩. ''ଆସ ଆମେ ନକ୍ସଲଙ୍କୁ ବଳଦେବା/ ସରକାରୀ ପୁଲିସଙ୍କୁ ବଳି/ କାଶ୍ମୀର ଘାଟିରେ ଆମେ/ ପାକିସ୍ତାନୀ ଗଣିତ କଷିବା।'' (ଚାଲ ସବୁ ରାସ୍ତା ଭାଙ୍ଗିଦେବା, ପୃ:୧୪୩)। ଏ ସବୁରୁ ମନେହୁଏ, ଅରୁଣ ପ୍ରତିବାଦୀ କବି, କିନ୍ତୁ ତାଙ୍କ ପ୍ରତିବାଦର ସ୍ୱର ପରିପକ୍ୱତାର ସହ ସଂଗଠିତ ହେବାକୁ ତାଙ୍କଠାରୁ ଅଧିକ ନିଷ୍ଠା ଆବଶ୍ୟକ କରୁଛି।

## କବିତା

### ହାଟରୁ ଫେରିବା ବେଳେ

**ଅଶ୍ୱିନୀ କୁମାର ରାୟ**

କାହିଁ କେହି ତ କିଛି କହି ନ ଥିଲେ ମୋତେ
ହାଟରୁ ନେବା ପାଇଁ।
ଏତେ ତରବରରେ କିଆଁ ମୁଁ ପାଦ ଭିଡୁଚି
ଅତଡ଼ା ଖାଉଥିବା ନଈକୂଳେ
କେବେ କୁମ୍ଭୀର ମୁହଁରେ ତ
ଆଉ କେବେ ବାଘର ମୁହଁରେ।

ନୂଆ ନୁଗା, କେଇପଟ ଚୁଡ଼ି
ଅଳତା, ସିନ୍ଦୂର ପାଇଁ
ଏତେ ଗହକିଙ୍କ ଭିଡ଼, ଟଣା ଘୋଷରା।
ଦିନ ଗଡ଼ିଯିବ କି ଆଉ
କଣ୍ଟାବୁଦା ଦୋଛକି ରାସ୍ତାରେ
ଏମିତି ବାଟ ଭାଙ୍ଗି ଏକମୁହାଁ ହୋଇ
ଧାଇଁବାକୁ ପଡ଼ିବ!

ବାଟ ଜଗି ବସିଥିବ ବୋଉ
ଦାଣ୍ଡ ପିଣ୍ଡାରେ।
ରାତି ଭାତ ନ ଖାଇ
ହମା ଦେଉଥିବ ଗୋଠ ଗାଈ।
ପାଣି ଦେବାକୁ ପଡ଼ିବ ଗଲେ
ମଲ୍ଲୀ କି ଶଜନା ଗଛରେ
କୁଅମୂଳ ବାରି ଶାଗ ପଟାଳିରେ।
କୁଆଁତାରା ମିଟିମିଟି କରୁଥିବ ଆଖି
ଯେ' ଯୁଆଡ଼େ ଶୋଇବାକୁ ହେବେଣି ତୟାର।

ସଅଳ ସଅଳ ମୁଁ ପାଦ ପକେଇ
ଯାଉଛି ଗୋଟେ ପରେ ଗୋଟେ
ଉତ୍ତାଳ ଲହରେ। ଏ ଉଜାଣି ସମୁଦ୍ରେ।
ଏତେ ଭିଡ଼, ଏତେ ମାଗୁଣି
ଏତେ ଯାଚନା, ଏତେ ବାହୁନା
ପୁଣି କାହିଁକି ଗହଳି ଏତେ
ଦୋକାନ ସାମ୍ନାରେ?
କେଇପଟ ପାଣିକାଚ,
ମାଟି କଳସୀ, ଭଙ୍ଗା ଆରିଶି
କସ୍ତା ନୁଗା, ଖଇ-କଉଡ଼ି, ଲୁଣ ମାଣେ
ମୁଠେ ସୋରିଷ କି ଫୁଲ ମାଳଟିଏ ନେଇ
କେତେ ତୁଚ୍ଛା ଗୋଳ ଏ ହାଟକୁ ନେଇ
ମିଛେ ଜୀବନଯାକରେ।

ଏମ୍‌ଆଇଜି-୨/୨୨୧, ତୃତୀୟ ସୋପାନ,
କଳିଙ୍ଗ ବିହାର, ରାଉରକେଲା
ମୋ: ୯୪୩୭୫୦୧୨୫୯

**ମିନି କବିତା**

### ଏକା କଥା ନୁହେଁ

**ଶିବ ମିଶ୍ର**

ଭଲ ପାଇବା ଆଉ
ଭଲ କଥା କହିବା,
ଏକା କଥା ନୁହେଁ।
ଭଲ ପାଇବା ତ
ଭାବନାରେ ଛନ୍ଦି ହୋଇ
ବନ୍ଦୀ ପରି ରହିଥାଏ
ବିଶ୍ୱାସର ପଥର ଘରେ,
ଆଉ କଥା ତ ପବନରେ ଗଢ଼ା
କେବେ ଉତ୍ତରକୁ କେବେ ପୁଣି
ଦକ୍ଷିଣକୁ ଉଡ଼ିଯାଏ, ବେଳ ଅବେଳରେ ॥

ମୋ: ୯୮୫୩୦୭୦୦୧୮

### ତନ୍ମୟ ପ୍ରଣତି

**ସନ୍ୟାସୀ ନାୟକ**

ଗୋଟେ ରାତି ଭିତରେ
ଏ କାହାଣୀକୁ ସାରିବାକୁ ହେବ,
ରାତି ପାହିଲେ ଫୁଲ ଫୁଟିଯିବ,
ପବନ ଉଡ଼ି ଉଡ଼ି ମହକ ବାଣ୍ଟିବ।

ଭୁଲି ହେବନି
ଏ ମହୁ ମୁହାଣ ରାତି,
ଥରଥର ଆଲିଙ୍ଗନ
ଭୟମିଶା, ତନ୍ମୟ ପ୍ରଣତି,
କାକୁତିମିନତି ଭିତରେ
ଶିହରିତ ରତି।

ଫେରାଇ ହେବନି
ତୁମର ନିବିଡ଼ ହସ୍ତାକ୍ଷର
ପ୍ରେମଭିଜା ରକ୍ତ,
କସ୍ତୁରୀରେ ମହମହ ବାସୁଥାଉ
ଯେତେସବୁ ଅଙ୍ଗର ସଂଘାତ।

ଏ ଗନ୍ଧ ଏମିତି ଆବଦ୍ଧ ଥାଉ,
ବାକି କାଳ ତୁମ ସତ୍ତା
ମୋ' ଭିତରେ ରହୁ,
ସାରାଜୀବନ ଏ ପ୍ରେମ
ସ୍ମୃତି ହୋଇଯାଉ,
ଏହି ରାତି ପାହୁ ପାହୁ।

ଚକ୍ଷୁ ଚିକିତ୍ସା ଅଧିକାରୀ
ଜିଲା ମୁଖ୍ୟ ଚିକିତ୍ସାଳୟ, ପୁରୀ
ମୋ: ୯୪୩୭୩୫୨୫୬୦

**ଗୀତି-କବିତା**

### ମାଟିଗୀତ

**ଧନଞ୍ଜୟ ସ୍ୱାଇଁ**

ନିଦ ମଳମଳ ସୂରୁଯଙ୍କୁ ଡାକେ
ପଦୁଅଁ-ପାପୁଲି ତା'ର
ମେଘ ଶୋଷି ସିଏ
ଗଢ଼ିପାରେ କେତେ
କାଦୁଅରେ କଇଁଫୁଲ।

ଛାଇ ଆଲୁଅର ଓଢ଼ଣାରେ ତା'ର
ନୂଆ ଭୁଆସୁଣୀ ବେଶ
ଜହ୍ନ ଓ ମେଘର ମଝିରେ ତା'ଲାଗି
କୋଟି ତାରାଫୁଲ ହସ
ଆକାଶ ହିଁ ଏକା ବୁଝିପାରେ ତଳେ
ମାଟିର ଗୁମାନ, ଗେଲ
ପଦୁଅଁ-ପାପୁଲି ତା'ର...।

ତା' ଲାଗି ସକାଳ ସାତକୁଞ୍ଚ କରି
ପିନ୍ଧଇ ନାରଙ୍ଗୀ ଖରା
ତା' ଲାଗି ଗୋଧୂଳି
ହାତଠାରି ଡାକେ
ଅଝଟ ସଞ୍ଜୁଆ ତାରା
ମାଟି ଲାଗି ସିନା ପାଦଅଳତାରେ
ସୁନ୍ଦର ତୁଠପଥର
ପଦୁଅଁ-ପାପୁଲି ତା'ର...।

'ମଙ୍ଗଳାଳୟ'
ରାଜେନ୍ଦ୍ରନଗର, କଟକ
ମୋ: ୯୪୩୭୦୦୦୬୩୬

## କାଳକାଳକୁ



''ଜୀବନର ବାଧାବନ୍ଧନକୁ ଅତିକ୍ରମ କରିଯିବାର ସବୁଠୁଁ ଭଲ ତରିକା ହେଲା ଏଗୁଡ଼ିକୁ ନିଜ ଚଲାପଥର ପାହାଚ କରିନେବା।''
– ଏନିଡ୍ ବ୍ଲାଇଟନ୍

**ଏନିଡ୍ ବ୍ଲାଇଟନ୍‌ଙ୍କ** ଜନ୍ମ ୧୧ ଅଗଷ୍ଟ ୧୮୯୭ରେ ଓ ପରଲୋକ ୨୮ ନଭେମ୍ବର ୧୯୬୮ରେ, ଲଣ୍ଡନରେ। ୧୯୩୦ରେ ତାଙ୍କ ରଚିତ ପୁସ୍ତକ ବିଶ୍ୱରେ ସବୁଠୁଁ ଅଧିକ ବିକ୍ରି ହେବାର ଗୌରବ ଲାଭ କରିଛି। ୨୦୧୯ ସୁଦ୍ଧା ପୃଥିବୀର ସର୍ବୋଚ୍ଚ ଅନୂଦିତ ଲେଖିକାଙ୍କ ମଧ୍ୟରେ ଏଇ ଲେଖିକାଙ୍କ ସ୍ଥାନ ଚତୁର୍ଥ। ସେ ଏକାଧାରରେ କବି, କଥାଶିଳ୍ପୀ ଓ ଔପନ୍ୟାସିକା। 'ନୋଡ୍‌ଡୀ', 'ଦ ଫେମସ୍ ଫାଇଭ୍', 'ଦ ସିକ୍ରେଟ୍ ସେଭେନ୍' ଓ 'ମେଲୋରୀ ଟାୱାର୍ସ' ହେଉଛି ତାଙ୍କର ପ୍ରଖ୍ୟାତ ଗ୍ରନ୍ଥମାନଙ୍କ ମଧ୍ୟରୁ କତିପୟ। 'ଚାଇଲ୍‌ଡ ହୁଇସ୍‌ପର୍ସ' ହେଉଛି ଏନିଡ୍‌ଙ୍କର ପ୍ରଥମ ବହି, ଯାହାର କଳେବର ମାତ୍ର ୨୪ ପୃଷ୍ଠା ଓ ପ୍ରକାଶକାଳ ୧୯୨୨।

# ମମତା

## ଅନୁବାଦ ଗଳ୍ପ

ମୂଳହିନ୍ଦୀ-ବିଜୟା କଠାଲେ
ଅନୁବାଦ-ମନୋଜ କୁମାର ବେହେରା

ମାତୃତ୍ୱ ଗୋଟିଏ ଛୋଟିଆ ଶବ୍ଦ, ଯିଏ ନିଜ ଭିତରେ ପୂରା ସଂସାରକୁ ବାନ୍ଧି ରଖିଥାଏ। ଏହା ଗୋଟିଏ ଯାଦୁର ଶବ୍ଦ, ଗୋଟିଏ ଯାଦୁର ଅନୁଭବ, ଯାହା କେତେ ଲୋକଙ୍କର ଜୀବନକୁ ବଦଳେଇ ଦେଇଥାଏ। ସ୍ତ୍ରୀ ଶ୍ରେଷ୍ଠ ଅଟେ, କାହିଁକି ନା ପ୍ରକୃତି ନିଜର ବରଦାନ ତାକୁ ଦେଇଛନ୍ତି। ସୃଷ୍ଟି ଗୋଟିଏ ବିଚାରଶୀଳ ସ୍ତ୍ରୀ ଥିଲା। ତା' ଜୀବନରେ ଗୋଟିଏ ହିଁ ସ୍ୱପ୍ନ ଥିଲା, ଗୋଟିଏ ହସୁଥିବା ଖେଳୁଥିବା ପରିବାରର। ତାକୁ ଛୁଆ ବହୁତ ପସନ୍ଦ ଥିଲେ। ବାହାଘରର ବର୍ଷେ ପରେ ହିଁ ସୃଷ୍ଟିର ଗର୍ଭରେ ପିଲାଟିଏ ବଢୁଥିଲା। ଆଉ ସୃଷ୍ଟିର ଖୁସି ବହୁତ ଉଚ୍ଚରେ ଉଡୁଥିଲା। ଏବେ ସେ ନିଜ ଗର୍ଭରେ ବଢୁଥିବା ବୀଜ ପାଇଁ ମାତୃତ୍ୱକୁ ଅନୁଭବ କରିବାକୁ ଲାଗିଥିଲା।

କିନ୍ତୁ ନିୟତିର ଇଚ୍ଛା ସୃଷ୍ଟି ପାଇଁ ଅଲଗା ଥିଲା। କିଛି ଅସାମାନ୍ୟତା କାରଣ ଯୋଗୁଁ ତା'ର ଗର୍ଭପାତ ହୋଇଗଲା। ସୃଷ୍ଟି ବହୁତ ଭାଙ୍ଗିପଡ଼ିଲା ଏହି ଘଟଣାରେ। ତା'ର ସବୁ ସ୍ୱପ୍ନ ଭାଙ୍ଗି ଚୂର୍‌ମାର୍ ହୋଇଗଲା। ଯେତେବେଳେ ସେ ହସ୍ପିଟାଲ୍‌ରୁ ଘରକୁ ଫେରିଲା, ତାକୁ ଅନୁଭବ ହେଲା କି କେବଳ ତା'ର ଜୀବନ ନୁହେଁ, ଆଉ ପରିବାର ଲୋକମାନେ ମଧ୍ୟ ବଦଳି ଯାଇଥିଲେ। ଏବେ ସେ ନିଜର ଛୁଆ ହରେଇବାର ଦୁଃଖରୁ, ନିଜର ଶାରୀରିକ ପୀଡ଼ାରୁ ବାହାରି ପାରି ନ ଥିଲା, ଆଉ ସେପଟେ ତା'ର ଶାଶୁ ତାକୁ ପ୍ରତି କ୍ଷଣରେ କଟାକ୍ଷ କରିବା ଆରମ୍ଭ କରିଦେଲେ। ଏବେ ସେ ଖାଲି ପ୍ରଶ୍ନର ବୁଢ଼ିଆଣୀ ଜାଲରେ ଛନ୍ଦିହୋଇ ଯାଉଥିଲା। ଧୀରେ ଧୀରେ ସମାଜରେ ଗୋଟିଏ ଘୃଣା ରୂପ ତା' ସାମ୍ନାକୁ ଆସିବାକୁ ଲାଗିଲା। ଗୋଟିଏ ଏମିତି ସମାଜ, ଯେଉଁଠି କେବଳ ମହିଳାମାନେ ତାକୁ ପ୍ରଶ୍ନ କରିବା ପାଇଁ ଥିଲେ। ତାକୁ ସାହାଯ୍ୟ କରିବା ପାଇଁ କୌଣସି ପୁରୁଷ ନ ଥିଲେ।

ଦିନେ ସୃଷ୍ଟିର ମା' ବାପା ଦେଖା କରିବାକୁ ଆସିଥିଲେ ତା' ଘରକୁ। ସେହି ସମୟରେ ତା'ର ଶାଶୁ ଆସି ସେମାନଙ୍କୁ ଅଭଦ୍ର କଥା କହି ଅପମାନିତ କରିଚାଲିଲେ। ଆଉ ତା'ର ମା' ବାପା କିଛି ନ କହି ସେଠାରୁ ଚାଲିଗଲେ। ସେହିଦିନ ରାତିରେ ସୃଷ୍ଟି ଭଗବାନ୍‌ଙ୍କ ଆଗରେ ହାତ ଯୋଡ଼ି କହିଲା, 'ହେ ପ୍ରଭୁ! ଗୋଟିଏ ସ୍ତ୍ରୀ ଏତେ ବିଦ୍ରୂପ, ଏତେ ନିର୍ଦ୍ଦୟ କେମିତି ହେଇଯାଉଛି'? ଗୋଟିଏ ସ୍ତ୍ରୀ, ଗୋଟିଏ ମା' ହେବା ସତ୍ତ୍ୱେ କିଛି ନ ହେଲେ ତ ମୋର ଦୁଃଖକୁ ବୁଝିପାରିବ? କିନ୍ତୁ ସେ ମୋତେ ମା' ହୋଇ ନ ପାରିବାର ଦଣ୍ଡ ଦେଇ ଚାଲିଛନ୍ତି।

ଛୁଆର ଆଶାରେ ସୃଷ୍ଟି କେତେ ହସ୍ପିଟାଲ୍ ଆଉ କେତେ ଡାକ୍ତରଙ୍କୁ ଯା' ଭିତରେ ନ ଦେଖେଇଛି! ଆଉ ତା' ଶରୀରରେ ଏମିତି କୌଣସି ଜାଗା ବଞ୍ଚି ନଥିବ ଯେଉଁଠି ଛୁଞ୍ଚିର ବେଦନା ନ ଥିବ। କିନ୍ତୁ ପ୍ରକୃତ ବେଦନା ତା' ମନ-ମସ୍ତିଷ୍କରେ ରହିଥିଲା। ସମାଜରେ ଡର, ମାତା-ପିତାଙ୍କର ଅପମାନର ବୋଝ, ବାଞ୍ଝ କହିବାର ଭୟ... ଏ ସବୁର ଭିତରେ ସେ ନିଜ ମାତୃତ୍ୱର ପୀଡ଼ାକୁ ଭୁଲି ଯାଇଥିଲା। ଏମିତିରେ ସାତ ବର୍ଷ ବିତିଗଲା। ସିମେଣ୍ଟରେ ବନ୍ଧା ହୋଇଥିବା ବନ୍ଧ ତ ବହୁତ ଥର ପାଣିରେ ଆସିଥିବା ତୋଫାନକୁ ଅଟକେଇବାରେ ଅସମର୍ଥ ହୋଇଥାଏ। ଆଉ ସୃଷ୍ଟି ତ ହାଡ଼-ମାଂସରେ ତିଆରି। ବିଚାରକଙ୍କର ତୋଫାନକୁ ସେ ଅଟକେଇ ପାରିଲା ନାହିଁ। ସେ ଆତ୍ମହତ୍ୟା କରିବାକୁ ଚେଷ୍ଟାକଲା। ତା' ସ୍ୱାମୀ ଆସି ତାକୁ ସମ୍ଭାଳିଲେ ଆଉ କହିଲେ, ଯେଉଁ ଛୁଆ ଏହି ଦୁନିଆରେ ନାହିଁ, ତୁମେ ତା' ପାଇଁ ତୁମର ଜୀବନ ହାରିବାକୁ ଯାଉଥିଲ।

ମୋତେ ଛୁଆ ଦରକାର ନାହିଁ। ତୁମେ ମୋ ପାଇଁ ବହୁତ ମୂଲ୍ୟବାନ୍। ସେହିଦିନ ସୃଷ୍ଟି ଆଉ ତା'ର ସ୍ୱାମୀ ଗୋଟିଏ ନିର୍ଣ୍ଣୟ ନେଲେ କି ସେମାନେ ଗୋଟିଏ ଛୁଆକୁ ଅନାଥାଶ୍ରମରୁ ଆଣିକରି ପାଳିବେ। ଘରେ ସେମାନେ କାହାକୁ କିଛି କହିଲେ ନାହିଁ ଏ ବିଷୟରେ। ତା' ପରଦିନ ସୃଷ୍ଟି ଅନାଥାଶ୍ରମକୁ ଯାଇ ସବୁ କାଗଜପତ୍ର ରେଡି କରୁଥିଲା, ସେହି ସମୟରେ ଅନାଥାଶ୍ରମର କର୍ମଚାରୀ କହିଲେ, ମ୍ୟାଡାମ୍ ଆପଣ ତ ଇ-ଫର୍ଟିଲିଟିର ସାର୍ଟିଫିକେଟ ଦେଇନାହାନ୍ତି। ସୃଷ୍ଟି ତୁରନ୍ତ ହସ୍ପିଟାଲ୍‌କୁ ଗଲା ଆଉ ଡାକ୍ତରଙ୍କୁ ତା'ର ରିପୋର୍ଟ ମାଗିଲା। ଆଉ ସେଠାରେ ତା'ର ପାଟି ଟିକେ ଖନି ମାରୁଥିଲା। ଯେତେବେଳେ ସେ ସାର୍ଟିଫିକେଟ୍ ନେଇ ବାହାରକୁ ଆସିଲା ତାହା ପୂରା ଖାଲି ଥିଲା। ସେ ବହୁତ କାନ୍ଦିଥିଲା। ଆଉ କାନ୍ଦ କାନ୍ଦ ଭିତରେ ଥିବା ମଇଳା ଆଉ ଦୁଃଖ ସବୁ ଧୋଇ ହୋଇଗଲା। ଆଉ ନିଜର କଳଙ୍କିତ ମାତୃତ୍ୱ ମଧ୍ୟ।



ତା' ପରଦିନ ଯେତେବେଳେ ଘର ଲୋକମାନଙ୍କୁ ଏହି କଥା ଜଣାପଡ଼ିଲା, ତା'ପରେ ତା' ଶାଶୁ ଆଉ ସାହି-ପଡ଼ିଶାରେ ଥିବା ମହିଳାମାନେ ଆସି ତାଙ୍କ ଘରେ ଡେରା ପକେଇ ଦେଲେ। ସେମାନେ କହିଲେ, ନିଜଠାରୁ ତ କିଛି ହେଲାନି, ଏବେ ଜଣାନାହିଁ କାହାର ପାପକୁ ଉଠେଇକି ଘରକୁ ଆଣିବ। ସବୁବେଳେ ଚୁପ୍ ରହୁଥିବା ସୃଷ୍ଟି ଆଜି କିନ୍ତୁ କହିବା ଆରମ୍ଭ କରିଦେଲା। ଆପଣମାନେ ମୋତେ କାହିଁକି ଏଭଳି ଭାବରେ ପ୍ରତାରିତ କରୁଛନ୍ତି? ସମାଜ ତ ସେହି ସ୍ତ୍ରୀ'ମାନଙ୍କୁ କିଛି କହୁନି, ଯିଏ ନିଜର ଭୁଲ୍‌କୁ ଲୁଚେଇ ଗର୍ଭପାତ କରାଉଛନ୍ତି। ଆଉ ଜନ୍ମ ଦେଇ ନିଜର ଛୁଆକୁ କୌଣସି ଅନାଥାଶ୍ରମ ନହେଲେ କୌଣସି ଅଳିଆଗଦା ଉପରେ ଛାଡ଼ି ପକେଇ ଯାଉଛନ୍ତି। ଆପଣମାନେ କାହିଁକି ବୁଝି ପାରୁନାହାନ୍ତି, ମୁଁ ନିଜ ଇଚ୍ଛାରେ ଏହି ବାଞ୍ଝପଣକୁ ଆପଣେଇନି! ମାତୃତ୍ୱ ପାଇଁ ଗର୍ଭର କୋଳ ଦରକାର ନାହିଁ, କେବଳ ମମତାର ଆବଶ୍ୟକତା ହୋଇଥାଏ। ଆଜି ମୁଁ ମୋର ପୀଡ଼ାକୁ ଚିହ୍ନିଛି। ମୁଁ ଆଉ କାହାର ନୁହେଁ, ନିଜ ମାତୃତ୍ୱର କ୍ଷୁଧାପୂର୍ତ୍ତି କରିବାକୁ ଚାହୁଁଛି। ଏତିକି କହି ସେ ଆତ୍ମବିଶ୍ୱାସର ସହିତ ସମାଜର ନକାରାତ୍ମକତାକୁ ପଛରେ ଛାଡ଼ି, ନିଜର ସକାରାତ୍ମକତା ପାଇଁ ଆଗକୁ ବଢ଼ିଲା।

ମୋ: ୭୯୭୮୮୩୦୬୧୧

# ସବୁ ଇଭେଣ୍ଟରେ କଡ଼ା ଟକ୍କର

**ଭୁବନେଶ୍ୱର, ୮।୮ (ତପନ ସ୍ୱାଇଁ)**

ମାତ୍ର ଗୋଟିଏ ଦିନ ପରେ କଳିଙ୍ଗ ଷ୍ଟାଡିୟମରେ ଆସନ୍ତା ରବିବାର ଅନୁଷ୍ଠିତ ହେବ ୱାର୍ଲ୍ଡ ଆଥ୍ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ (ବ୍ରୋଞ୍ଜ୍ ଲେଭଲ) ପ୍ରତିଯୋଗିତା। ଦେଶ ବିଦେଶର ଆଥ୍ଲେଟଙ୍କ ସମାଗମରେ କଳିଙ୍ଗ ଚଳଚଞ୍ଚଳ। ସାରା ବିଶ୍ୱର ନଜର ଏବେ ଭୁବନେଶ୍ୱର ଉପରେ ରହିଛି। ପ୍ରତିଯୋଗିତା ଯେତିକି ପାଖେଇ ଆସୁଛି ଉତ୍ସାହ ସେତେ ବଢ଼ିବାରେ ଲାଗିଛି। ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍ଆଇ) ସହଯୋଗରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଏହି ମେଗା ଇଭେଣ୍ଟକୁ ସଫଳତାର ସହ ସମ୍ପନ୍ନ କରିବାକୁ ବଦ୍ଧପରିକର। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କଠାରୁ ଆରମ୍ଭ କରି କ୍ରୀଡ଼ା ସଚିବ ସଚିନ ରାମଚନ୍ଦ୍ର ଯାଦବଙ୍କ ପର୍ଯ୍ୟନ୍ତ ସମସ୍ତେ ଏ ସମ୍ପର୍କରେ ସ୍ପଷ୍ଟ କରି ସାରିଛନ୍ତି। ଦେଶ ବିଦେଶର ଆଥଲେଟ୍‌ଙ୍କ ଲାଇନ୍‌ଅପ୍ ଅନୁସାରେ ସବୁ ଇଭେଣ୍ଟରେ କଡ଼ା ଟକ୍କର ହେବାର ସୂଚନା ମିଳୁଛି। ତେବେ ଗ୍ଲାମର ଇଭେଣ୍ଟ ୧୦୦ ମିଟର ରେସ୍‌କୁ ନେଇ ବିଶେଷ ଉତ୍ସାହ ଦେଖାଦେଇଛି। କାରଣ ଉଭୟ ମହିଳା ଓ ପୁରୁଷ ୧୦୦ ମିଟର ଇଭେଣ୍ଟରେ ଦେଶ ଓ ବିଦେଶର ଆଥ୍ଲେଟ୍‌ଙ୍କ ସହ ଓଡ଼ିଶା ପ୍ରତିଯୋଗୀ ଭାଗ୍ୟ ପରୀକ୍ଷା କରିବେ। ତେଣୁ ଏହା ଉପରେ ରାଜ୍ୟ କ୍ରୀଡ଼ାପ୍ରେମୀଙ୍କ ସ୍ୱତନ୍ତ୍ର ନଜର ରହିଛି।

ପୁରୁଷ ୧୦୦ ମିଟରରେ ଓଡ଼ିଶାର ଲାଲୁ ପ୍ରସାଦ ଭୋଇ ଏବଂ ଓଡ଼ିଶା ଏଚ୍‌ପିସିର ଅନିମେଶ କୁଜୁରଙ୍କ ସହ ଗ୍ରେଟ ବ୍ରିଟେନର ଡାନିଏଲ ଓଫିଆ, ଇରାକର ସୈଫ ରାଦ ଅବଦେଲ ୱାହେଦ, ମାଲେସିଆର ମହମ୍ମଦ ଅଜିମ ଫାହମି, ଡାନିସ ଇଫତିକାର, ମହମ୍ମଦ ରୋସଲେ, ନେପାଳର ଆଦେଶ କୁମାର ଯାଦବ, ପାପୁଆ ନ୍ୟୁ ଗିନିର ରୁନା ଟୋଭେଟିନା ଟିମୋଥି, ଫିଲିପାଇନ୍ସର ଲୋପେନା ଆନ୍‌ଫେରନି, ଦକ୍ଷିଣ ଆଫ୍ରିକାର ଖୁମୋ ମୋଥେଓ କୋଟସେଡି, ଶ୍ରୀଲଙ୍କାର ଚାମୋଡ ଏମ୍. ଯୋଦ୍ଧାସିଂହେ ଏବଂ ଭାରତର ହର୍ଷ ସନ୍ତୋଷ ରାଉତ, ତାମିଲାରାସୁ ଏସ୍., ଅମ୍ଲାନ ବୋରଗୋହେନ ଓ ରଗୁଲ କୁମାର ଜି. ଅଂଶଗ୍ରହଣ କରୁଛନ୍ତି। ଉଭୟ ଲାଲୁ ଓ ଅନିମେଶ ୨୦୦ ମିଟର ଇଭେଣ୍ଟରେ ମଧ୍ୟ ଅଂଶଗ୍ରହଣ କରିବେ। ସେହିପରି ମହିଳା ୧୦୦ ମିଟରରେ ଓଡ଼ିଶାର ଶ୍ରାବଣୀ ନନ୍ଦ ମାଲେସିଆର ନୁର ଐସା ରୋଫିନା ଆଲିଙ୍ଗ୍, ଜୈଦାତୁଲ ହୁସେନ ଜୁଲକିଫି, ନେପାଳର ରେଶମା ସୁବେଦି, ଫିଲିପାଇନ୍ସର ପାମା ଲିଆନି ଡିଆନା, ତୁର୍କମେନିସ୍ତାନର ଭାଲେଣ୍ଟିନା ମେରେଡୋଭାଙ୍କ ସହ ଅନ୍ୟତମ ଭାରତୀୟ ପ୍ରତିଦ୍ୱନ୍ଦ୍ୱୀ ଟି. ଧନେଶ୍ୱରୀ, ସ୍ନେହା ଏସ୍.ଏସ., ବିଜୟା କୁମାରୀ, ସୁଦୀକ୍ଷା ଭି., ଆଞ୍ଜେଲ ସିଲଭିଆ ଏମ୍., ସୁଦେଷ୍ଣା ଶିବଙ୍କର, ଅଭିନୟା ରାଜାରାଜନ, ସାକ୍ଷୀ ଚଭନଙ୍କ ଚ୍ୟାଲେଞ୍ଜର ସମ୍ମୁଖୀନ ହେବେ।



ୱାର୍ଲ୍ଡ ଆଥଲେଟିକ୍ସ ଟୁର୍‌ରେ ଭାଗ ନେବାକୁ ଶୁକ୍ରବାର ଭୁବନେଶ୍ୱରରେ ପହଞ୍ଚିଥିବା ଭାରତୀୟ ଆଥଲେଟ୍।

WORLD ATHLETICS Continental Tour Bronze

## ଭାଗ ନେବେନି କିଶୋର

ଏଥର ଘରୋଇ ପରିବେଶରେ କ୍ରୀଡ଼ାପ୍ରେମୀମାନେ ଓଡ଼ିଶାର ତାରକା ଆଥ୍ଲେଟ୍ କିଶୋର କୁମାର ଜେନାଙ୍କ ଆକ୍ସନ ଦେଖିବାରୁ ବଞ୍ଚିତ ହେବେ। ଫିଟ୍‌ନେସ ସମସ୍ୟା ଯୋଗୁ ପୁରୁଷ ଜାଭେଲିନ୍ ଥ୍ରୋ ଇଭେଣ୍ଟରେ ସେ ଭାଗ ନେଉ ନ ଥିବା କିଶୋର ସ୍ପଷ୍ଟ କରିଛନ୍ତି। ଡବଲ ଅଲିମ୍ପିକ୍ସ ମେଡାଲିଷ୍ଟ ନୀରଜ ଚୋପ୍ରା ମଧ୍ୟ କଳିଙ୍ଗ ଆସୁ ନାହାନ୍ତି। ଏମାନଙ୍କ ଅନୁପସ୍ଥିତିରେ ଭାରତର ବିକ୍ରାନ୍ତ ମଲିକ, ଶଶାଙ୍କ ପାଟିଲ, ଶିବମ୍ ଲୋକାହାରେ, ସଚିନ ଯାଦବ, ଯଶବୀର ସିଂ, ରୋହିତ ଯାଦବ, ବିକାଶ ଶର୍ମା ଏବଂ ଆୟର୍ଲାଣ୍ଡର ଅଲୀ ଫାଥି ଗନ୍‌ଜି, ନେପାଳର ରୋହିତ ଚୌଧାରୀ, ଶ୍ରୀଲଙ୍କାର ରୁମେଶ ଥରଙ୍ଗା ପଥିରାଗେ, ସୁମେଧା ରଣସିଂହେଙ୍କ ମଧ୍ୟରେ ମୁକାବିଲା ହେବ।

ଏହା ବ୍ୟତୀତ ପୁରୁଷ ୪୦୦, ୮୦୦, ୫୦୦୦ ମିଟର, ଲଙ୍ଗଜମ୍ପ, ଟ୍ରିପଲ ଜମ୍ପ, ଜାଭେଲିନ୍ ଥ୍ରୋ ଓ ୪x୪୦୦ ମିଟର ରିଲେ, ମହିଳାରେ ୨୦୦, ୪୦୦, ୮୦୦, ୧୫୦୦ ମିଟର, ୧୦୦ ମିଟର ହର୍ଡଲ୍ସ, ଲଙ୍ଗଜମ୍ପ, ଜାଭେଲିନ୍ ଥ୍ରୋ ଓ ୪x୪୦୦ ମିଟର ରିଲେ ଏବଂ ମିକ୍ସଡ ୪x୪୦୦ ମିଟର ରିଲେରେ ଦେଶ ବିଦେଶର ପ୍ରତିଯୋଗୀମାନେ ଆକ୍ସନରେ ଦେଖିବାକୁ ମିଳିବେ। ୱାର୍ଲ୍ଡ କଣ୍ଟିନେଣ୍ଟାଲ ଟୁର୍ ଇଭେଣ୍ଟରେ ୧୭ ଦେଶର ୧୬୦ ଆଥଲେଟ୍ ୧୯ଟି ଇଭେଣ୍ଟରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ୧୬୦ ଆଥଲେଟ୍‌ଙ୍କ ମଧ୍ୟରେ ୯୭ ଭାରତୀୟ ଓ ୬୩ ବିଦେଶୀ ସାମିଲ। ବିଦେଶୀଙ୍କ ମଧ୍ୟରୁ ନେପାଳରୁ ସର୍ବାଧିକ ୧୩, ଶ୍ରୀଲଙ୍କାରୁ ୧୦, ମାଲେସିଆରୁ ୯ ଏବଂ ଦକ୍ଷିଣ ଆଫ୍ରିକା ଓ ଗ୍ରେଟ୍ ବ୍ରିଟେନରୁ ୪ ଜଣ ଲେଖାଏ ଆଥଲେଟ୍ ଭାଗ ନେବାକୁ ଯାଉଛନ୍ତି।

# ଏମ୍‌ବୋକୋଙ୍କୁ ପ୍ରଥମ ଡବ୍ଲ୍ୟୁଟିଏ ଟାଇଟଲ

**ମଣ୍ଟ୍ରିଲ,୮।୮(ଏପି):** କାନାଡାର ସ୍ୱଳ୍ପ ବୟସ୍କା ଭିକ୍ଟୋରିଆ ଏମ୍‌ବୋକୋଙ୍କ ସ୍ୱପ୍ନ ସାକାର ହୋଇଛି। ଜାପାନିଜ ଷ୍ଟାର ନାଓମି ଓସାକାଙ୍କୁ ୨-୬, ୬-୪, ୬-୧ରେ ପରାସ୍ତ କରି ସେ ନ୍ୟାଶନାଲ ବ୍ୟାଙ୍କ୍ ଓପନ ଟେନିସ ଚାମ୍ପିୟନ ହୋଇଛନ୍ତି। ଆସନ୍ତା ର୍‍ୟାଙ୍କିଙ୍ଗ ତାଲିକାରେ ସେ ୮୫ତମ ସ୍ଥାନରୁ ଉପରକୁ ଉଠି ୨୫ତମ ସ୍ଥାନ ଅଧିକାର କରିବେ। ଏହାଛଡ଼ା ଏମ୍‌ବୋକୋ ତାଙ୍କ ପ୍ରଥମ ଡବ୍ଲ୍ୟୁଟିଏ ଟାଇଟଲ ହାସଲ କରି ଫାୟେ ଅର୍ବାନ (୧୯୬୯) ଓ ବାଏଙ୍କା ଆଣ୍ଡ୍ରେସ୍କୁ(୨୦୧୯)ଙ୍କ ସହ ଓପନ୍ ଯୁଗରେ ନିଜ ଦେଶ ଇଭେଣ୍ଟରେ ଟାଇଟଲ ଜିତିବାରେ କାନାଡାର ପ୍ରଥମ ଖେଳାଳି ହେବାର ଗୌରବ ଅର୍ଜନ କରିଛନ୍ତି। ନର୍ଥ କାରୋଲିନାର ଚାର୍ଲୋଟରେ ଜନ୍ମଗ୍ରହଣ କରିଥିବା ୧୮ ବର୍ଷୀୟା ଏମ୍‌ବୋକୋଙ୍କ ପିତା ହେଉଛନ୍ତି କଙ୍ଗୋଲିଆନ। ଏହି ହାର୍ଡକୋର୍ଟ ଟୁର୍ନାମେଣ୍ଟରେ ସେ ୪ଜଣ ଗ୍ରାଣ୍ଡସ୍ଲାମ ବିଜେତାଙ୍କୁ ହରାଇବାରେ ସକ୍ଷମ ହୋଇଛନ୍ତି। ସେ ଟପ୍ ସିଡ୍ କୋକୋ ଗଫ୍‌ଙ୍କୁ ହରାଇବା ସହ ଓସାକା, ସୋଫିଆ କେନିନ ଓ ଏଲିନା ରିବାକିନାଙ୍କୁ ପରାସ୍ତ କରିଛନ୍ତି।

# ବୟସ ଜାଲିଆତି ଧରିବାକୁ ବ୍ୟବସ୍ଥା

**ନୂଆଦିଲ୍ଲୀ, ୮।୮(ପି.ଟି.)**

ନ୍ୟାଶନାଲ କୋଡ୍ ଏଗନେଷ୍ଟ ଏଜ ଫ୍ରଡ ଇନ୍ ସ୍ପୋର୍ଟ୍ସ (ଏନ୍‌ସିଏଏଏଫ୍‌ଏସ୍)ରେ କରାଯାଇଥିବା ପରିବର୍ତ୍ତନ ଉଲ୍ଲଂଘନକାରୀଙ୍କ ବିରୋଧରେ ଦଣ୍ଡବିଧାନକୁ ବାଧ୍ୟତାମୂଳକ କରିବା ସହିତ ଏଆଇ ଆଧାରିତ ବୋନ ଆସେସମେଣ୍ଟ ଦ୍ୱାରା ଆଥଲେଟ୍‌ଙ୍କ ସଠିକ ବୟସ ନିର୍ଦ୍ଧାରଣ ବ୍ୟବସ୍ଥା ରହିଛି। ଏହା ଖୁବ ଶୀଘ୍ର ନୀତିରେ ପରିଣତ ହେବାକୁ ଯାଉଛି। କ୍ରୀଡ଼ା ମନ୍ତ୍ରଣାଳୟ ଏହାକୁ ଆସନ୍ତା ସପ୍ତାହରେ କ୍ୟାବିନେଟର ଅନୁମୋଦନ ପାଇଁ ପଠାଇବାକୁ ଯୋଜନା କରୁଛି।

ଗତ ମାର୍ଚ୍ଚରେ ଜନସାଧାରଣଙ୍କ ମତାମତ ଜାଣିବା ପାଇଁ ଏନ୍‌ସିଏଏଏଫ୍‌ଏସ୍ ଅନଲାଇନ୍‌ରେ ପୋଷ୍ଟ କରାଯାଇଥିଲା। ପ୍ରକ୍ରିୟା ଏବେ ଶେଷ ହୋଇଥିବା ମନ୍ତ୍ରଣାଳୟ ସୂତ୍ରରୁ କୁହାଯାଇଛି। କୋଡ୍‌ରେ ୧୫ ବର୍ଷ ପରେ ପରିବର୍ତ୍ତନ କରାଯାଇଛି। ଏହାକୁ ଆସନ୍ତା ସପ୍ତାହରେ କ୍ୟାବିନେଟର ଅନୁମୋଦନ ଲାଗି ପଠାଯିବ। ଏହା ଏକ ନୀତି ହୋଇଥିବାରୁ କ୍ୟାବିନେଟର ଅନୁମୋଦନ ଯଥେଷ୍ଟ ହେବ। ଚଳିତ ବର୍ଷ ପ୍ରସ୍ତୁତ କରାଯାଇଥିବା ଏହି ନୀତିରେ ବିଶେଷ ପରିବର୍ତ୍ତନ କରାଯାଇ ନାହିଁ। ବୟସ ଜାଲିଆତି ଭାରତୀୟ କ୍ରୀଡ଼ାରେ ଯୁବ ଓ ଜୁନିୟର ସ୍ତରରେ ବଡ଼ ସମସ୍ୟା ହୋଇ ରହିଛି। ପରିବର୍ତ୍ତିତ ନୀତି ଅନୁଯାୟୀ, ବୟସ ଯାଞ୍ଚ ପାଇଁ ଆଶାୟୀଙ୍କ ସମେତ ପଞ୍ଜୀକୃତ ଆଥଲେଟ୍ ଲାଗି ୩ ଡକ୍ୟୁମେଣ୍ଟ (ଜନ୍ମ ପ୍ରମାଣପତ୍ର, ଆଧାରକାର୍ଡ/ଭୋଟର ଆଇଡି/ ସ୍କୁଲ ଲିଭିଂ ସାର୍ଟିଫିକେଟ/ଦଶମ ସାର୍ଟିଫିକେଟ) ଦାଖଲ କରିବା ବାଧ୍ୟତାମୂଳକ କରାଯାଇଛି। ଏହି ଡକ୍ୟୁମେଣ୍ଟକୁ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ଓ ଜାତୀୟ କ୍ରୀଡ଼ା ଫେଡେରେଶନ ଦ୍ୱାରା ଯାଞ୍ଚ କରାଯିବ। ମନ୍ତ୍ରଣାଳୟ ଏପର୍ଯ୍ୟନ୍ତ ବୟସ ଜାଲିଆତି ଘଟଣାର ରେକର୍ଡ ରଖୁନଥିଲା। ୨୦୧୦ରେ ପ୍ରସ୍ତୁତ ଏନ୍‌ସିଏଏଏଫ୍‌ଏସ୍‌ରେ ଉଲ୍ଲଂଘନକାରୀଙ୍କ ବିରୋଧରେ ଦଣ୍ଡବିଧାନ ବ୍ୟବସ୍ଥା ନଥିଲା। ପରିବର୍ତ୍ତିତ ନୀତିରେ ପ୍ରଥମ ଥର ଅପରାଧ କ୍ଷେତ୍ରରେ ଦୁଇ ବର୍ଷର ବ୍ୟାନ ଲାଗି ସୁପାରିସ କରାଯାଇଛି। ଦ୍ୱିତୀୟ ଥର ପାଇଁ ଆଜୀବନ ବ୍ୟାନ ଓ ଏଫ୍ଆଇଆର୍ ରୁଜୁ କରିବାକୁ ବ୍ୟବସ୍ଥା ରଖାଯାଇଛି। ସାଇ କିମ୍ବା ଏନ୍‌ଏସ୍‌ଏଫ୍ ସହିତ ପଞ୍ଜୀକୃତ ଥିବା ଆଥଲେଟଙ୍କୁ ବାଧ୍ୟତାମୂଳକ ଡକ୍ୟୁମେଣ୍ଟ ସାଇ କିମ୍ବା ଏନ୍‌ଏସ୍‌ଏଫ୍ ଦାଖଲ କରିବେ।

# ଅବିନାଶଙ୍କୁ ସୁଯୋଗ

**ଭୁବନେଶ୍ୱର, ୮।୮ (ତପନ ସ୍ୱାଇଁ):** ଘାନା ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଆନୁକୂଲ୍ୟରେ ଜେ.ଇ. ୱିଲସନ ଘାନା ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାପାଇଁ ଭାରତୀୟ ଦଳରେ କିଟ୍ ବିଶ୍ୱବିଦ୍ୟାଳୟର ଅବିନାଶ ମହାନ୍ତି ମନୋନୀତ ହୋଇଛନ୍ତି। ସେ ନିକଟରେ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ବ୍ରୋଞ୍ଜ ପଦକ ଜିତିଥିଲେ।

# ଭାରତୀୟ ଦଳରେ କିସ୍‌ର ୪ ରଗ୍‌ବୀ ଖେଳାଳି

**ଭୁବନେଶ୍ୱର, ୮।୮ (ତପନ ସ୍ୱାଇଁ)**

ବିହାରର ରାଜଗିରଠାରେ ୨୦ ବର୍ଷରୁ କମ୍ ୭ଏସ୍ ଏସିଆ ରଗ୍‌ବୀ ଏମିରେଟ୍ସ ରଗ୍‌ବୀ ଚାମ୍ପିୟନଶିପ୍ ଶନିବାର ଆରମ୍ଭ ହେବାକୁ ଯାଉଛି। ଉଭୟ ମହିଳା ଓ ପୁରୁଷ ବିଭାଗରେ ଏହି ପ୍ରତିଯୋଗିତା ହେବ। ଏଥିପାଇଁ କୋଲକାତାର ସାଇ ନେତାଜୀ ସୁଭାଷ ଇଷ୍ଟର୍ନ ସେଣ୍ଟରରେ ଜାତୀୟ ଟ୍ରେନିଂ କ୍ୟାମ୍ପ ପରେ ମନୋନୀତ ଭାରତୀୟ ଦଳରେ କିସ୍‌ର ୪ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଭରତ କିସାନ, ଚରଣ ହେମ୍ବ୍ରମ, ରୀତୁ ମାଝି ଓ ମାମାଲି ସିଂ। ମହିଳା ବର୍ଗରେ ଆୟୋଜକ ଭାରତ ସହ ଚାଇନା, ହଂକଂ, ୟୁଏଇ, ଉଜବେକିସ୍ତାନ, କାଜାଖସ୍ତାନ, ଶ୍ରୀଲଙ୍କା ଓ ନେପାଳ ଏବଂ ପୁରୁଷରେ ଚାଇନା, ହଂକଂ, ୟୁଏଇ, ଉଜବେକିସ୍ତାନ, କାଜାଖସ୍ତାନ, ଶ୍ରୀଲଙ୍କା, ମାଲେସିଆ ଓ ଭାରତ ଅଂଶଗ୍ରହଣ କରିବେ।



ଭାରତୀୟ ଦଳରେ ମନୋନୀତ କିସ୍‌ର ୪ ଖେଳାଳି।



କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ସିବିଏସ୍‌ଇ ବାସ୍କେଟବଲ କ୍ଲଷ୍ଟର-୨ର ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ସହ ଚାମ୍ପିୟନ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ଦଳର ଖେଳାଳି। (ଫଟୋ: ରାଜକିଶୋର ମହାନ୍ତି)

# ତୁର୍କମେନିସ୍ତାନକୁ ହରାଇଲା ଭାରତ

**ୟାନଗନ୍ (ମ୍ୟାନମାର), ୮।୮**

ଅଧିନାୟିକା ଶୁଭାଙ୍ଗି ସିଂ ଓ ସୁଲନଜାନା ରାଉଲଙ୍କ ଡବଲ ଗୋଲ ସହାୟତାରେ ଭାରତ ଏଠାରେ ଶୁକ୍ରବାର ଖେଳାଯାଇଥିବା ଏଏଫ୍‌ସି ୨୦ବର୍ଷରୁ କମ୍ ମହିଳା ଏସିଆନ କପ୍ କ୍ୱାଲିଫାୟର୍ସର ଏକ ମ୍ୟାଚରେ ୭-୦ରେ ତୁର୍କମେନିସ୍ତାନକୁ ପରାସ୍ତ କରିଛି। ଭାରତ ତରଫରୁ ଶୁଭାଙ୍ଗୀ ୭ମ ଓ ୪୨ତମ ମିନିଟ୍‌ରେ ତାଙ୍କ ଗୋଲ୍ ସ୍କୋର କରିଥିବା ବେଳେ ସୁଲାନଜାନା ୩୮ତମ ଓ ୯୦+୪ତମ ମିନିଟ୍‌ରେ ଗୋଲ୍ ଦେଇଥିଲେ। ଥୁଉନା ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ ଶିବାନୀ ଦେବୀ ନଙ୍ଗମିକାପାମ୍ (୧୪ତମ), ଥୋଇବିସାନା ଚାନୁ ତୋଇଜାମ (୩୫ତମ) ଓ ପୂଜା (୬୫ତମ) ପ୍ରମୁଖ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ଏହି ବିଜୟ ଦ୍ୱାରା ଭାରତ ୪ ପଏଣ୍ଟ ସହ ଗ୍ରୁପ୍ 'ଡି'ରେ ଶୀର୍ଷ ସ୍ଥାନ ଅଧିକାର କରିଛି। ଶୁକ୍ରବାର ଖେଳାଯାଇଥିବା ଇଣ୍ଡୋନେସିଆ ଓ ଆୟୋଜକ ମ୍ୟାନମାର ମଧ୍ୟରେ ଏକ ମ୍ୟାଚ ୨-୨ରେ ଡ୍ର ଭାବେ ଶେଷ ହୋଇଛି। ଏହି ଦଳର ପଏଣ୍ଟ ସଂଖ୍ୟା ସମାନ ରହିଥିଲେ ହେଁ ୫ ଗୋଲ ବ୍ୟବଧାନ ଦୃଷ୍ଟିରୁ ଦ୍ୱିତୀୟ ସ୍ଥାନରେ ରହିଛି।

# ଅଶ୍ୱିନ ସିଏସ୍‌କେ ଛାଡ଼ିବେ

**ଚେନ୍ନାଇ, ୮।୮(ପି.ଟି.):** ସିନିୟର ଭାରତୀୟ ଅଫ୍-ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଆଗାମୀ ଆଇପିଏଲ୍ ପୂର୍ବରୁ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଛାଡ଼ିବାକୁ ଯାଉଛନ୍ତି। ସେ ତାଙ୍କ ନିଷ୍ପତ୍ତି ସମ୍ପର୍କରେ ପାଞ୍ଚ ଥରର ଆଇପିଏଲ୍ ଚାମ୍ପିୟନ ଫ୍ରାଞ୍ଚାଇଜକୁ ଜଣାଇ ଦେଇଥିବା ନେଇ ଏକ ରିପୋର୍ଟରେ ଦାବି କରାଯାଇଛି। ତେବେ ଏହି ବିଚ୍ଛେଦ ପଛର କାରଣ ଏପର୍ଯ୍ୟନ୍ତ ଜଣାପଡ଼ି ନାହିଁ। କିନ୍ତୁ ଭେଟେରାନ ଅଫ୍ ସ୍ପିନର ଦଳ ପରିବର୍ତ୍ତନ ଲାଗି ମନ ସ୍ଥିର କରିଛନ୍ତି ଏବଂ ତାଙ୍କ ନିଷ୍ପତ୍ତି ସମ୍ପର୍କରେ ଫ୍ରାଞ୍ଚାଇଜ ମ୍ୟାନେଜମେଣ୍ଟକୁ ଜଣାଇଛନ୍ତି। ଗତ ବର୍ଷ ମେଗା ଅକ୍ସନରେ ସିଏସ୍‌କେ ତାଙ୍କ ସହିତ ୯.୭୫ କୋଟିରେ ଚୁକ୍ତି କରିଥିଲା।

# ଅଷ୍ଟ୍ରେଲିଆ ଦଳରେ ଦୁଇ ଭାରତ ବଂଶୋଦ୍ଭବ

**ମେଲବୋର୍ନ, ୮।୮ (ପି.ଟି.)**

ଆସନ୍ତା ମାସରେ ଭାରତର ୧୯ ବର୍ଷରୁ କମ୍ କ୍ରିକେଟ ଦଳ ବିପକ୍ଷରେ ଖେଳାଯିବାକୁ ଥିବା ମଲ୍‌ଟି-ଫର୍ମାଟ ସିରିଜ ପାଇଁ ଶୁକ୍ରବାର ୧୫ ଜଣିଆ ଅଷ୍ଟ୍ରେଲିଆ ଦଳ ଘୋଷଣା କରାଯାଇଛି। ଏଥିରେ ଦୁଇ ଭାରତୀୟ ବଂଶୋଦ୍ଭବ ଆର୍ଯ୍ୟନ ଶର୍ମା ଓ ଯଶ ଦେଶମୁଖଙ୍କୁ ସ୍ଥାନ ମିଳିଛି। ଶର୍ମା ଭିକ୍ଟୋରିଆର ଜଣେ ବ୍ୟାଟର ହୋଇଥିବାବେଳେ ଦଳରେ ନ୍ୟୁ ସାଉଥ ୱେଲ୍ସରୁ ସ୍ଥାନ ପାଇଥିବା ୫ ଖେଳାଳିଙ୍କ ମଧ୍ୟରେ ଅଲରାଉଣ୍ଡର ଦେଶମୁଖ ହେଉଛନ୍ତି ଅନ୍ୟତମ। ପୂର୍ବତନ ଅଷ୍ଟ୍ରେଲୀୟ ମୁଖ୍ୟ କୋଚ୍ ଟିମ୍ ନେଲସନଙ୍କୁ ଅଷ୍ଟ୍ରେଲିଆ ୧୯ ବର୍ଷରୁ କମ୍ ଦଳର କୋଚ୍ ଭାବେ ମନୋନୀତ କରାଯାଇଛି। ୩ଟି ୫୦ ଓଭର ବିଶିଷ୍ଟ ମ୍ୟାଚ ସହ ମଲ୍‌ଟି ଫର୍ମାଟ ସିରିଜ ଆରମ୍ଭ ହେବ। ଏହା ବ୍ରିସ୍‌ବେନ୍‌ର ଇଆନ ହିଲି ଓଭାଲଠାରେ ସେପ୍ଟେମ୍ବର ୨୧, ୨୪ ଓ ୨୬ରେ ଖେଳାଯିବ। ପରେ ଦୁଇଟି ୪ ଦିନିଆ ମ୍ୟାଚ ଯଥାକ୍ରମେ ବ୍ରିସ୍‌ବେନ୍ (ସେପ୍ଟେମ୍ବର ୩୦ରୁ ଅକ୍ଟୋବର ୩ ପର୍ଯ୍ୟନ୍ତ) ଏବଂ ମ୍ୟାକ୍‌କେ (ଅକ୍ଟୋବର ୭ରୁ ୧୦)। ନେଲ୍‌ସନ ପ୍ରଥମଥର ପାଇଁ ୧୯ ବର୍ଷରୁ କମ୍ ଦଳର ଦାୟିତ୍ୱରେ ରହିବେ। ପୂର୍ବରୁ ସେ ୨୦୦୭ରୁ ୨୦୧୧ ପର୍ଯ୍ୟନ୍ତ ଅଷ୍ଟ୍ରେଲିଆ ସିନିୟର ପୁରୁଷ ଦଳର କୋଚ୍ ଦାୟିତ୍ୱ ତୁଲାଇଥିଲେ।

# ଜୟନ୍ତ ସ୍ମାରକୀ ଆନ୍ତଃ ସ୍କୁଲ ଫୁଟ୍‌ବଲ ଉଦ୍‌ଘାଟିତ

**ଭୁବନେଶ୍ୱର, ୮।୮ (ତପନ ସ୍ୱାଇଁ)**

ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଜୟନ୍ତ ସ୍ମାରକୀ ଆନ୍ତଃ ସ୍କୁଲ ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଉଦ୍‌ଘାଟିତ ହୋଇଛି। ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ (ବିଏଏ) ସଭାପତି ସୁରେଶ କୁମାର ରାଉତରାୟ, ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା ଓ ୟୁନିଟ-୬ ଆସୋସିଏଶନ ସଭାପତି ତପନ ମହାନ୍ତି ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଶୋକ ମହାନ୍ତି, ଭାଗ୍ୟଧର ଜଗଦେବ, ରାଧା ମହାପାତ୍ର, ଆର.କେ. ମଣ୍ଡଳ, ଜୀତେନ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ୟୁନିଟ-୬ ସମ୍ପାଦକ ଦିଲୀପ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରଥମ ଦିବସରେ ୨ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚରେ ମଦର୍ସ ପବ୍ଲିକ୍ ସ୍କୁଲ ୩-୧ରେ ସାଇ ଇଣ୍ଟରନ୍ୟାଶନାଲକୁ ପରାସ୍ତ କରିଛି। ମଦର୍ସ ପକ୍ଷରୁ ଆରାଶିଷ ବେହେରା ୨ଟି ଓ ବେଦ ପଟ୍ଟନାୟକ ଗୋଟିଏ ଗୋଲ ଦେଇଥିଲେ। ସାଇ ଇଣ୍ଟରନ୍ୟାଶନାଲ ପକ୍ଷରୁ ଆଦିତ୍ୟ ଗୋଟିଏ ଗୋଲ ପରିଶୋଧ କରିଥିଲେ। ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ଆରାଶିଷଙ୍କୁ ବିଏଏ କୋଷାଧ୍ୟକ୍ଷ ରଘୁନାଥ ପଣ୍ଡା ପୁରସ୍କୃତ କରିଥିଲେ। ଦ୍ୱିତୀୟ ମ୍ୟାଚରେ ଓଡିଏମ୍ ସ୍କୁଲକୁ ୮-୦ ଗୋଲରେ ବିକାଶ ରେସିଡେନ୍ସିଆଲ ସ୍କୁଲ ହରାଇ ଦେଇଛି। ବିଜୟୀ ଦଳ ପକ୍ଷରୁ ଆର୍ଯ୍ୟନ ୫ଟି ଏବଂ ପ୍ରିୟାଂଶୁ, ଋଷି ଓ ରଶ୍ମୀ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ପ୍ରିୟନାଥ ମିଶ୍ର ଅତିଥିଭାବେ ଯୋଗଦେଇ ଆର୍ଯ୍ୟନଙ୍କୁ ପୁରସ୍କୃତ କରିଥିଲେ।



ଜୟନ୍ତ ସ୍ମାରକୀ ଆନ୍ତଃସ୍କୁଲ ଫୁଟ୍‌ବଲ ଟୁର୍ନାମେଣ୍ଟର ଉଦ୍‌ଘାଟନୀରେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ ଖେଳାଳିମାନେ।






4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ